# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୮/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, August 18/2025 | Page 12 | ₹ 7.00

୫୧ଶ ଭାଗ ୨୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 263 | ମୂଲ୍ୟ ₹୭/-





**ଆଶୀର୍ବାଦ ସ୍ୱାଇଁଙ୍କୁ ସୁଯୋଗ**

ଦୁଲିପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁଙ୍କୁ ସାମିଲ କରାଯାଇଛି। ୧୨

୦୨ **'ପରମସୁନ୍ଦରୀ'ରେ ଜାହ୍ନବୀଙ୍କ କାଷ୍ଟିଂକୁ ମେନନ୍‌ଙ୍କ ପ୍ରଶ୍ନ**

'ପରମ ସୁନ୍ଦରୀ' ଫିଲ୍ମରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ କାଷ୍ଟିଂକୁ ନେଇ ମାଲୟାଲୀ ଅଭିନେତ୍ରୀ ପବିତ୍ରା ମେନନ୍ ପ୍ରଶ୍ନ ଉଠାଇଛନ୍ତି।




## ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ମୃତ

**ଖଡ଼ିଆଳ,୧୭।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସହର ୧୦ନଂ. ୱାର୍ଡ ବାସିନ୍ଦା ଗୋବିନ୍ଦ ସାହୁଙ୍କ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଖଡ଼ିଆଳ ଥାନା ଅନ୍ତର୍ଗତ ଛତା ଗ୍ରାମର ରଘୁନାଥ ହାତୀ (୨୭) ଓ କୁଟେନମୁଣ୍ଡା ଗ୍ରାମର ବାସୁଦେବ ଭୋଇ (୩୫)। ଗତ କିଛିଦିନ ପୂର୍ବେ ଗୋବିନ୍ଦ ସାହୁଙ୍କ ଘରର ପାଇଖାନା ଟାଙ୍କିର ଛାତ ପଡ଼ିଥିଲା। ରବିବାର ଅପରାହ୍ନ ୨ଟା ୩୦ରେ ଟାଙ୍କି ଭିତରର ଫଲ୍‌ସ ଖୋଲିବାକୁ ରଘୁନାଥ ଓ ବାସୁଦେବ ଶ୍ରମିକ ଭାବେ ଆସିଥିଲେ। ଉଭୟ ଟାଙ୍କି ଭିତରକୁ ପଶି ଫଲ୍‌ସ ଖୋଲୁଥିବାବେଳେ ଚାପି ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଖବରପାଇ ଖଡ଼ିଆଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ୨ଶ୍ରମିକଙ୍କୁ ଟାଙ୍କି ଭିତରୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଖଡ଼ିଆଳ ପୋଲିସ ୨ ଶ୍ରମିକଙ୍କ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।




ବିଧାନସଭା ସ୍ଥାୟୀ କମିଟି ରବିବାର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ଅନୁଷ୍ଠିତ ବିପର୍ଯ୍ୟୟ ଉଦ୍ଧାର କାର୍ଯ୍ୟର ପ୍ରଦର୍ଶନ ସମୟରେ ୨ଟି 'ରୋବୋଟିକ୍ ଫାୟାର ଫାଇଟର' ନିଆଁ ଲିଭାଉଛି। (ଫଟୋ– ବିକାଶ ନାୟକ)

## କଠୁଆରେ ବାଦଲଫଟା ବର୍ଷା, ଭୂସ୍ଖଳନ: ୭ ମୃତ

**ଜମ୍ମୁ,୧୭।୮(ପି.ଟି.)**

ଜମ୍ମୁ-କଶ୍ମୀରର କିସ୍ତୱାରରେ ବାଦଲଫଟା ବର୍ଷାଜନିତ ବିପର୍ଯ୍ୟୟର ୩ ଦିନ ପରେ ରବିବାର ସକାଳେ ସୀମାନ୍ତ କଠୁଆ ଜିଲାରେ ଅନୁରୂପ ବର୍ଷା ଓ ଭୂସ୍ଖଳନ ଘଟି ୫ ପିଲାଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୪ ଜଣ ଗୋଟିଏ ପରିବାରର। ଏହା ବ୍ୟତୀତ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ରାତିସାରା ପ୍ରବଳ ବର୍ଷା ଯୋଗୁ ନଦୀ ଜଳସ୍ତର ବଢ଼ିବା ସହ ଖାଲୁଆ ଅଞ୍ଚଳଗୁଡ଼ିକ ଜଳାର୍ଣ୍ଣବ ହୋଇଯାଇଥିଲା। ରାଜବାଗ୍‌ର ଯୋଧ ଘାଟି ଏବଂ ବାଗ୍ରା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଉଦ୍ଧାର କାର୍ଯ୍ୟରେ ପ୍ରଶାସନ ସମେତ ସେନା ଓ ଅର୍ଦ୍ଧସାମରିକ ବାହିନୀ ସାମିଲ ହୋଇଛନ୍ତି। କ୍ଷତିଗ୍ରସ୍ତ ଅଞ୍ଚଳରୁ ଲୋକମାନଙ୍କୁ ଉଦ୍ଧାର କରିବା ସହ ଆହତମାନଙ୍କୁ ହସ୍ପିଟାଲ ପଠାଇବାରେ ହେଲିକପ୍ଟରକୁ ନିୟୋଜିତ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ରେଳଲାଇନ, ଜାତୀୟ ରାଜପଥ କ୍ଷତିଗ୍ରସ୍ତ ☞ପୃଷ୍ଠା-୪

## ଟ୍ରମ୍ପ୍-ଜେଲେନ୍‌ସ୍କି ଭେଟ ଆଜି

**ୱାଶିଂଟନ/ଲଣ୍ଡନ,୧୭।୮**

ୟୁକ୍ରେନ୍ ଶାନ୍ତି ଚୁକ୍ତି ପାଇଁ ସୋମବାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ୱାଶିଂଟନରେ ଭେଟିବେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଲାସ୍କାରେ ଟ୍ରମ୍ପ୍‌ଙ୍କ ସହ କରିଥିବା ଆଲୋଚନାରୁ ନିଷ୍କର୍ଷ ବାହାରି ନ ଥିବାବେଳେ ସାଢ଼େ ୩ ବର୍ଷ ଧରି ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଏହି ଉଦ୍ୟମକୁ ଗୁରୁତ୍ୱ ଦିଆଯାଉଛି। ଟ୍ରମ୍ପ୍ ପୁଟିନ୍‌ଙ୍କ ଆଡ଼କୁ ଢଳୁଥିବା ଲକ୍ଷ୍ୟ କରାଯାଉଥିବାରୁ ସେ ତାଙ୍କ ସର୍ତ୍ତଗୁଡ଼ିକୁ ମାନି ନେଇପାରନ୍ତି ବୋଲି ଆଶଙ୍କା କରି ୟୁରୋପୀୟ ନେତାମାନେ ଜେଲେନ୍‌ସ୍କିଙ୍କ ସମର୍ଥନରେ ବାହାରିଛନ୍ତି। ଟ୍ରମ୍ପ୍-ଜେଲେନ୍‌ସ୍କି ସାକ୍ଷାତ୍ ବେଳେ ଜର୍ମାନୀ ଚାନ୍‌ସେଲର ଫ୍ରେଡ୍‌ରିକ୍ ମର୍ଜ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ସମେତ ଆଉ କେତେଜଣ ୟୁରୋପୀୟ ନେତା ହ୍ୱାଇଟ୍‌ହାଉସ୍‌କୁ ଯାଇପାରନ୍ତି। ଏହି ଆଲୋଚନା ଉପରେ ବିଶ୍ୱର ନଜର ରହିଥିବାବେଳେ ରାଷ୍ଟ୍ରପତି ଟ୍ରମ୍ପ୍ ରବିବାର ରୁଷିଆ ଉପରେ ବଡ଼ ଅଗ୍ରଗତି ଆସିଥିବା ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

# ୭ ଦିନରେ ସତ୍ୟପାଠ ଦିଅନ୍ତୁ ରାହୁଲ: ସିଇସି

**କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଣିଥିବା 'ଭୋଟ ଚୋରି' ଅଭିଯୋଗ ସପକ୍ଷରେ ୭ ଦିନ ମଧ୍ୟରେ ସେ ସତ୍ୟପାଠ ସମ୍ବଳିତ ଘୋଷଣାନାମା ଦାଖଲ କରନ୍ତୁ। ଅନ୍ୟଥା ତାଙ୍କ ଅଭିଯୋଗ ଭିତ୍ତିହୀନ ଓ ଅବୈଧ ବିବେଚିତ ହେବ ବୋଲି ରବିବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର କହିଛନ୍ତି। ଅନ୍ୟପକ୍ଷେ ରାହୁଲ ତାଙ୍କ ଅଭିଯୋଗ ଉପରେ ଇସିଙ୍କ ଜବାବକୁ ନେଇ ପୁଣି ପ୍ରଶ୍ନ ଉଠାଇଛନ୍ତି। ଇସି ଭାଜପା ସହ ମିଶି ଭୋଟ ଜାଲିଆତି କରୁଥିବା ବିଷୟ ସାରା ଦେଶ ଜାଣିଛି। ଇଣ୍ଡିଆ ବ୍ଲକ୍ ବିହାରରେ ଆଗକୁ ଏଭଳି ଭୋଟ ଚୋରି ଷଡ଼ଯନ୍ତ୍ରକୁ ସଫଳ ହେବାକୁ ଦେବନାହିଁ ବୋଲି ସାସାରାମରେ 'ଭୋଟର ଅଧିକାର ଯାତ୍ରା'ର ଶୁଭାରମ୍ଭ ବେଳେ ରାହୁଲ କହିଛନ୍ତି।**

- **ଏସ୍‌ଆଇଆର୍‌କୁ ଯଥାର୍ଥ ଦର୍ଶାଇଲେ ନିର୍ବାଚନ କମିଶନ**
- **ଭାଜପା-ଇସିଙ୍କ 'ଭୋଟ ଚୋରି' ରୋକିବ ଇଣ୍ଡିଆ ବ୍ଲକ୍: ରାହୁଲ**



ରାହୁଲ ଗାନ୍ଧୀ



ଜ୍ଞାନେଶ କୁମାର

**ନୂଆଦିଲ୍ଲୀ,୧୭।୮-(ପି.ଟି.)**

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜୁଲାଇ ୩୧ରେ ଖବରଦାତା ସମ୍ମିଳନୀ କରି 'ଭୋଟ ଚୋରି' ଅଭିଯୋଗ ଆଣିଥିଲେ। ରାହୁଲ ୨୦୨୪ ଲୋକ ସଭା ନିର୍ବାଚନ ବେଳେ କର୍ଣ୍ଣାଟକର ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ୫ ପ୍ରକାର ଜାଲିଆତି ଜରିଆରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ଚୋରି ହୋଇଥିବା ଦର୍ଶାଇଥିଲେ। ଭାଜପାକୁ ଜିତାଇବା ପାଇଁ ନିର୍ବାଚନ କମିଶନର ବିଭିନ୍ନ ରାଜ୍ୟରେ ନକଲି ଭୋଟର, ଜାଲ୍ ଓ ଅବୈଧ ଠିକଣା, ଗୋଟିଏ ଠିକଣାରେ ଅନେକ ଭୋଟର ଭଳି ଅନିୟମିତତା କରାଇଥିବା ରାହୁଲ ସମାଲୋଚନା କରିଥିଲେ। ଏହା ଉପରେ ଅନେକ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନେ ରାହୁଲଙ୍କୁ ନିଜ ଦାବି ସପକ୍ଷରେ ସତ୍ୟପାଠ ଦାଖଲ କରିବାକୁ କହିଥିଲେ। କିନ୍ତୁ ରାହୁଲ ସତ୍ୟପାଠ ଦାଖଲ କରି ନାହାନ୍ତି। ତେବେ ରାହୁଲ ଉଠାଇଥିବା ପ୍ରସଙ୍ଗ ଭାରତର ନିର୍ବାଚନ କମିଶନ (ଇସିଆଇ) ଭଳି ଏକ ସାମ୍ବିଧାନିକ ସଂସ୍ଥାର ନିରପେକ୍ଷତା ଓ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଏହାର ଜବାବ ଦେବା ପାଇଁ ଇସିଆଇଙ୍କ ପକ୍ଷରୁ ରବିବାର ପୂରା ଉଦ୍ୟମ କରାଯାଇଛି, ଯାହାକୁ ନେଇ ବିରୋଧୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସିଇସି ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଯଦି କୌଣସି ବ୍ୟକ୍ତି ଏକ ନିର୍ବାଚନମଣ୍ଡଳୀର ଭୋଟର ନ ଥାଇ ସମ୍ପୃକ୍ତ ଆସନ ଉପରେ ଅଭିଯୋଗ ଦାଖଲ କରନ୍ତି, ତେବେ ସେ କେବଳ ଜଣେ ସାକ୍ଷୀ ହିସାବରେ ଏପରି କରିପାରିବେ। କିନ୍ତୁ ଏଥିପାଇଁ ତାଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଅଭିଯୋଗକାରୀଙ୍କ ବିନା ସତ୍ୟପାଠରେ ଇସି ୧.୫ ଲକ୍ଷ ଭୋଟରଙ୍କୁ ନୋଟିସ କରିବା ଉଚିତ କି? ଯଦି ସତ୍ୟପାଠ ଜରିଆରେ ୭ ଦିନ ମଧ୍ୟରେ ଘୋଷଣାନାମା ଦାଖଲ କରା ନ ଯାଏ, ତେବେ ଅଭିଯୋଗକୁ ଭିତ୍ତିହୀନ ଓ ଅବୈଧ ବୋଲି ଧରାଯିବ। ଏଭଳି ଆଧାରହୀନ ଅଭିଯୋଗ ଆଣୁଥିବା ବ୍ୟକ୍ତିମାନେ ଦେଶକୁ କ୍ଷମା ମାଗିବା ଉଚିତ। ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି। ଏକଥାକୁ କେହି ଅସ୍ୱୀକାର କରିଦେଲେ ସୂର୍ଯ୍ୟୋଦୟର ଦିଗ ପରିବର୍ତ୍ତନ ହୋଇ ନ ଥାଏ। ଇସି କିମ୍ବା ଭୋଟରମାନେ ଡବଲ ଭୋଟିଂ ଓ ଭୋଟ ଚୋରି ଅଭିଯୋଗକୁ ନେଇ ଚିନ୍ତିତ ନୁହନ୍ତି ବୋଲି ସିଇସି କହିଛନ୍ତି।

ସେହିପରି ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସ୍ପେଶିଆଲ ଇଣ୍ଟେନ୍‌ସିଭ ☞ପୃଷ୍ଠା-୪

## ସି.ପି. ରାଧାକ୍ରିଷ୍ଣନ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ

**ନୂଆଦିଲ୍ଲୀ,୧୭।୮**



ମହାରାଷ୍ଟ୍ର ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ସି.ପି. ରାଧାକ୍ରିଷ୍ଣନଙ୍କୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଉପରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରବିବାର ଭାଜପା ସଂସଦୀୟ ବୋର୍ଡ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯିବା ପରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଏହା ଘୋଷଣା କରିଛନ୍ତି। ରାଧାକ୍ରିଷ୍ଣନ ପୂର୍ବରୁ ଝାଡ଼ଖଣ୍ଡର ରାଜ୍ୟପାଳ ରହିବା ସହ ଦୁଇଥର କୋଏମ୍ବାଟୁରରୁ ଏମ୍‌ପି ଥିଲେ। ତାଙ୍କର ୪୦ ବର୍ଷର ରାଜନୈତିକ ଅଭିଜ୍ଞତା ରହିଥିବା ନଡ୍ଡା କହିଛନ୍ତି। ବିରୋଧୀ ଦଳଗୁଡ଼ିକ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ତେବେ ଯଦି ନିର୍ବାଚନ ହୁଏ, ନିଜ ପ୍ରାର୍ଥୀଙ୍କୁ ସହଜରେ ଜିତାଇବା ପାଇଁ ଲୋକ ସଭା ଓ ରାଜ୍ୟ ସଭାକୁ ନେଇ ଗଠିତ ଇଲେକ୍ଟୋରାଲ କଲେଜରେ ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ରହିଛି। ସୂଚନାଯୋଗ୍ୟ, ଜୁଲାଇ ୨୧ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ଦିନ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହଠାତ ନିଜ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ପଡ଼ିଥିଲା। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୨ ରଖାଯାଇଛି।


**ଆଜିର ସମ୍ପାଦକୀୟ** ସମ୍ଭାବ୍ୟ ବାଣିଜ୍ୟିକ ବ୍ୟବସ୍ଥା

## ପ୍ରେମିକାଙ୍କ ସ୍ୱାମୀଙ୍କୁ ହତ୍ୟା ପାଇଁ ଉପହାରରେ ସ୍ପିକର ବୋମା

**ରାୟପୁର, ୧୭।୮**

ଛତିଶଗଡ଼ର ଖୈରାଗଡ଼ରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ସ୍ଥାନୀୟ କୁସମୀ ଗ୍ରାମ ନିବାସୀ ଇଲେକ୍ଟ୍ରିସିଆନ ବିନୟ ବର୍ମା(୨୦) ନିଜ ପ୍ରେମିକାଙ୍କ ସ୍ୱାମୀ ଅଫସର ଖାନ୍‌ଙ୍କୁ ହତ୍ୟା କରିବା ପାଇଁ ତାଙ୍କୁ ଉପହାରରେ ଏକ ମ୍ୟୁଜିକ ସ୍ପିକର ସିଷ୍ଟମ ପଠାଇଥିଲେ, ଯେଉଁଥିରେ ସେ ବୋମା ଖଞ୍ଜିଥିଲେ। ତେବେ ସନ୍ଦେହ ହେବାରୁ ଅଫ୍‌ସର ଉକ୍ତ ଉପହାର ସମ୍ପର୍କରେ ପୋଲିସକୁ ଜଣାଇଥିଲେ ଏବଂ ନିଶ୍ଚିନ୍ତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ଘଟଣାକୁ ନେଇ ପୋଲିସ ଅଭିଯୁକ୍ତ ବିନୟ ଓ ତାଙ୍କ ୬ ସହଯୋଗୀଙ୍କୁ ଗିରଫ କରିବା ସହ ଉକ୍ତ ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀଗୁଡ଼ିକର ଚୋରାଚାଲାଣ କରୁଥିବା ଏକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି।

ଖୈରାଗଡ଼-ଛୁଇଖଦାନ-ଗଣ୍ଡାଇ ଜିଲା ଏସ୍‌ପି ଲକ୍ଷ ଶର୍ମା କହିଛନ୍ତି, ୩ରୁ ୪ ଦିନ ତଳେ ଗଣ୍ଡାଇ ଥାନା ଅନ୍ତର୍ଗତ ମାନପୁର ଗ୍ରାମକୁ ଏକ ସନ୍ଦିଗ୍ଧ ପାର୍ସଲ ଆସି ପହଞ୍ଚିଥିଲା। ଉକ୍ତ ପାର୍ସଲରେ



ଇଣ୍ଡିଆ ପୋଷ୍ଟର ନକଲି ଲୋଗୋ ମୁଦ୍ରିତ ହୋଇଥିଲା। ମାନପୁର ଗ୍ରାମରେ ରହୁଥିବା ଅଫସରଙ୍କ ନାମରେ ଏହି ପାର୍ସଲ ଆସିଥିଲା। ତେବେ ଅଫସର ସନ୍ଦିଗ୍ଧ ଉପହାରକୁ ନ ଖୋଲି ପୋଲିସକୁ ଜଣାଇଥିଲେ। ପୋଲିସଠାରୁ ସୂଚନା ପାଇ ବୋମା ନିରୋଧୀ ଦଳ ଉକ୍ତ ପାର୍ସଲକୁ ଯାଞ୍ଚ୍ କରିଥିଲେ। ପାର୍ସଲ ମଧ୍ୟରେ ଏକ ମ୍ୟୁଜିକ ସ୍ପିକର ସିଷ୍ଟମ ରହିଥିଲା। ତେବେ ଉକ୍ତ ସ୍ପିକର ମଧ୍ୟରେ ୨ କେ.ଜି. ଓଜନର ଇମ୍‌ପ୍ରୋଭାଇଜ୍‌ଡ ଏକ୍ସପ୍ଲୋଜିଭ୍ ଡିଭାଇସ୍ (ଆଇଇଡି)କୁ ଲୁଚାଇ ରଖାଯାଇଥିଲା, ଯାହାକୁ ବୋମା ନିରୋଧୀ ଦଳ ଜବତ କରିଥିଲା। ଅଫସରଙ୍କ ହତ୍ୟା ପାଇଁ ବିନୟ ସ୍ପିକର କିଣିଥିଲେ ଏବଂ ଅନ୍‌ଲାଇନରେ ବୋମା ତିଆରି କରିବା ଶିଖିଥିଲେ। ତାଙ୍କ ମୋବାଇଲର ଗୁଗୁଲ ସର୍ଚ୍ଚ ହିଷ୍ଟ୍ରିରୁ ଏହା ଜଣାପଡ଼ିଥିବା ଏସ୍‌ପି ଲକ୍ଷ ଶର୍ମା କହିଛନ୍ତି। ବିନୟ ଗୁଗୁଲରେ ସର୍ଚ୍ଚ କରିଥିଲେ, ପୋଲିସ ଦ୍ୱାରା ଧରା ନ ପଡ଼ି ବୋମା ବ୍ୟବହାରରେ କିପରି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିହେବ। କଲେଜ ପଢୁଥିବା ସମୟରୁ ବିନୟ ଅଫସରଙ୍କ ସ୍ତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ ବୋଲି ଏସ୍‌ପି ଲକ୍ଷ କହିଛନ୍ତି। କିଛି ମାସ ତଳେ ବିନୟ ଭଲ ପାଉଥିବା ଯୁବତୀଙ୍କ ସହ ଅଫସରଙ୍କ ବିବାହ ହୋଇଥିଲା। ଏହାପରେ ଅଫସରଙ୍କୁ ରାସ୍ତାରୁ ହଟାଇବା ପାଇଁ ବିନୟ ଠିକ୍ କରିଥିଲେ ଏବଂ ତାଙ୍କ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିବା ଆରମ୍ଭ କରିଥିଲେ। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ପିଲା ଜନ୍ମ ଦେବ ରୋବୋ

**ଚାଇନାର ରୋବୋଟିକ୍ସ କମ୍ପାନୀ କାଉୱା ଟେକ୍ନୋଲୋଜି ଏପରି ଏକ ହ୍ୟୁମାନଏଡ୍ ପ୍ରେଗ୍ନାନ୍ସି ରୋବୋ ବିକଶିତ କରୁଛି, ଯାହା ଗର୍ଭବତୀ ମହିଳାଙ୍କ ଭଳି ପିଲା ଜନ୍ମ କରିବ। ରୋବୋ ପେଟରେ ଏକ ଆର୍ଟିଫିସିଆଲ ଗର୍ଭାଶୟ ରହିଛି, ଯହିଁରେ ଭ୍ରୂଣ ସମ୍ପୂର୍ଣ୍ଣ ବିକଶିତ ହେବା ପାଇଁ ଆବଶ୍ୟକ ପୋଷଣ ପାଇବ। ଆସନ୍ତାବର୍ଷ ଲଞ୍ଚ ହେବାକୁ ଥିବା ରୋବୋର ମୂଲ୍ୟ ୧ ଲକ୍ଷ ୟୁଆନ୍ ବା ୧୨.୧୭ ଲକ୍ଷ ଟଙ୍କା। ଏହି ଟେକ୍ନୋଲୋଜି ବନ୍ଧ୍ୟାତ୍ୱଜନିତ ସମସ୍ୟାକୁ ଦୂର କରି ନିଃସନ୍ତାନମାନଙ୍କୁ ସନ୍ତାନ ସୁଖର ସୁଯୋଗ ଦେବ। ତେବେ ଏଭଳି କୃତ୍ରିମ ପଦ୍ଧତିରେ ପିଲା ଜନ୍ମର ନୈତିକ ଦିଗକୁ ନେଇ କେତେଜଣ ବୈଜ୍ଞାନିକ ପ୍ରଶ୍ନ କଲେଣି। ଏହି ଉପାୟ ଅବଲମ୍ବନ କରାଗଲେ ପାରମ୍ପରିକ ଭାବେ ଗର୍ଭରେ ଥିବା ପିଲା ସହ ତାକୁ ଧାରଣ କରିଥିବା ମା'ଙ୍କ ଆବେଗିକ ସମ୍ପର୍କ ରହିବ ନାହିଁ ବୋଲି ଅନେକେ ଆପତ୍ତି ଉଠାଉଛନ୍ତି।**



**ବେଜିଂ, ୧୭।୮**

ହ୍ୟୁମାନଏଡ୍ ରୋବୋ 'ସରୋଗେଟ୍' ଖୁବ୍‌ଶୀଘ୍ର ବିଶ୍ୱର ପ୍ରଥମ ରୋବୋ ଭାବେ ଏକ ଶିଶୁକୁ ଜନ୍ମ ଦେବାକୁ ଯାଉଛି। ସମ୍ପ୍ରତି ରୋବୋର ଗର୍ଭଧାରଣଠାରୁ ସନ୍ତାନ ଜନ୍ମ ପର୍ଯ୍ୟନ୍ତ ଗର୍ଭାବସ୍ଥାର ଅନୁରୂପ ପ୍ରଯୁକ୍ତି ଡିଜାଇନ୍‌କୁ ବିକଶିତ କରାଯାଉଛି ବୋଲି ଚାଇନାର ଗବେଷକମାନେ ଦାବି କରିଛନ୍ତି। ଉକ୍ତ ପ୍ରଯୁକ୍ତି ଅନୁଯାୟୀ, ଏକ କୃତ୍ରିମ ଗର୍ଭାଶୟରେ ଭ୍ରୂଣ ବଢ଼ିବା ସହ ଏକ ନଳୀ ମାଧ୍ୟମରେ ପୁଷ୍ଟିକର ପଦାର୍ଥ ଗ୍ରହଣ କରିବ। ସରୋଗେଟ୍‌ର ଏକ ପ୍ରୋଟୋଟାଇପକୁ ଆସନ୍ତାବର୍ଷ ଲଞ୍ଚ୍ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୧ ଲକ୍ଷ ୟୁଆନ୍ ବା ୧୨.୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଗବେଷକମାନେ କହିଛନ୍ତି। ଚାଇନାର ଗୁଆଙ୍ଗ୍‌ଝୁସ୍ଥିତ କାଉୱା ଟେକ୍ନୋଲୋଜିର ପ୍ରତିଷ୍ଠାତା ତଥା ସିଙ୍ଗାପୁରସ୍ଥିତ ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ଗବେଷକ ଝାଙ୍ଗ୍ କିଫେଙ୍ଗ୍ କହିଛନ୍ତି, ୯ ମାସ ପରେ ସରୋଗେଟ୍ ସନ୍ତାନ ଜନ୍ମ କରିପାରିବ। ଏହି ପ୍ରଯୁକ୍ତି ଏବେ ପରିପକ୍ୱ ସ୍ଥିତିରେ ରହିଛି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଗବେଷକମାନେ ଉକ୍ତ ସିଷ୍ଟମକୁ ରୋବୋ ପେଟରେ ପ୍ରତିରୋପଣ କରିବେ, ଯଦ୍ୱାରା ଗର୍ଭଧାରଣ ପାଇଁ ରାବୋ ସହ ଗବେଷକମାନେ ଯୋଗାଯୋଗରେ ରହିପାରିବେ। ସେମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୋବୋ ଶରୀର ☞ପୃଷ୍ଠା-୪

## ଏଲ୍‌ଭିଶ୍ ଯାଦବଙ୍କ ଘରକୁ ଗୁଳିମାଡ଼

ୟୁଟ୍ୟୁବର ଏଲ୍‌ଭିଶ୍ ଯାଦବଙ୍କ ଗୁରୁଗ୍ରାମ ଘର ବାହାରେ ରବିବାର ସକାଳେ ୩ ଆକ୍ରମଣକାରୀ ବାଇକ୍‌ରେ ଆସି ପ୍ରାୟ ୨୪ ରାଉଣ୍ଡ ଗୁଳି ଚଳାଇଛନ୍ତି। ଗୁଳିମାଡ଼ ବେଳେ ଏଲ୍‌ଭିଶ ଘରେ ନ ଥିଲେ। ପୋଲିସ ଟିମ୍ ପହଞ୍ଚି ଫୋରେନ୍‌ସିକ୍ ତଥ୍ୟ ସଂଗ୍ରହ କରିବା ସହ ଉକ୍ତ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ପରିବାର ସଦସ୍ୟଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ମା'ଙ୍କୁ ୨ ଥର ବଳାତ୍କାର, ପୁଅ ଗିରଫ

ନୂଆଦିଲ୍ଲୀ, ୧୭।୮

ଦିଲ୍ଲୀର ହୋଜ୍ କାଜୀ ଅଞ୍ଚଳରେ ଜଣେ ୩୯ ବର୍ଷୀୟ ବ୍ୟକ୍ତି ନିଜର ୬୫ ବର୍ଷୀୟା ମା'ଙ୍କୁ ୨ ଥର ବଳାତ୍କାର କରିଥିବାର ମାମଲା ସାମ୍ନାକୁ ଆସିଛି। ରବିବାର ଦିଲ୍ଲୀ ପୋଲିସ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି। ଗତ ୧ରୁ ୧୧ ତାରିଖ ମଧ୍ୟରେ ଅଭିଯୁକ୍ତ ବ୍ୟକ୍ତି ନିଜ ମା'ଙ୍କୁ ମାରପିଟ କରିବା ସହ ତାଙ୍କୁ ୨ ଥର ବଳାତ୍କାର କରିଛନ୍ତି ବୋଲି ପୀଡ଼ିତ ମହିଳା ନିଜ ୨୫ ବର୍ଷୀୟା ଝିଅଙ୍କ ସହ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ପୀଡ଼ିତାଙ୍କ ପୁଅଙ୍କୁ ଗିରଫ କରିଛି। ପୂର୍ବରୁ ପୀଡ଼ିତାଙ୍କର ଅନ୍ୟ ଜଣେ ପୁରୁଷଙ୍କ ସହ ଶାରୀରିକ ସମ୍ପର୍କ ଥିଲା। ତେଣୁ ମା'ଙ୍କୁ ଚରିତ୍ରହୀନ ଦର୍ଶାଇ ସେ ତାଙ୍କୁ ଦଣ୍ଡ ଦେଉଥିଲେ ବୋଲି ଅଭିଯୁକ୍ତ କହିଥିବା ପୋଲିସ ସୂଚନା ଦେଇଛି।

### କ୍ଲବ୍‌ରେ ଗୁଳି, ୩ ମୃତ

ନ୍ୟୁୟର୍କ, ୧୭।୮

ଆମେରିକାର ନ୍ୟୁୟର୍କସ୍ଥିତ ବ୍ରୁକ୍ଲିନ୍‌ଠାରେ ଥିବା ଏକ କ୍ଲବ୍‌ରେ ଶନିବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟି ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଗୁଳିକାଣ୍ଡ ସମୟରେ କ୍ଲବ୍ ଲୋକାରଣ୍ୟ ରହିଥିଲା। କେତେଜଣ ଆତତାୟୀ କ୍ଲବ ମଧ୍ୟକୁ ହଠାତ୍ ପଶିଆସି ଆଖିବୁଜା ଗୁଳିବର୍ଷଣ କରିଥିଲେ। ମୃତକ ୩ ପୁରୁଷ ବୋଲି ଜଣାପଡ଼ିଛି। ଆହତ ୮ ଜଣଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ରହିଥିବା ନେଇ ନ୍ୟୁୟର୍କ ପୋଲିସ କମିଶନର ଜେସିକା ଟିସ୍କ କହିଛନ୍ତି। ଗୁଳିକାଣ୍ଡ ଘଟାଇ ଆତତାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୂରା ଘଟଣାକୁ ନେଇ ତଦନ୍ତ ଜାରି ରହିଛି ବୋଲି ଟିସ୍କ କହିଛନ୍ତି।

### ଦିଲ୍ଲୀରେ ୨ ରାଜପଥ ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ,୧୭।୮ (ପି.ଟି.)

ରାଜଧାନୀ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଗାଡ଼ିମୋଟର ଭିଡ଼ କମାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧,୦୦୦ କୋଟି ଟଙ୍କାରେ ନିର୍ମିତ ୨ଟି ରାଜପଥକୁ ରବିବାର ଉଦ୍‌ଘାଟନ କରିଛନ୍ତି। ଦ୍ୱାରକା ଏକ୍ସପ୍ରେସ୍ ୱେର ଦିଲ୍ଲୀ ସେକ୍ସନ ଏବଂ ଅର୍ବାନ୍ ଏକ୍ସଟେନ୍‌ଶନ ରୋଡ଼ର ଦ୍ୱିତୀୟ ଭାଗ ଉଦ୍‌ଘାଟିତ ହୋଇଥିବାରୁ ଏହା କେବଳ ଗାଡ଼ି ଭିଡ଼ କମାଇବ ନାହିଁ, ଯାତ୍ରା ସମୟ ମଧ୍ୟ ହ୍ରାସ କରିବ। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ସୋନିପତ୍, ରୋହତକ୍, ବାହାଦୁରଗଡ଼ ଏବଂ ଗୁରୁଗ୍ରାମରୁ ଆଇଜିଆଇ ଏୟାରପୋର୍ଟକୁ ଯାତ୍ରା ସମୟ ଯଥେଷ୍ଟ କମ୍ ହେବ। ଦିଲ୍ଲୀ ଜନସାଧାରଣଙ୍କ ସମସ୍ତ ସମସ୍ୟା ଦୂର କରିବାକୁ ଉଦ୍ୟମ କରାଯାଉଛି। ଦିଲ୍ଲୀକୁ ବିକାଶର ଏକ ମଡେଲ କରାଯାଉଛି, ଯାହା ବିକଶିତ ଭାରତର ଭାବନାକୁ ପ୍ରତିଫଳନ କରିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି।

### ମଣ୍ଡିରେ ପ୍ରବଳ ବର୍ଷା: ଚଣ୍ଡିଗଡ଼-ମନାଲି ରାଜପଥରେ ଗାଡ଼ି ଚଳାଚଳ ବନ୍ଦ

ଚଣ୍ଡିଗଡ଼,୧୭।୮

ହିମାଚଳପ୍ରଦେଶର ମଣ୍ଡି ଜିଲା ଅନ୍ତର୍ଗତ ଟାକୋଲି ଅଞ୍ଚଳରେ ଗୁରୁବାର ବାଦଲଫଟା ବର୍ଷା ଯୋଗୁ କିରଟପୁର-ମନାଲି ଜାତୀୟ ରାଜପଥ ବୁଡ଼ିଯାଇଛି। ସେହିପରି ସତଲେଜ୍ ନଦୀରେ ବନ୍ୟା ଯୋଗୁ ଶିମଳା-ମଣ୍ଡି ରାଜପଥ ମଧ୍ୟ ବୁଡ଼ିରହିଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷାରେ ଅନେକ ଘରୋଇ ଓ ସରକାରୀ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବାବେଳେ କେହି ମୃତାହତ ହୋଇନାହାନ୍ତି। କେତେକ ସରକାରୀ କାର୍ଯ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଛି। ନଦୀକୂଳ ଅଞ୍ଚଳଠାରୁ ଯଥେଷ୍ଟ ଦୂରରେ ରହିବା ପାଇଁ ସ୍ଥାନୀୟ ଜନସାଧାରଣ, ପର୍ଯ୍ୟଟକ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ମଣ୍ଡି-କୁଲୁ ରାସ୍ତା ମଧ୍ୟ ଝଲୋଗିଠାରେ ଅବରୋଧ ହୋଇଛି। ସୂଚନାଯୋଗ୍ୟ, ମୌସୁମୀ ଆରମ୍ଭରୁ ହିମାଚଳପ୍ରଦେଶରେ ବାଦଲଫଟା ବର୍ଷା ଓ ହଠାତ୍ ବନ୍ୟା ଯୋଗୁ ୩୧ ଜଣଙ୍କ ମୃତ୍ୟୁ ଘଟିଲାଣି।

## ଦିଲ୍ଲୀରେ ଆଜି




ଦିଲ୍ଲୀରେ ବୁଲା କୁକୁରଙ୍କୁ ଆଶ୍ରୟସ୍ଥଳ ସ୍ଥାନାନ୍ତର ପାଇଁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ଚମନ ଗୌତମ)

## ସି.ପି. ରାଧାକ୍ରିଷ୍ଣନ ୧୬ ବର୍ଷ ବୟସରୁ ଆର୍‌ଏସ୍‌ଏସ୍ ସହ ଜଡ଼ିତ

ନୂଆଦିଲ୍ଲୀ, ୧୭।୮



ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ଭାଜପା ସଂସଦୀୟ ବୋର୍ଡ ରବିବାର ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିଛି। ୧୯୫୭ ଅକ୍ଟୋବର ୨୦ରେ ତାମିଲନାଡୁର ତିରୁପୁରରେ ଜନ୍ମିତ ଚନ୍ଦ୍ରପୁରମ୍ ପୋନ୍ନୁସ୍ୱାମୀ ରାଧାକ୍ରିଷ୍ଣନ ତାଙ୍କ ରାଜନୈତିକ କ୍ୟାରିୟର ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ୨୦୨୪ ଜୁଲାଇ ୩୧ରେ ସେ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୩ ଫେବୃଆରୀ ୧୮ରୁ ୨୦୨୪ ଜୁଲାଇ ୩୦ ପର୍ଯ୍ୟନ୍ତ ସେ ଝାଡ଼ଖଣ୍ଡ ରାଜ୍ୟପାଳ ଥିଲେ। ଏଥିସହିତ ସେ ୨୦୨୪ ମାର୍ଚ୍ଚରୁ ଜୁଲାଇ ତେଲଙ୍ଗାନା ରାଜ୍ୟପାଳ ଏବଂ ପଣ୍ଡିଚେରିର ଉପରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ରାଧାକ୍ରିଷ୍ଣନ ୧୯୯୮ ଏବଂ ୧୯୯୯ରେ ଭାଜପା ସଦସ୍ୟ ଭାବେ କୋଏମ୍ବାଟୁରରୁ ୨ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ପାଇଁ ଭାଜପାର ରାଜ୍ୟ ସଭାପତି ରହିଥିଲେ। ମାତ୍ର ୧୬ ବର୍ଷ ବୟସରୁ ସେ ଆର୍‌ଏସ୍‌ଏସ୍ ଏବଂ ଜନସଂଘ ସହ ଜଡ଼ିତ ରହିଥିଲେ।

# 'ଭୋଟ ଚୋରି ପାଇଁ ଏସ୍‌ଆଇଆର୍ ଅସ୍ତ୍ର'

ନୂଆଦିଲ୍ଲୀ,୧୭।୮

ସତ୍ୟପାଠ ଦିଅ ନଚେତ୍ କ୍ଷମା ମାଗ। ତୃତୀୟ ବିକଳ୍ପ ନାହିଁ ବୋଲି ସିଇସି ଜ୍ଞାନେଶ କୁମାର ରବିବାର ରୋକ୍‌ଠୋକ୍ ଶୁଣାଇବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାର ପାଲଟା ଜବାବ ଦେଇଛନ୍ତି। ନିର୍ବାଚନ କମିଶନ (ଇସି) ଭାଜପା ସହ ସଲାସୁତୁରା କରି ଭୋଟ ଚୋରି କରୁଥିବା ବିଷୟ ଦେଶକୁ ଜଣା। ବିଧାନସଭା ଓ ସଂସଦୀୟ ନିର୍ବାଚନ ବେଳେ ସାରା ଦେଶରେ ଭୋଟ ଚୋରି ହେଉଛି। ବିହାରରେ ଭୋଟ ଚୋରି ପାଇଁ ସ୍ପେଶିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍)କୁ ଅସ୍ତ୍ର କରାଯାଇଛି। ଏହା ଜରିଆରେ ଭାଜପା ଏବଂ ଇସି ବିହାର ବିଧାନସଭା ନିର୍ବାଚନରେ ପୁଣି ଭୋଟ ଚୋରି କରିବାକୁ ଯାଉଛନ୍ତି। ତେବେ ଇଣ୍ଡିଆ ବ୍ଲକ୍ ଏହି ଷଡ଼ଯନ୍ତ୍ରକୁ ସଫଳ ହେବାକୁ ଦେବନାହିଁ ବୋଲି ବିହାର ସାସାରାମରେ 'ଭୋଟର ଅଧିକାର ଯାତ୍ରା'ର ଶୁଭାରମ୍ଭ କରି ରାହୁଲ କହିଛନ୍ତି।

ବିହାର ବିଧାନସଭା ନିର୍ବାଚନକୁ ପ୍ରାୟ ୩ ମାସ ବାକି ଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ଭୋଟର ଅଧିକାର ଯାତ୍ରା' ଆରମ୍ଭ କରିଛନ୍ତି। ସାସାରାମର ବିଆଇଏଡିଏ ପଡ଼ିଆରେ ରାହୁଲ ଓ ବିରୋଧୀ ମେଣ୍ଟର ଅନେକ ନେତା ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ରାଜ୍ୟର ୨୦ ଜିଲାରେ ଯାତ୍ରା ଆୟୋଜନ ହେବ ଏବଂ ୧୬ ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୧ରେ ଏହା ଶେଷ ହେବ। ଯାତ୍ରାର ପ୍ରଥମ ଦିନରେ ରାହୁଲ କହିଛନ୍ତି, ବିହାରୀ ଭୋଟର ସେମାନଙ୍କ ଭୋଟ ଚୋରି ହେବାକୁ ଦେବେ ନାହିଁ। ଇସି କ'ଣ କରୁଛନ୍ତି ତାହା ସାରା ଦେଶ ଜାଣିଛି। ଇସିଙ୍କ ଭୋଟ ଚୋରିକୁ କଂଗ୍ରେସ ପଦାରେ ପକାଇଦେଇଛି। ବିହାର ହେଉ କି ମହାରାଷ୍ଟ୍ର, ଆସାମ, ପଶ୍ଚିମବଙ୍ଗ; ସବୁଠି ଆମେ ସେମାନଙ୍କ ଚୋରି ଧରିବୁ ଏବଂ ଲୋକଲୋଚନକୁ ଆଣିବୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ଭୋଟ ଚୋରି କରି ସେମାନଙ୍କ ଟଙ୍କାକୁ ୫-୬ ଜଣ ବିଲିଓନୟାରଙ୍କୁ ଟେକିଦେଉଛନ୍ତି। ଆର୍‌ଏସ୍‌ଏସ୍ ଏବଂ ଭାଜପା ସମ୍ବିଧାନକୁ ହଟାଇବା ପାଇଁ ଉଦ୍ୟମ କରୁଛନ୍ତି। ଏଥିସକାଶେ ସମ୍ବିଧାନକୁ ବଞ୍ଚାଇବା ପାଇଁ ଏହି ଯାତ୍ରାର ଆୟୋଜନ କରାଯାଇଛି। ପ୍ରତି ନିର୍ବାଚନରେ ଭାଜପା ଜିତୁଛି। ମହାରାଷ୍ଟ୍ରରେ ସବୁ ଜନମତ ସର୍ଭେ ଇଣ୍ଡିଆ ବ୍ଲକ୍ ଜିତିବ ବୋଲି ଭବିଷ୍ୟବାଣୀ କରିଥିଲେ। ଲୋକ ସଭା ନିର୍ବାଚନରେ ବିରୋଧୀ ମେଣ୍ଟ ଜିତିଛି। କିନ୍ତୁ ଏହାର ୪ ମାସ ପରେ ସେହି ମହାରାଷ୍ଟ୍ରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାଜପା ମେଣ୍ଟ ବିଜୟ ହାସଲ କଲା। ମ୍ୟାଜିକ୍ ଜରିଆରେ ୧ କୋଟି ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଥିବାରୁ ଏହା ସମ୍ଭବ ହୋଇଥିବା ରାହୁଲ କହିଛନ୍ତି। 'ଭୋଟର ଅଧିକାର ଯାତ୍ରା'ରେ ରାହୁଲଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ, ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ, ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ, ବିକାଶଶୀଳ ଇନ୍‌ସାନ ପାର୍ଟି ମୁଖ୍ୟ ମୁକେଶ ସହାନି, ସିପିଆଇଏମ୍‌ଏଲ୍ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ, ସିପିଆଇଏମ୍‌ର ସୁଭାଷିନୀ ଅଲୀ, ସିପିଆଇ ନେତା ସନ୍ଦୋଶ କୁମାର ପ୍ରମୁଖ ଯୋଗଦେଇଥିଲେ।

### ବିହାରରେ ଭୋଟର ଅଧିକାର ଯାତ୍ରା ଆରମ୍ଭ



ଭୋଟର ଅଧିକାର ଯାତ୍ରା ଶୁଭାରମ୍ଭବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ନିକଟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ସହ ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବ।

### କ'ଣ କହିଲେ ସିଇସି

- ନିର୍ବାଚନ କମିଶନ ଭୋଟରଙ୍କ ସହ ଚଟାଣ ଭଳି ଛିଡ଼ା ହୋଇଛନ୍ତି।
- ଗୋଟିଏ ମିଛକୁ ବାରମ୍ବାର ଦୋହରାଇଲେ ତାହା ସତରେ ପରିଣତ ହୁଏନାହିଁ।
- ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଇସି ଭେଦଭାବ କରିପାରିବେ ନାହିଁ। ଶାସକ ଓ ବିରୋଧୀ ଦଳ ଭିତରେ କୌଣସି ପ୍ରଭେଦ ଦେଖନ୍ତି ନାହିଁ।
- ରାଜନୈତିକ ଦଳଗୁଡ଼ିକ ଇସିଙ୍କ କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଉଛନ୍ତି।
- ଜଣେ ଯେଉଁ ଦଳର ହୋଇଥିଲେ ମଧ୍ୟ ଇସି ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇବାରେ କୁଣ୍ଠାବୋଧ କରିବେ ନାହିଁ।
- କେହି କହିଦେଲେ ସୂର୍ଯ୍ୟ ପୂର୍ବଦିଗ ଛାଡ଼ି ଅନ୍ୟ ଦିଗରେ ଉଦୟ ହୁଅନ୍ତି ନାହିଁ।
- ରାହୁଲ ଗାନ୍ଧୀ ୭ ଦିନ ମଧ୍ୟରେ ସତ୍ୟପାଠ ଦେବେ ନଚେତ୍ କ୍ଷମା ମାଗିବେ। ତୃତୀୟ ବିକଳ୍ପ ନାହିଁ।

## ଆର୍‌ଏସ୍‌ଏସ୍ ଭାରତର ତାଲିବାନ୍: ହରିପ୍ରସାଦ

ନୂଆଦିଲ୍ଲୀ,୧୭।୮

ଭାଜପାର ଆଦର୍ଶଗତ ଅଭିଭାବକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ଭାରତର ତାଲିବାନ ବୋଲି ବରିଷ୍ଠ କଂଗ୍ରେସ ନେତା ବି.କେ. ହରିପ୍ରସାଦ କହିଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ଶାସକ ଦଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସ ପ୍ରତ୍ୟେକ ରାଷ୍ଟ୍ରବାଦୀ ସଂଗଠନକୁ ସମାଲୋଚନା କରୁଥିବାବେଳେ ପିଏଫ୍‌ଆଇ ଏବଂ ସିମି ଭଳି ବେଆଇନ କଠୋରପନ୍ଥୀ ସଂଗଠନଗୁଡ଼ିକୁ ଭଲ ପାଉଥିବା ଭାଜପା କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲ୍‌କିଲ୍ଲାରୁ ସ୍ୱାଧୀନତା ଦିବସ ଅଭିଭାଷଣରେ ଆର୍‌ଏସ୍‌ଏସ୍‌କୁ ପ୍ରଶଂସା କରିଥିଲେ। ଏଥିପାଇଁ ପୂର୍ବତନ କଂଗ୍ରେସ ଏମ୍‌ପି ତଥା ବର୍ତ୍ତମାନର କର୍ଣ୍ଣାଟକ ବିଧାନ ପରିଷଦ ସଦସ୍ୟ ହରିପ୍ରସାଦ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଆର୍‌ଏସ୍‌ଏସ୍ ଦେଶରେ ଶାନ୍ତି ଭଙ୍ଗ କରିବାକୁ ଉଦ୍ୟମ କରୁଛି। ମୁଁ ଏହି ସଂଗଠନକୁ କେବଳ ତାଲିବାନ୍ ସହ ତୁଳନା କରିବି। ସେମାନେ ଭାରତୀୟ ତାଲିବାନ୍। ଇତିହାସ ବଦଳାଇବାରେ ଭାଜପା ଏବଂ ଆର୍‌ଏସ୍‌ଏସ୍ ମାଷ୍ଟର ବୋଲି ହରିପ୍ରସାଦ କହିଛନ୍ତି।

## ଦହିହାଣ୍ଡି ଉତ୍ସବ ବେଳେ ୨ ମୃତ, ୩୧୮ ଆହତ

ମୁମ୍ବାଇ, ୧୭।୮ (ପି.ଟି.)

ମୁମ୍ବାଇ ଓ ଏହାର ପାର୍ଶ୍ୱବର୍ତ୍ତୀ ଠାଣେ ସହରରେ ଦହିହାଣ୍ଡି ଉତ୍ସବ ବେଳେ ଅଘଟଣ ଘଟି ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୧୮ ଜଣ ଆହତ ହୋଇଛନ୍ତି। ଅଧିକାଂଶଙ୍କୁ ସାମାନ୍ୟ ଆଘାତ ଲାଗିଥିବାବେଳେ ୨୪ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣେ ୯ ବର୍ଷୀୟ ବାଳକଙ୍କୁ ମିଶାଇ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

## ଇସ୍ରାଏଲ୍ ବନ୍ଦବେଳେ ବହୁ ବିକ୍ଷୋଭକାରୀ ଗିରଫ

ଜେରୁଜେଲମ୍,୧୭।୮

### ପଣବନ୍ଦୀଙ୍କ ମୁକ୍ତି ଦାବି

ଗାଜାରୁ ପଣବନ୍ଦୀମାନଙ୍କ ମୁକ୍ତି ଦାବିରେ ରବିବାର ଇସ୍ରାଏଲରେ ଦେଶବ୍ୟାପୀ ବନ୍ଦ ପାଳନ କରାଯାଇଛି। ଫଳରେ ରାସ୍ତାଘାଟ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଛି। ପୋଲିସ ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ପାଣିମାଡ଼ କରିବା ସହ ଅନେକଙ୍କୁ ଗିରଫ କରିଛି। ହମାସ୍ ପଣବନ୍ଦୀମାନଙ୍କ ଭିଡିଓ ଜାରି କରିବା ଏବଂ ଇସ୍ରାଏଲ୍ ପୁଣିଥରେ ଜୋର୍‌ଦାର ଆକ୍ରମଣ ଯୋଜନା ଘୋଷଣା କରିବାର କିଛି ସପ୍ତାହ ପରେ ପଣବନ୍ଦୀଙ୍କ ପରିବାର ଏବଂ ଶୋକସନ୍ତପ୍ତ ପରିବାରଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ୨ଟି ସଂଗଠନ ପକ୍ଷରୁ ଗୋଟିଏ ଦିନ ବନ୍ଦ ପାଳନ ଡାକରା ଦିଆଯାଇଥିଲା। ଅଧିକ ଆକ୍ରମଣ ପଣବନ୍ଦୀଙ୍କ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ବିକ୍ଷୋଭକାରୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ହମାସ୍ ପାଖରେ ଥିବା ୫୦ ପଣବନ୍ଦୀଙ୍କ ମଧ୍ୟରୁ ଏବେ ୨୦ ଜଣ ଜୀବିତ ଥିବା ଇସ୍ରାଏଲ୍ ବିଶ୍ୱାସ କରୁଛି। ଅନ୍ୟ ୩୦ ଜଣଙ୍କ ମୃତଦେହକୁ ସେମାନେ ଅଟକାଇ ରଖିଛନ୍ତି।

ରାଜନେତାମାନଙ୍କ ଘର ଓ ସାମରିକ ମୁଖ୍ୟାଳୟ ବାହାରେ ଏବଂ ପ୍ରମୁଖ ରାଜପଥ ସମେତ ଇସ୍ରାଏଲର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ସେମାନେ ନିଆଁ ଜାଳି ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ପାଣିମାଡ଼ କରିଥିଲା। ସେମାନଙ୍କ ସମର୍ଥନରେ ଅନେକ ରେଷ୍ଟୁରାଣ୍ଟ ଓ ଥିଏଟର ବନ୍ଦ ରହିଥିଲା। ଦେଶବ୍ୟାପୀ ବିକ୍ଷୋଭ ବେଳେ ପୋଲିସ ୩୮ ଜଣଙ୍କୁ ଗିରଫ କରିଥିବା କହିଛି। ସାମରିକ ଚାପ ପକାଇ ପଣବନ୍ଦୀଙ୍କୁ ମୁକୁଳା ଯାଇପାରିବ ନାହିଁ। ଏହା କେବଳ ସେମାନଙ୍କୁ ମାରିଦେବ ବୋଲି ପୂର୍ବତନ ପଣବନ୍ଦୀ ଅର୍ବେଲ ୟେହୌଦ କହିଛନ୍ତି। କେବଳ ଚୁକ୍ତି ଜରିଆରେ ସେମାନଙ୍କୁ ଫେରାଇ ଅଣାଯାଇପାରିବ ବୋଲି ସେ କହିଛନ୍ତି।

### ପାଲେଷ୍ଟିନୀୟଙ୍କ ସ୍ଥାନାନ୍ତର ଯୋଜନାକୁ ହମାସ୍‌ର ପ୍ରତ୍ୟାଖ୍ୟାନ

କାଇରୋ,୧୭।୮

ଗାଜାର ଜନବହୁଳ ଅଞ୍ଚଳଗୁଡ଼ିକରେ ଜୋର୍‌ଦାର ଆକ୍ରମଣ ପାଇଁ ଇସ୍ରାଏଲ୍ ସେଠାରୁ ପାଲେଷ୍ଟିନୀୟମାନଙ୍କୁ ଦକ୍ଷିଣ ଗାଜାକୁ ସ୍ଥାନାନ୍ତର ନିମନ୍ତେ ଯୋଜନା କରିଥିବାବେଳେ ସେଠାର ସାମରିକ ଗୋଷ୍ଠୀ ହମାସ୍ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ମାନବୀୟ ସହାୟତା ନାମରେ ଦକ୍ଷିଣ ଗାଜାରେ ଟେଣ୍ଟ ଓ ଅନ୍ୟ ଆଶ୍ରୟ ଉପକରଣ ପହଞ୍ଚାଇବା ପାଇଁ ଇସ୍ରାଏଲ୍‌ର ଯୋଜନା ଖୋଲାଖୋଲି ଧୋକା ବୋଲି ହମାସ୍ କହିଛି। ଯୁଦ୍ଧାଞ୍ଚଳରୁ ପାଲେଷ୍ଟିନୀୟମାନଙ୍କୁ ଦକ୍ଷିଣ ଗାଜାକୁ ସ୍ଥାନାନ୍ତର କରିବା ପାଇଁ ଇସ୍ରାଏଲୀ ସେନା ରବିବାରଠାରୁ ଟେଣ୍ଟ ଓ ଅନ୍ୟାନ୍ୟ ଉପକରଣ ପଠାଇବାର ଯୋଜନା କରିଥିଲା। ଗାଜା ସିଟିର ଉତ୍ତର ଭାଗକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବା ଲାଗି ପୁଣିଥରେ ଜୋର୍‌ଦାର ଆକ୍ରମଣ କରିବାକୁ ଇସ୍ରାଏଲ୍ ଚଳିତ ମାସ ଆରମ୍ଭରେ କହିଥିଲା। ଫଳରେ ଉକ୍ତ ଅଞ୍ଚଳର ୨୨ ଲକ୍ଷ ଲୋକଙ୍କ ଭାଗ୍ୟକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

## ବର୍ଷେ ପରେ ଭାରତ ଫେରିଲେ ଶୁଭାଂଶୁ

ନୂଆଦିଲ୍ଲୀ, ୧୭।୮

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ରବିବାର ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ତାଙ୍କୁ ଜୋର୍‌ଦାର ସ୍ୱାଗତ କରାଯାଇଛି। ବିମାନବନ୍ଦରରେ ଭାରତୀୟ ତ୍ରିରଙ୍ଗା ଏବଂ ଢୋଲ ବଜାଇ ଅନେକ ଲୋକ ଶୁଭାଂଶୁଙ୍କର ସ୍ୱାଗତ କରିଥିଲେ।

### ଆଜି ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ

ଏହି ଅବସରରେ ଏୟାରପୋର୍ଟରେ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଅଧ୍ୟକ୍ଷ ଭି. ନାରାୟଣନ, କେନ୍ଦ୍ର ମହାକାଶ ବିଭାଗର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଶୁଭାଂଶୁଙ୍କ ସ୍ତ୍ରୀ କାମନା ଓ ପୁଅ କିଆଶ୍ ଉପସ୍ଥିତ ଥିଲେ। ଶୁଭାଂଶୁଙ୍କ ସହଯୋଗୀ ତଥା ଆକ୍ସିଓମ୍-୪ ମିଶନରେ ବ୍ୟାକ୍‌ଅପ୍ ମହାକାଶଚାରୀ ଥିବା ପ୍ରଶାନ୍ତ ବାଲକ୍ରିଷ୍ଣନ ନାୟାର ମଧ୍ୟ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମହାକାଶ ଉଡ଼ାଣର ଟ୍ରେନିଂ ପାଇଁ ଶୁଭାଂଶୁ ପ୍ରାୟ ବର୍ଷେ ହେବ ଆମେରିକାରେ ଥିଲେ। ସୋମବାର ଶୁଭାଂଶୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିପାରନ୍ତି। ଏହାପରେ ସେ ନିଜ ସହର ଲକ୍ଷ୍ନୌକୁ ଯିବେ। ତେବେ ଆସନ୍ତା ୨୨ ଏବଂ ୨୩ରେ ନୂଆଦିଲ୍ଲୀଠାରେ ହେବାକୁ ଥିବା ଜାତୀୟ ମହାକାଶ ଦିବସ ଉତ୍ସବରେ ଯୋଗଦେବା ନିମନ୍ତେ ସେ ପୁନର୍ବାର ଦିଲ୍ଲୀ ଆସିବେ। ସୋମବାର ଲୋକ ସଭାରେ ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ଆବଶ୍ୟକ ମହାକାଶ କାର୍ଯ୍ୟକ୍ରମରେ ଆକ୍ସିଓମ୍-୪ ମିଶନ ଓ ଶୁଭାଂଶୁଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ନେଇ ଆଲୋଚନା ହୋଇପାରେ।



ନୂଆଦିଲ୍ଲୀ ଏୟାରପୋର୍ଟରେ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସ୍ୱାଗତ କରୁଛନ୍ତି।

## ଜାହ୍ନବୀଙ୍କ କାଷ୍ଟିଂ: ବର୍ଷିଲେ ପବିତ୍ରା

ଥିରୁଭାନନ୍ତପୁରମ

ବଲିଉଡ୍ ଅଭିନେତ୍ରୀ ଜାହ୍ନବୀ କପୁର ସମ୍ପ୍ରତି ନିଜର ଆଗାମୀ ଫିଲ୍ମ 'ପରମ ସୁନ୍ଦରୀ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଆସନ୍ତା ୨୯ରେ ତୁଷାର ଜଲୋଟାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ରିଲିଜ୍ ହେବାକୁ ଥିବାବେଳେ ଗତ ୧୨ରେ ଏହାର ଟ୍ରେଲରକୁ ଜାରି କରାଯାଇଥିଲା। ଟ୍ରେଲରରେ ଜାହ୍ନବୀଙ୍କୁ ଜଣେ ମାଲୟାଲୀ ଯୁବତୀଙ୍କ ଭୂମିକାରେ ଦେଖିବାକୁ ମିଳିଥିଲା। ତେବେ ଟ୍ରେଲର ରିଲିଜ୍ ହେବା ପରେ ଫିଲ୍ମରେ ଜାହ୍ନବୀଙ୍କ କାଷ୍ଟିଂକୁ ନେଇ ମାଲୟାଲୀ ଅଭିନେତ୍ରୀ ତଥା ଟିଭି ହୋଷ୍ଟ ପବିତ୍ରା ମେନନ୍ ପ୍ରଶ୍ନ ଉଠାଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି 'ପରମ ସୁନ୍ଦରୀ'ର ନିର୍ମାତାଙ୍କ ଉପରେ ବର୍ଷିଛନ୍ତି। ଭିଡିଓରେ ପବିତ୍ରା କ୍ରୋଧିତ ହୋଇ କହୁଛନ୍ତି, ''ମୁଁ ଜଣେ ମାଲୟାଲୀ। 'ପରମ ସୁନ୍ଦରୀ' ଫିଲ୍ମର ଟ୍ରେଲର ଦେଖିବା ପରେ ମୁଁ ବୁଝିପାରୁନାହିଁ ଏପରି ଫିଲ୍ମରେ କାହିଁକି ଜଣେ ପ୍ରକୃତ ମାଲୟାଲୀ ଅଭିନେତ୍ରୀଙ୍କୁ କାଷ୍ଟ କରାଯାଉ ନାହିଁ।'' ମାଲୟାଲୀ ଅଭିନେତ୍ରୀମାନେ କ'ଣ କମ୍ ପ୍ରତିଭାଶାଳୀ କି ବୋଲି ସେ ନିଜର ଅନୁଗାମୀଙ୍କୁ ପ୍ରଶ୍ନ କରିଛନ୍ତି। ମାଲୟାଲୀ ଅଭିନେତ୍ରୀମାନେ ମଧ୍ୟ ଭଲ ହିନ୍ଦୀ କହିପାରନ୍ତି। ଏହାସତ୍ତ୍ୱେ ମଧ୍ୟ ବଲିଉଡ୍ ଫିଲ୍ମରେ ସେମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳୁ ନ ଥିବା ପବିତ୍ରା ଅଭିଯୋଗ ଆଣିଛନ୍ତି।



**ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତିଙ୍କ ପରଲୋକ**

ବରୀ,୧୭।୮ (ମହେନ୍ଦ୍ର ସ୍ୱାଇଁ): ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଦାସ ଯାଜପୁର ଜିଲା ବରୀ ବ୍ଲକ୍ ରମ୍ଭା ପଞ୍ଚାୟତ ନେଉଳା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଜଣେ ମେଧାବୀ ଛାତ୍ର ଭାବେ ପରିଚୟ ସୃଷ୍ଟି କରିଥିଲେ। ବିଶିଷ୍ଟ ଗାଣିତଜ୍ଞ ଭାବେ ଦେଶରେ ପ୍ରତିଷ୍ଠା ଅର୍ଜନ କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## ୨ ଟ୍ରେନ୍ ସାମୟିକ ବାତିଲ

ଭୁବନେଶ୍ୱର,୧୭।୮ (ଅନୁରାଧା ମହାରଣା)

ସୁରକ୍ଷା ବୃଦ୍ଧି, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଉତ୍ତମ ଟ୍ରେନ ପରିଚାଳନା କ୍ଷମତା ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନର ରାହାମା, ବଡ଼ବନ୍ଧ ଏବଂ ପାରାଦୀପ ଷ୍ଟେଶନରେ ପ୍ରି-ନନ୍ ଇଣ୍ଟରଲକିଂ (ପ୍ରି-ଏନ୍ଆଇ) ଏବଂ ନନ୍ ଇଣ୍ଟରଲକିଂ (ଏନ୍ଆଇ) କାର୍ଯ୍ୟ କରିବ। ବଡ଼ବନ୍ଧ ଷ୍ଟେଶନରେ ଏକ ଅତିରିକ୍ତ ଲୁପ୍ ଲାଇନ ଯୋଗାଇବା ସହିତ ରାହାମା-ପାରାଦୀପ ସେକ୍ସନ ମଧ୍ୟରେ ଅଟୋ-ସିଗ୍ନାଲିଂ ସିଷ୍ଟମକୁ କାର୍ଯ୍ୟକାରୀ ହେବ। ଏଥିପାଇଁ ସାମୟିକ ଭାବେ ଅର୍ଥାତ୍ ଅଗଷ୍ଟ ୧୬ରୁ ୨୦ ପର୍ଯ୍ୟନ୍ତ ୨ ଟ୍ରେନ୍ ବାତିଲ ରହିବ। ୬୮୪୩୫/୬୮୪୩୬ କଟକ-ପାରାଦୀପ-କଟକ ମେମୁ ପାସେଞ୍ଜର ଟ୍ରେନ ଏବଂ ୫୮୪୦୫/୫୮୪୦୫ କଟକ-ପାରାଦୀପ-କଟକ ପାସେଞ୍ଜର ଟ୍ରେନ ଉଭୟ ଦିଗରୁ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ହସ୍ପିଟାଲରେ ନବୀନ



ଭୁବନେଶ୍ୱର,୧୭।୮ (ରବିନାରାୟଣ ଜେନା)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଣି ଥରେ ଅସୁସ୍ଥ ହୋଇପଡ଼ିଛନ୍ତି। ବାର୍ଦ୍ଧକ୍ୟ ଏବଂ ଡିହାଇଡ୍ରେଶନଜନିତ ଅସୁସ୍ଥତା ପାଇଁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ସନ୍ଧ୍ୟା ପ୍ରାୟ ୫ଟା ୧୫ ମିନିଟ୍‌ରେ ଭର୍ତ୍ତି କରାଯାଇଛି। ସମ୍ ଅଲ୍‌ଟିମେଟ୍‌ରେ ଡାକ୍ତର ଆଲୋକ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ନବୀନଙ୍କ ଚିକିତ୍ସା କରୁଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ସନ୍ଧ୍ୟାରେ ନବୀନ ଡିହାଇଡ୍ରେଶନ ଜନିତ ଅସୁସ୍ଥତା ଅନୁଭବ କରିଥିଲେ। ପ୍ରଥମେ ଏକ ଡାକ୍ତରୀ ଦଳ ନବୀନ ନିବାସରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ। ହେଲେ ଅଧିକ ପରୀକ୍ଷାନିରୀକ୍ଷା କରିବା ଲାଗି ହସ୍ପିଟାଲ୍ ଆଣିବା ପାଇଁ ପରାମର୍ଶ ଦେବା ପରେ ସେ ସମ୍ ଅଲ୍ଟିମେଟ୍ ହସ୍ପିଟାଲ ଯାଇଥିଲେ।

ଉଲ୍ଲେଖଯୋଗ୍ୟ, ଜୁନ୍ ୨୦ରେ ନବୀନ ପଟ୍ଟନାୟକ ସର୍ଭାଇକାଲ ଆର୍ଥ୍ରାଇଟିସ୍ ଅପରେଶନ ପାଇଁ ମୁମ୍ବାଇର ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୨ରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସେଠାରେ ୨୧ ଦିନ ରହିବା ପରେ ସୁସ୍ଥ ହୋଇ ଜୁଲାଇ ୧୨ରେ ଭୁବନେଶ୍ୱର ଫେରିଥିଲେ। ସେବେଠାରୁ ନବୀନ ନିବାସରେ ସେ ରହିବା ସହିତ ଦଳୀୟ ନେତୃବୃନ୍ଦଙ୍କ ସହିତ କମ୍ ସାକ୍ଷାତ ଆଲୋଚନା କରୁଥିବା ଜଣାଯାଇଛି। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ନେଇ ଦଳର ବରିଷ୍ଠ ନେତା ତଥା ବିଧାୟକ ପ୍ରତାପ ଦେବ କହିଛନ୍ତି, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ସେ ଖୁବ୍‌ଶୀଘ୍ର ଭଲ ହୋଇଯାଆନ୍ତୁ। ଏହାସହିତ ତାଙ୍କ ପ୍ରତି ରାଜ୍ୟବାସୀଙ୍କ ଆଶୀର୍ବାଦ ରହିଛି।

### ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦ୍ରୁତ ଆରୋଗ୍ୟ କାମନା କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।

## ଦୁଇଦିନ ଅସୁସ୍ଥତା ?

ଭୁବନେଶ୍ୱର, ୧୭।୮ (ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ସେ ରବିବାର ସନ୍ଧ୍ୟାରୁ ସ୍ଥାନୀୟ ସମ୍ ଅଲ୍ଟିମେଟ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନବୀନଙ୍କ ଅସୁସ୍ଥତା ସମ୍ପର୍କରେ ଖବର ପାଇ ଉକ୍ତ ଘରୋଇ ହସ୍ପିଟାଲରେ ଦଳୀୟ ନେତାଙ୍କ ପ୍ରବଳ ଭିଡ଼ ଜମିଥିଲା। ସେହି ହସ୍ପିଟାଲର ତୃତୀୟ ମହଲାରେ ନବୀନ ଚିକିତ୍ସାଧୀନ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ପାଇଁ ଦ୍ୱିତୀୟ ମହଲାରେ ବିଜେଡିର ବହୁ ବରିଷ୍ଠ ନେତା ବସି ରହିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣ ବରିଷ୍ଠ ନେତାଙ୍କ ସୂଚନା ମୁତାବକ, ରାତି ପ୍ରାୟ ୭ଟା ୩୦ରେ ସୁଜାତା କାର୍ତ୍ତିକେୟନ କେତେଜଣ ଡାକ୍ତରଙ୍କ ସହିତ ତୃତୀୟ ମହଲା ଆଡ଼କୁ ଯିବା ସମୟରେ ଦ୍ୱିତୀୟ ମହଲାରେ ଉପସ୍ଥିତ ବହୁ ନେତା ଠିଆହୋଇ ତାଙ୍କୁ ନମସ୍କାର କରିଥିଲେ। ହେଲେ ଦଳର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୁଜାତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଯଦି ନବୀନବାବୁଙ୍କ ଦେହ ଦୁଇଦିନ ହେଲା ଖରାପ ଥିଲା, ତେବେ ତାଙ୍କୁ କାହିଁକି ଏତେ ବିଳମ୍ବରେ ହସ୍ପିଟାଲକୁ ଅଣାଗଲା। ଏ ସମ୍ପର୍କରେ ଦଳର ଅନ୍ୟ ନେତାମାନଙ୍କୁ କାହିଁକି ଖବର ଦିଆଗଲା ନାହିଁ। କ'ଣ ଏଠାରେ ଚାଲିଛି ବୋଲି ରଣେନ୍ଦ୍ର ପ୍ରଶ୍ନ ଉଠାଇଥିଲେ। ରଣେନ୍ଦ୍ରଙ୍କ ପ୍ରଶ୍ନର କୌଣସି ଉତ୍ତର ନ ଦେଇ ସୁଜାତା ତୃତୀୟ ମହଲା ଆଡ଼କୁ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ହସ୍ପିଟାଲର ତୃତୀୟ ମହଲାରେ ପହଞ୍ଚି ନବୀନଙ୍କୁ ଦେଖିବାକୁ ଚାହିଁଥିଲେ। ହେଲେ ତାଙ୍କୁ ସୁଯୋଗ ଦିଆଯାଇ ନ ଥିଲା। ଏହାପରେ ସେଠାରେ ଭି. କାର୍ତ୍ତିକେୟନ ପାଣ୍ଡିଆନ ପହଞ୍ଚି ସାକ୍ଷାତ୍ ହୋଇପାରିବ ନାହିଁ ବୋଲି କହିବାରୁ କିଛିସମୟ ଯୁକ୍ତିତର୍କ ହୋଇଥିବା ଜଣାପଡ଼ିଛି। ଏହାପରେ ପାଣ୍ଡିଆନ ରାଗ ତମତମ ହୋଇ ତୃତୀୟ ମହଲାରୁ ଆସି ଦ୍ୱିତୀୟ ମହଲାରେ ପହଞ୍ଚିଥିଲେ। ସେ 'ଆଇ ଆମ୍ ଡାଉନ୍, ନଟ୍ ଆଉଟ୍' କହିବା ସହ ଗୋଟାଏ ମିନିଟ୍‌ରେ ଦଳରୁ ସସ୍‌ପେଣ୍ଡ କରିଦେବି ବୋଲି ପରୋକ୍ଷରେ ରଣେନ୍ଦ୍ରଙ୍କୁ ଇଙ୍ଗିତ କରି ଚାଲିଯାଇଥିବା ସେଠି ଉପସ୍ଥିତ ଅନ୍ୟ କେତେଜଣ ନେତା ଧରିତ୍ରୀକୁ ଜଣାଇଛନ୍ତି।

## ଅବପାତର ରୂପ ନେବ ଲଘୁଚାପ

ଭୁବନେଶ୍ୱର,୧୭।୮ (ଅନୁରାଧା ମହାରଣା)

ପଶ୍ଚିମକେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ତତ୍‌ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳ ସମୁଦ୍ର ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ସାରାଦିନ ବର୍ଷା ଲାଗିରହିଛି। ତେବେ ଏହି ଲଘୁଚାପ ସୋମବାର ଅବପାତର ରୂପ ନେବା ପରେ ବର୍ଷା ପରିମାଣ ଓ ବିସ୍ତୃତି ବଢ଼ିପାରେ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ସୋମବାର କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ଗଜପତି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବାବେଳେ ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ବଜ୍ରପାତ ପାଇଁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୧୯ ତାରିଖ ସକାଳୁ ବର୍ଷା ପରିମାଣ ବଢ଼ିପାରେ। ଏଥିପାଇଁ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରକୁ ରେଡ୍ ୱାର୍ନିଂ ଓ ରାୟଗଡ଼ା, ଗଜପତି ଓ କଳାହାଣ୍ଡିକୁ ଅରେଞ୍ଜ ୱାର୍ନିଂ ରହିଛି।



ସେହିପରି ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ ନବରଙ୍ଗପୁରକୁ ୟେଲୋ ୱାର୍ନିଂ ଦିଆଯାଇଛି। ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜିବୀମାନେ ଉପକୂଳ, ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହିତ ଗଭୀର ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।




## ଜି-୨୦ ଯୁବ ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବେ ଓମ୍ ପ୍ରିୟଦର୍ଶୀ



ଭୁବନେଶ୍ୱର/ଖୋର୍ଦ୍ଧା,୧୭।୮ (ବନ୍ଦନା ସେଠୀ/ପ୍ରଭାତ ପାଣିଗ୍ରାହୀ)

ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ଅଗଷ୍ଟ ୧୮ରୁ ୨୨ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜି-୨୦ ଯୁବ ସମ୍ମିଳନୀରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ ଖୋର୍ଦ୍ଧାରେ ଜନ୍ମିତ ଓଡ଼ିଆ ପୁଅ ଓମ୍ ପ୍ରିୟଦର୍ଶୀ ଛୋଟରାୟ। ତାଙ୍କୁ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଭାବେ ମନୋନୀତ କରାଯାଇଛି। ସେ ଭାରତ ସରକାରଙ୍କ ପ୍ରତିନିଧି ଭାବେ ବିଶ୍ୱର ୨୦ଟି ଦେଶ ସମ୍ମୁଖରେ ଦେଶର ଅର୍ଥନୀତି, ପରିବେଶ ସୁରକ୍ଷା ଓ ଯୁବ ବ୍ୟାପାର ସମ୍ବନ୍ଧୀୟ ବିଭିନ୍ନ ନୀତିକୁ ନେଇ ତଥ୍ୟ ରଖିବେ। ବୈଶ୍ୱିକ ସମସ୍ୟାରେ ଭାରତର ଅଭିମତକୁ ନେଇ ଚର୍ଚ୍ଚା ସହ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ସାକ୍ଷାତ କରି ଭାରତର ସ୍ୱାର୍ଥ ନିହିତ ବିଷୟରେ ଆଲୋଚନା କରିବେ। ପୂର୍ବରୁ ବ୍ରିକ୍ସ, ୟୁନେସ୍କୋ, ବିଶ୍ୱ ପରିବେଶ ସମ୍ମିଳନୀ, କମନୱେଲ୍‌ଥ ଭଳି ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିନିଧିତ୍ୱ କରିଥିବା ଓମ୍ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟରେ ପରାମର୍ଶଦାତା ଅଛନ୍ତି। ଏଥର ଅନ୍ତର୍ଜାତୀୟ ସ୍ତରରେ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ ଆଲୋଚନାର ମୂଳ ଆଧାର ରହିବ ବୋଲି ଓମ୍ କହିଛନ୍ତି।

# ନାଳିରେ ୭୩ ମଇଁଷିଙ୍କ ମୃତ୍ୟୁ

## କୁମ୍ଭୀର ଆକ୍ରମଣ ନା ବିଷକ୍ରିୟାକୁ ନେଇ ସନ୍ଦେହ

ଆଳି/ରାଜନଗର,୧୭।୮ (ବନମାଳୀ ସେନାପତି/ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଏକମାଣିଆ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ୩ ଗୋପାଳଙ୍କ ୭୩ ମଇଁଷିଙ୍କ ବ୍ରାହ୍ମଣୀ ନଦୀ ଶାଖା ଦକ୍ଷିଣଡିହା ଗଳିଆ ପାଣି ନାଳିରେ ମୃତ୍ୟୁ ଘଟିଛି। କୁମ୍ଭୀର ଆକ୍ରମଣ ନା ଚିଙ୍ଗୁଡ଼ିଘେରିର ରାସାୟନିକ ପାଣି ଯୋଗୁ ବିଷକ୍ରିୟାରେ ମୃତ୍ୟୁ ଘଟିଛି ତାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି।

ରବିବାର ସକାଳ ପ୍ରାୟ ୮ଟାରେ ଏକମାଣିଆ ଗାଁର ଗଣେଶ ଦାସ, ଜଗନ୍ନାଥ ଦାସ ଓ ପରମାନନ୍ଦ ବିଶ୍ୱାଳଙ୍କ ୮୮ ମଇଁଷି ଗଳିଆ ନାଳି ପାଖରେ ବନ୍ଧା ହୋଇଥିଲେ। ମଇଁଷିମାନଙ୍କୁ ଖାଇବାକୁ ଦିଆଯିବା ସହ କ୍ଷୀରଦୁହାଁ ଯିବା ପରେ ଚରିବା ପାଇଁ ପଘା ଖୋଲା ଯାଇଥିଲା। ଗଳିଆ ନାଳି ପାର ହୋଇ ଚରି ଚରି ଆଗକୁ ମଇଁଷି ସବୁ ଯାଉଥିଲେ। ନାଳିଟି ଗହୀରିଆ ଓ ଅଣଓସାରିଆ ଥିବାରୁ କୁମ୍ଭୀର ଆକ୍ରମଣ ନା ବିଷକ୍ରିୟା ଯୋଗୁ ମଇଁଷିମାନେ ଛନ୍ଦାଛନ୍ଦି ହୋଇ ପାଣିରେ ବୁଡ଼ି ଯାଇଥିଲେ। ଗୋପାଳକ ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେବା ପରେ ୨ଟି ଡଙ୍ଗା ନେଇ ନାଳି ମଧ୍ୟରେ ଖୋଜାଖୋଜି କରି ୭୩ ମଇଁଷିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗଣେଶ ଦାସଙ୍କ ୪୦, ଜଗନ୍ନାଥ ଦାସଙ୍କ ୧୭ ଓ ପରମାନନ୍ଦ ବିଶ୍ୱାଳଙ୍କ ୧୬ ମଇଁଷିଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଅପରପକ୍ଷେ ଜଗନ୍ନାଥଙ୍କ ୩ଟି ଓ ପରମାନନ୍ଦଙ୍କର ୧୨ ମଇଁଷି ସୌଭାଗ୍ୟବଶତଃ ବଞ୍ଚି ଯାଇଛନ୍ତି। ରାଜ୍ୟରେ ଏଭଳି ଅଘଟଣ ପ୍ରଥମ ଥର ଘଟିଛି ବୋଲି ମଧ କୁହାଯାଉଛି।



ଗଳିଆ ନାଳିରୁ ମୃତ ମଇଁଷିଙ୍କୁ ଉଦ୍ଧାର କରାଯାଉଛି।

ଅନ୍ୟପକ୍ଷରେ ମଇଁଷି ନଦୀରେ ପହଁରି ଯାତାୟାତ କରିବା ସହ ଦୀର୍ଘ ସମୟ ପାଣିରେ ପଡ଼ି ରହିଥାନ୍ତି। କିନ୍ତୁ ଯେଉଁ ନାଳି ଦେଇ ସବୁଦିନ ମଇଁଷିମାନେ ଯାତାୟାତ କରନ୍ତି, ସେହି ନାଳିରେ ବୁଡ଼ି ମରିବା ଘଟଣା ଗୋପାଳକଙ୍କୁ ଆଶ୍ଚର୍ଯ୍ୟ କରିଛି। ମଇଁଷି ରଖି ପରିବାରର ଗୁଜୁରାଣ ମେଣ୍ଟାଉଥିବା ଏହି ପରିବାର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି। କ୍ଷୀର ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ଜୀବନ ବଞ୍ଚିଯାଇଛି ସତ, କିନ୍ତୁ ଜୀବିକା ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ଏ ନେଇ ୩ ଗୋପାଳକ ଓ ସରପଞ୍ଚ ଅହଲ୍ୟା ବିଶ୍ୱାଳ ରାଜନଗର ବନ ବିଭାଗ ନିକଟରେ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରି ଏକ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ଏଥିସହ ଆଳି ତହସିଲ, ଥାନା ଓ ପ୍ରାଣୀ ଚିକିତ୍ସାଳୟରେ ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜନଗର ବନପାଳ ବିଜୟ ପାତ୍ରଙ୍କୁ ପଚାରିବାରେ ଖବର ପାଇଛି। ସନ୍ଧ୍ୟାରେ ଘଟଣାସ୍ଥଳ ଯାଇ ତଦନ୍ତ ଆରମ୍ଭ କରିଛୁ। ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, କେନ୍ଦ୍ରାପଡ଼ା ଜିଲା ପ୍ରାଣୀ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋଜ ପଟ୍ଟନାୟକ, ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ମୃତ୍ୟୁର କାରଣ ଜଣାପଡ଼ିବା ପରେ ଡିଏଫ୍‌ଓଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ତାଙ୍କ ନିର୍ଦ୍ଦେଶକ୍ରମେ କ୍ଷତିଗ୍ରସ୍ତ ଗୋପାଳକଙ୍କୁ ସରକାରଙ୍କ ନିୟମ ଅନୁସାରେ ସହାୟତା ଦିଆଯିବ ବୋଲି ବନପାଳ ପାତ୍ର କହିଛନ୍ତି।




## ଲାଗୁ ହେଲା 'କର୍ମଚାରୀ ପରାମର୍ଶ ଯୋଜନା'

ଭୁବନେଶ୍ୱର,୧୭।୮ (ରବିନାରାୟଣ ଜେନା)

**ସୁଚିନ୍ତିତ ପରାମର୍ଶକୁ ପୁରସ୍କାର**

ପୂର୍ବ ସରକାର ପରାମର୍ଶଦାତାଙ୍କ ପିଛା ବିପୁଳ ଅର୍ଥ ଉଡ଼ାଉ ଥିବାବେଳେ ଭାଜପା ସରକାର ରାଜ୍ୟର ସରକାରୀ କର୍ମଚାରୀଙ୍କୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ସେମାନଙ୍କ ପରାମର୍ଶକୁ ଗ୍ରହଣ କରିବା ସହିତ ତା'ର ମୂଲ୍ୟାୟନ କରିବା ଏବଂ ଦୂରଦୃଷ୍ଟିସମ୍ପନ୍ନ ତଥା ସୁଚିନ୍ତିତ ପରାମର୍ଶ ପାଇଁ ପୁରସ୍କାର ଭଳି ବ୍ୟବସ୍ଥା ଆପଣାଇଛନ୍ତି। ଗତ ୧୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ 'କର୍ମଚାରୀ ପରାମର୍ଶ ଯୋଜନା' କାର୍ଯ୍ୟକାରୀ କରାଯାଇଛି। ଏନେଇ ସାଧାରଣ ପ୍ରଶାସନବିଭାଗ ପକ୍ଷରୁ ଏକ ସରକାରୀ ନିର୍ଦ୍ଦେଶନାମା ଜାରିହୋଇଛି। ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହିତ ଦୂରଦୃଷ୍ଟିସମ୍ପନ୍ନ ପରାମର୍ଶକୁ ଗ୍ରହଣ କରି କାର୍ଯ୍ୟରେ ପରିଣତ କରିବା ଏହି ଯୋଜନାର ଆଭିମୁଖ୍ୟ ରହିବ। ଏପରି କି ଯେକୌଣସି ବିଭାଗର କର୍ମଚାରୀ ଅନ୍ୟ ବିଭାଗର କାର୍ଯ୍ୟକାରିତା ନେଇ ପରାମର୍ଶ ଦେବାକୁ ନିର୍ଦ୍ଦେଶନାମାରେ ରହିଛି। ଏନେଇ ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ (ସିଏମ୍‌ଜିଆଇ) ପକ୍ଷରୁ ଏକ ପୋର୍ଟାଲ କାର୍ଯ୍ୟକ୍ଷମ କରାଯାଇଛି, ଯାହା କି କର୍ମଚାରୀଙ୍କ ପରାମର୍ଶ ସମ୍ପର୍କିତ ତଥ୍ୟ ଗୋପନୀୟ ରହିବ।

ନିର୍ଦ୍ଦେଶନାମା ଅନୁଯାୟୀ, କର୍ମଚାରୀମାନେ ଏଚ୍‌ଆର୍‌ଏମ୍‌ଏସ୍ ଆଇଡି ଜରିଆରେ ପୋର୍ଟାଲକୁ ଯାଇ ତାଙ୍କର ପରାମର୍ଶ ଦେଇପାରିବେ, ଯାହାକି ଲୁକ୍କାୟିତ ରହିବ। କର୍ମଚାରୀ ନିଜର ମନ୍ତବ୍ୟ ଦେବା ସହିତ ପସନ୍ଦ କିମ୍ବା ଅପସନ୍ଦ, ଭୋଟ୍ ପରାମର୍ଶ ପ୍ରଭୃତି ଦେଇପାରିବେ। ଯଦି ଜଣେ କର୍ମଚାରୀଙ୍କ ପରାମର୍ଶକୁ ୧ହଜାର ପସନ୍ଦ ମିଳିଲା ତେବେ ତାକୁ ଅଦ୍ଭୁତ ପ୍ରସ୍ତାବ (ଏମର୍ଜିଙ୍ଗ ସଜେଶନ୍) ଭାବେ ଗ୍ରହଣ କରାଯିବ। ସମସ୍ତ ଏମର୍ଜିଙ୍ଗ ସଜେଶନ୍ ସ୍ୱୟଂକ୍ରିୟ ଭାବେ ବିଭାଗୀୟ ସମୀକ୍ଷା ହେବ। ଏଥିପାଇଁ ପ୍ରତ୍ୟେକ ବିଭାଗରେ ଗୋଟିଏ ଲେଖାଏ ପରାମର୍ଶ ମୂଲ୍ୟାୟନ କମିଟି ଗଠନ ହେବ। ସେଥିରେ ୫ରୁ ୭ଜଣ ବରିଷ୍ଠ ଅଧିକାରୀ ରହିବେ ଏବଂ ଜଣେ କ୍ଷେତ୍ରୀୟ ଅଧିକାରୀ ରହିବେ ; ଯେଉଁମାନେ କି ଯୁଗ୍ମ ସଚିବ ପାହ୍ୟାର ହୋଇଥିବେ। ଯଦି ଅନ୍ୟ କୌଣସି ବିଭାଗର କର୍ମଚାରୀ ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି ତାକୁ ମଧ୍ୟ ମୂଲ୍ୟାୟନ କମିଟି ସମୀକ୍ଷା କରି ସରକାରଙ୍କୁ ଅବଗତ କରାଇବ। ଯଦି କର୍ମଚାରୀଙ୍କ ପରାମର୍ଶ ବା ପ୍ରସ୍ତାବ ସ୍ୱାଗତଯୋଗ୍ୟ ବୋଲି ପ୍ରମାଣିତ ହେଲା, ତେବେ ତାଙ୍କୁ ପୁରସ୍କୃତ କରାଯିବ।



**ଆଜିର ମନ୍ତବ୍ୟ**

ଭାରତ-ପାକିସ୍ତାନ ମଧ୍ୟରେ ଜାରି ରହିଥିବା ଅସ୍ତ୍ରବିରତିର ସ୍ଥାୟିତ୍ୱ ନ ଥିବାରୁ ଉଭୟ ଦେଶ ଉପରେ ଆମେରିକା ପ୍ରତିଦିନ ନଜର ରଖିଛି।
-ମାର୍କୋ ରୁବିଓ, ଆମେରିକା ପରରାଷ୍ଟ୍ର ସଚିବ

# ନିର୍ମାଣରେ ବିଳମ୍ୱ ହେଲେ ଅଧିକାରୀଙ୍କ ଦରମା କାଟ୍

ଭୁବନେଶ୍ୱର,୧୭।୮ (ରବିନାରାୟଣ ଜେନା)

ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବିଳମ୍ୱ ହେଲେ ଏଣିକି ଅଧିକାରୀଙ୍କ ଦରମା କାଟ୍ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ଅବସରରେ ମନ୍ତ୍ରୀ କହିଥିଲେ, ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତ୍ୟେକ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ଦରକାର। ଏହାସହିତ ନିର୍ମାଣ ବେଳେ ଉନ୍ନତମାନକୁ ବଜାୟ ରଖି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ହେବ। ନଚେତ୍ ଅଧିକାରୀଙ୍କ ଦରମା ବନ୍ଦ ଓ କାଟ୍ ହେବ ବୋଲି ମନ୍ତ୍ରୀ ତାଗିଦ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ମାସିକ ନିର୍ମାଣ ଲକ୍ଷ୍ୟ ସ୍ଥିରୀକୃତ କରାଯିବା ସହ ସେଗୁଡ଼ିକର ମନିଟରିଂ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ଯେଉଁ ପ୍ରକଳ୍ପଗୁଡ଼ିକର ନିର୍ମାଣ ବିଳମ୍ବିତ ଅବସ୍ଥାରେ ରହିଛି ସେଗୁଡ଼ିକର ସ୍ଥିତି ସମୀକ୍ଷା କରିବା ପାଇଁ ଏକ କ୍ଷେତ୍ରୀୟ ଟିମ୍ ଗଠନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟର ସମସ୍ତ ୬୦ଟି ଗ୍ରାମ୍ୟ ନିର୍ମାଣ ବିଭାଜନର କାର୍ଯ୍ୟକୁ ମନ୍ତ୍ରୀ ସମୀକ୍ଷା କରିଥିଲେ। ପିଏମ୍‌ଜିଏସ୍‌ୱାଇ-୪ରେ ରାଜ୍ୟ ଜାତୀୟସ୍ତରରେ ଉନ୍ନତ ପ୍ରଦର୍ଶନ କରିଥିବାରୁ ବିଭାଗର ସମସ୍ତଙ୍କୁ ମନ୍ତ୍ରୀ ନାଏକ ଅଭିନନ୍ଦନ ଜଣାଇଥିଲେ। ଏହି ଯୋଜନାରେ କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲାରେ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇଥିବାରୁ ମନ୍ତ୍ରୀ ପ୍ରସନ୍ନତା ବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୫୨୧ଟି ପ୍ରକଳ୍ପରେ ନିର୍ମାଣ ହେବାକୁ ଥିବା ୫୦୦୦ କିମି ରାସ୍ତା, ସେତୁ ବନ୍ଧନ ଯୋଜନାରେ ୪୦୦ ସେତୁ ଓ ୨୫୩ଟି କୋଠାର ନିର୍ମାଣ ଅଗ୍ରଗତି ବିଷୟରେ ମନ୍ତ୍ରୀ ସବିଶେଷ ସମୀକ୍ଷା କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ହେଉଛି ଗ୍ରାମାଞ୍ଚଳର ଜନସାଧାରଣଙ୍କ ଜନଜୀବନକୁ ପ୍ରଭାବିତ କରୁଥିବା ବିଭାଗ। ୫ବର୍ଷ ମଧ୍ୟରେ ୩୦ହଜାର କିମି ରାସ୍ତା, ୫୦୦ ସେତୁର ନିର୍ମାଣ ଲକ୍ଷ୍ୟକୁ ବିଭାଗ ଯେପରି ସଫଳତାର ସହ ହାସଲ କରିବ ତାହା ସମସ୍ତଙ୍କ ଦାୟିତ୍ୱ। ଏହା ରାଜ୍ୟର ବିକାଶକୁ ବହୁଗୁଣିତ କରିବା ସହ ବିକଶିତ ଓଡ଼ିଶା ଗଠନରେ ପ୍ରଭାବୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ନାଏକ ପ୍ରକାଶ କରିଥିଲେ। ଏହି ବୈଠକରେ ବିଭାଗୀୟ ସଚିବ ଯାମିନୀ ଷଡ଼ଙ୍ଗୀ ଓ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର ହେବେ ଦିଦାୟୀ ଯୁବତୀ ଚମ୍ପା

ମାଲକାନଗିରି,୧୭।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ଆଦିବାସୀ ଦିଦାୟୀ ଯୁବତୀ ଡାକ୍ତର ହେବେ। ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପଢ଼ିବା ଲାଗି ବିବେଚିତ ହୋଇଛନ୍ତି। ସେ ହେଲେ ଖଇରପୁଟ ବ୍ଲକ ନାକାମାମୁଡି ପଞ୍ଚାୟତ ଆମ୍ଲିବେଡା ଗ୍ରାମର ଚମ୍ପା ରାସପେଦା। ଏହା ଜଣାପଡିବା ପରେ ଚମ୍ପାଙ୍କୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଶୁଭେଚ୍ଛା ଜଣାଇଛନ୍ତି। ଚମ୍ପା ପ୍ରଥମ ଉଦ୍ୟମରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ଯୋଗୁ ଏହି ସଫଳତା ହାସଲ କରିଥିବା ସେ କହିଛନ୍ତି। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ସେ ଡାକ୍ତରୀ ପଢିବେ। ତାଙ୍କର ଏହି ସଫଳତା ନିଶ୍ଚୟ ଅନ୍ୟ ଯୁବତୀ ଯୁବକ ଓ ଆଦିବାସୀ ଝିଅମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଜିଲାପାଳ କହିଛନ୍ତି। ଆଦିମ ଦିଦାୟୀ ଜନଜାତିର ପ୍ରଥମ ଯୁବତୀ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ବାପା ଲାଛମୁ ରାସପେଦା ଜଣେ ଗରିବ ଚାଷୀ। ଚମ୍ପା ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରୁ ୨୦୧୯ରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଗୋବିନ୍ଦପାଲ୍ଲୀ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କର ସଫଳତା ପାଇଁ ବଡବେଲ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଉତ୍କଳ କେଶରୀ ଦାସଙ୍କୁ ସେ ଶ୍ରେୟ ଦେଇଛନ୍ତି। ଯୁକ୍ତ ୨ ପରେ ଶିକ୍ଷକ ତାଙ୍କ ଭଉଣୀଙ୍କ ପାଖରେ ରଖି ନିଜ ଅର୍ଥରେ ବାଲେଶ୍ୱରର ଏକ କୋଚିଂ ସେଣ୍ଟରରେ ତାଲିମ ନେବା ପାଇଁ ସହଯୋଗ କରିଥିଲେ। ଜିଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ତାଙ୍କ ସଫଳତାରେ ଶୁଭେଚ୍ଛା ଜଣାଇଛନ୍ତି।

**ଶୁଭେଚ୍ଛା ଜଣାଇଲେ ଜିଲାପାଳ**


ଚମ୍ପା ରାସପେଦା

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହାକୁ ମାରେ ଗୁରୁ ଗୋଇଠା**
**ଅନ୍ଧାର ଘରେ ଜଳେ ବଇଠା।**

ପୁରାଣ ଯୁଗରୁ ଗୁରୁ-ଶିଷ୍ୟ ପରମ୍ପରାର ଅନେକ ଉଦାହରଣ ରହିଛି। ଗୁରୁଙ୍କ ମାର୍ଗଦର୍ଶନରେ ଶିଷ୍ୟ ଶ୍ରେଷ୍ଠତା ଲାଭ କରିଥାଏ। ଗୁରୁଙ୍କ ଆଦେଶରେ ସବୁ ବାଧାବିଘ୍ନକୁ ଅତିକ୍ରମ କରି ଶିଷ୍ୟ ନିଜର ପାରଦର୍ଶିତା ଦେଖାଇଥାଏ। ଏପରିସ୍ଥଳେ ଗୁରୁ ବା ଶିକ୍ଷକଙ୍କ ଶାସନ ମାନି ଚଳିଥିବା ଛାତ୍ର ଭବିଷ୍ୟତ ଜୀବନରେ ଉନ୍ନତି କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଯେ ପକ୍ଷୀ ଉଡ଼େ ଯେତେ ଦୂର,**
**ସେ ଜାଣେ ତହିଁର ବେଭାର।**

ବହୁଦର୍ଶୀ ବ୍ୟକ୍ତିର ଅଭିଜ୍ଞତା। ଅଭିଜ୍ଞତାନୁସାରେ ଜ୍ଞାନାର୍ଜନ। ଅଭିଜ୍ଞତା ମଣିଷକୁ ଜ୍ଞାନୀ କରାଏ। ଯେ ଯେତେ ଅଭିଜ୍ଞ ସେ ସେତେ ବିଜ୍ଞ ଭାବେ ପରିଗଣିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏଆଇସିସିଟିୟୁ ଓ ଏଆଇଏମ୍‌ଏସ୍‌ଡବ୍ଲ୍ୟୁଏଫ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ଆଲୋଚନା ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ ଟା।
- ସୃଜନୀର ୩୯ତମ ବାର୍ଷିକ ଉତ୍ସବ, ପ୍ରତିଭା ସମ୍ମାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ ଟା।

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବୟନ ଶିଳ୍ପ ବିଭାଗ ନିର୍ଦ୍ଦେଶକ ଓଡ଼ିଶା ଓ କଟକ ଜିଲାପାଳଙ୍କ ହସ୍ତତନ୍ତ ଗ୍ରାମ ନୂଆପାଟଣା ପରିଦର୍ଶନ ଏବଂ ସମୀକ୍ଷା, ସ୍ଥାନ: ନଂ ୧. ନୂଆପାଟଣା ବୁଣାକାର ସମିତି ପରିସର, ସମୟ: ଅପରାହ୍ନ ୩ଟା।

## ପୁରୀ

- ବିଶ୍ୱ ଫୋଟୋଗ୍ରାଫି ଦିବସ ଅବସର ରେ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ବେଳାଭୂମି, ସମୟ: ସକାଳ ୭ଟା।
- ଏନ୍‌ଆଇସି କମ୍ପ୍ୟୁଟର ଏଜୁକେଶନ ଓ ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଭାଗ୍ୟବତୀ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ: ଢୁଢୁୱାଲା ଧର୍ମଶାଳା, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମନ୍ଦିରରେ ଜନ୍ମନୀତି ଅବସରରେ ମହାପ୍ରଭୁଙ୍କ ବଣଭୋଜି ବେଶ, କୋଳିବିକା ନୀତି, ବକାସୁର ଓ ଅର୍ଘାସୁର ବଧ ନୀତି, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୫ଟା।

## ଖୋର୍ଦ୍ଧା

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତମାଣ୍ଡୋ, ସମୟ: ପୂର୍ବାହ୍ନ ୧୦ଟା।
- ଶରଧାପୁର ଫୁଟବଲ ଲିଗ୍‌ର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- କଂଗ୍ରେସ ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ବାଲିଆପାଳ, ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ୍ ପରିସର, ସିମୁଳିଆ,ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ବଡ଼ ପାଟଣା ସରପଞ୍ଚଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ବଡ଼ ପାଟଣା ପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆସ ସ୍କୁଲ ଯିବା ଅଭିଯାନ ରାଲି, ସ୍ଥାନ: ଦାନ୍ତିଆମୁହାଁ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଶକ୍ତିଶ୍ରୀ ତାଲିମ ଶିବିର,ସ୍ଥାନ: ସିଟି କଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।

## କନ୍ଧମାଳ

- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜି.ଉଦୟଗିରି ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବହ୍ନ ୧୦ଟା।
- ଯୁବ ଜାଗୃତି ଅଭିଯାନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫୁଲବାଣୀ ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଯୁବ ଜାଗୃତି ଅଭିଯାନ ସଚେତନତା କାର୍ଯ୍ୟକ୍ରମ, ଫୁଲବାଣୀ ବିଏଡ୍ କଲେଜ, ସମୟ: ଅପରାହ୍ନ ୩ ଟା।

## ଗଜପତି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଆର୍.ଉଦୟଗିରି, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ଜଗତ୍‌ସିଂହପୁର

- ଏସ୍‌କେ ଏକାଡେମୀ ଖେଳପଡ଼ିଆରେ ବେଆଇନ ବିଦ୍ୟୁତ ଖୁଣ୍ଟ ଓ ତାର ଟଣାଯିବା ବିରୋଧରେ ପ୍ରତିବାଦ, ସ୍ଥାନ: ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ, ଜଗତ୍‌ସିଂହପୁର, ସମୟ: ସକାଳ ୯ଟା।
- ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ନନ୍ଦୋତ୍ସବ, ସ୍ଥାନ: ଆୟେବା ଓ କଂସାର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପକ୍ଷୋଟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ, ସମୟ: ଅପରାହ୍ନ ୩ଟା।
- ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ଷଷ୍ଠ ଦିବସରେ ପୂର୍ଣ୍ଣାହୁତି, ସମୟ: ଅପରାହ୍ନ ୪ଟା, ପାରାୟଣ ସମୟ:ସକାଳ ୭ଟା, ପ୍ରବଚନ ସମୟ: ସନ୍ଧ୍ୟା ସାଢ଼େ ୭ଟା, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ : ରାଇଘର ବ୍ଲକ୍ ଅଫିସ୍ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ଓଡ଼ିଶା ଅମଲା ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସଭାଗୃହ, ଜୟପୁର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ଲମତାପୁଟ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାର ଶୁଭାରମ୍ଭ, ସ୍ଥାନ:ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।

## ବଲାଙ୍ଗୀର

- କଣ୍ଟାବାଞ୍ଜି ବ୍ରାହ୍ମଣ ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତଭଣ୍ଡାର, କଣ୍ଟାବାଞ୍ଜି, ସମୟ : ସକାଳ ୯ଟାରୁ
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ମନସା ଦେବୀ ପୂଜା ଶୁଭାରମ୍ଭ ଓ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୬ ଲୁଆକେରା ବସ୍ତି, ସମୟ: ସକାଳ ୯ଟା।
- କଳ୍ପତରୁ ଆଶ୍ରମ ପରିସରରେ ବୃକ୍ଷରୋପଣ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଗଜାନନ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା ସତ୍ୟନାରାୟଣ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟ ବର୍ଷା କବିତା ଆସର, ସ୍ଥାନ: ଶ୍ରୀଧର ସ୍ମୃତି କେନ୍ଦ୍ର, ଜେଲ୍ ରୋଡ୍, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ବଡଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଅତାବିରା,ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡ଼ିର କୃଷକ ବିକ୍ଷୋଭ,ସ୍ଥାନ:ବରଗଡ଼ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କଲମପୁର ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- କଳା ଉତ୍ସବ, ସଂକୁଳସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ମେଗା ରକ୍ତଦାନ ଶିବିର, ସ୍ଥାନ: ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ଦହ୍ୟା, ବୌଦ୍ଧ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ ଲୁଲଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ମେଘଲା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୯ରେ ତରଭା ବନ୍ଦ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘର ଧାରଣା ୮ମ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋମନା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ବ୍ରଜରାଜନଗର ନଗର ପୌର ପରିଷଦରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ରଜରାଜନଗର ପୌର ପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ନାରାୟଣ କଲେଜର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: କଲେଜ କନ୍‌ଫେରେନ୍ସ ହଲ୍, ସମୟ: ପୂର୍ବାହ୍ନ ୧୦ଟା।

**ପ୍ରଥମ ପୃଷ୍ଠାରୁ...**

## କଠୁଆରେ ବାଦଲଫଟା ...

ହୋଇଥିବାବେଳେ କଠୁଆ ଥାନା ମଧ୍ୟ ପ୍ରଭାବିତ ହୋଇଛି। ଘଟଣାସ୍ଥଳରେ ପୋଲିସ ଡିଆଇଜି ଶିବକୁମାର ଶର୍ମା ଓ ତାଙ୍କ ଟିମ୍ ଉପସ୍ଥିତ ରହିଥିବାବେଳେ କେନ୍ଦ୍ରମନ୍ତ୍ରୀ ତାଙ୍କ ସହ ନିୟମିତ ଯୋଗାଯୋଗରେ ଥିବା କହିଛନ୍ତି।

ସୋସିଆଲ ମିଡିଆରେ ପ୍ରସାରିତ ଭିଡିଓରେ ୨ଟି କଚ୍ଚାଘର ଭାଙ୍ଗିଯାଇଥିବା ଏବଂ ମାଟି, ପଥରରେ ଅଧା ପୋତିହୋଇ ପଡ଼ିଥିବା ଜଣେ ବାଳିକାଙ୍କୁ ଉଦ୍ଧାର କରିବାକୁ ଲୋକେ ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଭୂସ୍ଖଳନ ଘଟି କଠୁଆ ଥାନା ଅନ୍ତର୍ଗତ ଚଙ୍ଗଡା ଗ୍ରାମ ଏବଂ ଲଖନପୁର ଥାନା ଅଧୀନ ଦିଲ୍‌ୱାନ-ହୁଟ୍‌ଲି କ୍ଷତିଗ୍ରସ୍ତ ହୋଇଛି। ଜିଲା ପ୍ରଶାସନ ସ୍ଥିତି ଉପରେ ନଜର ରଖିଥିବାବେଳେ ନଦୀକୂଳବର୍ତ୍ତୀ ଲୋକମାନେ ସେମାନଙ୍କ ସୁରକ୍ଷା ପାଇଁ ଅନ୍ୟତ୍ର ପଳାଇଯିବାକୁ ପରାମର୍ଶ ଦେଇଛି। କଠୁଆ ପୋଲିସ ମଧ୍ୟ ପାହାଡ଼ିଆ ଅଞ୍ଚଳର ଲୋକମାନଙ୍କୁ ଘରେ ରହିବା ପାଇଁ ସତର୍କ କରାଇଛି। ବର୍ଷା ଯୋଗୁ ଜମ୍ମୁ-ପଠାନକୋଟ୍ ରେଳ ଲାଇନରେ ଟ୍ରେନ୍‌ସେବା ବାଧାପ୍ରାପ୍ତ ହୋଇଛି। ଲୋକାଲ ଟ୍ରେନ୍‌ଗୁଡ଼ିକୁ ବାତିଲ କରାଯିବା ସହ କେତେକର ଯାତ୍ରାପଥକୁ ହ୍ରାସ କରାଯାଇଛି। କଠୁଆ ବର୍ଷା ସ୍ଥିତି ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ଆଲୋଚନା କରି ସମସ୍ତ ସହାୟତା ଯୋଗାଇଦେବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।ସୂଚନାଯୋଗ୍ୟ, ଗତ ୧୪ ତାରିଖରେ କିସ୍ତୱାର ଜିଲାର ଚିସୋଟି ଗ୍ରାମରେ ବାଦଲଫଟା ବର୍ଷାଜନିତ ହଠାତ୍ ବନ୍ୟା ଆସିବାରୁ ୬୫ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଥିଲେ।

## ପିଲା ଜନ୍ମ ଦେବ ...

ମଧ୍ୟରେ ଭ୍ରୂଣ ବିକଶିତ ହୋଇପାରିବ। ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସରୋଗେଟ୍‌ଶରୀରରେ କୃତ୍ରିମ ଆମ୍ନିଓଟିକ୍ ଫ୍ଲୁଇଡ୍‌ରେ ପରିପୂର୍ଣ୍ଣ ଗର୍ଭାଶୟ ପରି ପରିବେଶରେ ଭ୍ରୂଣ ବିକଶିତ ହେବ। ଯଦି ଏହି ପ୍ରଯୁକ୍ତି ସଫଳ ହୁଏ, ତେବେ ଏହା ପ୍ରଜନନ ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ସହ ଚାଇନାରେ ବୃଦ୍ଧି ପାଉଥିବା ବନ୍ଧ୍ୟାତ୍ୱ ସମସ୍ୟାର ସମାଧାନ ଦିଗରେ ସହାୟକ ହେବ।

ଅନ୍ୟପକ୍ଷେ ଅନେକ ସମାଲୋଚକ ଏହି ପ୍ରଯୁକ୍ତିକୁ ସମସ୍ୟାପୂର୍ଣ୍ଣ ବୋଲି କହିଛନ୍ତି। ଏହି ପ୍ରକ୍ରିୟା ଭ୍ରୂଣକୁ ମାତୃତ୍ୱ ସମ୍ପର୍କରୁ ବଞ୍ଚିତ କରିବା ସହ ହରମୋନ୍ କ୍ଷରଣ ଭଳି ଜୈବିକ ପ୍ରକ୍ରିୟାକୁ ଅଣଦେଖା କରିବ। ଫଳରେ ଜନ୍ମ ନେଇଥିବା ଶିଶୁ ମାନସିକ ଭାବେ ଦୁର୍ବଳ ହେବାର ଆଶଙ୍କା ରହିବ। ଏହି ପ୍ରଯୁକ୍ତି ମହିଳାମାନଙ୍କର ଗୁରୁତ୍ୱକୁ ଶେଷ କରିବ ବୋଲି ଆମେରିକୀୟ ନାରୀବାଦୀ ଲେଖିକା ଆଣ୍ଡ୍ରିଆ ଡ୍ୱର୍କିନ ସତର୍କ କରାଇଛନ୍ତି। ତେବେ ଏପରି ପ୍ରଯୁକ୍ତି ମହିଳାଙ୍କୁ ପ୍ରସବର ବିପଦ ଏବଂ ବୋଝରୁ ମୁକ୍ତି ଦେଇପାରିବ ଏବଂ ପ୍ରଜନନ ଏବଂ ପରିବାର ଯୋଜନା କ୍ଷେତ୍ରରେ ନୂତନ ବିକଳ୍ପ ଖୋଲିପାରିବ ବୋଲି କେତେଜଣ ସପକ୍ଷବାଦୀ କହିଛନ୍ତି। ସମ୍ପ୍ରତି ଝାଙ୍ଗ୍ ଏହି ପ୍ରଯୁକ୍ତିର ବିଭିନ୍ନ ଆଇନଗତ ଦିଗକୁ ନେଇ ଚାଇନାର ଗୁଆଙ୍ଗ୍‌ଡୋଙ୍ଗ୍‌ର ପ୍ରାଦେଶିକ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

## ୭ ଦିନରେ ସତ୍ୟପାଠ ...

ରିଭିଜନ୍ (ଏସ୍‌ଆଇଆର୍)କୁ ସିଇସି ଯଥାର୍ଥ ଦର୍ଶାଇ କହିଛନ୍ତି, କେତେକ ଦଳ ଓ ନେତା ମିଥ୍ୟା ପ୍ରଚାର କରୁଛନ୍ତି। ଏଥିପାଇଁ ସେମାନେ ନିର୍ବାଚନ କମିଶନଙ୍କ କାନ୍ଧରୁ ଗୁଳି ଫୁଟାଉଛନ୍ତି। ବିହାରରେ ଚିଠା ଭୋଟର ତାଲିକା ଉପରେ କାହାରି କିଛି ଆପତ୍ତି ଅଭିଯୋଗ ଥିଲେ ଆସନ୍ତା ୧୫ ଦିନ ମଧ୍ୟରେ ଜଣାଇପାରିବେ। ନିର୍ବାଚନ କମିଶନଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ଅଛି। ଇସି ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଭେଦଭାବ କରିପାରିବେ ନାହିଁ। ଉଭୟ ଶାସକ ଓ ବିରୋଧୀ ଦଳ ଇସିଙ୍କ ପାଇଁ ସମାନ। ଭୋଟ ଚୋରି ଅଭିଯୋଗ ଆଣି ୪୫ ଦିନ ମଧ୍ୟରେ ଇଲେକ୍ସନ ପିଟିଶନ ଦାଖଲ କରା ନ ଯିବା ଭାରତୀୟ ସମ୍ବିଧାନ ପ୍ରତି ଅପମାନ ବୋଲି ସିଇସି କହିଛନ୍ତି। ଏସ୍‌ଆଇଆର୍‌କୁ ସ୍ୱଚ୍ଛତାର ସହ ସଫଳ କରାଇବା ପାଇଁ ସମସ୍ତ ପକ୍ଷ ଉଦ୍ୟମ ଚଳାଇଥିବା ସିଇସି କହିଛନ୍ତି। ଏସ୍‌ଆଇଆର୍‌ର ସମୟକୁ ନେଇ ବିରୋଧୀ ପ୍ରଶ୍ନ ଉଠାଉଥିବାବେଳେ ସିଇସି କହିଛନ୍ତି, ଏହା ତରବରିଆ ଭାବେ କରାଯାଇନାହିଁ। ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂଶୋଧନ ଆଣିବା ଇସିଙ୍କ ଆଇନଗତ କର୍ତ୍ତବ୍ୟ।

ଅନ୍ୟପକ୍ଷେ ରାହୁଲ ତାଙ୍କ ଅଭିଯୋଗ ଉପରେ ଇସିଙ୍କ ଜବାବକୁ ନେଇ ପୁଣି ପ୍ରଶ୍ନ କରିଛନ୍ତି। ବିହାର ଏସ୍‌ଆଇଆର୍ ବିରୋଧରେ ଇଣ୍ଡିଆ ବ୍ଲକ୍ ନେତାମାନେ ଚଳାଇଥିବା ଅଭିଯୋଗକୁ ଗତି ଦେବା ଲାଗି ସାସାରାମରେ ରବିବାର ୧,୩୦୦ କି.ମି. ବ୍ୟାପୀ 'ଭୋଟର ଅଧିକାର ଯାତ୍ରା'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ରାହୁଲ କହିଛନ୍ତି, ଭୋଟ ଚୋରିକୁ ସେ ଧରାପକାଇ ଦେଇଛନ୍ତି। ଇସି ତାଙ୍କୁ ସତ୍ୟପାଠ ମାଗୁଛନ୍ତି। କିନ୍ତୁ ନିଜ ସପକ୍ଷରେ ଦାବି କରୁଥିବା ଭାଜପା ନେତାମାନଙ୍କୁ ସତ୍ୟପାଠ ମଗାଯାଉନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରିବେ। କର୍ମକ୍ଷେତ୍ରରେ ମଧ୍ୟ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାରୁ ସାମୟିକ ଆଶ୍ୱସ୍ତି ମିଳିବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ କିନ୍ତୁ କିଛି କ୍ଷତି କରିପାରିବେ ନାହିଁ।

**ବୃଷ** ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ଭଲ ରହିବାରୁ ଆଶ୍ୱସ୍ତି ଲାଭ କରିବେ। ସରକାରୀ ସ୍ତରରେ ଅଟକିଥିବା କାମ ହାସଲ କରି ଖୁସି ହୋଇପାରନ୍ତି। କାମର ବାହାନା ଦେଖାଇ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିପାରନ୍ତି।

**ମିଥୁନ** ଆଜି ଆପଣ ଯେଉଁ କାମରେ ହାତଦିଅନ୍ତୁନା କାହିଁକି ତାହା ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ମାଲିମକଦ୍ଦମା କ୍ଷେତ୍ରରେ ବାଇଦା ପଡିବା ଯୋଗୁ ସାମୟିକ ଅସ୍ଥିରତା ସୃଷ୍ଟି ହେବ। ଆଶା କରୁଥିବା ଦିଗରୁ ଅର୍ଥ ଓ ଶୁଭଖବର ପାଇ ଆନନ୍ଦିତ ହୋଇପାରନ୍ତି।

**କର୍କଟ** ବିତର୍କ ବୃଦ୍ଧି କାରଣରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ବିବ୍ରତବୋଧ କରିପାରନ୍ତି। ବହୁତ ଦିନରୁ ଖୋଜଖବର ପାଉ ନ ଥିବା ଜିନିଷ ସନ୍ଧାନ ହଠାତ୍ ପାଇଯିବାରୁ ଖୁସି ହେବେ। ପ୍ରଶାସନ, ପ୍ରକାଶନ, ସାହିତ୍ୟକୃତି, ସାମ୍ବାଦିକତା ଓ ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିବେ।

**ସିଂହ** ସ୍ୱାସ୍ଥ୍ୟ ଭଲ ରହିବ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗ ଲାଭକରି ଖୁସି ଅନୁଭବ କରିବେ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ରହିବାରୁ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ପାରିବାରିକ ସ୍ଥିରତା ମାନସିକ ଶାନ୍ତି ପ୍ରଦାନରେ ସହାୟକ ହେବ। ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହେବେ।

**କନ୍ୟା** ଆପଣଙ୍କ ସୁସଂଯତ କଥାବାର୍ତ୍ତା ଓ ବିଚାରଧାରା ସମସ୍ୟା ସମାଧାନରେ ସହାୟ ହେବ। କିନ୍ତୁ ଉତ୍ତରାଫାଲଗୁନୀ ନକ୍ଷତ୍ର ଅନ୍ୟମାନଙ୍କ ଦୃଷ୍ଟିକୋଣର ଭିନ୍ନତା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ପ୍ରତ୍ୟେକ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରେ ବନ୍ଧୁମିଳନ ଆମୋଦ ପ୍ରମୋଦ ବାତାବରଣର ସୂଚନା ରହିଛି।

**ତୁଳା** ବ୍ୟୟାଧିପ କର୍ମଭାବସ୍ଥ ହେତୁ ଅଫିସ କାମରେ ବାହାରକୁ ଯିବାକୁ ପଡ଼ିପାରେ। କର୍ମପରିସର ବୃଦ୍ଧି ସହ ଏକାଧିକ କାମ ହାତକୁ ନେଇ ବ୍ୟଥିତ ହେବେ। ପାରିବାରିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। କୌଶଳପୂର୍ଣ୍ଣ କଥା କହି ଶତ୍ରୁଠାରୁ କାମ ହାସଲ କରିନେବେ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କ ହୋଇପାରେ।

**ବିଛା** ସବୁ କଥା ମନକୁ ନ ପାଇଲେ ମଧ୍ୟ ପରିସ୍ଥିତିକୁ ଆଖିଆଗରେ ରଖି ଚଳିବାକୁ ବାଧ୍ୟ ହେବେ। ଅନ୍ୟମାନଙ୍କ ସାହାଯ୍ୟ ଲାଭକରି ଆଜି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ କଳହର ସମ୍ମୁଖୀନ ହେବେ। ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ଚୁକ୍ତିପତ୍ର କିମ୍ବା ବ୍ୟବସାୟରେ ଖିଲାପ କରି ଦଣ୍ଡିତ ହୋଇପାରନ୍ତି।

**ଧନୁ** କୌଣସି ପ୍ରକାରର ଅଭାବ ଅସୁବିଧା ନ ଥାଇ ସୁଦ୍ଧା ମନ ଭଲ ରହିବ ନାହିଁ। କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବାର ସୂଚନା ରହିଛି। ବନ୍ଧୁ କିମ୍ବା ଆତ୍ମୀୟଙ୍କ ସହ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର** ଆଜିର ଅଧିକାଂଶ ସମୟ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, ଯାହାକି କାମ ପାଇଁ ମନୋବଳ ସୃଷ୍ଟି କରିବାରେ ସହାୟକ ହୋଇପାରେ। ପଡ଼ୋଶୀମାନେ ମନକୁ ସୁହାଇଲା ଭଳି କଥାକହି କାର୍ଯ୍ୟ ହାସଲ କରିପାରନ୍ତି। ବିବାଦୀୟ ପରିସ୍ଥିତିରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**କୁମ୍ଭ** ପ୍ରତିକୂଳ ପରିସ୍ଥିତି ଲାଗିରହିବା କାରଣରୁ କର୍ମକ୍ଷେତ୍ରରେ ସବୁ ଜାଣିଶୁଣି ମଧ୍ୟ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଅଧିକାଂଶ ସମୟରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଯାତ୍ରା, ବାଣିଜ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସଭାସମିତିରେ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ମୀନ** ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ କାମଗୁଡ଼ିକର ସମୀକ୍ଷା କରିବେ ଓ ଅସଙ୍ଗତି ଦୂର କରିବାର ପ୍ରଯତ୍ନ କରିପାରନ୍ତି। ବିଭିନ୍ନ ବିଷୟକୁ ସ୍ମରଣକରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିବାର ସୂଚନା ରହିଛି। ବନ୍ଧୁମେଳରେ ଅପ୍ରିୟ ସତକଥା କହି ବିରୋଧୀ ହେବେ।

ଆଜି ଅଗଷ୍ଟ ୧୮ ତାରିଖ, ଭାଦ୍ରବ କୃଷ୍ଣ ଦଶମୀ ସୋମବାର। ଶ୍ରୀମନ୍ଦିର ସିଂହଦ୍ୱାରରେ କୋଳିବିକା ଉତ୍ସବ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବଣଭୋଜି ବେଶ ଲାଗି। ରାଶିନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ.୦୨.୪ ଗତେ ମିଥୁନଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୧ ଗତେ ଘ.୦୭.୦୬ ମଧ୍ୟେ, ଘ.୧୦.୩୪ ଗତେ ଘ. ୦୧.୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭.୦୬ ଗତେ ଘ.୦୮.୪୦ମଧ୍ୟେ ରାହୁକାଳ।

**୨ ଦିନରେ ୨୫ ଜଣ ଆକ୍ରାନ୍ତ: କୃଷ୍ଣପୁରରେ ଝାଡ଼ାବାନ୍ତି ବ୍ୟାପୁଛି**

ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ କୃଷ୍ଣପୁର ଗ୍ରାମରେ ଝାଡ଼ାବାନ୍ତି ଯୋଗୁ ୨ ଦିନରେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ସାଇଁକୁଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଟାଙ୍କିରୁ ପାଣି ପିଇବା ଯୋଗୁ ଝାଡ଼ାବାନ୍ତି ହୋଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଗାଁକୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ପଠାଇ ଏହାର ପ୍ରକୃତ କାରଣ ଖୋଜିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ସାଇଁକୁଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ରାଜେନ୍ଦ୍ର କୁମାର ମୁର୍ମୁ କହିଛନ୍ତି, ଗ୍ରାମକୁ ମହିଳା ସ୍ୱାସ୍ଥ୍ୟକର୍ମୀ ଯାଇ ଔଷଧ ପ୍ରଦାନ କରିଛନ୍ତି। ସୋମବାର ଏକ ଡାକ୍ତରୀ ଦଳ ଯାଇ ଯାଞ୍ଚ କରିବେ ବୋଲି କହିଛନ୍ତି।

# ଯୁକ୍ତିତର୍କରୁ ବୃଦ୍ଧଙ୍କୁ ହତ୍ୟା

ଶେରଗଡ଼,୧୭।୮(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ମେଡିକାଲ ରୋଡ୍ ସାହିରେ ଜଣେ ବୃଦ୍ଧଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ସେ ହେଲେ ନୀଳାଚଳ ମିଶ୍ର (୬୦)। ଏନେଇ ଅଭିଯୋଗ ପରେ ଶେରଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି, ନୀଳାଚଳ ଓ ତାଙ୍କ ପଡୋଶୀ ରଞ୍ଜନ ପଣ୍ଡାଙ୍କ ମଧ୍ୟରେ ସବୁବେଳେ ମନମାଳିନ୍ୟ ଲାଗି ରହୁଥିଲା। ଶନିବାର ରାତିରେ କୌଣସି କଥାକୁ ନେଇ ନୀଳାଚଳଙ୍କ ସହ ରଞ୍ଜନଙ୍କ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରଞ୍ଜନ ଏକ ଧାରୁଆ ଛୁରି ଘରୁ ଆଣି ନୀଳାଚଳଙ୍କ ପେଟରେ ଭୁସି ଦେଇଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ଶେରଗଡ଼ ଡାକ୍ତରଖାନା ନେଇଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ନୀଳାଚଳଙ୍କ ମୃତ୍ୟୁ ଘଟିଛି। ରଞ୍ଜନ ଘଟଣା ପରେ ଫେରାର ହୋଇଯାଇଛନ୍ତି। ମୃତକଙ୍କ ଭାଇ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ. ୩୪୮/୨୫ରେ ମାମଲା ରୁଜୁ କରିଛି। ରଞ୍ଜନଙ୍କ ଘର ଉପରେ ଆକ୍ରମଣ ଆଶଙ୍କାରେ ତାଙ୍କ ଘର ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବରେନ୍ଦ୍ର ଶିଆଳ କହିଛନ୍ତି।

# ମଦ ପାଇଁ ସ୍ତ୍ରୀଙ୍କୁ ପିଟି ହତ୍ୟା

କାଲିମେଲା,୧୭।୮(ଜୀବନ କୃଷ୍ଣ ଦାସ)


ଗିରଫ ଭୀମା କୁଞ୍ଜି

ମାଲକାନଗିରି ଜିଲା କାଲିମେଲା ବ୍ଲକ ତଥା ଏମ୍‌ଭି୭୯ ଥାନା ଗିନିପାଲୀ ଗ୍ରାମର ଜଣେ ବ୍ୟକ୍ତି ମଦ ପାଇଁ ରବିବାର ସ୍ତ୍ରୀଙ୍କୁ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଭାତୀ କୁଞ୍ଜି(୩୮)। ପୋଲିସ ନଂ. ୧୨୫/୨୫ ରେ ମାମଲା ରୁଜୁକରି ସ୍ୱାମୀ ଭୀମା କୁଞ୍ଜୀଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ନବରଙ୍ଗପୁରରୁ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଭୀମା ବିଭିନ୍ନ କାରଣକୁ ନେଇ ପ୍ରାୟ ସମୟରେ ସ୍ତ୍ରୀ ପ୍ରଭାତୀଙ୍କୁ ମାରପିଟି କରୁଥିଲେ। ଏପରିକି ଚାଷବାସ କଥା ବୁଝୁ ନ ଥିଲେ। ଶନିବାର ପ୍ରଭାତୀ ଜମି ଚାଷ ପାଇଁ କେତେଜଣ ଶ୍ରମିକଙ୍କୁ ଡାକିଥିଲେ। ପରମ୍ପରା ଅନୁସାରେ ଘରେ ମଦ ରାନ୍ଧି ଶ୍ରମିକଙ୍କୁ ପିଇବାକୁ ଦେଇଥିଲେ। କିନ୍ତୁ ସ୍ୱାମୀଙ୍କୁ ଦେବାକୁ ମନା କରିଥିଲେ। ପ୍ରଭାତୀ ତଳି ଉଠାଇବାକୁ ଜମିକୁ ଯାଇଥିବା ବେଳେ ଭୀମା ସେଠାରେ ପହଞ୍ଚି ଉତ୍‌କ୍ଷିପ୍ତ ହୋଇ ତାଙ୍କୁ କୋଦାଳ ବେଣ୍ଟରେ ପିଟି ପିଟି ଘରକୁ ଆଣିଥିଲେ। ଗ୍ରାମର ଦୁଇଜଣ ଯୁବତୀ ଏହାକୁ ବିରୋଧ କରିବାରୁ ତାଙ୍କୁ ଭୀମା ମାରିବାକୁ ଗୋଡ଼ାଇ ଥିଲେ। ପରେ ପ୍ରଭାତୀଙ୍କୁ ଘରେ ପୂରାଇ ନିସ୍ତୁକ ପିଟି ତାଙ୍କ ଯୌନାଙ୍ଗରେ ବାଡି ପୂରାଇ ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏହା ଦେଖି ଭୀମାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେ ଏକ କାତି ଧରି ହାଣିବାକୁ ଗୋଡ଼ାଇ ଥିଲେ। ଲୋକେ କୌଶଳକ୍ରମେ ତାଙ୍କୁ ଆୟତ୍ତ କରି ପୋଲିସ ଜିମା ଦେଇଥିଲେ। ଭୀମାଙ୍କର ୨ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡିଛି।

# ମହିଳାଙ୍କୁ ହତ୍ୟା, ସ୍ୱାମୀ ଅଟକ

ଢେଙ୍କାନାଳ,୧୭।୮(ରତନ ନାୟାର)


ପୂଜା ପାତ୍ର

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଗଙ୍ଗାଧର ପ୍ରସାଦ ଗ୍ରାମର ରସ୍ମିତ ପାତ୍ରଙ୍କ ସ୍ତ୍ରୀ ପୂଜା ପାତ୍ର(୨୫)ଙ୍କ ମୃତଦେହ ରବିବାର ସକାଳ ଘର ଭିତରୁ ଜବତ କରାଯାଇଛି। ପୂଜାଙ୍କୁ ଶ୍ୱଶୁରଘର ଲୋକ ଯୌତୁକ ନିର୍ଯାତନା ଦେଇ ପିଟିପିଟି ମାରି ଦେଇଥିବା ପୂଜାଙ୍କ ବାପା ଅଭିଯୋଗ କରିଛନ୍ତି। ସଦର ପୋଲିସ କେସ୍ ନଂ ୬୫୩/୨୫ରେ ହତ୍ୟା ମାମଲା ରୁଜୁ କରି ସ୍ୱାମୀ ରସ୍ମିତଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗରୁ ଜଣାପଡିଛି ଯେ, କଟକ ଜିଲା ମାଣିଆବନ୍ଧ ଥାନା କସିକିଆରୀ ଗ୍ରାମର କେଶବ ଦାସଙ୍କ ଝିଅ ପୂଜା ୭ବର୍ଷ ତଳେ ଢେଙ୍କାନାଳ ଜିଲା ଗଙ୍ଗାଧର ପ୍ରସାଦ ଗ୍ରାମର ରସ୍ମିତଙ୍କୁ ବିବାହ କରିଥିଲେ। ରସ୍ମିତ ଜଣେ ଅଟୋଚାଳକ। ବିବାହ ପରଠାରୁ ବାପଘରୁ ଟଙ୍କା ପଇସା ଆଣିବାକୁ କହି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ପୂଜାଙ୍କୁ ବାରମ୍ବାର ମାଡ଼ ମାରିବା ସହ ନିର୍ଯାତନା ଦେଇଆସୁଥିଲେ ବୋଲି ପୂଜାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ବାପଘର ଲୋକ ନେବାକୁ ରାଜି ନ ହେବାରୁ ସେମାନେ ଲିଖିତ ଭାବେ ଜଣାଇବା ପରେ ମୃତଦେହକୁ ଶ୍ୱଶୁରଘର ଲୋକଙ୍କୁ ଦିଆଯାଇଥିବା ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ର କହିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

# ପାସ୍‌ପୋର୍ଟ ଯୋଗାଇବା ନାଁରେ ଠକେଇ, ଜଣେ ଗିରଫ

କଟକ,୧୭।୮(କାର୍ତ୍ତିକ ସାହୁ)

ପାସ୍‌ପୋର୍ଟ ଯୋଗାଇବା ନାଁରେ ଠକେଇ କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ପୋଲିସ ଜଣଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳର ସନ୍ତୋଷ କୁମାର ସ୍ୱାଇଁ ଓରଫ ବାପୁ (୩୨)। ଅଭିଯୁକ୍ତଙ୍କ ନିକଟରୁ ତତ୍କାଳ ଯୋଜନାରେ ପାସପୋର୍ଟ ବାବଦ ଯାଞ୍ଚ ସାର୍ଟିଫିକେଟ୍, ଆର୍ଥିକ କାରବାରର କାଗଜପତ୍ର, ବ୍ୟାଙ୍କ ସଂକ୍ରାନ୍ତ ତଥ୍ୟ ଜବତ ହୋଇଛି।

ସୂଚନାନୁସାରେ, ଏସ୍‌ସିବି ମେଡିକାଲର ଡାକ୍ତରୀ ଛାତ୍ର ବିକାଶ ରଞ୍ଜନ ପତି ସାଙ୍ଗମାନଙ୍କ ସହ ବିଦେଶ ଯିବା ପାଇଁ ପାସପୋର୍ଟ କରିବାକୁ ଚାହୁଁଥିଲେ। ସେ ଏହି କାର୍ଯ୍ୟ କରାଇବା ନିମନ୍ତେ ଭୁବନେଶ୍ୱର ନୟାପଲ୍ଲୀ ଥାନା ପାସ୍‌ପୋର୍ଟ କାର୍ଯ୍ୟାଳୟ ନିକଟରେ ରହୁଥିବା ସନ୍ତୋଷଙ୍କ ସମ୍ପର୍କରେ ଆସିଥିଲେ। ପାସପୋର୍ଟ କରାଇଦେବା ପ୍ରତିଶ୍ରୁତି ଦେଇ ସନ୍ତୋଷ ବିଭିନ୍ନ ସମୟରେ ଫୋନ୍ ପେ' ମାଧ୍ୟମରେ ତାଙ୍କ ନିକଟରୁ ୪୦,୪୦୦ ଟଙ୍କା ଠକିନେଇଥିଲେ। ଏଥିସହ ପାସ୍‌ପୋର୍ଟ ପ୍ରସ୍ତୁତି ସଂକ୍ରାନ୍ତରେ ଜାଲ କାଗଜପତ୍ର ତାଙ୍କୁ ପ୍ରଦାନ କରିଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ବିକାଶ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପାସପୋର୍ଟ ଦେବା ନାଁରେ ବାପୁ ଏଭଳି ସିରିଜ ଠକେଇ କରୁଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା। ପୂର୍ବରୁ ତାଙ୍କ ବିରୋଧରେ ନୟାପଲ୍ଲୀ ଥାନାରେ ୩ଟି ଠକେଇ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ଲୁହାରଡ଼ରେ ପିଟି ଯୁବକଙ୍କ ଜୀବନ ନେଲେ

ଅନୁଗୋଳ,୧୭।୮(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା ରାଣୀଗୋଡ଼ାଠାରେ ଶନିବାର ବିଳମ୍ବିତ ରାତିରେ ବାପି ବିଶ୍ୱାଳ (୨୮) ନାମକ ଯୁବକଙ୍କୁ ସେହି ଗ୍ରାମର ୩ ଯୁବକ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବାପିଙ୍କ ସହ ପୂର୍ବରୁ ସେହି ଗ୍ରାମର କରୁଣା ସାହୁଙ୍କ ୩ ପୁଅ ଛୋଟୁ ସାହୁ, ସୁନି ସାହୁ ଓ ଗୁନା ସାହୁ ସାମାନ୍ୟ କଥାକୁ ନେଇ ଯୁକ୍ତିତର୍କ କରିଥିଲେ। ଶନିବାର ସନ୍ଧ୍ୟାରେ ବାପି ଗାଁଆଡ଼େ ବୁଲିବାକୁ ଯିବାବେଳେ ୩ ଭାଇ ଏକାଠି ହୋଇ କାହିଁକି ସେଦିନ ଆମ ସହ ଯୁକ୍ତିତର୍କ କଲୁ ବୋଲି ପଚାରିବା ସହ ଏକ ଲୁହାରଡ଼ରେ ଅତର୍କିତ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚି ବାପିଙ୍କୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ବିଳମ୍ବିତ ରାତିରେ ବାପିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ରବିବାର ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ପୋଲିସ-ମାଓବାଦୀ ଗୁଳି ବିନିମୟ



ମାଲକାନଗିରି, ୧୭।୮(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ କୋଣ୍ଡାଗାଁ ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟରେ ଗ୍ରାମର ଜଣେ ବ୍ୟକ୍ତି ଆହତ ହୋଇଥିବା ବେଳେ ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଓ କେତେକ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁଯାୟୀ, କୋଣ୍ଡାଗାଁ ଜିଲା କେସକାଲ ଥାନା ଅନ୍ତର୍ଗତ ନାଲାଝାର ଜଙ୍ଗଲରେ ମାଓବାଦୀ ଥିବା ସୂଚନା ପାଇ ବସ୍ତର ଫାଇଟର୍ସ ଓ ଡିଆର୍‌ଜି ଯବାନମାନେ ଶନିବାର ରାତି ପ୍ରାୟ ୧୧ ଟାରେ ସର୍ଚ୍ଚ ଆରମ୍ଭ କରିଥିଲେ। ନାଲାଝାର ଜଙ୍ଗଲରେ ପର୍ବରୁ ୧୦ ରୁ ୧୨ ସଶସ୍ତ୍ର ମାଓବାଦୀ ଥିବା ବେଳେ ଯବାନମାନେ ଆସୁଥିବା ଦେଖି ଗୁଳି ଚାଳନା କରିଥିଲେ। ଯବାନମାନେ ମଧ୍ୟ ପାଲଟା ଗୁଳି ଚଳାଇବାରୁ ଏହାର ସାମ୍ନା କରି ନ ପାରି ମାଓବାଦୀମାନେ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ଏହି ଗୁଳି ବିନିମୟରେ ଆହତ ବ୍ୟକ୍ତିଙ୍କୁ ଯବାନମାନେ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଜୁଆଆଡ୍ଡା ଉପରେ ଚଢ଼ାଉ, ୧୫ ଗିରଫ

ସୁନ୍ଦରଗଡ,୧୭।୮(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ନିକଟ ଫୁଟବଲ ପଡିଆ ପଛ ପାଖରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଶନିବାର ବିଳମ୍ବିତ ରାତିରେ ଅତର୍କିତ ଚଢ଼ାଉ କରି ୧୫ଜଣଙ୍କୁ ଗିରଫ କରିଛି। ସମସ୍ତଙ୍କ ଘର ପଡୋଶୀ ଝାରସୁଗୁଡା ଓ ସମ୍ବଲପୁର ଜିଲା ବାମରା ଅଞ୍ଚଳର ବୋଲି ଜଣାପଡିଛି। ଏନେଇ ଧରୁଆଡିହି ଥାନା ପୋଲିସ ଏକ ମାମଲା (ନଂ.୧୫୫/୨୫) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ ଦେଇ ରବିବାର ସନ୍ଧ୍ୟାରେ ଛାଡି ଦେଇଛି। ପୋଲିସ ସେମାନଙ୍କ ନିକଟରୁ ୧ ଲକ୍ଷ ୧ହଜାର ୩୩୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ଧରୁଆଡିହିରେ ଝୁଲଣ ଯାତ୍ରା ଚାଲିଥିବା ବେଳେ ଜୁଆଖେଳ ଚାଲିଥିଲା। ସୁନ୍ଦରଗଡ଼ ଅତିରିକ୍ତ ଏସପି ନୂତନ ସାମଦଙ୍କ ନେତୃତ୍ୱରେ ସଦର ଏସଡିପିଓ ନିର୍ମଳ ନାଏକ, ଧରୁଆଡିହି ଆଇଆଇସି ସୌଦାମିନୀ ନାଗଙ୍କ ସହ ପୋଲିସ ଟିମ ଏହି ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା।

# ୧୦ ଟନ୍ ବିସ୍ଫୋରକ ଜବତ, ୩ ଗିରଫ

ତୁମୁଡିବନ୍ଧ,୧୭।୮
(ଦୀପକ କୁମାର ପରାସେଠ)





କନ୍ଧମାଳ ଜିଲା ତୁମୁଡିବନ୍ଧ ପୋଲିସ ୧୦ ଟନ ବିସ୍ଫୋରକ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ସୋରଡ଼ା ଥାନା ଅନ୍ତର୍ଗତ ତଳ ଦାନ୍ତିଲିଙ୍ଗିର ଆଲୋକ କୁମାର ପାତ୍ର(୧୮), ଗୋପାଳପୁର ଥାନା ଆମ୍ବପୁଆର ହେମନ୍ତ ସେଠୀ (୩୧) ଓ କଳାହାଣ୍ଡି ଜିଲା ଭବାନୀପାଟଣା ଜଳେଶ୍ୱର ମନ୍ଦିରପଡ଼ାର ଶକ୍ତିରଞ୍ଜନ ଦାସ(୫୦)। ଅଭିଯୁକ୍ତମାନେ ବିସ୍ଫୋରକ ଆନ୍ଧ୍ରପ୍ରଦେଶର କାକିନାଡ଼ା ଅଞ୍ଚଳରୁ ଆଣୁଥିଲେ। ବିନା ଲାଇସେନ୍ସରେ ପ୍ରାୟ ୨ ବର୍ଷ ଧରି ଏହି ବ୍ୟବସାୟ କରି ଆସୁଥିଲେ ବୋଲି ରବିବାର ସନ୍ଧ୍ୟାରେ ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୨ ଲକ୍ଷ ୮୦ହଜାର ଟଙ୍କା, ୬ଟି ମୋବାଇଲ ଫୋନ ଓ ଗୋଟିଏ କାର ଜବତ ହୋଇଛି।

ଗତ ଶୁକ୍ରବାର ରାତିରେ ତୁମୁଡିବନ୍ଧ ପୋଲିସର ଯାନବାହନ ଯାଞ୍ଚ ଚାଲିଥିଲା। ଆମ୍ବେଡକର ଛକଠାରେ ପିକ୍‌ଅପ୍ (ନଂ.ଓଡି ୦୨ ସିଜେ ୮୪୮୭)କୁ ଯାଞ୍ଚ କରିବାରୁ ସେଥିରେ ୨.୫ ଟନ ବିସ୍ଫୋରକ ଥିବା ଜଣାପଡିଥିଲା। କଳାହାଣ୍ଡି ଜିଲା ଅଭିମୁଖେ ଯାଉଥିବା ଏହି ବିସ୍ଫୋରକ ଜବତ କରି ଏହା କେଉଁଠୁ ଆସିଲା ତାହା ତଦନ୍ତ ଆରମ୍ଭ କରିଥିଲା ପୋଲିସ। ଗାଡି ଚାଳକଙ୍କୁ ଜେରା ପରେ ସେ ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅଧୀନ ଜଗନ୍ନାଥପୁରରୁ ଏହି ସାମଗ୍ରୀ ଆଣିଥିବା କହିଥିଲେ। ପରେ ତୁମୁଡିବନ୍ଧ ପୋଲିସ ଚମାଖଣ୍ଡି ପୋଲିସ ସହାୟତାରେ ଶନିବାର ରାତିରେ ଜଗନ୍ନାଥପୁର ଗ୍ରାମର ବି. ମୋହନ ରେଡ୍ଡୀଙ୍କ ଆଦର୍ଶ ଗାଈ ଗୁହାଳରେ ଚଢ଼ାଉ କରିଥିଲା। ସେଠାରୁ ପଥର ବ୍ଲାଷ୍ଟ ପାଇଁ ଉଦ୍ଦିଷ୍ଟ ୮ ଟନ ପଥର ଡିଟୋନେଟର ଜବତ କରାଯାଇଥିଲା। ମୋହନ ରେଡ୍ଡୀଙ୍କ ଗୁହାଳକୁ ଆମ୍ବପୁଆ ଅଞ୍ଚଳର ହେମନ୍ତ କୁକୁଡ଼ା ଦାନା ରଖିବା ପାଇଁ ଦେଢ଼ ବର୍ଷ ହେଲା ଭଡାରେ ନେଇଥିଲେ। ମୋହନଙ୍କୁ ମଧ୍ୟ ତୁମୁଡିବନ୍ଧ ପୋଲିସ ଉଠେଇ ନେଇଥିବା ଜଣାପଡିଛି। ଏହି ସଫଳତା ପାଇଁ ତୁମୁଡିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା ଏବଂ ତାଙ୍କ ପୋଲିସ ଦଳକୁ ଶ୍ରେୟ ଦେଇଛନ୍ତି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ। ଏ ନେଇ ତୁମୁଡିବନ୍ଧ ଥାନାରେ ନଂ.୧୦୧/୨୫ରେ ମାମଲା ରୁଜୁ ହୋଇଛି।

## ରାଜ୍ୟ ଖବର

# ଆୟୁଷ୍ମାନ୍ ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

**ସିଏଜିଙ୍କ ରିପୋର୍ଟ ଖୋଲିଲା ଗୁମର**

ଭୁବନେଶ୍ୱର,୧୭।୮(ରବିନାରାୟଣ ଜେନା)

ଓଡ଼ିଶାବାସୀଙ୍କ ସ୍ୱାସ୍ଥ୍ୟ ସହିତ ରାଜ୍ୟ ସରକାର ଖେଳୁଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି। ରବିବାର କଂଗ୍ରେସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ପୂର୍ବରେ ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ଯେଉଁସବୁ ଅସୁବିଧା ଥିଲା, ତାହା ଆୟୁଷ୍ମାନ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ବହୁଗୁଣିତ ହୋଇଛି। ମୃତକ ଚିକିତ୍ସିତ ହେଉଥିବାବେଳେ ରୋଗୀଙ୍କୁ ଚିକିତ୍ସା ମିଳୁନାହିଁ। ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି।

ଭାଜପାର ସଂକଳ୍ପ ପତ୍ରକୁ ନେଇ ଭକ୍ତ କହିଛନ୍ତି, ଆୟୁଷ୍ମାନ ଯୋଜନାରେ ରାଜ୍ୟବାସୀଙ୍କୁ ଦେଶର ୨୯ ହଜାର ବଡ଼ବଡ଼ ହସ୍‌ପିଟାଲରେ ସ୍ୱାସ୍ଥ୍ୟସେବା ମିଳିବ ବୋଲି କୁହାଯାଇଥିଲା। ପରିବାର ପିଛା ବର୍ଷକୁ ୫ ଲକ୍ଷ ଟଙ୍କା, ମହିଳାଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ଘୋଷଣା କରାଯାଇଥିଲା। ହେଲେ ବର୍ଷକ ମଧ୍ୟରେ ହିତାଧିକାରୀ ଯେଉଁ ଛଟପଟ ହେଲେଣି ତାକୁ ନେଇ ବିକଳ୍ପ ଖୋଜୁଛନ୍ତି। ଆୟୁଷ୍ମାନରେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ହିଁ ତ୍ରୁଟିପୂର୍ଣ୍ଣ ରହିଛି; ଓଟିପି ଟାଇମ୍-ଆଉଟ, ଆଧାର ବିଫଳତା, ଫଟୋ ଅପ୍‌ଲୋଡ୍‌ରେ ଅସୁବିଧା ଓ ପୁନଃ-ପଞ୍ଜୀକରଣରେ ବିଳମ୍ବ, କ୍ଲେମ୍-ସେଟଲ୍‌ମେଣ୍ଟ ବିଳମ୍ବ ଭଳି ବହୁବିଧ ସମସ୍ୟା ଲାଗି ରହିଛି। ଏହାବାଦ୍ ଅନେକ ବଡ଼ ହସ୍ପିଟାଲକୁ ସରକାର ବୀମା ଟଙ୍କା ଦେଉ ନ ଥିବାରୁ ସେମାନେ ହିତାଧିକାରୀଙ୍କୁ ବିଭିନ୍ନ ଆଳ ଦେଖାଇ ମନା କରୁଛନ୍ତି।

ସିଏଜି ରିପୋର୍ଟକୁ ଆଧାର କରି ଭକ୍ତ କହିଛନ୍ତି, ଯାଞ୍ଚ ପ୍ରକ୍ରିୟା ଅଭାବରୁ ଆର୍ଥିକ ହେରଫେର, ଓଭରବିଲିଂ ଓ ମିଛ କ୍ଲେମ୍ (ଏଆଇ ନିୟୋଜିତ ହେରଫେର) ନିତିଦିନିଆ ହୋଇଛି। ଗୋଟିଏ ମୋବାଇଲ ନମ୍ବରରେ ୭.୫ ଲକ୍ଷ ହିତାଧିକାରୀଙ୍କ ନାମ ଥିବା ଦର୍ଶାଇଥିଲେ ସିଏଜି। ଗୋଟିଏ ଗୋଟିଏ ପରିବାରରେ ୧୧-୨୦୦ ସଦସ୍ୟ ଥିବା ମଧ୍ୟ ଦର୍ଶାଯାଇଛି ବୋଲି ସିଏଜି ଦର୍ଶାଇଛନ୍ତି। ମୃତକଙ୍କୁ ରୋଗୀ ଦର୍ଶାଇ ଅର୍ଥ ଚଳୁ କରାଯାଉଛି ବୋଲି ଭକ୍ତ କହିଛନ୍ତି।

# ଗୋପାଳକଙ୍କୁ ଛତିଶଗଡ଼ ପୋଲିସର ନିର୍ଯାତନା

ସୋନପୁର,୧୭।୮(ମୃତ୍ୟୁଞ୍ଜୟ ଶତପଥୀ)


ଗାଈ ସହିତ ଗୋପାଳକ।

- **ଧମକ ଦେଇ ନେଇଗଲେ ୬୦ହଜାର**
- **ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗାଈ ଆଣୁଥିଲେ**

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଅନ୍ତର୍ଭୁକ୍ତ ଓଡ଼ିଶାର ଗୋପାଳକଙ୍କୁ ଛତିଶଗଡ଼ ପୋଲିସ ନିର୍ଯାତନ ଦେଇଥିବା ଅଭିଯୋଗ ହୋଇଛି। ମହିଳା ହିତାଧିକାରୀଙ୍କ ପକ୍ଷରୁ ଛତିଶଗଡ଼ ମହାସମୁଦ ଜିଲା ବଲଦା ଥାନା ପୋଲିସ ନାମରେ ଏଭଳି ଅଭିଯୋଗ ଆସିଛି। ସୁବର୍ଣ୍ଣପୁର ଜିଲା ତରଭା ଥାନା କଟାପାଲିର କବିତା ନାଏକ ଓ ବଘିଆବାହାଲି ଗାଁର ଦୀପା ଦେହେରୀ ପୋଲିସ ନାମରେ ତରଭା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଗୋସୁଗମ ପୋର୍ଟାଲରେ ଅନ୍‌ଲାଇନ ଆବେଦନ ପରେ କବିତା ଓ ଦୀପା ଓଡ଼ିଶା ସରକାରଙ୍କ ଫ୍ଲାଗଶିପ୍ ପ୍ରୋଗ୍ରାମ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଏହି ଯୋଜନାରେ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ପଡୋଶୀ ଛତିଶଗଡ଼ ରାଜ୍ୟରୁ ସଙ୍କର ଜାତୀୟ ଗାଈ ଆଣିବା ପାଇଁ କବିତାଙ୍କ ସ୍ୱାମୀ କଳାକାହ୍ନୁ ନାଏକ ଓ ଦୀପାଙ୍କ ସ୍ୱାମୀ ପରୀକ୍ଷିତ ଦେହେରୀ ଗତ ସୋମବାର ମହାସମୁନ୍ଦ ଯାଇଥିଲେ। ଗାଈ ପସନ୍ଦ ପରେ କଳାକାହ୍ନୁ ବାଛୁରି ସହିତ ୨ଟି ଓ ପରୀକ୍ଷିତ ବାଛୁରି ସହିତ ଗୋଟିଏ ଗାଈ କିଣିଥିଲେ। ନିୟମ ଅନୁଯାୟୀ ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନିକଟରୁ ଗାଈ ଓ ବାଛୁରିର ସ୍ୱାସ୍ଥ୍ୟ ପ୍ରମାଣପତ୍ର, ଗାଈ ଚିହ୍ନଟ ପାଇଁ ଟ୍ୟାଗ ଲଗାଇବା ଏବଂ ଆବଶ୍ୟକ କାଗଜପତ୍ର ସହିତ ମଙ୍ଗଳବାର ଏକ ପିକ୍‌ଅପରେ ୩ଟି ଗାଈ ଓ ୩ଟି ବାଛୁରିଙ୍କୁ ଗୋପାଳକ ଘରକୁ ଆଣୁଥିଲେ। ତେବେ ରାସ୍ତାରେ ବଲଦା ପୋଲିସ ପିକ୍‌ଅପ୍ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। କାଗଜପତ୍ର ନକଲି କହି ବେଆଇନଭାବେ ଗୋରୁ ଚାଲାଣ କରୁଥିବା ଅଭିଯୋଗ କରିବା ସହ ଏଥିପାଇଁ ୧ଲକ୍ଷ ଟଙ୍କା ମାଗିଥିଲେ ଏବଂ ଗାଈ ସହ ପିକ୍‌ଅପକୁ ଥାନାକୁ ନେଇଥିଲେ। ଅନ୍ୟପକ୍ଷେ ମିଛ ମାମଲାରେ ଫସାଇ ଦେବେ ବୋଲି କହି ଭୟଭୀତ କରିଥିଲେ। ବାଧ୍ୟ ହୋଇ ୨ଗୋପାଳକ ଓ ଭ୍ୟାନ୍ ମାଲିକ ୬୦ହଜାର ଟଙ୍କା ଦେବା ପରେ ପୋଲିସ ଗାଡି ଛାଡିଥିଲା। ଏହି ଘଟଣା ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଓ ପ୍ରାଣୀ ଚିକିତ୍ସା ବିଭାଗର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନ୍ୟପକ୍ଷେ ଦୀର୍ଘ ସମୟ ଧରି ଗାଈ ବାଛୁରି ଗାଡିରେ ଭୋକ ଉପାସରେ ରହିବା କାରଣରୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିବା କବିତା ଓ ଦୀପା କହିଛନ୍ତି। ଏ ସମ୍ପର୍କରେ ତରଭା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ୟାମସୁନ୍ଦର ପାଣ୍ଡେ କହିଛନ୍ତି, ଗୋପାଳକ ଦୁଇଜଣ ଲିଖିତ ଅଭିଯୋଗ କରିଛନ୍ତି।

# ଜାତିର ପିତାଙ୍କୁ ଅପମାନ ବରଦାସ୍ତ କରାଯିବ ନାହିଁ: କଂଗ୍ରେସ

ଭୁବନେଶ୍ୱର,୧୭।୮(ରବିନାରାୟଣ ଜେନା)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରାଯିବା ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କଂଗ୍ରେସ କହିଛି। ରବିବାର ପ୍ରଦେଶ କଂଗ୍ରେସ ମିଡିଆ ସେଲ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ଅରବିନ୍ଦ ଦାସ ଏବଂ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି, ଏନ୍‌ସିଇଆର୍‌ଟି ପାଠ୍ୟକ୍ରମରେ ମହାତ୍ମା ଗାନ୍ଧୀ ଏବଂ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଭାରତ ବିଭାଜନର କାରଣ ରୂପେ ଦର୍ଶାଯାଇଛି। ଦେଶ ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ପ୍ରତି ଏହା କେନ୍ଦ୍ର ସରକାରଙ୍କ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି କହିଛନ୍ତି।

ଅରବିନ୍ଦ କହିଛନ୍ତି, ଯେଉଁ ଦଳ କେନ୍ଦ୍ର ସରକାରରେ ଅଛି ସେଇ ଦଳର ଇତିହାସ ସମ୍ପୂର୍ଣ୍ଣ ଦେଶଦ୍ରୋହ ଉପରେ ଆଧାରିତ। ମଦନ ମୋହନ ମାଲବ୍ୟ ୧୯୧୫ରେ କଂଗ୍ରେସଠାରୁ ଅଲଗା ହୋଇ 'ହିନ୍ଦୁ ମହାସଭା' ଗଠନ କରିଥିଲେ। ୧୯୩୦ରେ ବିନାୟକ ଦାମୋଦର ସାବରକରଙ୍କ ନେତୃତ୍ୱରେ ଏହା ଏକ ହିନ୍ଦୁ ଜାତୀୟତାବାଦୀ ଦଳରୂପେ ସାରା ଦେଶରେ ପରିଚିତ ହେଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଜାତୀୟ କଂଗ୍ରେସର ପ୍ରାଦେଶିକ ରାଜ୍ୟଗୁଡ଼ିକର ମିଶ୍ରଣକୁ ସାବରକର ଘୋର ବିରୋଧ କରିଥିଲେ। ଭାରତ ବିଭାଜନକୁ ନେଇ ଯେଉଁ ତଥ୍ୟ ଉପସ୍ଥାପନ କରାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ବିଭ୍ରାନ୍ତିକର। ବିଭାଜନ ପାଇଁ ଅଲ୍ ଇଣ୍ଡିଆ ମୁସଲିମ ଲିଗ୍, ହିନ୍ଦୁ ମହାସଭା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍‌ଏସ୍‌ଏସ୍ ଏବଂ ଜନସଂଘଙ୍କର ଅନ୍ତର୍ଘାତୀ କାର୍ଯ୍ୟ ଯୋଗୁ ଦେଶ ଦୁଇଫାଳ ହୋଇଗଲା। ଯେଉଁ ସାବରକର ବ୍ରିଟିଶଙ୍କୁ କ୍ଷମା ପ୍ରାର୍ଥନା କରି ତାଙ୍କଠାରୁ ପେନ୍‌ସନ୍ ଗ୍ରହଣ କରୁଥିଲେ, ସିଏ ଆଜି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ହେଲେ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ, ଡ. ଦେବାଶିଷ ଭୂୟାଁ, ନଳିନୀକାନ୍ତ ମହାନ୍ତି ଉପସ୍ଥିତ ଥିଲେ।

# ବାପା ସମ୍ପତ୍ତିରେ ଝିଅଙ୍କୁ ମିଳିବ ହକ୍: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୧୭।୮(ରବିନାରାୟଣ ଜେନା)

ସ୍ୱାଧୀନତାର ଦୀର୍ଘ ୭୮ବର୍ଷ ପରେ ବି ଜମିଜମା ସଂକ୍ରାନ୍ତୀୟ ଆଇନ ସଂଶୋଧନ ହୋଇନାହିଁ। ଅନେକ କ୍ଷେତ୍ରରେ ବାପା, ଜେଜେବାପାଙ୍କ ମୃତ୍ୟୁ ହୋଇଥିଲେ ହେଁ ନାତି, ନାତୁଣୀଙ୍କ ନାମରେ ପଟ୍ଟା ହୋଇପାରୁନାହିଁ। ଆଗାମୀ ଦିନରେ ଏହି ନୀତିକୁ ସରଳ କରି ଲୋକଙ୍କ ନାମରେ ପଟ୍ଟା ସଂଶୋଧନ କରିବାକୁ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ କହିଛନ୍ତି, ଗଣତନ୍ତ୍ରରେ ପ୍ରକୃତ ମାଲିକ ହେଲେ ଜନତା। ହେଲେ ତହସିଲ କାର୍ଯ୍ୟାଳୟରେ ପୂର୍ବରୁ ତହସିଲଦାର ବାବୁଙ୍କୁ ଦେଖି ପାରୁ ନ ଥିଲେ। ଏବେ ରାଜସ୍ୱ ନିୟମରେ ବହୁତ କିଛି ସଂଶୋଧନ କରାଯିବା ସହିତ ଆଇନକୁ ଠିକଣା ଭାବେ କାର୍ଯ୍ୟକାରୀ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଘରକୁ ଘର ବୁଲି ରାଜସ୍ୱ ଅଧିକାରୀ ପଟ୍ଟା ସଂଶୋଧନ କରିବାକୁ କୁହାଯାଇଛି। ଏଥିସହ ପିତା-ମାତାଙ୍କ ମୃତ୍ୟୁ ପରେ କେବଳ ଯେ ସମ୍ପତ୍ତିରେ ପୁଅ ହକ୍ ପାଇବ ତାହା ନୁହେଁ, ଝିଅମାନଙ୍କୁ ମଧ୍ୟ ସମାନ ଅଧିକାର ମିଳିବ। ଏନେଇ ରାଜସ୍ୱ ବିଭାଗର ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଯେଉଁଠାରେ ଝିଅ ବାହା ହୋଇଯାଇଛନ୍ତି, ସେ କ୍ଷେତ୍ରରେ ମଧ୍ୟ ମହିଳାମାନଙ୍କୁ ପିତା-ମାତାଙ୍କ ସମ୍ପତ୍ତିରେ ଅଧିକାର ମିଳିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଏହି ଅବସରରେ 'ବସୁଧା' ଯୋଜନାରେ ଜମି ବଣ୍ଟନ ଭଳି ବହୁତ କିଛି ରାଜସ୍ୱ ନିୟମ ଓ ଅଧିକାର ସମ୍ପର୍କରେ ମନ୍ତ୍ରୀ କହିଛନ୍ତି।

# କଂଗ୍ରେସରେ ମିଶିଲେ ଭାଜପା, ବିଜେଡି କର୍ମୀ

ଭୁବନେଶ୍ୱର/କେନ୍ଦୁଝର,୧୭।୮
(ରବିନାରାୟଣ ଜେନା/ନରେଶ ଚନ୍ଦ୍ର ପଟ୍ଟନାୟକ)




ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ନୀତି, ଆଦର୍ଶ ଓ କଂଗ୍ରେସର ଚିନ୍ତାଧାରା ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ସାଲେପୁର, କେନ୍ଦୁଝର, ଭୁବନେଶ୍ୱର ସାଙ୍ଗଠନିକ ଜିଲାର ବହୁ ବିଜେଡି ଓ ଭାଜପା କର୍ମକର୍ତ୍ତା ରବିବାର ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି।

ଏନେଇ କଂଗ୍ରେସ ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର ମିଶ୍ରଣ ପର୍ବରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ, କଂଗ୍ରେସର ନୀତି ଆଦର୍ଶ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢୁଛି; ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଜିଲାରୁ ମଧ୍ୟ ବହୁ ନେତା ଓ କର୍ମୀ କଂଗ୍ରେସରେ ଯୋଗଦାନ କରିଛନ୍ତି। ଏହା ଆଗାମୀ ଦିନରେ ରାଜ୍ୟ କଂଗ୍ରେସକୁ କେବଳ ଯେ ମଜଭୁତ କରିବ ତାହା ନୁହେଁ, କଂଗ୍ରେସକୁ କ୍ଷମତାସୀନ କରିବାରେ ନିର୍ଣ୍ଣାୟକ ଭୂମିକା ନେବ। ଏହି ଅବସରରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଏଆଇସିସି ସହ ପ୍ରଭାରୀ ଚୌଧୁରୀ ଶାହାନୱାଜ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଉପସ୍ଥିତ ଥିବା ନେତୃବୃନ୍ଦ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ପଦାଧିକାରୀଙ୍କୁ ଦଳୀୟ ଟୋପି, ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ସିଂ ଲାଗୁରୀଙ୍କ ତତ୍ତ୍ୱାବଧାନରେ କେନ୍ଦୁଝରରୁ ସାପଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୌରହରି ନାୟକ, ସରପଞ୍ଚ ଅନିରୁଦ୍ଧ ନାୟକ, ସରପଞ୍ଚ ମନୋହର ବେହେରା, ନାଏବ ସରପଞ୍ଚ ଭଗିଆ ଦାସ, ପୂର୍ବତନ ସରପଞ୍ଚ ସୁଚିତ୍ର ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ କଟକ ଗ୍ରାମାଞ୍ଚଳ ଜିଲା ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସାଲେପୁର ନିର୍ବାଚନମଣ୍ଡଳୀର ବିଜେଡି ଓ ଭାଜପାର ବହୁ କାର୍ଯ୍ୟକର୍ତ୍ତା ଓ ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ ଦାଶଙ୍କ ତତ୍ତ୍ୱାବଧାନରେ ୨୯ ନମ୍ବର ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର କୁମାର ନାଏକ, ପୂର୍ବତନ ବିଜେଡି ୱାର୍ଡ ସଭାପତି କରୁଣାକର ରାଉତ, ୱାର୍ଡ ନମ୍ବର ୬୩ର ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପ୍ରଦ୍ୟୁମ୍ନ ଦାଶ ପ୍ରମୁଖ ଯୋଗଦେଇଥିଲେ।

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। -ଶ୍ରୀମା



# ସମ୍ଭାବ୍ୟ ବାଣିଜ୍ୟିକ ବ୍ୟବସ୍ଥା

ଆମେରିକାରେ ଯେତେବେଳେ ବି ରିପବ୍ଲିକାନ ରାଷ୍ଟ୍ରପତି କ୍ଷମତାକୁ ଆସିଛନ୍ତି ସେମାନେ ନୂଆ ଯୁଦ୍ଧ ଆରମ୍ଭ କରିନାହାନ୍ତି କିମ୍ବା ଚାଲିଥିବା ଯୁଦ୍ଧକୁ ପ୍ରୋତ୍ସାହନ ଦେଇନାହାନ୍ତି। ଏହି ପ୍ରଥାକୁ ଏଥର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଜାୟ ରଖୁଛନ୍ତି। ଏହି କ୍ରମରେ ଦେଖିଲେ ଟ୍ରମ୍ପ ସାଢ଼େ ୩ ବର୍ଷ ଧରି ରୁଷିଆ-ୟୁକ୍ରେନ୍ ମଧ୍ୟରେ ଚାଲିଆସିଥିବା ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବା ଲାଗି ଚାହୁଁଛନ୍ତି। ହେଲେ ତାହା ଫଳବତୀ ହୋଇପାରୁନାହିଁ। ସଦ୍ୟ ଘଟଣାକୁ ଦେଖିଲେ ଆମେରିକାର ଆଲାସ୍କାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ତାଙ୍କ ମଧ୍ୟରେ ଅଗଷ୍ଟ ୧୫ରେ ବହୁ ପ୍ରତୀକ୍ଷିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଯୁଦ୍ଧ ବନ୍ଦ କରିବା ସକାଶେ ତୁରନ୍ତ କୌଣସି ଚୁକ୍ତିନାମାରେ ପହଞ୍ଚି ନ ଥିବା ବୈଠକ ଶେଷରେ ଟ୍ରମ୍ପ କହିଛନ୍ତି। କିଛି ମାସ ପୂର୍ବରୁ ପୁଟିନ୍‌ଙ୍କୁ ଗାଳି ଦେଉଥିବା ଟ୍ରମ୍ପ ଅତର୍କିତ ରୁଷିଆ-ୟୁକ୍ରେନ୍ ମଧ୍ୟରେ ମଧ୍ୟସ୍ଥତା କରିବା ପଛରେ ବଡ଼ ଅଭିସନ୍ଧି ଥିବା ଆଲୋଚନା ହେଉଛି। ସମ୍ଭବତଃ ନୋବେଲ ଶାନ୍ତି ପାଇବା ପାଇଁ ତାଙ୍କ ମନ ହାଇଁପାଇଁ ହେଉଛି ବୋଲି କେତେକ କହୁଛନ୍ତି। ଏଥିସହିତ ଟ୍ରମ୍ପ ଚାହୁଁଛନ୍ତି ଯେ ଆମେରିକୀୟ ଡଲାରକୁ ଦୁର୍ବଳ କଲା ଭଳି କୌଣସି ଦେଶ ମଧ୍ୟରେ ବାଣିଜ୍ୟିକ ତଥା ମୌଦ୍ରିକ ଏକୀକରଣ ନ ହେଉ। ଅର୍ଥାତ୍ ଆମେରିକାର ଇଚ୍ଛା ଅନୁଯାୟୀ ବିଶ୍ୱ ବାଣିଜ୍ୟ ପରିଚାଳିତ ହେଉ। ସବୁ ଦେଶର ପରସ୍ପର ମଧ୍ୟରେ ହେଉଥିବା ବାଣିଜ୍ୟିକ ସମ୍ପର୍କର ଏକମାତ୍ର ବିନିମୟ ମୁଦ୍ରା ଭାବେ ଆମେରିକୀୟ ଡଲାର ରାଜ କରୁ। ଟ୍ରମ୍ପଙ୍କ ଇତିହାସକୁ ଦେଖିଲେ ତାଙ୍କର ଏହି ଅଭିମୁଖ୍ୟ ଏବେକାର ନୁହେଁ। ପ୍ରଥମ ରାଷ୍ଟ୍ରପତି ପାଳି ପୂର୍ବରୁ ଅନେକ ଟେଲିଭିଜନ ଓ ରେଡିଓ ସାକ୍ଷାତକାରରେ ଟ୍ରମ୍ପଙ୍କ ମନ୍ତବ୍ୟ ସବୁବେଳେ ଯୁଦ୍ଧବିରୋଧୀ ଓ 'ଆମେରିକା ଆଗ' ଅଭିମୁଖ୍ୟ ଲମ୍ବା ସମୟ ଧରି ରହିଆସିଛି। ଗୋଳାବାରୁଦ ବିକ୍ରି କରି ଅର୍ଥ ଅର୍ଜନ ରହିଛି ଡେମୋକ୍ରାଟିକ୍ ଦଳର ମୁଖ୍ୟ ବାଣିଜ୍ୟିକ ନୀତି। କିନ୍ତୁ ଟ୍ରମ୍ପଙ୍କ ପୂର୍ବ କଥାକୁ ଶୁଣିଲେ ମନେହୁଏ ଯେପରି ତାଙ୍କ ଇଚ୍ଛା ଆମେରିକାର ସବୁ ବୃହତ୍ ବ୍ୟବସାୟିକ ଗୋଷ୍ଠୀରେ ଲାଭବାନ ହେବା ଦରକାର। ଆଜିକାର ଭାରତରେ ନୀତି ନିର୍ଦ୍ଧାରଣ କରୁଥିବା ବ୍ୟକ୍ତିମାନେ ଟ୍ରମ୍ପଙ୍କ ଇତିହାସକୁ ଭଲଭାବେ ବୁଝି ନ ଥିବାରୁ ଆମେରିକାର ନୀତି ସହିତ ତାଳ ମିଳାଇ ପାରୁନାହାନ୍ତି।

ଏଭଳି ପ୍ରଚ୍ଛଦପଟରେ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ମୁଖ୍ୟତଃ ଗଠିତ ବ୍ରିକ୍ସର କଳେବରକୁ ଦୁର୍ବଳ କରିବା ଲକ୍ଷ୍ୟ ଟ୍ରମ୍ପଙ୍କର ରହିଛି। ହେଲେ ଏଭଳି କୌଶଳକୁ ଭାରତ ବୁଝିବାରେ ଅକ୍ଷମ ହେଉଥିବାରୁ ଆମର ନେତୃତ୍ୱ ଭଡ଼ଭଡ଼ ହୋଇ ପ୍ରତିକ୍ରିୟା ଦେବାକୁ ଆଗେଇ ଆସୁଛନ୍ତି। ଏପରି ଅଗ୍ରଗତିକୁ ଦେଖିଲେ ବୈଶ୍ୱିକ କୂଟନୀତିକୁ ଉପଯୁକ୍ତ ଭାବେ ପରିଚାଳନା କରିବାରେ ନୂଆଦିଲ୍ଲୀ ବିଫଳ ହେଉଥିବାର ଦୃଷ୍ଟାନ୍ତ ମିଳୁଛି। ଉଦାହରଣ ସ୍ୱରୂପ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ଭାରତ କରିଥିବା 'ଅପରେଶନ ସିନ୍ଦୁର'ର ଫାଇଦା ପାକିସ୍ତାନ ନେବାରେ ସକ୍ଷମ ହୋଇଛି। କାରଣ ପାକିସ୍ତାନ ବିଶ୍ୱ ସମୁଦାୟ ବିଶେଷକରି ଆମେରିକା ନିକଟରେ ଭାରତ ବିରୋଧୀ ବ୍ୟାଖ୍ୟାନ କରିବାରେ ଚତୁରତା ଦେଖାଇପାରିଛି। ପାକିସ୍ତାନ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର 'ଅପରେଶନ ସିନ୍ଦୁର' ପରେ ଦୁଇ ଥର ଆମେରିକା ଗସ୍ତ କରି ଟ୍ରମ୍ପଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ଫଳସ୍ୱରୂପ ପାକିସ୍ତାନ ଉପରେ ଆମେରିକା ଲାଗୁ କରିଥିବା ୨୯ ପ୍ରତିଶତ ଟାରିଫ୍‌କୁ କମାଇ ୧୯ ପ୍ରତିଶତରେ ପହଞ୍ଚାଇଦେଇଛି। ଅନ୍ୟପକ୍ଷରେ ଭାରତ ଉପରେ ଟ୍ରମ୍ପ ୫୦ ପ୍ରତିଶତ ଟାରିଫ୍ ଲଗାଇ ଜଣାଇ ଦେଇଛନ୍ତି ଯେ, ତାଙ୍କୁ ରଗେଇ ଦେଇ କେହି କେବେ ଫାଇଦା ନେଇପାରିବେ ନାହିଁ। ତତ୍କ୍ଷଣାତ୍ ପ୍ରତିକ୍ରିୟା କୂଟନୈତିକ ଅଗ୍ରଗତିକୁ ଧ୍ୱଂସ କରିଦେଇଥାଏ।

ଏଭଳି ପରିସ୍ଥିତିରେ ରୁଷିଆ ଓ ଚାଇନା କୂଟନୈତିକ ଶୈଳୀକୁ ଭାରତ ଅନୁଧ୍ୟାନ କରିବା ଦରକାର। ରୁଷିଆ ରାଷ୍ଟ୍ରପତି ପୁଟିନଙ୍କୁ ଟ୍ରମ୍ପ ଯେଉଁଭଳି ସ୍ୱାଗତ କରିଥିବାର ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇଲା ସେଥିରୁ ଜଣେ ବିଶ୍ଳେଷକ ଆମେରିକା ଯେଉଁଭଳି ରୁଷିଆକୁ ଗୁରୁତ୍ୱ ଦେଉଛି। ସମ୍ପ୍ରତି ଜାଣିବା ସବୁ ଦୃଷ୍ଟିରୁ ଆମେରିକା ବିଶ୍ୱରେ ଏକମେବ ଶକ୍ତି ହୋଇରହିଛି। ଅନ୍ୟପକ୍ଷରେ ଅର୍ଥନୀତି ଦିଗରୁ ପଛରେ ରଖି ଅନ୍ୟାନ୍ୟ କ୍ଷେତ୍ରରେ ରୁଷିଆକୁ ତଉଲା ଗଲେ ତା'ର ଚମକ ମଧ୍ୟ ହ୍ରାସ ପାଇଲାଣି। ବିଶେଷକରି ୟୁକ୍ରେନ୍ ଭଳି ଏକ ଛୋଟ ଦେଶ ଯେଉଁଭଳି ରୁଷିଆକୁ ଦୀର୍ଘ ସମୟ ଧରି ଅଟକାଇ ରଖିଛି, ସେଥିରୁ ପ୍ରମାଣ ମିଳୁଛି ମିଲିଟାରୀ ଶକ୍ତିରେ ମଧ୍ୟ ରୁଷିଆ ପଛରେ ପଡ଼ିଗଲାଣି। ଅନ୍ୟପଟରେ ଚାଇନା ତା'ର ବ୍ୟବସାୟିକ ସାର୍ଥକୁ ଦେଖି ସମଗ୍ର ପୃଥିବୀରେ ଏହାକୁ ବିସ୍ତାର କରିସାରିଲାଣି। ଚାଇନାର ସାମରିକ ଶକ୍ତି ମଧ୍ୟ ଆମେରିକା ତୁଳନାରେ ଗୌଣ ନୁହେଁ। କିନ୍ତୁ ରୁଷିଆ ଭଳି ଯୁଦ୍ଧ ପରିବର୍ତ୍ତେ ବାଣିଜ୍ୟ ମାଧ୍ୟମରେ ପୃଥିବୀକୁ ଜିତି ପାରୁଛି ଚାଇନା। ସେଥିପାଇଁ ଟ୍ରମ୍ପ ତାଙ୍କ ପ୍ରଥମ ରାଷ୍ଟ୍ରପତି ପାଳିରେ ଚାଇନାକୁ ଲକ୍ଷ୍ୟ କରି ଅନେକ ପଦକ୍ଷେପ ନେଇଥିଲେ। ଏବେ ସେହି ଟ୍ରମ୍ପ ନିଜ ଅଭିମୁଖ୍ୟରେ ପରିବର୍ତ୍ତନ ଆଣିଥିବା ଭଳି ମନେହେଉଛି। ରୁଷିଆରେ ଯୁଦ୍ଧବିରତି ଶାନ୍ତି ପ୍ରତିଷ୍ଠା ଉଦ୍ୟମ କରୁଥିବା ବେଳେ ଚାଇନା ସହିତ ବ୍ୟବସାୟିକ ସମ୍ପର୍କ ଗଢ଼ିବାର ଇଚ୍ଛା ଟ୍ରମ୍ପଙ୍କର ରହିଥିବା ଭଳି ଜଣାପଡୁଛି। ଡେମୋକ୍ରାଟ୍ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସମୟରେ ଦକ୍ଷିଣ ଚାଇନା ସମୁଦ୍ରରେ ଅନେକ ଦେଶକୁ ଚାଇନା ବିରୋଧରେ ଏକଜୁଟ କରାଇବାକୁ ଚେଷ୍ଟା ହେବା ସହିତ କ୍ୱାଡ୍ ଭଳି ସାମରିକ ଗୋଷ୍ଠୀ ପାଇଁ ଆମେରିକା ଚେଷ୍ଟା କରିଥିଲା। ତେବେ ଟ୍ରମ୍ପଙ୍କ ଦ୍ୱିତୀୟ ରାଷ୍ଟ୍ରପତି ପାଳିରେ ସେସବୁ ଚାଇନା ବିରୋଧୀ ପଦକ୍ଷେପକୁ ପଛରେ ପକାଇ ଦିଆଯାଇଛି। ସମ୍ଭବତଃ ଏହି ନୂତନ ନୀତି ବ୍ୟବସ୍ଥାରେ ଭାରତର ଗୁରୁତ୍ୱ ହ୍ରାସ ପାଉଛି। ଆମେରିକା ପାଇଁ ଚାଇନାର ବ୍ୟବସାୟିକ କ୍ଷମତାକୁ ସାଥିରେ ରଖିବା ସହିତ ରୁଷିଆ ସହିତ ସଙ୍ଗାତ ବସିବା ଅଧିକ ଗୁରୁତ୍ୱ ଲାଭ କରୁଛି। ଏଭଳି ସ୍ଥିତିରେ ୟୁକ୍ରେନ ଯୁଦ୍ଧରୁ ଓହରିବା ପାଇଁ ହୁଏତ ରୁଷିଆ ରାଜି ହୋଇପାରେ ଏବଂ ଚାଇନାର କୋପଦୃଷ୍ଟି ତାଇୱାନ ଉପରୁ ଉଠିଯାଇପାରେ। ତାହା ଯଦି ଟ୍ରମ୍ପଙ୍କ ଦ୍ୱାରା ସମ୍ଭବ ହୁଏ, ତେବେ ପୃଥିବୀରେ ଏକ ନୂତନ ଅର୍ଥନୈତିକ ବ୍ୟବସ୍ଥା ଜନ୍ମ ନେଇପାରେ; ଯେଉଁଥିରେ ଆମେରିକାର ପ୍ରାଧାନ୍ୟ ହ୍ରାସ ପାଇବା ପରିବର୍ତ୍ତେ ବଢ଼ିଯାଇପାରେ।

ଏହା କହିଲା ବେଳକୁ ମନେରଖିବାକୁ ହେବ ଯେ, ଟ୍ରମ୍ପ ଘଟାଉଥିବା ବିପୁଳ ବ୍ୟବସାୟିକ ବାଧା ବା ଓଲଟପାଲଟ ଏକ ସମ୍ପୂର୍ଣ୍ଣ ଭିନ୍ନ ମୋଡ଼ ମଧ୍ୟ ନେଇପାରେ। ଆମେରିକାର ଟାରିଫ୍‌ରୁ ବ୍ୟସ୍ତ ହୋଇ ଅନେକ ଦେଶ କିମ୍ବା ଅନେକ ରାଷ୍ଟ୍ରୀୟ ଗୋଷ୍ଠୀ ଏକ ନୂତନ ମୁଦ୍ରା ଓ ବ୍ୟବସାୟିକ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ବାଧ୍ୟ ହୋଇପାରନ୍ତି। ସେଭଳି ପରିସ୍ଥିତି ଘଟିଲେ ସେହି ନୂତନ ସଙ୍ଗଠନ ଭିତରେ ପ୍ରବେଶ କରିବା ଚାଇନା ପାଇଁ ସହଜ ହୋଇପାରେ, କିନ୍ତୁ ଭବିଷ୍ୟତରେ ଆମେରିକାର ସମସ୍ୟା ବଢ଼ିପାରେ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 4 | | | | | | |
| 7 | 1 | | 6 | | | 4 | | 2 |
| | | 9 | | 3 | | | 6 | |
| 1 | | | 8 | | 6 | | | |
| | | | | | | | | 3 |
| | | 7 | | 9 | 3 | | | |
| | 5 | | 2 | | | | | |
| | | | | 7 | 8 | 3 | | |
| | | | | | | | 1 | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 6 | 4 | 2 | 8 | 9 | 3 | 1 |
| 1 | 9 | 8 | 6 | 3 | 7 | 5 | 2 | 4 |
| 4 | 3 | 2 | 1 | 5 | 9 | 6 | 8 | 7 |
| 6 | 2 | 4 | 5 | 1 | 3 | 8 | 7 | 9 |
| 5 | 7 | 1 | 8 | 9 | 6 | 2 | 4 | 3 |
| 9 | 8 | 3 | 7 | 4 | 2 | 1 | 5 | 6 |
| 2 | 4 | 9 | 3 | 8 | 1 | 7 | 6 | 5 |
| 3 | 1 | 7 | 2 | 6 | 5 | 4 | 9 | 8 |
| 8 | 6 | 5 | 9 | 7 | 4 | 3 | 1 | 2 |

ଗତକାଲିର ଉତ୍ତର



# ଆବେଦନରୁ ଆଡ୍‌ମିଶନ

ଶୁଭନାରାୟଣ ଶତପଥୀ

ପିଲାଏ ମାଟ୍ରିକ୍ ପରୀକ୍ଷାରେ ପାସ୍ କରିବା ପରେ ଯୁକ୍ତ୍‌ଦୁଇ, ଆଇଟିଆଇ, ଡିପ୍ଲୋମା ଇଞ୍ଜିନିୟରିଂ ଆଦି କଲେଜରେ ଆଡ୍‌ମିଶନ ପାଇଁ ଚାଲେ ଆବେଦନ ପ୍ରକ୍ରିୟା। ଏହି ଆବେଦନ ପାଇଁ ରହିଥିବା ନମ୍ବର, ରହୁଥିବା ଅଞ୍ଚଳ, ଆବେଦନ କରୁଥିବା ସ୍କୁଲ ବା କଲେଜରେ ପୂର୍ବ କଟ୍‌ଅଫ୍ ମାର୍କକୁ ବିଚାରକୁ ନେଇଥାନ୍ତି ପିଲାଏ ଓ ତାଙ୍କ ଅଭିଭାବକ। ତେବେ ସାଧାରଣତଃ ସାମ୍ସ ପୋର୍ଟାଲରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଆବେଦନ କରିଥା'ନ୍ତି। ରେଜିଷ୍ଟ୍ରେସନ କରିବାପରେ ଲଗ୍‌ଇନ୍ କରି ଆବେଦନ କରାଯାଇଥାଏ। ଏହି ରେଜିଷ୍ଟ୍ରେଶନ ପାଇଁ ପିଲାମାନଙ୍କ ଆଧାରରେ ଲିଙ୍କ୍ ହୋଇଥିବା ମୋବାଇଲ ନମ୍ବରକୁ ବ୍ୟବହାର କରିବାକୁ ପଡ଼ିଥାଏ। ତେବେ ଅଧିକାଂଶ କ୍ଷେତ୍ରରେ ଏହି ମୋବାଇଲ ନମ୍ବର ମାତାପିତାଙ୍କର ହୋଇଥାଏ। ଦେଖାଯାଏ, ଏ ସମ୍ବନ୍ଧୀୟ ଧାରଣା ଯେତେବେଳେ ପିତାମାତାମାନେ ପାଆନ୍ତି, ସେତେବେଳେ ସେମାନେ ତାଙ୍କ ପିଲାଟିର ଆଧାର କାର୍ଡ ଓ ସେଥିରେ ଥିବା ମୋବାଇଲ ନମ୍ବରକୁ ଯାଞ୍ଚ କରନ୍ତି। ଅଧିକାଂଶସ୍ଥଳେ ଏହି ମୋବାଇଲ ନମ୍ବର କାମ କରୁନଥାଏ ବା ଲିଙ୍କେଜ୍ ହୋଇନଥାଏ କିମ୍ବା ଆଧାରକାର୍ଡରେ ଥିବା ତଥ୍ୟର ସଂଶୋଧନ ଆବଶ୍ୟକତା ଥାଏ। ଏଥିପାଇଁ ମାତାପିତାମାନେ ନିକଟସ୍ଥ ସହଜ ସେବାକେନ୍ଦ୍ର, ପୋଷ୍ଟ ଅଫିସ୍, ବ୍ୟାଙ୍କକୁ ଧାଁ ଧଉଡ଼ କରନ୍ତି। କେବଳ ଆଧାର କାର୍ଡ କାହିଁକି, ସ୍ଥାୟୀ ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଇତ୍ୟାଦି ଆବେଦନ କରନ୍ତି। ଫଳରେ ଏହିସବୁ କେନ୍ଦ୍ରରେ ଭିଡ଼ ପରିଲକ୍ଷିତ ହୁଏ। କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ଅଧୀନ ବିଷୟ ହୋଇଥିଲେ ସମାଧାନ ହୁଏ, ନଚେତ୍ ଉପରିସ୍ଥ ବିଭାଗକୁ ଯିବାକୁ ପଡ଼େ। ତେବେ ଆଡ୍‌ମିଶନ ପ୍ରକ୍ରିୟାର ଅବଧି ମଧ୍ୟରେ ଏହି କାର୍ଯ୍ୟ ଯେତେ ଡେରି ହୁଏ, ଶୀଘ୍ର ତାକୁ ନେଇ ଅଭିଭାବକ ଓ ପିଲାମାନଙ୍କ ମଧ୍ୟରେ ବ୍ୟଗ୍ରତା ବଢ଼ିଯାଏ। ତାଛଡ଼ା ସେମାନେ ପ୍ରଥମଥର ଏହି ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ମଧ୍ୟକୁ ଆସୁଥିବାରୁ ସେମାନେ ଦ୍ୱନ୍ଦ୍ୱରେ ପଡ଼ନ୍ତି। କାରଣ ପୂର୍ବ ସଚେତନତା ଥିଲେ ପ୍ରାକ୍ ପ୍ରସ୍ତୁତି କରିଥାନ୍ତେ। ଯଦି ଆବେଦନକାରୀ ବା ତାଙ୍କ ମାତାପିତା ଅପହଞ୍ଚ ଅଞ୍ଚଳର ହୋଇଥା'ନ୍ତି, ତେବେ ତାଙ୍କୁ ଦୂର ରାସ୍ତା, ଅସଚେତନତା, ନେଟ୍‌ୱର୍କ ଆଦି ଅସୁବିଧାର ସାମ୍ନା କରିବାକୁ ପଡ଼ିଥାଏ। ଏହି ଘଟଣାକୁ ଉପଯୁକ୍ତ ଭାବରେ ଧ୍ୟାନ ଦେଇ କାର୍ଯ୍ୟ ନ କଲେ ପିଲାଟି ଆଡ୍‌ମିଶନ ପ୍ରକ୍ରିୟାକୁ ଆସିବାରେ ବିଳମ୍ବ ହୁଏ ବା ବାଦ୍ ପଡ଼ିଯାଏ। ଯଦିଓ ଆବେଦନ କରାଯାଏ, ତଥାପି ନିଜର ପସନ୍ଦକୁ ଅଗ୍ରାଧିକାର, କଲେଜଗୁଡ଼ିକର କଟ୍ ଅଫ୍ ମାର୍କ,



ପରବର୍ତ୍ତୀ ପ୍ରକ୍ରିୟାରେ ଚୟସ ଲକିଂ, ସ୍ଲାଇଡିଂ ଅପ୍ ଆଦି ପ୍ରଭାବିତ ହୁଏ। କାରଣ ଆବେଦନକାରୀ ଆବେଦନ କଲାବେଳେ ଅନ୍ୟ ଉପରେ ନିର୍ଭର କରି ଆବେଦନକୁ ସଠିକ ଓ ଆବଶ୍ୟକତା ଅନୁସାରେ କରିପାରିନଥାଏ। ଫଳରେ ତା'ର ଯୋଗ୍ୟତା ଥିଲେ ମଧ୍ୟ ନିଜ ପସନ୍ଦ ମୁତାବକ ଅନୁଷ୍ଠାନ, ବିଷୟରେ ଆଡ୍‌ମିଶନ ପାଇଁ ସୁଯୋଗ ପାଏନାହିଁ।

ଅପରପକ୍ଷରେ ପ୍ରଥମ ସିଲେକ୍ସନରେ ତାକୁ ବାଧ୍ୟତାମୂଳକ ଭାବରେ ଆଡ୍‌ମିଶନ କରିବାକୁ ପଡୁଥିବାରୁ ଆଡ୍‌ମିଶନ ସଂକ୍ରାନ୍ତ ସାର୍ଟିଫିକେଟ୍, ଅର୍ଥରାଶି ଜମାଦେବାକୁ ପଡ଼େ। ମାନସିକ ବିଷାଦ ମଧ୍ୟରେ ଗତିକରେ। ପରବର୍ତ୍ତୀ ସମୟରେ ନିଜ ପସନ୍ଦ ମୁତାବକ ଅନ୍ୟ ଏକ ବିଭାଗ ଅନ୍ତର୍ଗତ ଶିକ୍ଷାନୁଷ୍ଠାନରୁ ସୁଯୋଗ ଆସିଲେ ପୂର୍ବ ଶିକ୍ଷାନୁଷ୍ଠାନରେ ଜମା ଦେଇଥିବା ଅର୍ଥ ହରାଇବାକୁ ପଡ଼େ। ଏକ୍ଷେତ୍ରରେ ଜଣେ ମାତୃପିତୃହୀନ ପିଲାର ଅଭିଭାବକ, ପିତା ବା ମାତା ଜଣେ ବଞ୍ଚିଥିବା ପିଲାଟିର ପିତାମାତା ବା ଅଭିଭାବକ, ଗରିବଶ୍ରେଣୀୟ, ଦିନମୁଜୁରିଆ ପିତାମାତାଙ୍କ ପାଇଁ କଷ୍ଟକର ପରିସ୍ଥିତି ଦେଇ ଗତି କରେ। ଏମାନଙ୍କ ମଧ୍ୟରୁ ଅନେକ ପାଠ ବିଷୟରେ ବୁଝନ୍ତି ନାହିଁ କି ଜଣନ୍ତି ନାହିଁ। ବେଳେବେଳେ ଦେଖାଯାଏ, ଏହି ପିଲାମାନେ ବା ମାତାପିତାଙ୍କର ମୋବାଇଲ ନଥାଏ ବା ଚଏସ ଲକ୍, ସ୍ଲାଇଡିଂ ଆଦିର ସୁବିଧାକୁ ଅଣଦେଖା କରିଦେଇଥା'ନ୍ତି କିମ୍ବା ଜାଣିପାରିନଥା'ନ୍ତି। ସେହି ସମୟ ଅତିକ୍ରାନ୍ତ ହେବା ପରେ ପିଲାଟି ଆବଶ୍ୟକ ପାଠ୍ୟକ୍ରମ ବା କଲେଜରେ ସାମିଲ ହୋଇପାରେ ନାହିଁ। ଏହି ପ୍ରକ୍ରିୟା ମାଟ୍ରିକ୍ ପାସ୍ ହୋଇଥିବା ଛାତ୍ରୀଛାତ୍ର ଓ ମାତାପିତାଙ୍କ ନିମନ୍ତେ ପ୍ରଥମ ହୋଇଥିବାରୁ ଏପରି ହେବା ସ୍ୱାଭାବିକ କଥା। କିନ୍ତୁ ଏହି ଅସଚେତନତା ପାଇଁ ପିଲାଟିର ଇଚ୍ଛାମୁତାବକ ପାଠ୍ୟକ୍ରମ ନ ମିଳିବା କିମ୍ବା ଆଡ୍‌ମିଶନରୁ ସଂପୂର୍ଣ୍ଣ ବାଦ୍ ପଡ଼ିବା ପରିତାପର ବିଷୟ।

ଥରେ ଜଣେ ମା' ତାଙ୍କର ଝିଅଟିକୁ ଧରି ଜଣେ ଅଧିକାରୀଙ୍କ ନିକଟକୁ ଗଲେ। ଅଧିକାରୀ ଜଣକ ସହୃଦୟତାର ସହିତ ମା'ଙ୍କ କଥାକୁ ଶୁଣିଲେ ଓ ପିଲାଟିର ଆଡ୍‌ମିଶନ ହୋଇ ପାରିନଥିବା କଥା ଜାଣି ଦୁଃଖ ବ୍ୟକ୍ତ କଲେ। ତୁରନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବୁଝିବାରୁ ଜଣାପଡ଼ିଲା ବୈଷୟିକ ପ୍ରତିଷ୍ଠାନରେ ସ୍ପଟ ଆଡ୍‌ମିଶନ ପ୍ରକ୍ରିୟା ଚାଲିଛି। ସେ ପରାମର୍ଶ ଦେଇ ତୁରନ୍ତ ତାଙ୍କୁ ସେଠାକୁ ପଠାଇବାରୁ ତାଙ୍କର ଆଡ୍‌ମିଶନ ହୋଇଗଲା। ଅନ୍ୟ ଏକ ସମାନ ଘଟଣାରେ ଗୋଟିଏ ପିଲାର ପାଠ ପଢ଼ିବାକୁ କମ୍ ଆଗ୍ରହ ଥିବା, ପରୀକ୍ଷାରେ କମ୍ ମାର୍କ ରଖିବା ଓ ତା'ର ମାଆଙ୍କ ଆବେଦନ ବିଷୟରେ ଅଜ୍ଞତା କାରଣରୁ ସେ ପିଲାଟି ଆଡ୍‌ମିଶନ କରିବାକୁ ଚାହୁଁନଥିଲା। ଏଠାରେ ପରାମର୍ଶ ସେବା ଓ ସେମାନଙ୍କୁ ସହଯୋଗର ଆବଶ୍ୟକତା ରହିଛି। ଜଣେ ସମାଜସେବୀ ସେହି ପିଲାଟିର ଏକ ଧନ୍ଦାମୂଳକ ଶିକ୍ଷା ସଂସ୍ଥାରେ ଆଡ୍‌ମିଶନ କରାଇଦେଲେ। ଅନ୍ତତଃ ଛଅମାସ ତା'ର ଧନ୍ଦାମୂଳକ ଶିକ୍ଷା ଓ ସ୍ୱ-ନିଯୋଜନରେ କଟିଯିବ। ଅନେକ ସ୍ଥଳରେ ପିଲାଏ ବା ଅଭିଭାବକ ଶିକ୍ଷା ନିମନ୍ତେ ହରିଜନ, ଆଦିବାସୀ ଛାତ୍ରୀମାନଙ୍କ ପାଇଁ ଥିବା ପଢ଼ିବା ସୁବିଧା, ସ୍କଲାରଶିପ୍, ସହାୟତା ବିଷୟରେ ଜାଣିନଥା'ନ୍ତି। ଏ ସଂକ୍ରାନ୍ତରେ ସରକାରୀ ବେସରକାରୀ ଯୋଜନାମାନଙ୍କ ବିଷୟରେ ସେମାନେ ଅଜ୍ଞ ଥାଆନ୍ତି। ଫଳରେ ଏ ସଂପର୍କିତ ସାର୍ଟିଫିକେଟ କାଗଜପତ୍ର ଯୋଗାଡ଼ କରିନଥିବା କାରଣରୁ ପିଲାଟି ଶେଷରେ ସୁବିଧାରୁ ବଞ୍ଚିତ ହୁଏ। ଭାବନ୍ତୁ ତ ଗୋଟିଏ ମାତୃପିତୃହୀନ ଶିଶୁ, ଯାହାର ଦେଖାଶୁଣା କରିବାକୁ ଜେଜେମା' ବା ଆଇଙ୍କ ଛଡ଼ା କେହି ନ ଥିବେ, ଯିଏ କୌଣସି ସଂସ୍ଥାରେ ରହି ପାଠ ପଢୁଥିବ, କୌଣସି କାରଣରୁ ଘରୁ ଚାଲି ଆସିଥିବା ପିଲା, ଯେଉଁ ପିଲାଟି ପାଇଁ ଘର ଅସୁରକ୍ଷିତ ବା ସେ ଘରକୁ ଫେରିବାର ସମ୍ଭାବନା କମ୍ ଥିବ, ସେ କେଉଁଠାରୁ ମୋବାଇଲ ଫୋନ ଆଣିବ ଯେ ରେଜିଷ୍ଟ୍ରେଶନ କରିବ, ଫୋନ ନମ୍ବର ସହିତ ଆଧାର ଲିଙ୍କେଜ୍ କରିବ, ଅନ୍‌ଲାଇନ ପଢ଼ିବ ଇତ୍ୟାଦି! ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ଏ ସବୁକୁ ସୁଗମ ସରଳ କରିବାକୁ ହେଲେ ପରୀକ୍ଷା ପରେ ହେଉଥିବା ଛୁଟିଗୁଡ଼ିକରେ ବିଦ୍ୟାଳୟ, ମହାବିଦ୍ୟାଳୟ ଆଦିରେ ଛାତ୍ରୀଛାତ୍ର, ମାତାପିତା, ଅଭିଭାବକମାନଙ୍କୁ ନେଇ କ୍ୟାରିୟର ସୁବିଧା, ଅନ୍‌ଲାଇନ ଆବେଦନର ସଂପୂର୍ଣ୍ଣ ପ୍ରକ୍ରିୟାଗୁଡ଼ିକ ବିଷୟରେ ଭଲ ଭାବରେ ସଚେତନ ଆଲୋଚନା କରାଇଲେ କିମ୍ବା ପାଠ ପଢ଼ିଥିବା ବିଦ୍ୟାଳୟରେ ଆବେଦନ କ୍ୟାମ୍ପ କରାଇ ମାଗଣା ପରାମର୍ଶ ଓ ଆବେଦନର ସୁବିଧା ପ୍ରଦାନ କଲେ ସେମାନେ ହଇରାଣ ହରକତ ହୁଅନ୍ତେ ନାହିଁ। ଛାତ୍ରୀଛାତ୍ର ଓ ଅଭିଭାବକମାନେ ସମ୍ପୃକ୍ତ ବିଦ୍ୟାଳୟ ପ୍ରତି ଅଧିକ ଅନୁରକ୍ତି ପ୍ରକାଶ କରନ୍ତେ।

ଏହାଛଡ଼ା ଆନ୍ତଃ ବିଭାଗୀୟ ସମନ୍ୱୟରେ ମହାବିଦ୍ୟାଳୟ, ବୈଷୟିକ ବିଦ୍ୟାଳୟଗୁଡ଼ିକର ଆବେଦନର ସମସ୍ତ ପ୍ରକ୍ରିୟାକୁ ସମନ୍ୱିତ କରିବା ଜରୁରୀ। ଏକକ ସମୟସୀମା ଯଥା ଆବେଦନର, ଚଏସ୍ ଲକିଂ, ସ୍ଲାଇଡିଂ ଅପ୍, ସିଲେକ୍ସନର ଶେଷ ତାରିଖ ରଖିଲେ ଆବେଦନକାରୀ ସବୁ ସୁଯୋଗରୁ ନିଜ ଦକ୍ଷତା ମୁତାବକ ପସନ୍ଦରେ ଆଡ୍‌ମିଶନ କରିପାରନ୍ତେ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**



# ଅପବିକ୍ରୟ: ଏକ କଳଙ୍କିତ ଅଧ୍ୟାୟ

ଅନନ୍ତ ଚରଣ ସ୍ୱାଇଁ

କାହି ପୋଛି ଜାଣେ ଯିଏ, ପଚା ଚିଙ୍ଗୁଡ଼ି ବିକେ ସିଏ- ଏହି ଉକ୍ତିଟି ଆଜିର ବ୍ୟାଙ୍କଗୁଡ଼ିକ ପାଇଁ ପ୍ରଯୁଜ୍ୟ। ମହାକାଳ ଫଳ ଭାରି ସୁନ୍ଦର, ଭିତରଟା ଦେଖ ପୋଡ଼ା ଅଙ୍ଗାର ନ୍ୟାୟରେ ବାହାରକୁ ସୁନ୍ଦର ଲାଗୁଥିବା ବ୍ୟାଙ୍କ ଶାଖାଗୁଡ଼ିକରେ ବୃଦ୍ଧି ପାଉଥିବା ଅପବିକ୍ରୟ ସମସ୍ତଙ୍କର ମୁଣ୍ଡ ବ୍ୟଥାର କାରଣ। ଅପବିକ୍ରୟ ଦ୍ୱାରା ବ୍ୟାଙ୍କ ନିଜର ବିଶ୍ୱସନୀୟତା ହରାଉଛି। ଅପବିକ୍ରୟର ଶିକାର ହେଉଥିବା ଗ୍ରାହକମାନେ ଆର୍ଥିକ କ୍ଷତି ସହୁଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତୀକରଣର ସାର୍ବଜନୀନ ଉନ୍ନତିର ଆଭିମୁଖ୍ୟ ପ୍ରତିହତ ହେଉଛି।

ଅପବିକ୍ରୟ ବା ମିସ୍ ସେଲିଂ ହେଉଛି ଏକ ବିକ୍ରୟ ପ୍ରକ୍ରିୟା। ଏହାଦ୍ୱାରା ଗ୍ରାହକ ବା ଉପଭୋକ୍ତାଙ୍କୁ ଚତୁରତାର ସହ ଉତ୍ପାଦିତ ଦ୍ରବ୍ୟ ବା ଏକ ସେବାକୁ ଭୁଲ୍ ଭାବରେ ଉପସ୍ଥାପନ କରି ବିକ୍ରୟ କରାଯାଏ। ଉତ୍ପାଦିତ ଦ୍ରବ୍ୟ ବା ସେବାର ସତ୍ୟାସତ୍ୟକୁ ପ୍ରାଧାନ୍ୟ ନ ଦେଇ ଏହାର ବିକ୍ରି ସହ ସଂଶ୍ଳିଷ୍ଟ ବ୍ୟକ୍ତି, ଦଲାଲ, ଆର୍ଥିକ ପରାମର୍ଶଦାତା ବା ବିକ୍ରୟକାରୀ ସଂସ୍ଥା ନିଜର ଲାଭ ପାଇଁ ଗ୍ରାହକଙ୍କ ଉପରେ ଏହା ଲଦି ଦିଅନ୍ତି। ଆର୍ଥିକ ସେବାକ୍ଷେତ୍ରରେ ମୂଳତଃ ଜୀବନ ବୀମା ପଲିସିର ଅପବିକ୍ରୟ ଅଧିକ ବୃଦ୍ଧି ପାଇଛି।

ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣର ତଥ୍ୟ ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ପଞ୍ଜୀକୃତ ହୋଇଥିବା ୧,୨୪,୨୯୩ ଅଭିଯୋଗ ମଧ୍ୟରୁ ୨୦% ହେଉଛି ବୀମା ଅପବିକ୍ରୟ ସମ୍ବନ୍ଧିତ। ବ୍ୟାଙ୍କ ଶାଖାଗୁଡ଼ିକରେ ଜୀବନ ବୀମା ଅପବିକ୍ରୟକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଗମ୍ଭୀରତାର ସହ ବିଚାର କରୁଛି।

ବ୍ୟାଙ୍କ ଶାଖାଗୁଡ଼ିକରେ ପ୍ରବଳ ମାତ୍ରାରେ ଜୀବନ ବୀମା ପଲିସିର ଅପବିକ୍ରୟ ହେଉଛି। ବୀମା ଅପବିକ୍ରୟ ରୋକିବା ପାଇଁ ବ୍ୟାଙ୍କଗୁଡ଼ିକ ଦୃଢ଼ ପଦକ୍ଷେପ ନେଉଥିବାର କୁହାଯାଉଛି। ବ୍ୟାଙ୍କର ଏହି ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଉଛି। ବୋଧହୁଏ ସରକାର, ରିଜର୍ଭ ବ୍ୟାଙ୍କ, ଆଇଆରଡିଏଆଇ ଏବଂ ସେବି ଭଳି ରେଗୁଲେଟର, ବ୍ୟାଙ୍କ ଶାଖାରେ ହେଉଥିବା ବୀମା ବିକ୍ରୟ ପ୍ରକ୍ରିୟା, ପ୍ରଣାଳୀ ଓ ଅନ୍ୟାନ୍ୟ ବ୍ୟାଙ୍କ ବାଧକତା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବଗତ ନାହାନ୍ତି।

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଓ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଭଳି ଦୁଇ ଅତ୍ୟନ୍ତ ଲୋକପ୍ରିୟ ବୀମା ସମ୍ବନ୍ଧରେ ଅନେକ ନବାଗତ ବ୍ୟାଙ୍କ କର୍ମଚାରୀ ଅବଗତ ନାହାନ୍ତି। କାଁ ଭାଁ କେତୋଟି ହାତଗଣତି ବ୍ୟାଙ୍କ ଶାଖା ବ୍ୟତୀତ ଉକ୍ତ ଦୁଇ ବୀମା ବିଷୟରେ କୌଣସି ସୂଚନା, ବ୍ୟାଙ୍କ ଶାଖାଗୁଡ଼ିକରେ ଦେଖିବା ପାଇଁ ମିଳେ ନାହିଁ। ବ୍ୟାଙ୍କମାନଙ୍କ ଏପରି ମାନସିକତା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ସାର୍ବଜନୀନ ଆର୍ଥିକ ଉନ୍ନତିର ପ୍ରତିବନ୍ଧକ।

ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଓ ବ୍ୟାଙ୍କର ବିଶ୍ୱସନୀୟତା ଦେଶର ଅର୍ଥନୀତିକୁ ପ୍ରଭାବିତ କରିଥାଏ। ବୀମାର ବହୁଳ ଅପବିକ୍ରୟ ଦ୍ୱାରା ଗ୍ରାହକମାନେ ବ୍ୟାଙ୍କ ଶାଖାକୁ ଆସିବା କମ କରିଦେଲେଣି। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରିବା ଲାଗି ମଧ୍ୟ କୁଣ୍ଠାବୋଧ କରୁଛନ୍ତି।

ଅତ୍ୟଧିକ ଚାପର ବଶବର୍ତ୍ତୀ ହୋଇ ବ୍ୟାଙ୍କ ଶାଖାରେ କାର୍ଯ୍ୟରତ କର୍ମଚାରୀମାନେ ଗ୍ରାହକଙ୍କୁ ମିଥ୍ୟା



ପ୍ରଲୋଭନ ଦେଖାଇ ବୀମା ବିକ୍ରୟ କରିବା ପାଇଁ ବାଧ ହେଉଛନ୍ତି। ଯେଉଁମାନେ ବୀମା ବିକ୍ରୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରୁନାହାନ୍ତି, ସେମାନଙ୍କ ଦକ୍ଷତା ପ୍ରତି କଟାକ୍ଷ କରାଯାଉଛି। ଉଚ୍ଚପଦସ୍ଥ ଅଧିକାରୀଙ୍କ ଅପମାନଜନକ କଟୁ ମନ୍ତବ୍ୟ ଶାଖାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମନୋବଳ ପ୍ରତି କଠୋର ଆଘାତ।

ଅଧିକ କମିଶନ, ବିଦେଶ ଗସ୍ତ ଓ ଅନ୍ୟାନ୍ୟ ପୁରସ୍କାରର ପ୍ରଲୋଭନ ହୁଏତ ବୀମାର ଅପବିକ୍ରୟ କରିବାକୁ କେତେକ ହାତଗଣତି କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିପାରେ, କିନ୍ତୁ ଅଧିକତର କର୍ମଚାରୀ ନିଜ ଚାକିରି ଓ ନିତ୍ୟ ଅପମାନରୁ ବଞ୍ଚିବା ପାଇଁ ମିଥ୍ୟାର ଆଶ୍ରୟ ନେବାକୁ ବାଧ ହୋଇଥାଆନ୍ତି।

ଅପବିକ୍ରୟର ଖବର ଜଣାପଡ଼ିଲେ ସମ୍ପୂର୍ଣ୍ଣ ଦୋଷ ଆଗଧାଡ଼ିର କର୍ମଚାରୀମାନଙ୍କ ଉପରେ ଲଦି ଦିଆଯାଏ। ପଲିସି ବିକିବେ ସେଇମାନେ। ଅନିୟମିତତା ଧରାପଡ଼ିଲେ ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼େ। ପଲିସି ବିକିବାକୁ ଉପରୁ ପ୍ରବଳ ଚାପ। ବିକି ନ ପାରିଲେ ଅପମାନ ଓ ଚାକିରି ଚାଲିଯିବାର ଭୟ।

ପୁରାଣ ପୃଷ୍ଠାର କାହାଣୀଟିଏ। ଜଣେ ମାଳୀର ଫୁଲ ବଗିଚାରେ ଦିନେ ଗାଇ ପଶି ଫୁଲ ଗଛଗୁଡ଼ିକୁ ନଷ୍ଟ କରିଦେଲା। ମାଳୀ ଗାଇକୁ ଲାଠିରେ ପ୍ରହାର କଲା ଓ ଗାଇଟି ପ୍ରାଣତ୍ୟାଗ କଲା। ସଙ୍ଗେ ସଙ୍ଗେ ଗୋହତ୍ୟା ପାପ ସେଠାରେ ପହଞ୍ଚି ମାଳୀକୁ କହିଲା, ତମକୁ ଗୋହତ୍ୟା ପାପ ଲାଗିଛି। ମାଳୀ ପାପ କବଳରୁ ରକ୍ଷାପାଇବା ପାଇଁ ଉପାୟ ଚିନ୍ତା କଲା। ସେ ପଣ୍ଡିତଙ୍କଠାରୁ ଶୁଣିଥିଲା ଯେ, ହାତର ଦେବତା ହେଉଛନ୍ତି ଇନ୍ଦ୍ର। ତାଙ୍କରି ନିର୍ଦ୍ଦେଶରେ ହାତ କାମ କରେ। ସେ ଗୋହତ୍ୟା ପାପକୁ କହିଲା, ଗାଇକୁ ମୁଁ ମାରିନାହିଁ। ଗାଇକୁ ମାରିଛି ଇନ୍ଦ୍ର। ଇନ୍ଦ୍ରଦେବଙ୍କୁ ଯାଇ ଦଣ୍ଡଦିଅ। ପାପ ସେଠାରୁ ଚାଲିଯାଇ ଇନ୍ଦ୍ରଙ୍କୁ ସମସ୍ତ ବିବରଣୀ ଜଣାଇବା ପରେ କହିଲା, ଆପଣ ଗୋହତ୍ୟା କରିଛନ୍ତି। ଆପଣଙ୍କୁ ଦଣ୍ଡ ଭୋଗିବାକୁ ହେବ।

ଏକଥା ଶୁଣି ଇନ୍ଦ୍ର ଆଶ୍ଚର୍ଯ୍ୟ ହେଲେ। ମାଳୀ କାହିଁକି ତାଙ୍କ ଉପରେ ଗୋହତ୍ୟା ଦୋଷ ଲଦିଲା? ପାପକୁ ସେଠାରେ କିଛି ସମୟ ଅପେକ୍ଷା କରିବାକୁ କହି ଇନ୍ଦ୍ର ଛଦ୍ମବେଶରେ ବଗିଚା ପାଖରେ ପହଞ୍ଚିଲେ। ବଗିଚାରେ କାର୍ଯ୍ୟରତ ଲୋକମାନଙ୍କୁ ପଚାରିଲେ, ଏ ବଗିଚାର ମାଳୀ କିଏ? ତାଙ୍କ ସହ ଭେଟ କରିବାକୁ ମୋର ଭାରି ଇଚ୍ଛା। ମାଳୀ କାନରେ ଏକଥା ପଡ଼ିବାମାତ୍ରେ ସେ ଛଦ୍ମବେଶୀ ଇନ୍ଦ୍ରଙ୍କ ଆଗକୁ ଆସି କହିଲା, ଏହି ସ୍ଥାନରେ ପୂର୍ବରୁ ଘନ ଜଙ୍ଗଲ ଥିଲା। ଏହି ହାତରେ ମୁଁ ଜଙ୍ଗଲ ସଫା କରିଛି। ଦୂର ସ୍ଥାନରୁ ବିଭିନ୍ନ ଫୁଲଗଛ ଆଣି ଏଠାରେ ଲଗାଇଛି। ଏହି ହାତରେ କଷ୍ଟ କରି ପ୍ରତ୍ୟେକ ଗଛମୂଳରେ ପାଣି ଦିଏ। ସେ ଗର୍ବରେ ନିଜର ଦୁଇ ହାତ ଟେକି ଆଗନ୍ତୁକଙ୍କ ଆଗରେ ନିଜ ହାତର ଗରିମା ଗପିଲା।

ଛଦ୍ମବେଶୀ ଇନ୍ଦ୍ର ନିଜକୁ ପ୍ରକଟ କରି କହିଲେ, ତମ ହାତ ପାଇଁ ସବୁ ପ୍ରଶଂସା ଦାବି କରୁଛ ଓ ଲାଭ ନେଉଛ। କିନ୍ତୁ ଗୋହତ୍ୟା ପାପ ଇନ୍ଦ୍ରଙ୍କ ଉପରେ ଲଦିଦେଉଛ? ଗାଇକୁ ତମେ ମାରିଛ। ତେଣୁ ଗୋହତ୍ୟା ପାପ ବି ତୁମକୁ ଭୋଗିବାକୁ ହେବ।

ଏହି ଗଳ୍ପ ଆମକୁ ଶିକ୍ଷାଦିଏ, ନିଜର ଭୁଲ୍ ପାଇଁ ଅନ୍ୟକୁ ଦୋଷଦେବା ଅନୁଚିତ୍। ବୀମା ବିକ୍ରୟରୁ ବ୍ୟାଙ୍କର ହେଉଥିବା ଲାଭ ପାଇଁ ଯେପରି ଉଚ୍ଚ ପଦସ୍ଥ ଅଧିକାରୀମାନେ ଶ୍ରେୟ ଦାବି କରନ୍ତି। ସେହିପରି ଅପବିକ୍ରୟରୁ ହେଉଥିବା ଅନିୟମିତତା ପାଇଁ ସେମାନେ ହିଁ ଦାୟୀ।

ବ୍ୟାଙ୍କର ଲାଭ କେଉଁକେଉଁ ସୂତ୍ରରୁ ଆସୁଛି, ତାହାର ବିଶ୍ଳେଷଣ କରିବା ଦରକାର। ବୀମା ଅପବିକ୍ରୟ ଏ ସମୟର ଏକ ଗମ୍ଭୀର ସମସ୍ୟା। ଏହାର ମୂଳୋତ୍ପାଟନ କରିବା ପାଇଁ ବ୍ୟାଙ୍କର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଦରକାର।

**ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ**
**ମୋ: ୭୩୮୧୦୪୬୪୭୭**

## ଏଇ ଭାରତରେ

ବିବାହ କର୍ମ ସରିବା ପରେ ନବବଧୂକୁ ସାଙ୍ଗରେ ଧରି ଫେରିଥାଏ ବର। ନବବଧୂ ଶାଶୁ ଘରକୁ ଯାଇ ନୂଆ ସଂସାର ଆରମ୍ଭ କରେ। ହେଲେ ବରକନ୍ୟା ବିଦା ହୋଇ ଶାଶୁଘରକୁ ଫେରିବା ବାଟରେ ନବବଧୂଟି ଅପହରଣ କରାଯାଉଥିବାର ଅଭିଯୋଗ କରିବା କଥା କେବେ ଶୁଣିଛନ୍ତି! ଅଜବ ମନେହେଉଥିଲେ ବି ଏମିତି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ବାରାଣସୀର ମିର୍ଜାମୁରାଦ ଅଞ୍ଚଳରେ। ଏହି ଅଞ୍ଚଳରେ ଗତ ଶୁକ୍ରବାର ରାତିରେ ନବବଧୂ ବେଶରେ ଯାଉଥିବା ଜଣେ ଯୁବତୀ ବଡପାଟି କରି ତାଙ୍କୁ ରକ୍ଷା କରିବା ପାଇଁ ଲୋକଙ୍କୁ ଡାକିଥିଲେ। ଏହାପରେ ସେଠାରେ ଲୋକ ରୁଣ୍ଡ ହୋଇ ପୋଲିସକୁ ଖବର ଦେଇଥିଲେ। ତେବେ ପୋଲିସର ଅନୁସନ୍ଧାନ ପରେ ଯାହା ଜଣା ପଡିଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇ ଦେଇଥିଲା। ପ୍ରକୃତରେ ରାଜସ୍ଥାନ ଅଲୱର ଜିଲାର ରାଜଗଡ ଅଞ୍ଚଳର ଭାନୁ ଜାଗା ତାଙ୍କ ଭାଇ ଗିରିଶର ବିବାହ ନିମନ୍ତେ ମଧ୍ୟସ୍ଥ ଥିବା ନନ୍ଦଲାଲ୍ ନାମକ ଜଣେ ବ୍ୟକ୍ତିଙ୍କୁ ୧ ଲକ୍ଷ ୮୦ ହଜାର ଟଙ୍କା ଦେଇଥିଲେ। ଏହାପରେ ସେ ପୂଜା ନାମକ ଜଣେ ଯୁବତୀଙ୍କୁ ଦେଖାଇ ବିବାହ ସ୍ଥିର କରିଥିଲେ। ଶେଷରେ ଗତ ୧୪ ତାରିଖରେ ଏକ ହୋଟେଲରେ ସମ୍ପୂର୍ଣ୍ଣ ରୀତିନୀତିରେ ବିବାହ ମଧ୍ୟ ହୋଇଥିଲା। ଆଉ ବିବାହ ପରେ କନ୍ୟା ବିଦା ହୋଇ ଗିରିଶଙ୍କ ସହିତ ଯିବା ସମୟରେ ବାଟରେ ନବବଧୂ ପେଟ ଖରାପ ହେବାର ବାହାନା କରି ଗାଡିରୁ ଓହ୍ଲାଇ ପଡିଥିଲେ। ତା'ପରେ ହଠାତ୍ ବଡ଼ ପାଟିରେ ଲୋକଙ୍କୁ ଡାକି ତାଙ୍କୁ ଅପହରଣ କରାଯାଉଛି ବୋଲି କହିଥିଲେ। ଟଙ୍କା ଲୋଭରେ ଯୁବତୀଜଣକ ସମ୍ପୃକ୍ତ ମଧ୍ୟସ୍ଥ ସହିତ ମିଶି ଏଭଳି ଲୋକଙ୍କୁ ଠକି ଆସୁଥିବା ଜଣାପଡ଼ିଛି।

## ଚିରନ୍ତନୀ

କୈଶୋରେ ମୋର ସ୍ୱପନର ସାଥୀ
ପ୍ରୌଢ଼େ ହୃଦୟ ରାଣୀ
ଜରା-ଅଙ୍ଗେ ମୋ' ଢାଳିବ ନବୀନ
କ୍ଳାନ୍ତି-ହର ତା' ବାଣୀ ।
ମୃତ୍ୟୁ ଅଙ୍କେ ତେଜି ଭୟ ଲଜ୍ଜା
ପାତିବ ସେ ମୋର ଚିର ମଧୁ ସଜ୍ଜା
ଅନ୍ଧାର ସେ ମୋ କକ୍ଷେ ଜାଳିବ ପୀରତି ପ୍ରଦୀପ ଆଣି
କୈଶୋରେ ମୋର ସ୍ୱପନର ସାଥୀ ପ୍ରୌଢ଼େ ହୃଦୟରାଣୀ।
-(ମଧୁବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟ ଚୋରି ଓ କ୍ଷମତା ରାଜନୀତି

ମହାଶୟ,

ଦେଶ ଓ ରାଜ୍ୟଗୁଡ଼ିକର ସାଧାରଣ ନିର୍ବାଚନ ସମୟରେ ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ବହୁମତ ହାସଲ କରି କଳାଧନ ପ୍ରୟୋଗ କରି ଭୋଟ ଚୋରି କରୁଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସପ୍ରମାଣ କେନ୍ଦ୍ର ସରକାରଙ୍କ ବିରୋଧରେ ଭୋଟ ଚୋରି ଅଭିଯୋଗ ଲଗାଇଛନ୍ତି, ଯାହା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟିକରିଛି। ଯଦି ଏହା ସତ୍ୟ ହୁଏ, ତେବେ ଦୁର୍ନୀତିଗ୍ରସ୍ତ ନେତାଙ୍କ ଅବସ୍ଥା ସାଙ୍ଘାତିକ ହେବ। ବର୍ତ୍ତମାନ ଦେଶର ବହୁଦେଶୀୟ କମ୍ପାନୀର ମାଲିକ କେତେକ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳକୁ ନିର୍ବାଚନ ସମୟରେ ଅନେକ ହଜାର କୋଟି ଟଙ୍କାର କଳାଧନ ଦେଇ ସରକାର ଗଠନ କରାଉଛନ୍ତି ଓ ସରକାର ଗଠନ ପରେ ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି। ବର୍ତ୍ତମାନ ଦେଶର ନିର୍ବାଚନ କମିଶନ ନିରପେକ୍ଷ ଭାବେ କାର୍ଯ୍ୟ କରୁନାହିଁ ବୋଲି ଅଭିଯୋଗ ହେବା ଉଦ୍‌ବେଗଜନକ। ସୁତରାଂ କେନ୍ଦ୍ର ସରକାର ଏନେଇ ତୁରନ୍ତ ସ୍ପଷ୍ଟୀକରଣ ଦେବା ଉଚିତ। ଦେଶର ସର୍ବୋଚ୍ଚ ଅଦାଲତ ମଧ୍ୟ ଏହି ଭୋଟ ଚୋରି ଅଭିଯୋଗର ତର୍ଜମା କରିବା ଦରକାର।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପୀରହାଟ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସମ୍ମାନିତ

ଭୁବନେଶ୍ୱର, ୧୭।୮ (ସୌମ୍ୟରଞ୍ଜନ ରାଉତ)

ଅନ୍ତଃରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀଙ୍କୁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସମ୍ମାନିତ କରିଛନ୍ତି। ଗୌଡୀୟ ମିଶନର ପ୍ରତିଷ୍ଠାତା ଶ୍ରୀଲ ସ୍ୱାମୀ ପ୍ରଭୁପାଦଙ୍କ ୧୫୧ତମ ସ୍ୱନକ୍ଷତ୍ର ଦିବସରେ ଚିତ୍ତରଞ୍ଜନ 'ମୁଁ ବିକି ଦେଇଛି ମୋ ପ୍ରାଣ ଘନଶ୍ୟାମଙ୍କୁ , ଆସିଲେ ନ ଆସୁ ପଛେ କାହା ମନକୁ' ସଙ୍ଗୀତର ତାଳେ ତାଳେ ଓଡିଶୀ ନୃତ୍ୟରେ ଉପସ୍ଥିତ ଦେଶର ସହସ୍ରାଧିକ ସାଧୁସନ୍ଥଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୃତ୍ୟ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ସମ୍ମିଳନୀ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ, ଗୌଡ଼ୀୟ ମିଶନର ଆଚାର୍ଯ୍ୟ ମୁଖ୍ୟ ସ୍ୱାମୀ ଭକ୍ତି ସୁନ୍ଦର ସନ୍ୟାସୀ, ସଂଯୋଜକ ଭାରତୀ ମହାରାଜ ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟୁତ୍ ବିଭାଗର ଅବହେଳାରୁ ଚାଲିଗଲା ଛାତ୍ରଙ୍କ ଜୀବନ

## ଯନ୍ତ୍ରୀଙ୍କ ନିଲମ୍ବନ ଦାବିରେ ରାସ୍ତାରୋକୋ

ବାଲିପାଟଣା ୧୭।୮ (ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା କୁଳନ୍ତିରା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦନ ଭୋଇ(୧୨)। ଘଟଣାରେ ବିଦ୍ୟୁତ୍ ବିଭାଗର ଖାମଖିଆଲ ଯୋଗୁ ନାବାଳକର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ରାଜେଶ ନାୟକ ଓ ଆଲୋକ ମିତ୍ରଙ୍କ ନିଲମ୍ବନ ଦାବି କରିବା ସହ ମୃତ ଛାତ୍ରର ପରିବାରକୁ ଆର୍ଥିକ ସହାୟତା ଦାବିରେ ସନ୍ଧ୍ୟା ୭ଟାରୁ ବାଲିପାଟଣା ଛକଠାରେ ମୃତଦେହ ରଖି ଶତାଧିକ ଲୋକ ରାସ୍ତାରୋକୋ କରିଛନ୍ତି।

ସୂଚନାଯୋଗ୍ୟ, କୁଳନ୍ତିରା ଶାସନ ଗ୍ରାମର ଚତୁର୍ଥ ଶ୍ରେଣୀ ଛାତ୍ର ଚନ୍ଦନ ଅପରାହ୍ନ ୨ ଟାରେ ବର୍ଷାରେ ତାଙ୍କ ଘର ନିକଟରେ ଥିବା ଏକ ଚାକୁଣ୍ଡା ଗଛ ନିକଟକୁ ଯାଇଥିଲେ। ଗଛ ଡାଳରେ ବନ୍ଧା



ହୋଇଥିବା ବିଦ୍ୟୁତ୍ ଖୁଣ୍ଟ ଷ୍ଟେ ତାର ବର୍ଷା ପବନରେ ଛିଣ୍ଡି ତଳେ ପଡ଼ିଥିଲା। ଚନ୍ଦନ ଭଙ୍ଗା ଡାଳ ଆଣିବାକୁ ଯିବା ସମୟରେ କରେଣ୍ଟ ଥିବା ଷ୍ଟେ ତାର ତାଙ୍କ ହାତରେ ଲାଗି ଯାଇଥିଲା। ଏହି ସମୟରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ଶରୀରର ଅଧିକାଂଶ ଅଂଶ ଜଳି ଯାଇଥିଲା। ସେଠାରେ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ପରିସ୍ଥିତି ସଙ୍କଟାପନ୍ନ ଥିବାରୁ ତାଙ୍କୁ କ୍ୟାପିଟାଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ଚନ୍ଦନଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ କରାଯିବାପରେ ବାଲିପାଟଣା ଛକଠାରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଥିଲା। ଏଥିରେ ବିଜେଡି ସଂଗଠର ଜିଲାପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ବାଲିପାଟଣା ବ୍ଲକ ବିଜେଡି ସଭାପତି କିଶୋର ଜେନା, ପମ୍ପାଲ ସରପଞ୍ଚ ବାହାନ ଭୋଇ ଓ ଗ୍ରାମବାସୀ ଶହଶହ ସଂଖ୍ୟାରେ ବାଲିପାଟଣା ଛକଠାରେ ଦୁଇ ବିଭାଗୀୟ ଯନ୍ତ୍ରୀଙ୍କ ନିଲମ୍ବନ ଓ ମୃତ ଛାତ୍ରର ପରିବାରକୁ ସହାୟତା ଦାବିରେ ରାସ୍ତାରୋକ କରିଥିଲେ। ଦୀର୍ଘ ତିନିଘଣ୍ଟା ପର୍ଯ୍ୟନ୍ତ କେହି ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଏନେଇ ବାଲିପାଟଣା ବିଦ୍ୟୁତ୍ ବିଭାଗ ଗେଟ ନିକଟରେ ମୃତଦେହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରଖି ଆନ୍ଦୋଳନ ଜାରି ରଖିବେ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି।

## ସହରାଞ୍ଚଳରେ ନାଗରିକ ସେବାରେ ପରିବର୍ତ୍ତନ ପାଇଁ ଆର୍‌ଟିପିଏସ୍ ଅଧିନିୟମ ନେଇ ବୈଠକ

ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

'ନାଗରିକ-ପ୍ରଥମ' ଶାସନ ପ୍ରତି ପ୍ରତିବଦ୍ଧତାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସହରାଞ୍ଚଳ ଶାସନ ଏବଂ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ ବିଭାଗ ଜନସେବା ଅଧିକାର (ଆର୍‌ଟିପିଏସ୍) ଆଇନ ଉପରେ ଶନିବାର ଖାରବେଳ ଭବନଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ବୈଠକରେ ଅଧ୍ୟକ୍ଷତା କରି କହିଲେ, ଜନସେବା ଅଧିକାର ଆଇନ କେବଳ ସେବା ପ୍ରଦାନର ଏକ ଉପକରଣ ନୁହେଁ, ଏହା ଶାସନକୁ ପୁନଃ ପରିଭାଷିତ କରିବା ପାଇଁ ଏକ ପ୍ରତିବଦ୍ଧତା। ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ, ଦକ୍ଷତା ଏବଂ ସ୍ୱଚ୍ଛତାକୁ ଅନ୍ତର୍ଭୁକ୍ତ କରି ଏପରି ଏକ ସହର ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି, ଯେଉଁଠାରେ ନାଗରିକମାନେ ଶାସନକୁ ଅନୁଗ୍ରହ ଭାବେ ଅନୁଭବ ନ କରି ଅଧିକାର ଭାବେ ଅନୁଭବ କରିବେ।

ଯୁବ ଏବଂ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସଡି)ର ସହ-ପ୍ରତିଷ୍ଠାତା ତଥା ପରାମର୍ଶଦାତା ଜଗାନନ୍ଦ ଆର୍‌ଟିପିଏସ୍ ଅଧିନିୟମର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ସ୍ୱତନ୍ତ୍ର ଉପସ୍ଥାପନା ପ୍ରଦାନ କରିଥିଲେ। ଏହି ନିୟମ ସହରାଞ୍ଚଳ ଶାସନରେ ଏକ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିପାରିବ। ଏହାକୁ ଆଗକୁ ନେବା ପାଇଁ ଦକ୍ଷତା ବିକାଶ, ସିଷ୍ଟମ ରି-ଇଞ୍ଜିନିୟରିଂ, ପ୍ରଭାବଶାଳୀ ରେକର୍ଡ ରଖିବା ଏବଂ ନାଗରିକ-ଭିତ୍ତିକ ସଂସ୍କାରର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଏବଂ ଅତିରିକ୍ତ ସଚିବ ଏସ. ରାଉତଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଭର୍ଟିଗୋ ଉପରେ କିମ୍ସରେ ସିଏମ୍‌ଇ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୭।୮ (ଅନୁରାଧା ମହାରଣା)

କିମ୍ସର କର୍ଣ୍ଣ, ନାସା ଓ ଗଳା ବିଭାଗ ପକ୍ଷରୁ ଭର୍ଟିଗୋ ଉପରେ ଏକ ନିରନ୍ତର ଡାକ୍ତରୀ ଶିକ୍ଷା (ସିଏମ୍‌ଇ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଓଡ଼ିଶା ଏବଂ ରାଜ୍ୟ ବାହାରୁ ଇଏନ୍‌ଟି ବିଶେଷଜ୍ଞ, ନ୍ୟୁରୋଲୋଜିଷ୍ଟ, ମନସ୍ତତ୍ତ୍ୱବିତ୍ ଓ ଅନ୍ୟ ଚିକିତ୍ସା ବିଶେଷଜ୍ଞମାନେ ଭର୍ଟିଗୋ ଏବଂ ଏଥିସମ୍ବନ୍ଧିତ ବ୍ୟାଧିର ପ୍ରଭାବଶାଳୀ ପରିଚାଳନା ଉପରେ ଆଲୋଚନା କରିଥିଲେ। କର୍ନାଟକ ମାଙ୍ଗାଲୋରସ୍ଥିତ ୟେନୋପାୟା ମେଡିକାଲ କଲେଜର ଡା. ଶ୍ରୀନିବାସ ଦୋରାସାଲା, ଗୌହାଟୀସ୍ଥିତ ଭର୍ଟିଗୋ କେୟାରର ବିଶିଷ୍ଟ ନ୍ୟୁରୋ-ଓଟୋଲୋଜିଷ୍ଟ ଡା. ସୁରଜିତ ବର୍ମନ ଏବଂ କୋଲକାତା ମଣିପାଲ ହସ୍ପିଟାଲର ନ୍ୟୁରୋଟୋଲୋଜି (ଭର୍ଟିଗୋ ଏବଂ ବାଲାନ୍ସ କ୍ଲିନିକ) ମୁଖ୍ୟ ଡା. ନୀଲୋତ୍ପଳ ଦତ୍ତ ସେମାନଙ୍କ ଚିକିତ୍ସା ଅଭିଜ୍ଞତା ପ୍ରକାଶ କରିଥିଲେ। କିମ୍ସ ଇଏନ୍‌ଟି ବିଭାଗ ମୁଖ୍ୟ ଡା. କବିକାନ୍ତ ସାମନ୍ତରାୟ କହିଲେ, ମୁଣ୍ଡ ବିନ୍ଧାରୁ ପୀଡିତ ରୋଗୀଙ୍କୁ ଠିକ ନିର୍ଣ୍ଣୟ ଏବଂ ସମୟୋଚିତ ଚିକିତ୍ସା ପାଇବା ନିଶ୍ଚିତ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଲକ୍ଷଣଗୁଡ଼ିକ ମଧ୍ୟରେ ମୁଣ୍ଡ ବିନ୍ଧା, ଭର୍ଟିଗୋ, ବାନ୍ତି ଅନୁଭବ, ଚାଲିବା ସମୟରେ ଅସନ୍ତୁଳନ, ଶ୍ରବଣ ଶକ୍ତି ହ୍ରାସ ଏବଂ ଦୃଷ୍ଟିଶକ୍ତି ସମସ୍ୟା ଅନ୍ତର୍ଭୁକ୍ତ। ଯେହେତୁ ଭର୍ଟିଗୋ କାନ, ମସ୍ତିଷ୍କ କିମ୍ବା ଆଖି ସହିତ ଜଡିତ, ସେଥିପାଇଁ ରୋଗୀଙ୍କୁ ଠିକ ଭାବରେ ଜଣେ ନ୍ୟୁରୋଲୋଜିଷ୍ଟ, ହୃଦ୍‌ରୋଗ ବିଶେଷଜ୍ଞ କିମ୍ବା ଉପଯୁକ୍ତ ବିଶେଷଜ୍ଞଙ୍କ ନିକଟକୁ ପଠାଯିବା ଗୁରୁତ୍ୱପୂର୍ଣ୍ଣ। ଏହି ବହୁ ଶାଖାଗତ ପଦ୍ଧତି ରୋଗୀ ଚିକିତ୍ସାକୁ ସୁବିଧା କରିପାରିବ। ରୋଗର ସର୍ବୋତ୍ତମ ନିର୍ଣ୍ଣୟ ଏବଂ ଚିକିତ୍ସା ଉପରେ ସିଏମଇରେ ଗୁରୁତ୍ୱାରୋପ କରଯାଇଥିଲା। କାନ, ମସ୍ତିଷ୍କ କିମ୍ବା ଆଖି ସହିତ ଜଡିତ ସମସ୍ୟାରୁ ଭର୍ଟିଗୋ ସୃଷ୍ଟି ହୋଇପାରେ ଏବଂ ରୋଗୀଙ୍କୁ ଉପଯୁକ୍ତ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ।




କର୍ମଶାଳାରେ କିମ୍ସ ଇଏନ୍‌ଟି ବିଭାଗ ମୁଖ୍ୟ ଡା. କବିକାନ୍ତ ସାମନ୍ତରାୟଙ୍କ ସହ ଅତିଥିମାନେ।

## ସାମ୍ବାଦିକଙ୍କ ସମସ୍ୟା ସମାଧାନ ପାଇଁ ସରକାର ଚିନ୍ତା କରୁଛନ୍ତି: ମୁଖ୍ୟମନ୍ତ୍ରୀ




ରାଷ୍ଟ୍ରଦୀପର ଷଷ୍ଠି ପୂର୍ତ୍ତି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୭।୮ (ସୌମ୍ୟରଞ୍ଜନ ରାଉତ)

ରାଷ୍ଟ୍ରଦୀପର ଷଷ୍ଠି ପୂର୍ତ୍ତି ସମାରୋହ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଲେ, ରାଷ୍ଟ୍ରଦୀପ ପରି ରାଷ୍ଟ୍ରୀୟ ବିଚାରଧାରା ପୋଷଣ କରୁଥିବା ଗଣମାଧ୍ୟମଙ୍କ ଭୂମିକା ଆଜିର ସମାଜ ପାଇଁ ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ। ଓଡିଶାରେ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ସମସ୍ୟା ପ୍ରତି ମୁଁ ଓ ଆମ ସରକାର ଅବଗତ ଅଛନ୍ତି। ଏନେଇ ବିଭିନ୍ନ ସାମ୍ବାଦିକ ସଙ୍ଗଠନ ପକ୍ଷରୁ ସରକାରଙ୍କର ଯେଉଁ ଦୃଷ୍ଟି ଆକର୍ଷଣ କରାଯାଇଛି ସେ ଦିଗରେ କ'ଣ କରାଯାଇ ପାରିବ ଏଥିପ୍ରତି ଆମେ ସମ୍ବେଦନଶୀଳ ଅଛୁ ଓ ସମସ୍ୟାର ସମାଧାନ ପାଇଁ ସକ୍ରୀୟତା ପୂର୍ବକ ଚିନ୍ତା କରୁଛୁ। ସମାଜରେ ଜାଗରଣ ଓ ସଚେତନତା ଆଣିବା ଗଣମାଧ୍ୟମର ପ୍ରମୁଖ କାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଚିନ୍ତକ ଏବଂ ଇଣ୍ଡିଆ ଫାଉଣ୍ଡେଶନ୍‌ର ଅଧ୍ୟକ୍ଷ ଡ. ରାମ ମାଧବ କହିଲେ, ଆଜିର ପରିବର୍ତ୍ତନଶୀଳ ସମାଜରେ ରାଷ୍ଟ୍ରଦୀପ ଭଳି ରାଷ୍ଟ୍ରବାଦୀ ଖବରକାଗଜ ସର୍ବଦା ରାଷ୍ଟ୍ରୀୟତା ଚେତନାର ପ୍ରଚାରକ ସାଜିଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରଦୀପର ସଭାପତି ଅନୁପ କୁମାର ବୋଷ, ସମ୍ପାଦକ, ଚିତ୍ତରଞ୍ଜନ ମହାପାତ୍ର, ପରିଚାଳନା ସମିତିର ସମ୍ପାଦକ ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଜ୍ଞା ପାରମିତା ଆଚାର୍ଯ୍ୟ ପରିଚାଳନା କରିଥିଲେ।

## ନନ୍ଦନକାନନ-କେନ୍ଦୁପାଟଣା ରାସ୍ତାର ଭିତ୍ତିପ୍ରସ୍ତର

### ପଦାସାହିଠାରେ ରେଳ ବ୍ରିଜ୍ ନିର୍ମାଣ ହେବ

ତ୍ରିଶୂଳିଆ, ୧୭।୮ (ତୁଷାରକାନ୍ତ ବେହେରା)

ନନ୍ଦନକାନନଠାରୁ କେନ୍ଦୁପାଟଣା ଭାୟା ପଦାସାହି ରାସ୍ତା ନିର୍ମାଣ ନିମନ୍ତେ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଏମ୍‌ପି ପଦାସାହି ରେଳ ଫାଟକଠାରେ ରେଳ ବ୍ରିଜ ଓ ଭଗବତୀନଗର ଗାଁମୁଣ୍ଡରେ ନୂତନ ବ୍ରିଜ ନିମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ହେବାକୁ ଥିବା ଏହି ୫ କିଲୋମିଟର ରାସ୍ତା କାମ ପାଇଁ ରାଜ୍ୟ ଯୋଜନା ପାଣ୍ଠିରୁ ୪ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଦାଢା ସରପଞ୍ଚ ନିଶିପଦ୍ମା କାଣ୍ଡି, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର ଜେନା, ନାରୀନେତ୍ରୀ ରଶ୍ମୀ ମହାପାତ୍ର, ସୋମନାଥମଣ୍ଡଳ ସଭାପତି ସଞ୍ଜୟ ପତି ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ରାସ୍ତାର ଉନ୍ନତୀକରଣ ଦ୍ୱାରା କୃଷିକ୍ଷେତ୍ରରେ ନିର୍ଭରଶୀଳ ବାସିନ୍ଦାଙ୍କ ଆର୍ଥିକ ସ୍ଥିତି ସୁଧୁରିବ। ରାସ୍ତାଟି ଭୁବନେଶ୍ୱର ଓ କଟକକୁ ସଂଯୋଗ କରୁଥିବା ସହ ବାଟରେ ନନ୍ଦନକାନନ ପଡୁଥିବାରୁ ଏହା ପର୍ଯ୍ୟଟନ କ୍ଷେତ୍ର ନିମନ୍ତେ ବେଶ୍ ସହାୟକ ହେବ। ରାସ୍ତାଟିର ସଂପ୍ରସାରଣ ଯୋଗୁ ୫ ପଞ୍ଚାୟତର ସ୍ଥାନୀୟ ବାସିନ୍ଦା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲାଭ ପାଇପାରିବେ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ପୂର୍ବତନ ଜିଲାପରିଷଦ କୁନାଲ ରାଉତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତୀ ସୁବାସ ବେହେରା, ସହକାରୀ ଯନ୍ତ୍ରୀ ଅମ୍ବରିଶ ଆଚାର୍ଯ୍ୟ ପରିଚାଳନା କରିଛନ୍ତି।

## ୟୁଏସ୍‌ଆଇ ଫାଉଣ୍ଡେଶନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସହାୟତା

ଭୁବନେଶ୍ୱର, ୧୭।୮ (ସୌମ୍ୟରଞ୍ଜନ ରାଉତ)

ୟୁଏସ୍‌ଆଇ ଫାଉଣ୍ଡେଶନ ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରାଯାଇଛି। ଖାରବେଳ ନଗରସ୍ଥିତ ଉତ୍କଳ ଦୃଷ୍ଟିହୀନ ସଂଘର ଭାବଗ୍ରାହୀ ଆଦର୍ଶ ବିଦ୍ୟାଳୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ୮୫ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସାବୁନ, ସର୍ଫ, କେଶ ତେଲ, ବ୍ରସ, ପେଷ୍ଟ, ଲୁଗାଧୁଆ ସାବୁନ ଆଦି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ ହସ୍ପିଟାଲର ଡା. ଜଶ କୁମାର ସାହୁ, ଫାଉଣ୍ଡେଶନର ରାଜ୍ୟ ସଂଯୋଜକ ନୀଳକଣ୍ଠ ନାଥ, ସଦସ୍ୟ ସତ୍ୟାନନ୍ଦ ନାୟକ, ମ୍ୟାନେଜିଂ ଟ୍ରଷ୍ଟି ଡ. ରଶ୍ମୀରେଖା ସାହୁ, ସଂଗଠନ ଅଧ୍ୟକ୍ଷ ବନୋଜ ତ୍ରିପାଠୀ, ଆବାହକ ପ୍ରତିକ୍ଷା ମିଶ୍ର, କୋଷାଧ୍ୟକ୍ଷ ଅତୁଲବାଳା ଦାସ ସହଯୋଗ କରିଥିଲେ। ଜିତେନ୍ଦ୍ର ସିଂ ସମ୍ପାଦନା କରିଥିଲେ।

## ଅପହୃତା ନାବାଳିକା ଦିଲ୍ଲୀରୁ ଉଦ୍ଧାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୭।୮ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରୁ ଅପହୃତା ନାବାଳିକାଙ୍କୁ ଏୟାରପୋର୍ଟ ଥାନା ପୋଲିସ ଶନିବାର ଦିଲ୍ଲୀ ନୋଏଡାରୁ ଉଦ୍ଧାର କରିଛି। ଏଥିସହ ଏହି ଅପହରଣ ଓ ବଳାତ୍କାର ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଧ୍ୟ ସେଠାରୁ ଗିରଫ କରାଯାଇଛି। ସେ ହେଲେ ଓଲ୍ଡଟାଉନ କେଉଟସାହିରେ ରହୁଥିବା ନୟାଗଡ଼ ଜିଲା ଶରଣକୁଳ ଅଞ୍ଚଳର ରବି ଓରଫ ରୁଦ୍ର ପ୍ରସାଦ ଓଟ (୨୩)। ରବିବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ କୋର୍ଟକୁ ଚାଲାଣ ପରେ ରବିଙ୍କୁ ଝାରପଡା ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି। ପୀଡିତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୧୭୭/୨୦୨୫) ରୁଜୁକରି ତଦନ୍ତ ଚଳାଇଥିଲା। ପୋଲିସ ସୂଚନାନୁସାରେ, ଅଭିଯୋଗକାରିଣୀ ମହିଳା ପୂର୍ବରୁ ଡାକବଙ୍ଗଳା ଛକ ଅଞ୍ଚଳରେ ରହୁଥିବା ସମୟରେ ତାଙ୍କ ନାବାଳିକା ଝିଅଙ୍କୁ ରବି ହଇରାଣ କରୁଥିଲେ। ଏନେଇ ମହିଳା ଜଣକ ପୂର୍ବରୁ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ରବି ଆଉ ଏଭଳି କରିବେନି ବୋଲି ମୁଚାଲିକା ଲେଖିଥିଲେ। ମହିଳା ଜଣକ ସେଠାରୁ ଯାଇ ଅନ୍ୟ ସ୍ଥାନରେ ରହିଥିବା ବେଳେ ପୁଣି ରବି ହଇରାଣ କରିବା ଜାରି ରଖିଥିଲେ। ସେ ପୀଡ଼ିତାଙ୍କୁ ବିବାହ ଲାଗି ପ୍ରତିଶ୍ରୁତି ଦେବା ସହ ଘର ଛାଡି ସାଙ୍ଗରେ ପଳାଇଯିବା ଲାଗି ପ୍ରବର୍ତ୍ତାଇଥିଲେ। ଜୁନ ୫ରେ ଅଭିଯୋଗକାରିଣୀ ଏବଂ ତାଙ୍କ ପୁଅ ଅନୁପସ୍ଥିତ ଥିବାର ସୁଯୋଗ ନେଇ ନାବାଳିକାଙ୍କୁ ରବି ଅପହରଣ କରି ଦିଲ୍ଲୀ ନେଇଯାଇ ନୋଏଡାରେ ରହିଥିଲେ। ସେଠାରେ ରହିବା ମଧ୍ୟରେ ରବି ନାବାଳିକାଙ୍କ ସହ ଏକାଧିକଥର ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ପୋଲିସ କହିଛି।

## ଉପଭୋକ୍ତା ଅଭିଜ୍ଞତା, ଡିଜାଇନ ସିଷ୍ଟମ ସଚେତନତା କର୍ମଶାଳା




ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

ଉପଭୋକ୍ତା ଅଭିଜ୍ଞତା ଏବଂ ଡିଜାଇନ ସିଷ୍ଟମ ଉପରେ ରାଜ୍ୟସ୍ତରୀୟ ସଚେତନତା କର୍ମଶାଳା ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଓଡିଶା ସରକାର, ଓଡିଶା ଏନ୍‌ଆଇସି ଏବଂ ଓକାକ ଅଧିକାରୀମାନେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଯୋଗଦେଇ ଓଡିଶା ତଥା ଭାରତ ସରକାରଙ୍କ ବିଭିନ୍ନ ସଂସ୍ଥା ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ମିଳିତ ଭାବରେ କାର୍ଯ୍ୟ କଲେ ଜନସାଧାରଣଙ୍କ ଉନ୍ନତି ହୋଇପାରିବ ବୋଲି କହିଥିଲେ। ବିଭାଗର ସତନ୍ତ୍ର ଶାସନ ସଚିବ ଡା. ପ୍ରଦୀପ କୁମାର ରାଉତ ସ୍ୱାଗତ ଭାଷଣରେ ଉପଭୋକ୍ତା ଅଭିଜ୍ଞତା ଏବଂ ଡିଜାଇନ ସିଷ୍ଟମର ଉପଯୋଗୀତା ଉପରେ ଆଲୋକପାତ କରିଥିଲେ। ଏନ୍‌ଇଜିଡିର ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଦେବବ୍ରତ ନାୟକ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆପ୍ଲିକେଶନଗୁଡିକରେ ଉପଭୋକ୍ତା ଅଭିଜ୍ଞତା ଏବଂ ଡିଜାଇନ ସିଷ୍ଟମକୁ ପ୍ରୟୋଗ କରି କାମ କରିବାର ସହଜତା, କାର୍ଯ୍ୟଦକ୍ଷତା ବୃଦ୍ଧି, ସମୟ ସାପେକ୍ଷ ଆଦି ଦିଗରେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଇ-ଗଭର୍ଣ୍ଣାନ୍ସରେ ଉପଭୋକ୍ତା ଅଭିଜ୍ଞତା ଏବଂ ଡିଜାଇନ ସିଷ୍ଟମର ଉପକାରିତା ଉପରେ ଏକ ପତ୍ରିକା ଉନ୍ମୋଚିତ ହୋଇଥିଲା। କର୍ମଶାଳାରେ ପାଞ୍ଚଟି ସତ୍ର ଅନୁଷ୍ଠିତ ହୋଇଥିଲା। ଏନ୍‌ଇଜିଡିର ଅଧିକାରୀ ଅଜୀତ କୁମାର ଓ ସ୍ତୁତି ଶର୍ମା ଏବଂ ଓଡିଶା ଏନ୍‌ଆଇସି ଅଧିକାରୀ ନୀଳାଦ୍ରି ବିହାରୀ ମହାନ୍ତି ପରିଚାଳନା କରିଥିଲେ। ଏନ୍‌ଆଇସି ଅଧିକାରୀ ଜୟନ୍ତ କୁମାର ମିଶ୍ର କର୍ମଶାଳା ସଂଯୋଜନା କରିଥିବାବେଳେ ଏନ୍‌ଆଇସି ଉପମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡା. ଧନ୍ୟବାଦ ଅର୍ପଣ କରିଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**

No.O-597

Email ID : ccerwcrayagada@gmail.com

Letter No. 1699 | Date : 13.08.2025

**NATIONAL COMPETITIVE BIDDING THROUGH GEPNIC**
**e_PROCUREMENT NOTICE**

1. Name of the work : Construction and Maintenance of Road works for the year 2024-2025 & 2025-2026 (6 Nos of Works)
2. Class of contractor : "A", "Special" & "Super" Class of (Odisha PWD) or relevant class of other licensing authority
3. Estimated Cost : **Varies from Rs.359.91 Lakhs to Rs.2550.00 Lakhs (Approximately)**
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-16/ RWCRGDA/ 2025-26 | Dt.22.08.2025 at 11.00 A.M. | Dt.12.09.2025 Up to 5.00 P.M. | Dt.11.09.2025 Up to 5.00 P.M. | Dt.15.09.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
Rural Works Circle, Rayagada

OIPR-25196/11/0028/2526



**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA**

No.C-877

e-mail : eephd.rgda.od@od.gov.in, eephdrgda@gmail.com

**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO. EEPHDRAYAGADA-19/2025-26 DT.13.08.2025**

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Construction of 5 lakh Ltr. Master Balancing Reservoir (MBR) and piping arrangement at WTP campus of Gunupur Municipality | EEPHDRAYAGADA - 19/2025-26 Dtd.13.08.2025 | 47.03 | "B" Class | 03 (Three Months) | 22.08.2025 (11.00 Hr) | 01.09.2025 (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**

- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd./- EXECUTIVE ENGINEER,
P.H. DIVISION, RAYAGADA

OIPR-13052/11/0034/2526



**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, NAUGAON, JAGATSINGHPUR**

No.i-278

'e' mail ID : ori-naugaon@nic.in

**'e' Procurement Notice No.BDO/NPS-01 of 2025-26**

| | | |
|---|---|---|
| 1 | Number of the work | 04 (four) Nos. |
| 2 | Tender Amount (Approx.) | Rs.15.31 Lakh to 27.05 Lakh |
| 3 | EMD (online) | Rs.15,400.00 to Rs.27,100.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "D" & "C" and "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procuremnet Officer | Bid Identification No. | Availability of Tender | | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| | | From | To | | | |
| **Block Development Officer, Naugaon** | BDO/NPS-01/2025-26 | **19.08.2025** at 10.00 Hours | **02.09.2025** at 17.30 Hours | **29.08.2025** upto 1.00 P.M. during office hours on working days | **03.09.2025** upto 11.00 AM during office hours | O/o the Panchayat Samiti, Naugaon |

Further details can be seen from the Govt. website "**https://tendersodisha.gov.in**
All corrigendum / cancellation of tender if any, will only be uploaded in the above website.

Sd./- Block Development Officer,
Naugaon

OIPR-19447/11/0001/2526



ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**06 ବର୍ଷର ରାଜ୍ୟ ସରକାର ପ୍ରତିଭୂତିଗୁଡ଼ିକର ନିଲାମ**

ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୂତିଗୁଡ଼ିକୁ ମୋଟ ₹1,000 କୋଟି **(ଅଙ୍କିତ ମୂଲ୍ୟ)** ରେ ବିକ୍ରି କରିବାର ପ୍ରସ୍ତାବ ଦେଇଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ **(ଇ-କୁବେର)**ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ **19 ଅଗଷ୍ଟ, 2025 (ମଙ୍ଗଳବାର)** ଦିନ ଅନୁଷ୍ଠିତ ହେବ । ବ୍ୟକ୍ତିଗତ ନିବେଶକମାନେ ମଧ୍ୟ ରିଟେଲ ଡାଇରେକ୍ଟ ପୋର୍ଟାଲ **(https://rbiretaildirect.org.in)** ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ।

ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟ **(www.rbi.org.in)** ରେ **14 ଅଗଷ୍ଟ, 2025 (ଗୁରୁବାର)** ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଆପଣଙ୍କୁ ଟଙ୍କା ଦେବାର ପ୍ରତିଶ୍ରୁତି ଦେଉଥିବା ଇମେଲ/ଏସ୍‌ଏମ୍‌ଏସ୍/କଲ୍ ଦ୍ୱାରା ଠକାମୀର ଶିକାର ହୁଅନ୍ତୁ ନାହିଁ ।"



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ : (୦୬୭୪)୨୩୯୩୫୨୪,
ଏପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧, ଫାକ୍ସ : (୦୬୭୪)୨୩୯୩୯୫୨, ୱେବସାଇଟ : https://oshb.org

No.CAD-1487

**ବିଜ୍ଞାପନ**

ପତ୍ର ସଂଖ୍ୟା : ୧୬୭ | ତା : ୬.୮.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଫ୍ଲାଟ୍ ନଂ ଏ-୨୦୧ (ବ୍ଲକ-୧) ଏବଂ ଗ୍ୟାରେଜ-୬, ତୋଷାଳି ଆପାର୍ଟମେଣ୍ଟ ସ୍କିମ୍, ସତ୍ୟନଗର ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସତ୍ୟାନନ୍ଦ ନାଏକ, ପିତା ୰ ଚନ୍ଦ୍ରଶେଖର ନାଏକ, ସା/ପୋ-ସାନପାତ୍ର ପଲ୍ଲୀ, ଥାନା-ସଦର, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସତ୍ୟାନନ୍ଦ ନାଏକ ଉକ୍ତ ଫ୍ଲାଟ୍ ଏବଂ ଗ୍ୟାରେଜକୁ ତୃତୀୟ ପକ୍ଷ ଅନ୍ତରୀଣ ଶ୍ରୀ ବିଜୟ କୁମାର ମହାନ୍ତି, ପିତା ୰ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସା-ପ୍ଲଟ ନଂ ୩୨୭, ଲିଙ୍ଗରାଜ ନଗର, ଲେନ-୮, ପୋ/ଥାନା-ଓଲଡ ଟାଉନ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଏବଂ ଗ୍ୟାରେଜର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0804/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**PARALAKHEMUNDI (R&B) DIVISION, PARALAKHEMUNDI**

No.B-395

Tel. Ph. No. : 06815-222542, E-mail I.D. : eerbparala@yahoo.com

**e-Procurement Notice**

Bid Identification No. S.E., PKD. R&B DIVN.-**06/2025-26**

No.3614 | Date. 12.08.2025

**INVITATION FOR BIDS**

| | | |
|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in **Single/ Double** cover system to be received in on **ONLINE MODE** only for the construction of works as detailed in the table below : | |
| 2. | Nature of works | Roads & Building Works |
| 3. | No. of works | 06 (Six) Nos. of works |
| 4. | Estimated cost (Approximately) | Rs.15.01 Lakhs to Rs.61.57 Lakhs |
| 5. | Bid cost | Rs.6,000/- to Rs.10,000/- |
| 6. | Class of contractor | "B" Class // "C" Class // "D" Class |
| 7. | Availability of Bid Documents in the website | 10.00 Hrs of Dt.**21.08.2025** to 17.00 Hrs. of Dt.**09.09.2025** |
| 8. | Date of opening of the Bid | 12.00 Hrs. of Dt.**10.09.2025** |
| 9. | The Bidders have to participate in **ONLINE** bidding only. Further details can be seen from the website http://tendersorissa.gov.in Any Addendum / Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer
Paralakhemundi (R&B)
Division

OIPR-34186/11/0006/2526

## ସଂକ୍ଷେପରେ

### ଚୌଦ୍ୱାର ଐତିହାସିକ ପାଲା ମହୋତ୍ସବ ଉଦ୍‌ଘାଟିତ

**ଚୌଦ୍ୱାର,୧୭।୮(ଆଶୁତୋଷ ଦାସ)**

ଚୌଦ୍ୱାରରେ ଶତାଧିକ ବର୍ଷରୁ ଚାଲିଆସିଥିବା ସତ୍ୟ ନାରାୟଣ ପାଲା ସମିତି ଆନୁକୂଲ୍ୟରେ ଲଗାତାର ଆୟୋଜିତ ହୋଇ ଆସୁଥିବା ଐତିହାସିକ ପାଲା ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ବଡ଼ ବଜାରସ୍ଥିତ ଶ୍ରୀ ଶ୍ରୀ ସତ୍ୟନାରାୟଣ ପୂଜା ମଣ୍ଡପରେ ଆୟୋଜିତ ଉତ୍ସବ ବରିଷ୍ଠ ନାଗରିକ ତଥା ମହୋତ୍ସବର ଉପଦେଷ୍ଟା ବୈକୁଣ୍ଠନାଥ ପୁଷ୍ଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ପାଲାକାର ଗାୟକ ଜ୍ଞାନବାରିଧି କଳାକାର ନାୟକ ପାଲା ପରିବେଷଣ କରିଥିଲେ। ସମିତି ସଭାପତି ମନୋଜ କୁମାର ନାୟକ, ଉପ ସଭାପତି ଲିଙ୍ଗରାଜ ସାହୁ, ସମ୍ପାଦକ ମଙ୍ଗରାଜ ବେହେରା, ହରେକୃଷ୍ଣ ସାହୁ, ଅଜୟ କୁମାର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ। ମହୋତ୍ସବ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଭାପତି ନାୟକ ସୂଚନା ଦେଇଛନ୍ତି।

### ବିବେକାନନ୍ଦ ପାଠାଗାରରେ ଚିତ୍ରାଙ୍କନ ପ୍ରତିଯୋଗିତା

**ମଙ୍ଗୁଳି-ଜଗତପୁର,୧୭।୮(ମାନସ ସାମଲ)**

ସ୍ୱାଧୀନତା ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନୁନ୍‌କିରୀ ନୁନ୍‌କିରୀ ଗ୍ରାମସ୍ଥିତ ବିବେକାନନ୍ଦ ପାଠାଗାର ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପାଠାଗାର ପ୍ରତିଷ୍ଠାତା ସୁରେଶ ରାଉତରାୟଙ୍କ ଉଦ୍ୟମରେ ଆୟୋଜିତ ଚିତ୍ରାଙ୍କନ ପ୍ରତଯୋଗିତାରେ ମୁଖ୍ୟ ଅତିଥି ଭାବେ ଓଟିଏମ୍ ହାଇସ୍କୁଲ ପ୍ରଧାନଶିକ୍ଷକ ଜିତେନ ରାଉତ ଯୋଗଦେଇ ଜାତୀୟ ପତକା ଉତ୍ତୋଳନ କରିବା ସହ ବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସଭାପତି ସଞ୍ଜୟ ନାୟକ, ସଦସ୍ୟ ପବିତ୍ର ମୋହନ ମହାନ୍ତି ପରିଚାଳନା କରିଥିବା ବେଳେ ପାଠାଗାରର ସମସ୍ତ ସଦସ୍ୟ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଗୋ ସେବା ଉପରେ ଆଲୋଚନା

**ବାଙ୍କୀ,୧୭।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**–

ଡମପଡ଼ା ବ୍ଲକ ତୁଳସୀପୁର ଗ୍ରାମସ୍ଥିତ ଆଖଣ୍ଡଳମଣି ମନ୍ଦିର ପରସରରେ ଗୋ ସେବା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିବନ୍ଧୁ ପ୍ରସନ୍ନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହାକୁ ଆୟୋଜନ କରାଯାଇଥିଲା। ବିଶେଷ କରି ଗୋ ମାତାଙ୍କ ସେବା, ଅକ୍ଷମ ଗୋ ମାତାଙ୍କ ସେବା ଶୁଶ୍ରୁଷା ପାଇଁ ଗୋ ଖାଦ୍ୟ ଓ ଆର୍ଥିକ ସାହାଯ୍ୟ ଦେବାକୁ ଅନୁରୋଧ କରାଯାଇଥିଲା। ଏହି ସାହାଯ୍ୟ ନିକଟସ୍ଥ ଶ୍ରୀରାମ କୃଷ୍ଣ ଗୋସେବା କେନ୍ଦ୍ରକୁ ପଠାଯିବା ସହ ସ୍ଥାନୀୟ ବୁଲା ଗୋରୁ ଓ ଦୁର୍ଘଟଣାଗ୍ରସ୍ତ ଗୋରୁଙ୍କ ନିମନ୍ତେ ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମାଗୁଣୀ ଚରଣ ସାହୁ, ଭୀମସେନ ନାୟକ, ମନୋଜ କୁମାର ମହାପାତ୍ର, ଉଦୟନାଥ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଗଣେଶ ପୂଜା ଓ ଭସାଣିରେ ନିଶା, ଡିଜେ ବାରଣ

**ତିରିଆ,୧୭।୮(ଜାଫର ଖାଁ):**


ବୈଠକରେ ପୋଲିସ ପ୍ରଶାସନ ଓ ବିଭିନ୍ନ ପୂଜା କମିଟିର ସଦସ୍ୟମାନେ।

ଅଗଷ୍ଟ ୨୭ରେ ଗଣେଶ ପୂଜା। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପୂଜା ଓ ପରବର୍ତ୍ତୀ ଭସାଣିକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ରବିବାର ତିରିଆ ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତିରିଆ ଥାନାରେ ଆୟୋଜିତ ବୈଠକରେ ବିଭିନ୍ନ ପଞ୍ଚାୟତରେ ଅଗ୍ରଣୀ ପୂଜା କମିଟିର ସଦସ୍ୟ ଯୋଗଦେଇଥିଲେ। ତିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ଏଥିରେ ପୌରୋହିତ୍ୟ କରିଥିଲେ। ବୈଠକରେ ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହି ପୂଜା ଓ ଭସାଣିକୁ କିଭଳି ଶାନ୍ତିଶୃଙ୍ଖଳାର ସହ ଶେଷ କରାଯିବ ସେନେଇ ମତ ପ୍ରକାଶ ପାଇଥିଲା। ଥାନା ଆଇଆଇସି ପାଇକରାୟ ଉପସ୍ଥିତ ରହି ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ ରାତି ୧୦ଟା ସୁଦ୍ଧା ଭସାଣି ଶେଷ କରିବା, ଭସାଣିରେ ଅତିବେଶିରେ ୫ ସାଉଣ୍ଡବକ୍ସ ବ୍ୟବହାର ସହ ଡିଜେକୁ ବାରଣ ପାଇଁ କହିଛନ୍ତି। ଭସାଣି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ଆଣିବା, ସମସ୍ତ ପୂଜା କମିଟିର ୧୫ ସଦସ୍ୟଙ୍କ ନାମ ଓ ଫୋନ୍ ନମ୍ବର ଥାନାରେ ପ୍ରଦାନ କରିବା, ନିଶା ସେବନକୁ ସମ୍ପୂର୍ଣ୍ଣ ବାରଣ କରିବା, ଭସାଣି ସମୟରେ ଟ୍ରାଫିକ୍ ନିୟମ ମାନିବା, ଆଇନଶୃଙ୍ଖଳା ରକ୍ଷା ଉପରେ ଧ୍ୟାନ ଦେବା, ଭସାଣିର ୨ ଦିନ ପୂର୍ବରୁ ବ୍ରାସ୍‌ବ୍ୟାଣ୍ଡ ପାର୍ଟି ମାଲିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ଥାନାରେ ପ୍ରଦାନ କରିବା ପାଇଁ ଆଇଆଇସି ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୧ ସୁଦ୍ଧା ଭସାଣି ଶେଷ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହାକୁ ଅମାନ୍ୟ କଲେ ଉକ୍ତ ପୂଜା କମିଟିର ସଦସ୍ୟମାନେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଥାନା ଆଇଆଇସି ପାଇକରାୟ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତିରିଆ ଥାନା ଏସ୍‌ଆଇ ପ୍ରିୟଦର୍ଶିନୀ ଈପ୍ସିତା, ଏଏସ୍‌ଆଇ ବିକାଶ ରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ରାଧାଗୋବିନ୍ଦଙ୍କ ସୁନାବେଶ

**୧ କିଲୋ ୮୪୯ ଗ୍ରାମ୍ ଅଳଙ୍କାରରେ ସଜ୍ଜିତ ହେଲେ**

**ଆଠଗଡ଼,୧୭।୮(ସତ୍ୟପ୍ରସାଦ ରଥ):**

ଗଡ଼ଜାତୀୟ ପରମ୍ପରା ଅନୁଯାୟୀ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ଆଠଗଡ଼ ଗଡ଼ଜାତର ଆରାଧ୍ୟ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧାକୃଷ୍ଣ ଓ ବଳରାମଙ୍କୁ ୧ କିଲୋ ୮୪୯ ଗ୍ରାମ୍ ୭୦୦ ମିଲିଗ୍ରାମ୍ ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ଅଳଙ୍କାର ଭିତରେ ମୁକୁଟ ୩, ନୂପୁର ୨, ମାଠ ଖଡୁ ୨, ମଗରମୁହାଁ ଖଡୁ ୨, ସୁନାମାଳି, ମର୍କତ ମାଳି, ପୋହଳା ମାଳ, ସୁନାପଦକ ମାଳ, ଚୁଡ଼ି ୨ ହଳ ଓ ତୋଳି ୨ ହଳ ରହିଛି। ଜନ୍ମାଷ୍ଟମୀ ନୀତି ସନ୍ଧ୍ୟା ୬ ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ସୁନାବେଶ ଦେଖିବାକୁ ମନ୍ଦିର ମଧ୍ୟରେ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଆଠଗଡ଼ ଉପକୋଷାଗାରରୁ ମହାପ୍ରଭୁଙ୍କର ଅଳଙ୍କାରଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ଅଣାଯାଇଥିଲା। ବେଶ ସରିଲା ପରେ ପୁଣି ଗଣମେଣ୍ଟି କରାଯାଇ ଉପକୋଷାଗାରରେ ଦାଖଲ କରାଯିବ ବୋଲି କୁହାଯାଇଛି।


ରାଧା, କୃଷ୍ଣ, ବଳରାମଙ୍କ ସୁନା ବେଶ।

# କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ଥାନାରେ ପୃଥକ୍ ଅଭିଯୋଗ

**କଂଗ୍ରେସକୁ କଂସ ଓ ରାହୁଲ ଗାନ୍ଧୀଙ୍କୁ ଆତଙ୍କବାଦୀ କହିବା ମହଙ୍ଗା ପଡ଼ିଲା**

**ନିଶ୍ଚିନ୍ତକୋଇଲି,୧୭।୮ (ଅଶୋକ କୁମାର ମହାପାତ୍ର) :**


ଅଭିଯୋଗ କରିବାକୁ ଆସିଥିବା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ ଦାସ ଓ ଅନ୍ୟମାନେ।

ସ୍ୱାଧୀନତା ଦିବସରେ ଦେଶ ପାଇଁ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀ ଓ ବ୍ରିଟିଶ୍ ସରକାର ବିରୋଧରେ ଅଭିଭାଷଣ ରଖିବା ପରିବର୍ତ୍ତେ କଂଗ୍ରେସ ଦଳକୁ କଂସ ଓ ରାହୁଲ ଗାନ୍ଧୀଙ୍କୁ ଆତଙ୍କବାଦୀ ଭାବେ ସମ୍ବୋଧନକରି ଜଣେ କଲେଜ ଅଧ୍ୟକ୍ଷ ବିବାଦୀୟ ହୋଇପଡ଼ିଛନ୍ତି। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ କଂଗ୍ରେସ ଜିଲା ସଂଯୋଜକ ପ୍ରଦୀପ୍ତ ଓ ମାହାଙ୍ଗା ବ୍ଲକ କଂଗ୍ରେସ ପକ୍ଷରୁ ୨ଟି ପୃଥକ୍ ଅଭିଯୋଗ ମାହାଙ୍ଗା ଥାନାରେ ଦାଏର କରାଯାଇଛି।

୭୯ତମ ସ୍ୱାଧୀନତା ଦିବସ ଅବସରରେ ଶୁକ୍ରବାର ମାହାଙ୍ଗା ଥାନା କଇଥା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆନନ୍ଦବଜାରସ୍ଥିତ ମାହାଙ୍ଗା ବିକାଶ ପରିଷଦ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏଥିରେ ଯାଜପୁର ଜିଲା କାଶୀନାଥ ମହାବିଦ୍ୟାଳୟ କାଇପଡାର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥୀ ଯୋଗଦେଇ କଂଗ୍ରେସ ବିରୋଧରେ ବହୁ କଟୁ ମନ୍ତବ୍ୟ ଦେଇଥିଲେ। ଏପରିକି ଭାରତ ସ୍ୱାଧୀନ ହୋଇନାହିଁ ବୋଲି କହିବା ସହ ଆଉଥରେ ଦ୍ୱିତୀୟ ସ୍ୱାଧୀନତା ଆଣିବାକୁ ରକ୍ତପାତ ଆବଶ୍ୟକ ବୋଲି ମନ୍ତବ୍ୟ ଦେଇ ଶତପଥୀ ବିବାଦୀୟ ହୋଇପଡ଼ିଛନ୍ତି। ଜଣେ ଦାୟିତ୍ୱସମ୍ପନ୍ନ କର୍ତ୍ତବ୍ୟରତ କଲେଜ ଅଧ୍ୟକ୍ଷଙ୍କ ଏପରି ମନ୍ତବ୍ୟକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଏନେଇ କଟକ ଜିଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ ଦାସ ଓ ଜିଲା କଂଗ୍ରେସ ନେତୃମଣ୍ଡଳୀ ପକ୍ଷରୁ ମାହାଙ୍ଗା ଥାନାରେ ଏକ ଅଭିଯୋଗ କରାଯାଇଛି। ଏଥିସହ ଗୌଡ଼ପଡ଼ାସ୍ଥିତ ଡାକବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି। ସେହିପରି ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ପକ୍ଷରୁ ମାହାଙ୍ଗା ବିକାଶ ପରିଷଦକୁ ଟାର୍ଗେଟ କରାଯାଇଛି। ଏହି ଅନୁଷ୍ଠାନର ବୈଧତା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ମାହାଙ୍ଗା ଥାନାରେ ଆଉ ଏକ ଲିଖିତ ଅଭିଯୋଗ କରାଯାଇଛି। ସରକାର ଏହାର ବିଧିବଦ୍ଧ ତଦନ୍ତ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦଳ ତରଫରୁ ମାହାଙ୍ଗା ଥାନାରେ ୨ଟି ଅଭିଯୋଗ ହେବା ପରେ କଂଗ୍ରେସର ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଥିବା ଚର୍ଚ୍ଚା ହେଉଛି।

ଥାନାରେ ଅଭିଯୋଗ ପରେ କଲେଜ ଅଧ୍ୟକ୍ଷ ପ୍ରମୋଦ କଂଗ୍ରେସପ୍ରେମୀଙ୍କ ନିକଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି। ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ ସମୟରେ କଂଗ୍ରେସ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ସେ ଦୁଃଖିତ ଓ ମର୍ମାହତ ବୋଲି କହିଛନ୍ତି।

# ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ତ୍ରିଶୂଳିଆ(ତୁଷାରକାନ୍ତ ବେହେରା):**

ନନ୍ଦନକାନନଠାରୁ କେନ୍ଦୁପାଟଣା ଭାୟା ପଦାସାହି ରାସ୍ତା ନିର୍ମାଣ ନିମନ୍ତେ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଏମ୍‌ପି ଷଡଙ୍ଗୀ ପଦାସାହି ରେଳ ଫାଟକଠାରେ ରେଳ ବ୍ରିଜ ଓ ଭଗବତୀନଗର ଗାଁମୁଣ୍ଡରେ ନୂତନ ବ୍ରିଜ ନିମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ହେବାକୁ ଥିବା ଏହି ୫ କିଲୋମିଟର ରାସ୍ତା କାମ ପାଇଁ ରାଜ୍ୟ ଯୋଜନା ପାଣ୍ଠିରୁ ୪ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଦାଡା ସରପଞ୍ଚ ନିଶିପଦ୍ମା କାଣ୍ଡି, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିର୍ମଳ ଚନ୍ଦ୍ର ଜେନା, ନାରୀନେତ୍ରୀ ରଶ୍ମୀ ମହାପାତ୍ର, ସୋମନାଥମଣ୍ଡଳ ସଭାପତି ସଞ୍ଜୟ ପତି ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଜିଲାପରିଷଦ କୁନାଲ ରାଉତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁବାସ ବେହେରା, ସହକାରୀ ଯନ୍ତ୍ରୀ ଅମ୍ବରିଶ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

# ସହମତିଭିତ୍ତିକ ରାଜନୀତିର ପ୍ରବର୍ତ୍ତକ ଥିଲେ ବାଜପେୟୀ

**ସାଲେପୁର,୧୭।୮(ଅରବିନ୍ଦ ଭୂୟାଁ):**

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୭ମ ଶ୍ରାଦ୍ଧଦିବସ ସାଲେପୁରସ୍ଥିତ ମା' ଶାରଳା ପୀଠ ରୋଧପୁରଠାରେ ଅନୁଷ୍ଠିତ ହୋଇଯାଇଛି।

ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଟଳ ସେନାର ମୁଖ୍ୟ ଉପଦେଷ୍ଟା ପ୍ରଫେସର ବ୍ରଜବନ୍ଧୁ ଚିନାରା ଯୋଗଦେଇ ଭାରତବର୍ଷରେ ବାଜପେୟୀ କିଭଳି ସହମତିଭିତ୍ତିକ ରାଜନୀତିର ପ୍ରବର୍ତ୍ତକ ଥିଲେ ତାହା ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଅତିଥିଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଅଟଳ ବୁଦ୍ଧିଜୀବୀ ସଂଘର ରାଜ୍ୟ ସଭାପତି ଡ. ଉମେଶ ଚନ୍ଦ୍ର ପତି, ମୁଖ୍ୟବକ୍ତା ଶିକ୍ଷାବିତ୍ ବିପିନ ବିହାରୀ କର, ପ୍ରସନ୍ନ କୁମାର ମିଶ୍ର, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଭାଜପା ନେତ୍ରୀ ଅମିତା ସାହାଣୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଘର କଟକ ଜିଲା ହିନ୍ଦୁ ଜାଗରଣ ମଞ୍ଚର ପ୍ରମୁଖ ଦେବେନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେନାର ଉପଦେଷ୍ଟା ପ୍ରତାପ କିଶୋର ମିଶ୍ର, ଅଶୋକ କୁମାର ସ୍ୱାଇଁ, ଉପାଧ୍ୟକ୍ଷ ଗୌତମ ରାୟ ଚୌଧୁରୀ, ସମ୍ପାଦକ ଅଶୋକ କୁମାର ବେହେରା, ଛାତ୍ରସଂଘ ସମ୍ପାଦକ ବନବିହାରୀ ସାହୁ, ପ୍ରମୁଖ ସହଯୋଗ କରିଥିଲେ।

# ସିଆଇଏସ୍‌ଏଫ୍ ଡାଇରେକ୍ଟର ଜେନେରାଲ୍‌ଙ୍କ ଖାରବେଳ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ

**ବାଙ୍କୀ,୧୭।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ବାଙ୍କୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦ୍ରୀୟ ସିଆଇଏସ୍‌ଏଫ୍ ଖାରବେଳ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ରକୁ ଡାଇରେକ୍ଟର ଜେନେରାଲ ରାଜଭିନ୍ଦର ସିଂହ ଭାଟି ରବିବାର ପ୍ରଥମ ଥର ପାଇଁ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ତାଙ୍କୁ ପ୍ରଶିକ୍ଷଣ କେନ୍ଦ୍ର ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାଟି ଅନୁଷ୍ଠାନ ପରିଦର୍ଶନ କରିବା ସହିତ କେନ୍ଦ୍ରର କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି।

# ୧୯ରେ ବିଜେଡିର ୬ ଘଣ୍ଟିଆ ସାଲେପୁର ବନ୍ଦ


ବୈଠକରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀମାନେ।

**ସାଲେପୁର,୧୭।୮(ଅରବିନ୍ଦ ଭୂୟାଁ):**

**ଏନ୍‌ଏସି ମାନ୍ୟତା ଦେବାକୁ ଦାବି**

ରାଜ୍ୟ ସରକାର ୭ ଜିଲାର ୧୨ ସ୍ଥାନକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ଘୋଷଣା କରିଛନ୍ତି। ମାତ୍ର ସାଲେପୁର ସହର ଏନ୍‌ଏସି ତାଲିକାରୁ ବାଦ୍ ପଡ଼ିଛି। ଏନେଇ ସାଲେପୁରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସାଲେପୁରର ନ୍ୟାଯ୍ୟଦାବି ପାଇଁ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ୬ଘଣ୍ଟିଆ ସାଲେପୁର ଅଖଚକ ବନ୍ଦ ଡାକରା ଦିଆଯାଇଛି। ଏନେଇ ସାଲେପୁର ବିଜେଡି ବିଧାୟକ ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶିଶୁଆ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବିଜେଡି ସରକାର ସମୟରେ ସାଲେପୁରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନବୀନ ପଟ୍ଟନାୟକ ଅନ୍ୟ ଅଞ୍ଚଳ ସହ ସେତେବେଳେ ସାଲେପୁରକୁ ଏନ୍‌ଏସି ମାନ୍ୟତା ପାଇଁ ଘୋଷଣା କରିଥିଲେ। ମାତ୍ର ସରକାର ବଦଳିଗଲା ପରେ ଏବେ ସାଲେପୁର ଉକ୍ତ ତାଲିକାରୁ ବାଦ୍ ପଡ଼ିଛି। ରାଜନୈତିକ କୂଟନୀତିରେ ବଳିପଡ଼ିଛି ସାଲେପୁର। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁସମ୍ମାନ ଜଣାଇ ଯେତେଦିନ ପର୍ଯ୍ୟନ୍ତ ସାଲେପୁରକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ସରକାର ଘୋଷଣା ନ କରିଛନ୍ତି ସେପର୍ଯ୍ୟନ୍ତ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ସାଲେପୁର ବିଧାୟକ ବେହେରା ପ୍ରସ୍ତୁତି ବୈଠକରେ କଡ଼ା ଚେତାବନୀ ଦେଇଛନ୍ତି। ଏନେଇ ସାଲେପୁର ବନ୍ଦକୁ ସଫଳ କରିବା ପାଇଁ ଅଞ୍ଚଳବାସୀ, ବ୍ୟବସାୟୀଙ୍କଠାରୁ ଆରମ୍ଭକରି ଦଳମତ ନିର୍ବିଶେଷରେ ସଭିଏଁ ସମର୍ଥନ କରିବାକୁ ବିଧାୟକ ଆହ୍ୱାନ ଦେଇଛନ୍ତି।


**GOVERNMENT OF ODISHA** No.O-597
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
Email ID : ccerwcrayagada@gmail.com

Letter No. 1699 Date : 13.08.2025

**NATIONAL COMPETITIVE BIDDING THROUGH GEPNIC**
**e_PROCUREMENT NOTICE**

1. Name of the work : Construction and Maintenance of Road works for the year 2024-2025 & 2025-2026 (6 Nos of Works)
2. Class of contractor : "A", "Special" & "Super" Class of (Odisha PWD) or relevant class of other licensing authority
3. Estimated Cost : **Varies from Rs.359.91 Lakhs to Rs.2550.00 Lakhs (Approximately)**
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-16/ RWCRGDA/ 2025-26 | Dt.22.08.2025 at 11.00 A.M. | Dt.12.09.2025 Up to 5.00 P.M. | Dt.11.09.2025 Up to 5.00 P.M. | Dt.15.09.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
Rural Works Circle, Rayagada

OIPR-25196/11/0028/2526



**GOVERNMENT OF ODISHA** No.C-877
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA**
e-mail : eephd.rgda.od@od.gov.in, eephdrgda@gmail.com
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO. EEPHDRAYAGADA-19/2025-26 DT.13.08.2025**

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Construction of 5 lakh Ltr. Master Balancing Reservoir (MBR) and piping arrangement at WTP campus of Gunupur Municipality | EEPHDRAYAGADA - 19/2025-26 Dtd.13.08.2025 | 47.03 | "B" Class | 03 (Three Months) | 22.08.2025 (11.00 Hr) | 01.09.2025 (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**
- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd./- EXECUTIVE ENGINEER,
P.H. DIVISION, RAYAGADA

OIPR-13052/11/0034/2526



**GOVERNMENT OF ODISHA** No.i-278
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, NAUGAON, JAGATSINGHPUR**
'e' mail ID : ori-naugaon@nic.in
**'e' Procurement Notice No.BDO/NPS-01 of 2025-26**

| | | |
|---|---|---|
| 1 | Number of the work | 04 (four) Nos. |
| 2 | Tender Amount (Approx.) | Rs.15.31 Lakh to 27.05 Lakh |
| 3 | EMD (online) | Rs.15,400.00 to Rs.27,100.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "D" & "C" and "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procuremnet Officer | Bid Identification No. | Availability of Tender | | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| | | From | To | | | |
| **Block Development Officer, Naugaon** | BDO/NPS-01/2025-26 | **19.08.2025** at 10.00 Hours | **02.09.2025** at 17.30 Hours | **29.08.2025** upto 1.00 P.M. during office hours on working days | **03.09.2025** upto 11.00 AM during office hours | O/o the Panchayat Samiti, Naugaon |

Further details can be seen from the Govt. website "**https://tendersodisha.gov.in**
All corrigendum / cancellation of tender if any, will only be uploaded in the above website.

Sd./- Block Development Officer,
Naugaon

OIPR-19447/11/0001/2526



**ଭାରତୀୟ ରିଜର୍ଭ ବ୍ୟାଙ୍କ**
**RESERVE BANK OF INDIA**
www.rbi.org.in

**06 ବର୍ଷର ରାଜ୍ୟ ସରକାର ପ୍ରତିଭୁତିଗୁଡ଼ିକର ନିଲାମ**

ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୁତିଗୁଡ଼ିକୁ ମୋଟ ₹**1,000** କୋଟି **(ଅଙ୍କିତ ମୂଲ୍ୟ)** ରେ ବିକ୍ରି କରିବାର ପ୍ରସ୍ତାବ ଦେଇଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ **(ଇ-କୁବେର)**ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ **19 ଅଗଷ୍ଟ, 2025 (ମଙ୍ଗଳବାର)** ଦିନ ଅନୁଷ୍ଠିତ ହେବ । ବ୍ୟକ୍ତିଗତ ନିବେଶକମାନେ ମଧ୍ୟ ରିଟେଲ ଡାଇରେକ୍ଟ ପୋର୍ଟାଲ **(https://rbiretaildirect.org.in)** ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ।

ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟ **(www.rbi.org.in)** ରେ **14 ଅଗଷ୍ଟ, 2025 (ଗୁରୁବାର)** ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଆପଣଙ୍କୁ ଟଙ୍କା ଦେବାର ପ୍ରତିଶ୍ରୁତି ଦେଉଥିବା ଇମେଲ/ଏସ୍‌ଏମ୍‌ଏସ୍/କଲ୍ ଦ୍ୱାରା ଠକାମୀର ଶିକାର ହୁଅନ୍ତୁ ନାହିଁ ।"



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ : (୦୬୭୪)୨୩୯୩୫୨୪,
ଏପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧, ଫାକ୍ସ : (୦୬୭୪)୨୩୯୩୯୫୨, ୱେବସାଇଟ : https://oshb.org
No.CAD-1487

**ବିଜ୍ଞାପନ**

ପତ୍ର ସଂଖ୍ୟା : ୧୬୭ ତା : ୬.୮.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଫ୍ଲାଟ୍ ନଂ ଏ-୨୦୧ (ବ୍ଲକ-୧) ଏବଂ ଗ୍ୟାରେଜ-୬, ତୋଷାଳି ଆପାର୍ଟମେଣ୍ଟ ସ୍କିମ୍, ସତ୍ୟନଗର ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସତ୍ୟାନନ୍ଦ ନାଏକ, ପିତା ୰ ଚନ୍ଦ୍ରଶେଖର ନାଏକ, ସା/ପୋ-ସାନପାତ୍ର ପଲ୍ଲୀ, ଥାନା-ସଦର, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସତ୍ୟାନନ୍ଦ ନାଏକ ଉକ୍ତ ଫ୍ଲାଟ୍ ଏବଂ ଗ୍ୟାରେଜକୁ ତୃତୀୟ ପକ୍ଷ ଅନ୍ତରୀଣ ଶ୍ରୀ ବିଜୟ କୁମାର ମହାନ୍ତି, ପିତା ୰ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସା-ପ୍ଲଟ ନଂ ୩୨୭, ଲିଙ୍ଗରାଜ ନଗର, ଲେନ-୮, ପୋ/ଥାନା-ଓଲଡ ଟାଉନ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଏବଂ ଗ୍ୟାରେଜର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0804/2526



**GOVERNMENT OF ODISHA** No.B-395
**OFFICE OF THE SUPERINTENDING ENGINEER,**
**PARALAKHEMUNDI (R&B) DIVISION, PARALAKHEMUNDI**
Tel. Ph. No. : 06815-222542, E-mail I.D. : eerbparala@yahoo.com
**e-Procurement Notice**
Bid Identification No. S.E., PKD. R&B DIVN.-**06/2025-26**

No.3614 Date. 12.08.2025

**INVITATION FOR BIDS**

| | | |
|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in **Single/ Double** cover system to be received in on **ONLINE MODE** only for the construction of works as detailed in the table below : | |
| 2. | Nature of works | : Roads & Building Works |
| 3. | No. of works | : 06 (Six) Nos. of works |
| 4. | Estimated cost (Approximately) | : Rs.15.01 Lakhs to Rs.61.57 Lakhs |
| 5. | Bid cost | : Rs.6,000/- to Rs.10,000/- |
| 6. | Class of contractor | : "B" Class // "C" Class // "D" Class |
| 7. | Availability of Bid Documents in the website | : 10.00 Hrs of Dt.**21.08.2025** to 17.00 Hrs. of Dt.**09.09.2025** |
| 8. | Date of opening of the Bid | : 12.00 Hrs. of Dt.**10.09.2025** |
| 9. | The Bidders have to participate in **ONLINE** bidding only. Further details can be seen from the website **http://tendersorissa.gov.in** Any Addendum / Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer
Paralakhemundi (R&B)
Division

OIPR-34186/11/0006/2526

# ଫୁଲତୋଳାକୁ ନେଇ ପୂଜକଙ୍କୁ କଟୁରିରେ ହାଣିଲେ

## ୨ ଅଭିଯୁକ୍ତ ଭାଇ ଫେରାର

ବୋଲଗଡ଼,୧୭।୮(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଗୋବର୍ଦ୍ଧନପୁର ଫାଣ୍ଡି ଗୋବର୍ଦ୍ଧନପୁର ଗ୍ରାମରେ ରବିବାର ଫୁଲତୋଳକୁ କେନ୍ଦ୍ରକରି ଗ୍ରାମର ପୂଜକ ସୁଶାନ୍ତ ମହାପାତ୍ର(୪୫)ଙ୍କୁ ଗାଁଦାଣ୍ଡରେ ଆକ୍ରମଣ ହୋଇଛି। ସେହି ଗାଁର ଦୁଇଜଣ ଭାଇ କଟୁରିରେ ତାଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ଫଳରେ ସେ ଗୁରୁତର ହୋଇଛନ୍ତି। ଏନେଇ ପୂଜକଙ୍କ ଝିଅ ସୁନୀତା ବୋଲଗଡ଼ ଥାନାରେ ଅଭିଯୋଗ କରିଥିବାବେଳେ ପୋଲିସ ଏକ କେସ୍ (ନଂ.୧୯୦/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ସକାଳେ ପୂଜକଙ୍କ ସ୍ତ୍ରୀ ଓ ଝିଅ ସୁନୀତା ଘର ସମ୍ମୁଖସ୍ଥ ନିଜ ଦୋକାନରେ ବସିଥିଲେ। ଏହି ସମୟରେ ସେହି ଗ୍ରାମର ଭଦ୍ରା ଖୁଣ୍ଟିଆଙ୍କ ଦୁଇପୁଅ ସୁଶାନ୍ତ (୩୨) ଓ ତୁରିଆ (୨୮) ସେଠାରେ ପହଞ୍ଚିଥିଲେ। ସୁଶାନ୍ତ ହାତରେ ଧରିଥିବା ଏକ କଟୁରିକୁ ପଥରରେ ଘଷି ଧାର କରିବା ସହ ପୂଜକଙ୍କୁ ଉଭୟେ ଅପେକ୍ଷା କରିଥିଲେ। କିଛି ସମୟ ପରେ ପୂଜକ ଗ୍ରାମ ଶିବମନ୍ଦିର ପୂଜାସାରି ଫେରିବାବେଳେ ଅଚାନକ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ଆଖି ସାମ୍ନାରେ ତାଙ୍କୁ କଟୁରିରେ ହାଣି ପକାଇଥିଲେ। ଏଥିରେ ପୂଜକଙ୍କ ମୁଣ୍ଡ ଓ ଡାହାଣ ହାତରେ ଗଭୀର କ୍ଷତହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଚିତ୍କାର କରୁଥିବା ବେଳେ ଦୁଇ ଭାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ପୂଜକ ସୁଶାନ୍ତଙ୍କୁ ପରିବାର ଲୋକେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା ବେଳେ ଅବସ୍ଥା ସଙ୍କଟପନ୍ନ ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଦ୍ୱୟ କଟୁରି ସହ ଏକ ଅଟୋରେ ଗ୍ରାମରୁ ଫେରାର ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଗତ ୩ ଦିନ ତଳେ ଗ୍ରାମ ଶିବ ମନ୍ଦିର ନିକଟରେ ଥିବା ଏକ ଫୁଲବଗିଚାରୁ ଫୁଲ ତୋଳିବା ନେଇ ପୂଜକ ଓ ସୁଶାନ୍ତଙ୍କ ମଧ୍ୟରେ ହୋଇଥିବା ବଚସା ହୋଇଥିଲା। ସେହି ଘଟଣାକୁ କେନ୍ଦ୍ର କରି ଏହି ଆକ୍ରମଣ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ସଂକ୍ଷେପରେ

### କନ୍ଦନୟାଗଡ଼ରେ ଦିବ୍ୟ ପାଦୁକା ଯାତ୍ରା

ଟାଙ୍ଗୀ,୧୭।୮(ରଘୁନାଥ ସାହୁ)

କନ୍ଦନୟାଗଡ଼ସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା ଆଗମନ ହୋଇଛି। ଭକ୍ତିମୟ ପରିବେଶରେ ଶ୍ରୀସତ୍ୟସାଇବାବାଙ୍କ ପାଦୁକାକୁ ପୂଜାର୍ଚ୍ଚନା କରି ଅବସ୍ଥାପିତ କରାଯାଇଛି। ପୁରୀ ଜିଲାରୁ ଦିବ୍ୟ ପାଦୁକା ଯାତ୍ରା ବାହାରି ରାମେଶ୍ୱରଠାରେ ପହଞ୍ଚିବା ପରେ ନୟାଗଡ଼ ଜିଲା ସତ୍ୟସାଇ ସଂଗଠନର ଭକ୍ତବୃନ୍ଦ ସ୍ୱାଗତ କରି ସଂକୀର୍ତ୍ତନ ସହ ମୋଟରସାଇକେଲ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ। ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟା ମନ୍ଦିରର ଗୁରୁଜୀ ଗୁରୁମା'ଙ୍କ ସହିତ ଛାତ୍ରୀଛାତ୍ରମାନେ ବାବାଙ୍କ ବିଭିନ୍ନ ସୁବାର୍ତ୍ତା ପ୍ଲାକାର୍ଡ ସହିତ ରାଧା, କୃଷ୍ଣ, ରାମ, ଲକ୍ଷଣ, ସୀତା, ହନୁମାନ, ଜଗନ୍ନାଥ ବେଶରେ ସୁସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କଲ୍ୟାଣ ମଣ୍ଡପରେ ଭଜନ ଆଳତି କରାଯାଇଥିଲା। ସୋମାବାରଠାରୁ ପ୍ରତି ଗ୍ରାମରେ ଦିବ୍ୟ ପାଦୁକା ଯାତ୍ରା କରାଯିବ। ଓଡ଼ିଶା ରାଜ୍ୟ ଶାଖା ସତ୍ୟସାଇ ସଂଗଠନ ସଭାପତି ସତ୍ୟସ୍ୱରୂପ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ନୟାଗଡ଼ ଜିଲା ସଭାପତି ପ୍ରତାପ ଦେଉରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଭକ୍ତ ବିଶ୍ୱଜିତ ମହାପାତ୍ର, ବ୍ରଜେନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ବିନାୟକ ମହାରଣାଙ୍କ ସମେତ ରଣପୁର, ଗୋପାଳପୁର, ନୟାଗଡ ଓଡ଼ଗାଁ ସଂଗଠନର ଭକ୍ତବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କନ୍ଦନୟାଗଡ଼ରେ ରବିବାର ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା।

# ବିଧାୟକ ବାଣ୍ଟିଲେ ଭତ୍ତା



ବିଧାୟକ ପ୍ରଦୀପ କୁମାର ସାହୁ ଜଣେ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟୁଛନ୍ତି।

ବେଗୁନିଆ,୧୭।୮(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ୧୯ ଜଣ ଓ ବାର୍ଦ୍ଧକ୍ୟ ଭତ୍ତା ୧୦ ଜଣଙ୍କୁ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ସରପଞ୍ଚ ସତ୍ୟନାରାୟଣ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ବରାଳ, ଜିଆର୍‌ଏସ୍ ସୁକାନ୍ତ କୁମାର ଜେନା ଓ ସାମାଜିକ କର୍ମୀ ଆଲୋକ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନନ୍ଦପଲ୍ଲୀରେ ନନ୍ଦୋତ୍ସବ

ବୋଲଗଡ଼,୧୭।୮(ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମ ନନ୍ଦପଲ୍ଲୀରେ ଶନିବାର ନନ୍ଦୋତ୍ସବ ପାଳନ କରାଯାଇଛି। ଗ୍ରାମବାସୀ ନୃତ୍ୟ ଗୀତରେ ବିଭୋର ହୋଇଥିବାବେଳେ ଶୋଭାଯାତ୍ରାରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମ୍ପର୍କିତ ବିଭିନ୍ନ ଚରିତ୍ରର ନିଛକ ପ୍ରତିଫଳନ ଦେଖିବାକୁ ମିଳିଥିଲା। ବିଭିନ୍ନ ଚରିତ୍ରରେ ସଜ୍ଜିତ ବେଶଧାରୀ ବାଳକ ଓ ଯୁବକମାନେ ମା' ବ୍ରାହ୍ମଣୀ ଦେବୀ ମନ୍ଦିର ନିକଟରୁ ବାହାରି ଗ୍ରାମ ପରିକ୍ରମା କରି କୃଷ୍ଣପ୍ରେମମୟ ପରିବେଶ ସୃଷ୍ଟି କରିଥିଲେ। ଗ୍ରାମର ପ୍ରତ୍ୟେକ ଘର ଦ୍ୱାରରେ ଝୋଟି ମୁରୁଜ ଆଙ୍କି ପୂର୍ଣ୍ଣକଳସ, ଫୁଲଚନ୍ଦନ, ଭୋଗରାଗ ସହ ଏହି ରାସନୃତ୍ୟ, ନଗର ସଂକୀର୍ତ୍ତନକାରୀ ଦଳଙ୍କୁ ମହିଳାମାନେ ବନ୍ଦାପନା କରିଥିଲେ। ବିଭିନ୍ନ ବାଦ୍ୟ, ଘଣ୍ଟ, ଶଙ୍ଖ, ହୁଳହୁଳି ଓ ସଂକୀର୍ତ୍ତନରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। ବ୍ରାହ୍ମଣୀଦେବୀ ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି ଉତ୍ସବ ପରିଚାଳନାରେ ମକର ସୁବୁଦ୍ଧି, କୈଳାସ ବେହେରା, ବ୍ରଜବନ୍ଧୁ ସୁବୁଦ୍ଧି, ଦୁର୍ଯ୍ୟୋଧନ ସୁବୁଦ୍ଧି ଓ ପ୍ରଫୁଲ୍ଲ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ୩ ପଞ୍ଚାୟତରେ ଏସ୍‌ବିଆଇ କିଓସ୍କ ଶାଖା ଖୋଲିଲା



ଏକ ଏସ୍‌ବିଆଇ ଶାଖାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଟାଙ୍ଗୀ, ୧୭।୮(ରଘୁନାଥ ସାହୁ)

ପଟିଆ, କେରେଣ୍ଡାଟାଙ୍ଗୀ, କନ୍ଦନୟାଗଡ଼ ପଞ୍ଚାୟତରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର କିଓସ୍କ ଶାଖା ଖୋଲିଛି। ଲୋକଙ୍କ ପାଖରେ ବ୍ୟାଙ୍କ କାରବାର ପହଞ୍ଚାଇବା ପାଇଁ ପ୍ରତି ପଞ୍ଚାୟତରେ କିଓସ୍କ ଶାଖା ଖୋଲିବାକୁ ଘୋଷଣା କରାଯାଇଛି। ପଟିଆ ପଞ୍ଚାୟତର କିଓସ୍କ ଶାଖା ପରିଚାଳକ ଭାବେ ବସନ୍ତ କୁମାର ବେହେରା ଦାୟିତ୍ୱ ନେଇଥିବାବେଳେ ସ୍ଥାନୀୟ ସରପଞ୍ଚ ସୁମିତ୍ରା ସାହୁ ଉଦ୍‌ଘାଟନ କରିଥିଲେ। କିଓସ୍କ ସଂଗଠନର ମୁଖ୍ୟ ପରିଚାଳିକା ସୋନାଲି ସାମଲ, କିଓସ୍କ ସଂଗଠନ ସଭାପତି ଭାରତୀ ପାତ୍ର, ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କେରେଣ୍ଡାଟାଙ୍ଗୀ ପଞ୍ଚାୟତରେ ମିଥୁନ ଚକ୍ରବର୍ତ୍ତୀ ଭୋଳ କିଓସ୍କ ପରିଚାଳକ ଭାବେ ନିଯୁକ୍ତ ହୋଇଛନ୍ତି। କନ୍ଦନୟାଗଡ଼ ପଞ୍ଚାୟତରେ କିଓସ୍କ ପରିଚାଳିକା ଭାବେ ସସ୍ମିତା ସାହୁ ଦାୟିତ୍ୱ ନେଇଛନ୍ତି। ଏହି କିଓସ୍କକୁ ନାଏବ ସରପଞ୍ଚ ପ୍ରମୋଦ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ସରକାର ଏହି ଶାଖା ପାଇଁ ଘର, ଆସବାବପତ୍ର, କମ୍ପ୍ୟୁଟର ଯୋଗାଇ ଦେଇଥିବା ଜଣାପଡ଼ିଛି।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ଚାରାରୋପଣ

ବୋଲଗଡ଼,୧୭।୮(ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତ ମର୍ଦ୍ଦାବାଡି ଗ୍ରାମରେ ଶୁକ୍ରବାର ସ୍ୱାଧୀନତା ଦିବସ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିରେ ଚାରା ରୋପଣ କରାଯାଇଛି। ମର୍ଦ୍ଦାବାଡ଼ି ଆଞ୍ଚଳିକ ଶିକ୍ଷା, ସେବା ଓ ସାଂସ୍କୃତିକ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟ ପ୍ରତିଷ୍ଠାତା ଯୁବ ପରିବେଶପ୍ରେମୀ ଚନ୍ଦନ ପଶ୍ଚିମକବାଟଙ୍କ ଉଦ୍ୟମ ଓ ସଭାପତି ଶିକ୍ଷକ ମନମୋହନ କହଲସିଂହଙ୍କ ତତ୍ତ୍ୱାବଧାନରେ ମନ୍ଦିର ପରିସର, ରାସ୍ତା ପାର୍ଶ୍ୱ ଓ ପୋଖରୀ ହୁଡାରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ବାଳିକାବାଳକ ଓ ଅନ୍ୟମାନେ ସାମିଲ ଥିଲେ।

# ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ସ୍ମୃତି ଦିବସ

ଖୋର୍ଦ୍ଧା,୧୭।୮(ପ୍ରଭାତ ପାଣିଗ୍ରାହୀ)



ସ୍ୱାଧୀନତାର ବହୁ ସ୍ମୃତି ସ୍ମାରକୀ ସାଇତି ରଖିଥିବା ଖୋର୍ଦ୍ଧାର ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ସ୍ୱାଧୀନତାର ସ୍ମୃତି ଦିବସ ପାଳିତ ହୋଇଯାଇଛି। ଭାରତୀୟ ସୀମା ସୁରକ୍ଷାବଳର ଡେପୁଟି କମାଣ୍ଡାଣ୍ଟ ଦୀପକ କୁମାର ମହାନ୍ତି ମୁଖ୍ୟ ଅତିଥି ଓ ପୂର୍ବତନ ଡେପୁଟି କମାଣ୍ଡାଣ୍ଟ ବରୁଣ କୁମାର, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମୟରେ ଭାରତର ଅଖଣ୍ଡତା ଓ ଜାତୀୟତା ବଜାୟ ରଖିବା ଆମ ପାଇଁ ବଡ଼ ଆହ୍ୱାନ ବୋଲି ମୁଖ୍ୟ ଅତିଥି କହିଥିଲେ। ସୀମା ଓ ଆଭ୍ୟନ୍ତରୀଣରେ ସେନାବାହିନୀ ପ୍ରତି ରାତ୍ରରେ ସଜାଗ ରହୁଥିବାରୁ ଦେଶବାସୀ ଶାନ୍ତିରେ ଶୟନ କରୁଛନ୍ତି। ବର୍ତ୍ତମାନର ଛାତ୍ରୀଛାତ୍ର ଓ ଯୁବବର୍ଗ କଷ୍ଟଲବ୍ଧ ସ୍ୱାଧୀନତା ରକ୍ଷା ପାଇଁ ଶପଥ ନିଅନ୍ତୁ ବୋଲି କମାଣ୍ଡାଣ୍ଟ ମହାନ୍ତି କହିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ୧୯୭୧ ଭାରତ-ପାକ ଯୁଦ୍ଧର ବିଜୟ ସ୍ମାରକୀ ରୌପ୍ୟ ମୁଦ୍ରା, ଜଳ ସ୍ଥଳ ଆକାଶ ବାହିନୀ ସମ୍ପର୍କିତ ଡାକଟିକେଟ, ଫାଷ୍ଟ-ଡେ-କଭର, ମୁଦ୍ରା, ମେଡାଲ, ବ୍ୟାଜ୍, ଆଜାଦହିନ୍ଦ୍ ସେନା ଓ କାର୍ଗିଲ୍ ସେନାର ବ୍ୟବହୃତ ପୋଷାକ, ଭାରତ ସମେତ ଶତାଧିକ ଦେଶର ଜାତୀୟ ପତାକା ପ୍ରଦର୍ଶିତ ହୋଇଥିଲା। ସଂଗ୍ରାହକ ଗୋପାଳକୃଷ୍ଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅର୍ଚ୍ଚିଷ୍ମାନ ଦାସ ଧନ୍ୟବାଦ ଦେଇଥିଲେ।

# ପୁଣେରେ ପ୍ରବାସୀ ଓଡ଼ିଆଙ୍କ ଜନ୍ମାଷ୍ଟମୀ ଉତ୍ସବ ପାଳନ

ବେଗୁନିଆ,୧୭।୮(ସନ୍ଧ୍ୟାରାଣୀ ମିଶ୍ର)

ମହାରାଷ୍ଟ୍ରର ପୁଣେ ଜିଲା ଭୋସରୀରେ ନୀଳାଚଳ ମିତ୍ର ମଣ୍ଡଳ ଆନୁକୂଲ୍ୟରେ ମହେଶ ଦାଦା ସ୍ପୋର୍ଟସ ଫାଉଣ୍ଡେଶନ ପକ୍ଷରୁ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ମା' ମାହେଶ୍ୱରୀ ସଙ୍କୀର୍ତ୍ତନ ମଣ୍ଡଳୀର ଗାୟିକା ନିର୍ଶିକିତା ସରିତା ବେହେରା ଯୋଗଦେଇ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଭ୍ୟ ସଞ୍ଜୟ ପରିଡ଼ା, ଗୋବର୍ଦ୍ଧନ ନାୟକ, ପରଦେଶୀ ସାହୁ, ତପନ ରାଉତ, ଗରୁଡ଼ ଦାସ, ଶ୍ରୀନିବାସ ପ୍ରଧାନ, ଦିଲୀପ ସ୍ୱାଇଁ, ରିପନ ଦାସ ଏବଂ ଅନିଲ ସାଏ ପରିଚାଳନା କରିଥିଲେ। ଦୀର୍ଘ ଆଠବର୍ଷ ଧରି ସେଠାରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଆସୁଛି।

# ମୃଣ୍ମୟୀ ଦେବୀଙ୍କ ମାଟି ଅନୁକୂଳ ଯାତ୍ରା

ବେଗୁନିଆ,୧୭।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ପବିତ୍ର ନନ୍ଦ ଉତ୍ସବରେ ଶନିବାର ମୃଣ୍ମୟୀ ଦେବୀଙ୍କ ମାଟି ଅନୁକୂଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାପୂଜା ପାଇଁ ପାରମ୍ପରିକ ରୀତିନୀତି ଅନୁଯାୟୀ ବାଜା, ବାଣ ଆଦି ରୋଷଣୀରେ ସ୍ଥାନୀୟ ପଥରଚୁଆ ନାମକ ପୋଖରୀ କୂଳରୁ ମାଟି ଅନୁକୂଳ କରାଯାଇଛି। ପୁରୋହିତ ଅଖିଳ ଦାଶଙ୍କ ମନ୍ତ୍ରପାଠ ପରେ ହୋମଯଜ୍ଞ, ଧୂପଦୀପ ନୈବେଦ୍ୟ ଅର୍ପଣ ସହିତ ଆଳତି ବନ୍ଦାପନା କରାଯାଇଥିଲା। କମିଟି କର୍ମକର୍ତ୍ତାମାନେ ବ୍ରତ ପାଳନ କରି ନାଲିରଙ୍ଗର କପଡ଼ାରେ ମାଟିକୁ ବାନ୍ଧିବା ପରେ ନାମ ସଂକୀର୍ତ୍ତନ ସହିତ ପୂଜା ମଣ୍ଡପ ଅଭିମୁଖେ ବାହାରିଥିଲେ। ଏହି ଦିନଠାରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ନିର୍ମାତା ଶିଳ୍ପୀ କଟକର ଶଙ୍କର ଦାଦାଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ବିଭୁପ୍ରସାଦ ପଟ୍ଟନାୟକ ଏବଂ କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ମାଟି ଅନୁକୂଳ ଶୋଭାଯାତ୍ରା ବାହାରିଥିଲା। ଏଥିରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ପ୍ରମୁଖ କର୍ତ୍ତା ଭାବେ ଯୋଗଦେଇଥିଲେ। ବେଗୁନିଆ ବିଡିଓ ସନ୍ତୋଷ କୁମାର ଜେନା ସମ୍ମାନିତ ଅତିଥି, ସ୍ଥାନୀୟ ସମସ୍ତ ସାହି କମିଟିର ସଦସ୍ୟ, ମା' ବରମୂଳେଇ କମିଟି ସଦସ୍ୟ ଏବଂ ବଣିକ ସଂଘର ସଦସ୍ୟମାନେ ସାମିଲ ଥିଲେ।

# ନାରୀ ନିର୍ଯାତନା ଦୂର ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଜରୁରୀ

ବାଘମାରି, ୧୭।୮(ମିହିର ରଞ୍ଜନ ମହାପାତ୍ର)



ସାରୁଅ ପଞ୍ଚାୟତ ମୁଖ୍ୟାଳୟରେ ଅବସ୍ଥିତ ମା' ଗହିରୀ ବଘେଇଙ୍କ ମନ୍ଦିର ପରିସରରେ ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ଶନିବାର ଆୟୋଜିତ 'ସାମ୍ପ୍ରତିକ ସମାଜ ଓ ସନ୍ତ୍ରସ୍ତ ନାରୀ' ଶୀର୍ଷକ ଆଲୋଚନାଚକ୍ର ଓ କବିତା ପାଠ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଣ୍ଡୋଇ ପୌରୋହିତ୍ୟ କରିଥିଲେ। ପ୍ରଥମେ ସେବକ ବାସୁଦେବ ସାହୁ ଓ ଗଙ୍ଗାଧର ସାହୁ ମା' ଗହିରୀ ବଘେଇଙ୍କ ପୂଜାର୍ଚ୍ଚନା କରିଥିଲେ। ଗାୟକ ବସନ୍ତ କୁମାର ଦାସଙ୍କ ମଙ୍ଗଳା ଚରଣ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା କଥାକାର ସୁରେଶ ଛୋଟରାୟ ମୁଖ୍ୟ ଅତିଥି, ରସାୟନବିଜ୍ଞାନୀ ଡ. ହରିପ୍ରସାଦ ଦାସ ମୁଖ୍ୟ ବକ୍ତା, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ ରଞ୍ଜିତା ମହାଭୋଇ ଓ କବୟିତ୍ରୀ ଡ. ଗୀତାଞ୍ଜଳି ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ କେବଳ ଆଇନ ନୁହେଁ, ବ୍ୟାପକ ଜନସଚେତନତା ସହ ଶୁଦ୍ଧ ଓ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଆପଣାଇଲେ ନାରୀ ନିର୍ଯାତନା ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବୟିତ୍ରୀ ମାନସୀ ଦାସ, ବାସନ୍ତୀ ମହାପାତ୍ର, ଦିବ୍ୟଲୋଚନ ଭାରିମଲ, ଲୁଣ୍ଠୁ ତ୍ରିପାଠୀ, ବଂଶୀଧର ପଣ୍ଡା, ଧନଞ୍ଜୟ ଶ୍ରୀଚନ୍ଦନ ମହାପାତ୍ର, ବସନ୍ତ ସାହୁ, ଗୁରୁକୁମାର ପାଣିଗ୍ରାହୀ, ରତ୍ନନିଧି ବଳିୟାରସିଂହ, ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ଭାଗବତ ମହାପାତ୍ର, ବସନ୍ତ ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ରସାନନ୍ଦ ସାମନ୍ତରାୟ, ଦୀନବନ୍ଧୁ ଦାଶ, ଜହ୍ନମଣି ଦେଈ ଏବଂ ବିଜୟଲକ୍ଷ୍ମୀ ଷଡ଼ଙ୍ଗୀ ପ୍ରମୁଖ କବିତା ପାଠ କରିଥିଲେ। ଗାୟକ ହରିହର ମହାପାତ୍ର ଉଦଯାପନୀ ସଙ୍ଗୀତ ଗାନ କରିଥିବାବେଳେ ଶିକ୍ଷକ ଦାଶରଥି ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
No.O-597
Email ID : ccerwcrayagada@gmail.com
Letter No. 1699 Date : 13.08.2025
NATIONAL COMPETITIVE BIDDING THROUGH GEPNIC
e_PROCUREMENT NOTICE

1. Name of the work : Construction and Maintenance of Road works for the year 2024-2025 & 2025-2026 (6 Nos of Works)
2. Class of contractor : "A", "Special" & "Super" Class of (Odisha PWD) or relevant class of other licensing authority
3. Estimated Cost : Varies from Rs.359.91 Lakhs to Rs.2550.00 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-16/ RWCRGDA/ 2025-26 | Dt.22.08.2025 at 11.00 A.M. | Dt.12.09.2025 Up to 5.00 P.M. | Dt.11.09.2025 Up to 5.00 P.M. | Dt.15.09.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
Rural Works Circle, Rayagada
OIPR-25196/11/0028/2526

GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA
No.C-877
e-mail : eephd.rgda.od@od.gov.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO. EEPHDRAYAGADA-19/2025-26 DT.13.08.2025

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Construction of 5 lakh Ltr. Master Balancing Reservoir (MBR) and piping arrangement at WTP campus of Gunupur Municipality | EEPHDRAYAGADA - 19/2025-26 Dtd.13.08.2025 | 47.03 | "B" Class | 03 (Three Months) | 22.08.2025 (11.00 Hr) | 01.09.2025 (17.00 Hr) |

Name & Adderss of Officer Inviting Bid : Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com
- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd./- EXECUTIVE ENGINEER,
P.H. DIVISION, RAYAGADA
OIPR-13052/11/0034/2526

GOVERNMENT OF ODISHA
PANCHAYATIRAJ & D.W. DEPARTMENT
OFFICE OF THE PANCHAYAT SAMITI, NAUGAON, JAGATSINGHPUR
No.i-278
'e' mail ID : ori-naugaon@nic.in
'e' Procurement Notice No.BDO/NPS-01 of 2025-26

| | | |
|---|---|---|
| 1 | Number of the work | 04 (four) Nos. |
| 2 | Tender Amount (Approx.) | Rs.15.31 Lakh to 27.05 Lakh |
| 3 | EMD (online) | Rs.15,400.00 to Rs.27,100.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "D" & "C" and "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procuremnet Officer | Bid Identification No. | Availability of Tender | | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| | | From | To | | | |
| Block Development Officer, Naugaon | BDO/NPS-01/2025-26 | 19.08.2025 at 10.00 Hours | 02.09.2025 at 17.30 Hours | 29.08.2025 upto 1.00 P.M. during office hours on working days | 03.09.2025 upto 11.00 AM during office hours | O/o the Panchayat Samiti, Naugaon |

Further details can be seen from the Govt. website "https://tendersodisha.gov.in
All corrigendum / cancellation of tender if any, will only be uploaded in the above website.
Sd./- Block Development Officer,
Naugaon
OIPR-19447/11/0001/2526

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in
06 ବର୍ଷର ରାଜ୍ୟ ସରକାର ପ୍ରତିଭୂତିଗୁଡ଼ିକର ନିଲାମ
ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୂତିଗୁଡ଼ିକୁ ମୋଟ ₹1,000 କୋଟି (ଅଙ୍କିତ ମୂଲ୍ୟ) ରେ ବିକ୍ରି କରିବାର ପ୍ରସ୍ତାବ ଦେଇଛନ୍ତି ।
ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର)ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ 19 ଅଗଷ୍ଟ, 2025 (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବ । ବ୍ୟକ୍ତିଗତ ନିବେଶକମାନେ ମଧ୍ୟ ରିଟେଲ ଡାଇରେକ୍ଟ ପୋର୍ଟାଲ (https://rbiretaildirect.org.in) ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ।
ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟ (www.rbi.org.in) ରେ 14 ଅଗଷ୍ଟ, 2025 (ଗୁରୁବାର) ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।
"ଆପଣଙ୍କୁ ଟଙ୍କା ଦେବାର ପ୍ରତିଶ୍ରୁତି ଦେଉଥିବା ଇମେଲ/ଏସ୍‌ଏମ୍‌ଏସ୍/କଲ୍ ଦ୍ୱାରା ଠକାମୀର ଶିକାର ହୁଅନ୍ତୁ ନାହିଁ ।"

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ : (୦୬୭୪)୨୩୯୩୫୨୪,
ଏପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧, ଫାକ୍ସ : (୦୬୭୪)୨୩୯୩୯୫୨, ୱେବସାଇଟ : https://oshb.org
No.CAD-1487
ବିଜ୍ଞାପନ
ପତ୍ର ସଂଖ୍ୟା : ୧୬୭ ତା : ୬.୮.୨୦୨୫
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଫ୍ଲାଟ୍ ନଂ ଏ-୨୦୧ (ବ୍ଲକ-୧) ଏବଂ ଗ୍ୟାରେଜ-୬, ତୋଷାଳି ଆପାର୍ଟମେଣ୍ଟ ସ୍କିମ୍, ସତ୍ୟନଗର ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସତ୍ୟାନନ୍ଦ ନାଏକ, ପିତା ୰ ଚନ୍ଦ୍ରଶେଖର ନାଏକ, ସା/ପୋ-ସାନପାତ୍ର ପଲ୍ଲୀ, ଥାନା-ସଦର, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସତ୍ୟାନନ୍ଦ ନାଏକ ଉକ୍ତ ଫ୍ଲାଟ୍ ଏବଂ ଗ୍ୟାରେଜକୁ ତୃତୀୟ ପକ୍ଷ ଅନ୍ତରୀଣ ଶ୍ରୀ ବିଜୟ କୁମାର ମହାନ୍ତି, ପିତା ୰ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସା-ପ୍ଲଟ ନଂ ୩୨୭, ଲିଙ୍ଗରାଜ ନଗର, ଲେନ-୮, ପୋ/ଥାନା-ଓଲଡ ଟାଉନ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଏବଂ ଗ୍ୟାରେଜର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0804/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER,
PARALAKHEMUNDI (R&B) DIVISION, PARALAKHEMUNDI
No.B-395
Tel. Ph. No. : 06815-222542, E-mail I.D. : eerbparala@yahoo.com
e-Procurement Notice
Bid Identification No. S.E., PKD. R&B DIVN.-06/2025-26
No.3614 Date. 12.08.2025
INVITATION FOR BIDS

| | | |
|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in Single/ Double cover system to be received in on ONLINE MODE only for the construction of works as detailed in the table below : | |
| 2. | Nature of works | : Roads & Building Works |
| 3. | No. of works | : 06 (Six) Nos. of works |
| 4. | Estimated cost (Approximately) | : Rs.15.01 Lakhs to Rs.61.57 Lakhs |
| 5. | Bid cost | : Rs.6,000/- to Rs.10,000/- |
| 6. | Class of contractor | : "B" Class // "C" Class // "D" Class |
| 7. | Availability of Bid Documents in the website | : 10.00 Hrs of Dt.21.08.2025 to 17.00 Hrs. of Dt.09.09.2025 |
| 8. | Date of opening of the Bid | : 12.00 Hrs. of Dt.10.09.2025 |
| 9. | The Bidders have to participate in ONLINE bidding only. Further details can be seen from the website http://tendersorissa.gov.in Any Addendum / Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer
Paralakhemundi (R&B)
Division
OIPR-34186/11/0006/2526

**ସଂକ୍ଷେପରେ**

## ୪୨ ୟୁନିଟ୍ ରକ୍ତ ସଂଗ୍ରହ

କଣାସ,୧୭ା୮ (ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବିନ୍ଧଣ ପ୍ରାଥମିକ ବିଦ୍ୟାଳୟ ପରିସରରେ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଡିଭାଇନ୍ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଡା. ହିମାଂଶୁ ବେହେରା, ରାମଚନ୍ଦ୍ର ଖଟୁଆ, ସନାତନ ସାହୁ, ବିଜୟ କୁମାର ମହାନ୍ତି, ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ୪୨ଜଣ ଯୁବତୀଯୁବକଙ୍କଠାରୁ ୪୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ରଶ୍ମିରଞ୍ଜନ ନାୟକ, ଜୟନ୍ତ ମହାପାତ୍ର, ସୁରେଶ କୁମାର ମହାପାତ୍ର, ସନ୍ଧ୍ୟାରାଣୀ ସାମନ୍ତରାୟ, ଆଶିଷ କୁମାର, ଦେବାଶିଷ ରାଉତରାୟ, ଅମିୟ ରଞ୍ଜନ ସ୍ୱାଇଁ ଏହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

## ସ୍ୱତନ୍ତ୍ର କୋଡ୍‌ରେ ଚାଲିଛି ନିଶା କାରବାର

କାକଟପୁର/ଅସ୍ତରଙ୍ଗ, ୧୭ା୮ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦିନକୁ ଦିନ ନିଶା କାରବାର ଢାଞ୍ଚା ବଦଳି ଚାଲିଛି। କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନ ଦୋକାନଠାରୁ ଆରମ୍ଭକରି ଗ୍ରୋସରି ଦୋକାନ ପର୍ଯ୍ୟନ୍ତ ସବୁଠି ସହଜରେ ଗଞ୍ଜେଇ ଭର୍ତ୍ତି ସିଗାରେଟ୍ ମିଳୁଛି। ନିଶା ପାଇଁ ସ୍ୱତନ୍ତ୍ର କୋଡ୍ ବ୍ୟବହାର କରାଯାଇ ବ୍ୟବସାୟ ହେଉଛି, ଯାହା ସମସ୍ତ ଲୋକ ଜାଣିପାରୁନାହାନ୍ତି। କେଉଁଠି ସ୍ପେଶାଲ, ବାବା, ଗିଲା, ଭୋଗ, ଚକ୍ ନାମରେ ଏହି ସିଗାରେଟ୍ କାରବାର ଚାଲିଥିବା ବେଳେ କୋଡ୍‌ରେ କହିଲେ ଦୋକାନୀ ବୁଝି ନିଉଛନ୍ତି। ବଢ଼ାଇ ଦେଉଛନ୍ତି ବିଶେଷକରି ଯୁବପିଢ଼ି ଏହି ସିଗାରେଟ୍ ନିଶା କବଳରେ ପଡ଼ିଛନ୍ତି। କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ପାନ ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏହା ସହଜରେ ମିଳୁଛି। କିନ୍ତୁ ଅବକାରୀ ବିଭାଗ କିମ୍ବା ପୋଲିସ ଏ ସମ୍ପର୍କରେ କିଛି ଜାଣି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ବିଶେଷଜ୍ଞ ସିଗାରେଟ୍‌ରେ ପତି ବାହାର କରି ସେଥିରେ ଗଞ୍ଜେଇ ଭର୍ତ୍ତି କରି ବିକ୍ରି କରୁଛନ୍ତି। ଏହା ବଜାରରେ 'ସ୍ପେଶାଲ' ସିଗାରେଟ୍ ନାମରେ ସମସ୍ତେ ଜାଣୁଛନ୍ତି। ତାହା ସହ ଆଉ ଏକ ପ୍ୟାକେଟ୍‌ରେ ମାଡ଼ିଆ ରଙ୍ଗ 'ଗିଲା' ନାମରେ ବିକ୍ରି ହେଉଛି। କେତେକ ବ୍ୟବସାୟୀ ଏହାକୁ ପ୍ରସ୍ତୁତ କରି ଗୋଟାକୁ ୧୦୦ଟଙ୍କାରେ ବିକ୍ରି କରୁଛନ୍ତି। ଏଥିସହ ଅଞ୍ଚଳରେ କିଛି ବଡ଼ ବ୍ୟବସାୟୀ ଗଞ୍ଜେଇ ସହ କିଛି ରାସାୟନିକ ମିଶାଇ କଞ୍ଚାମାଲ ପ୍ରସ୍ତୁତ କରିବା ପରେ ଏହାକୁ ଛୋଟ ବେପାରୀଙ୍କୁ ଯୋଗାଇ ଦିଆଯାଉଛି। ଏହା ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ନନ୍ଦୋତ୍ସବରେ ପାରମ୍ପରିକ ନୃତ୍ୟ, ସଙ୍ଗୀତ ପରିବେଷଣ

ସାକ୍ଷୀଗୋପାଳ,୧୭ା୮ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)



ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ନୃତ୍ୟଶିଳ୍ପୀମାନେ ନନ୍ଦ ଉତ୍ସବରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀସାକ୍ଷୀଗୋପାଳ ସେବାୟତ ସଂଘ ଆନୁକୂଲ୍ୟରେ ଚାଲିଥିବା ଶ୍ରୀକୃଷ୍ଣ ଜନ୍ମୋତ୍ସବର ଅନ୍ତିମ ଆକର୍ଷଣ ନନ୍ଦ ଉତ୍ସବ ପାରମ୍ପରିକ ନୃତ୍ୟ ସଙ୍ଗୀତରେ ଶେଷ ହୋଇଛି। ଶନିବାର ଅନ୍ତିମ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଉପାଧକ୍ଷା ନିବେଦିତା ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତିସଭ୍ୟ ଦୀପକ କୁମାର ଶତପଥୀ ଓ ପେଣ୍ଡପଡ଼ା ସରପଞ୍ଚ ଚିନ୍ମୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀକୃଷ୍ଣ ଜନ୍ମୋତ୍ସବକୁ ଆକର୍ଷିତ କରିବା ପାଇଁ ଅତିଥିମାନେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମନ୍ଦିରର ଉନ୍ନୟନ ନିମନ୍ତେ ଜିଲା ପରିଷଦ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେବାକୁ ଜିଲା ପରିଷଦ ସଭ୍ୟା ବରାଳ କହିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ସେବାୟତ ସଂଘ ସଭାପତି ଅଶୋକ ଖୁଣ୍ଟିଆ, ସମ୍ପାଦକ ପ୍ରତାପ ମହାପାତ୍ର ଓ ଉପସଭାପତି ସଞ୍ଜୟ କୁମାର ନନ୍ଦ ଏବଂ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅଞ୍ଜନ କୁମାର ହୋତା ଓ ବଦ୍ରିନାରାୟଣ ଖୁଣ୍ଟିଆ ସଂଯୋଜନା କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭଜନ ସମାରୋହ ଏବଂ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣ ବକ୍ରତୁଣ୍ଡ ମହାକାୟ, ରାଧାରାଣୀ ସଙ୍ଗେ ମୁରଲୀ ପାଣି, କୁନି ନୃତ୍ୟଶିଳ୍ପୀମାନେ ହାତୀ ଘୋଡ଼ା ପାଲ୍‌କୀ, ରାଧେ ଗୋବିନ୍ଦ କୃଷ୍ଣ ମୁରାରୀ, ଜୟ ମା' ଦଶଭୁଜା, ମିତ ଚାହାଁରେ ପରା, ବୃନ୍ଦାବନେ କେ ବଂଶୀ ବଜାଇଲା, ଶ୍ରୀତ କମଳା କୁଚ ମଣ୍ଡନ, କି ନାଦରେ ପ୍ରାଣ ସଙ୍ଗିନୀ ଓ କ୍ରୀଷ୍ଣା ହେ ନୃତ୍ୟ ପରିବେଷଣ କରାଯାଇଥିଲା। ଚିରସ୍ରୋତା ଖୁଣ୍ଟିଆ ଓ ମୀରା ଦାସ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତ ଗୁରୁ ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ଗୁରୁ ଅଚ୍ୟୁତ ମହାରଣା ଓ ମମତା ଶ୍ରୀଚନ୍ଦନ ପ୍ରମୁଖ କଣ୍ଠଶିଳ୍ପୀ ଭଜନ, ଓଡ଼ିଶୀ ଓ ଚମ୍ପୂ ପରିବେଷଣ କରିଥିଲେ। ସେହିପରି ମନ୍ଦିରରେ ଦୋଳାୟମାନ ଶିଶୁ କୃଷ୍ଣଙ୍କୁ କୋରା ଭୋଗ ଲାଗି କରାଯାଇଥିଲା।

## ଏମ୍ପି, ବିଧାୟକ ବାଣ୍ଟିଲେ ଆବାସ, ରାଶନ କାର୍ଡ

ପିପିଲି,୧୭ା୮ (ଦୁର୍ଗାମାଧବ ମିଶ୍ର)

ପୁରୀ ଏମ୍ପି ଡ. ସମ୍ବିତ ପାତ୍ର ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ରବିବାର ନୂଆଗାଁସନ ପଞ୍ଚାୟତ ସ୍କୁଲ ପଡ଼ିଆରେ ଏକ ସରକାରୀ କାର୍ଯ୍ୟକ୍ରମରେ ପିପିଲି ବ୍ଲକର ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ ଆବାସ ଗୃହର କାର୍ଯ୍ୟାଦେଶ ଓ ନୂଆ ରାଶନ କାର୍ଡ ବଣ୍ଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦୩ ହିତାଧିକାରୀଙ୍କୁ ଏହି ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ୨୦୮ ହିତାଧିକାରୀଙ୍କ ମଧ୍ୟରୁ ୪୦ ଜଣଙ୍କୁ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ତନ୍ମଧ୍ୟରୁ ୪ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ମଧ୍ୟ ଏହି ଯୋଜନାରେ କାର୍ଯ୍ୟାଦେଶ ମିଳିଛି। କାର୍ଯ୍ୟକ୍ରମରେ ପିପିଲି ବିଡିଓ ସରୋଜ ରାଉତ, ପିପିଲି ବ୍ଲକ ଆତ୍ମା ଅଧକ୍ଷ ସୁବୋଧ ମହାନ୍ତି, ନୂଆଗାଁସନ ପଞ୍ଚାୟତ ସରପଞ୍ଚ ଶ୍ରୀବାଞ୍ଛାନିଧି ଦାସ, ସମିତିସଭ୍ୟା ଶୁଭଶ୍ରୀ ଦାଶ, ସିଡିପିଓ ମମତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଦୁର୍ଗାପ୍ରସାଦପୁର ସରପଞ୍ଚ ବିଭୂତି ଭୂଷଣ ନାଥ ସଭା ପରିଚାଳନା କରିଥିଲେ। ବିଜେପି ଗ୍ରାମୀଣ ଜୟଶ୍ରୀ ମେକାପ୍, ଏମ୍ଆଇ ଜ୍ୟୋତ୍ସ୍ନାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂଆଗାଁସନ ପଞ୍ଚାୟତରେ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ର, ଆରୋଗ୍ୟ ମନ୍ଦିର, ସେଗ୍ରାଗେସନ ସେଡ୍ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଏମ୍ପି ଏବଂ ବିଧାୟକ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ସୌମ୍ୟକାନ୍ତ ଦାଶ, ଆଇନଜୀବୀ ଧନେଶ୍ୱର ପ୍ରଧାନ, ସୁକାନ୍ତ ଦାଶ, ପ୍ରଦୀପ୍ତ ସାହୁ, ସୁଧୀର ବିଶ୍ୱାଳ, ଜ୍ୟୋତିକାନ୍ତ ମହାପାତ୍ର, ସୁବାସ ପଲେଇ, ବବୁଲ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଏମ୍ପି ଡ. ସମ୍ବିତ ପାତ୍ର ଜଣେ ହିତାଧିକାରୀଙ୍କୁ ଆବାସ ଯୋଜନା ବଣ୍ଟନ କରୁଛନ୍ତି।

# ଅସ୍ତରଙ୍ଗ ଅଞ୍ଚଳରେ ବଢୁଛି ଅସାମାଜିକ କାର୍ଯ୍ୟକଳାପ

କାକଟପୁର/ଅସ୍ତରଙ୍ଗ,୧୭ା୮ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ୧୫ ପଞ୍ଚାୟତକୁ ନେଇ ଗଠିତ ହୋଇଥିବାବେଳେ ୩ଟି ଥାନା ଅଧୀନରେ ଯାଉଛି। ସେଥିରୁ କିଛି ପଞ୍ଚାୟତ କାକଟପୁର ଥାନା ଅଧୀନରେ, ନୂଆଗଡ଼ ସାମୁଦ୍ରିକ ଥାନା ଅଧୀନରେ ଝଡ଼ଙ୍କ ଓ ନୂଆଗଡ଼, ଅବଶିଷ୍ଟ ପଞ୍ଚାୟତ ଅସ୍ତରଙ୍ଗ ଥାନା ଅଧୀନରେ ଯାଉଛି। କିନ୍ତୁ ଥାନା ପକ୍ଷରୁ ପାଟ୍ରୋଲିଂ ଅଭାବରୁ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଚୋରା ମାଦକ ଦ୍ରବ୍ୟ କାରବାର ବଢ଼ି ଚାଲିଛି। ଚୋରି, ରାହାଜାନି, ଲୁଟ୍, ହିଂସାତ୍ମକ ଭଳି ଅସାମାଜିକ କାର୍ଯ୍ୟକଳାପ ଘଟୁଛି। ଥାନା ଅଞ୍ଚଳରେ ଜନସାଧାରଣ ନିଜକୁ ଆଉ ସୁରକ୍ଷିତ ମଣୁନାହାନ୍ତି।

ଅସ୍ତରଙ୍ଗ ବ୍ଲକଟି ଜନସଂଖ୍ୟା ବୃଦ୍ଧି କାରଣରୁ ବିଭିନ୍ନ ପଞ୍ଚାୟତ ବିଭିନ୍ନ ଥାନା ଅଧୀନରେ ରହିଛି। ମାତ୍ର ବିଭିନ୍ନ ପଞ୍ଚାୟତରେ ଅଧିବାସୀଙ୍କୁ ପୋଲିସ ସୁରକ୍ଷା ଦେବାରେ ବିଫଳ ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସନ୍ଧ୍ୟା ହେଲେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ବସ୍‌ଷ୍ଟାଣ୍ଡଠାରୁ ଥାନା ଛକ ପର୍ଯ୍ୟନ୍ତ ବିଭିନ୍ନ ଫାଷ୍ଟଫୁଡ୍ ହେଉ ଅବା ବିଭିନ୍ନ ଦୋକାନ ଏକରକମର ମଦ୍ୟପଙ୍କ ବାର୍ ପାଲଟୁଛି। ଏହାସହ ରାସ୍ତା ଗହଳି ରହୁଥିଲେ ମଧ ପୋଲିସର ନା ଅଛି ପାଟ୍ରୋଲିଂ, ନା ହେଉଛି ବିଭିନ୍ନ ଫାଷ୍ଟଫୁଡ୍ ଦୋକାନରେ ଯାଞ୍ଚ, ଫଳରେ ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ କିମ୍ବା ବିଭିନ୍ନ ପଞ୍ଚାୟତର ଛକଗୁଡ଼ିକରେ ଥିବା ଦୋକାନ ମଦ୍ୟପ ଓ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଅସ୍ତରଙ୍ଗ ମୁଖ୍ୟ ବଜାରର କେତେଜଣ ବ୍ୟବସାୟୀ ରାସ୍ତାକୁ ମାଡ଼ି ଆସିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଖୁଲମ୍‌ଖୁଲା ସ୍କୁଟିରେ ଦେଶୀ ଓ ବିଦେଶୀ ମଦ ଚାଲାଣ ସର୍ବସମ୍ମୁଖରେ ହେଉଛି। ବିଭିନ୍ନ ଗାଁରେ ବେଆଇନ ମାଦକ ଦ୍ରବ୍ୟ କାରବାର ଗାଁ ଗଳିକନ୍ଦି, ଅନ୍ଧାରିଆ ନିଛାଟିଆ କ୍ୟାବିନ୍ କଡ଼ରେ ଖୋଲାମେଲାରେ ଚାଲିଛି। ଧଳା ଜହର କାରବାର ପ୍ରତ୍ୟେକ ଗାଁଗଣ୍ଡାକୁ ବ୍ୟାପିଲାଣି। ଶିକ୍ଷିତ ବେକାର ଯୁବକ ଏହାକୁ ସେବନକରି ଚୋରି, ଲୁଟ୍ ଭଳି ଘଟଣା ଘଟାଇବାକୁ ପଛଘୁଞ୍ଚା ଦେଉନାହାନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଛକ ବଜାର, ଗାଁମୁଣ୍ଡ ମନ୍ଦିର ବେଢ଼ାରେ ବସି ହୋହଲ୍ଲା କରୁଛନ୍ତି। ଏପରିକି ଜୁଆଖେଳ ମଧ ହେଉଛି। ଅସ୍ତରଙ୍ଗ, କାକଟପୁର ଓ ନୂଆଗଡ଼ ସାମୁଦ୍ରିକ ଥାନା ପକ୍ଷରୁ ଆବଶ୍ୟକ ମୁତାବକ ପାଟ୍ରୋଲିଂ କରାଯାଉ ନ ଥିବା ଅଭିଯୋଗ ହେଉଛି। ପୁରୀର ନୂତନ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଅସ୍ତରଙ୍ଗ ଥାନା।

## ତ୍ରିରଙ୍ଗା ଯାତ୍ରା, ବିଭାଜନ ବିଭୀଷିକା ଆଲୋଚନାଚକ୍ର

କଣାସ,୧୭ା୮ (ବିଭୂତି ଭୂଷଣ ତ୍ରିପାଠୀ)

ପ୍ରୟାସ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ଅବସରରେ ଜଙ୍କିଆ ବଜାରସ୍ଥିତ ତାରିଣୀ ପୀଠରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ତାରିଣୀ ପୀଠରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଜଙ୍କିଆ, ମରର୍ଦ୍ଧାପଲ୍ଲୀ, ଚୁପୁରିଙ୍ଗି ଛକଦେଇ ବାତ୍ୟା ଆଶ୍ରୟସ୍ଥଳଠାରେ ପହଞ୍ଚିଥିଲା। ପରେ ପ୍ରୟାସର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ବାତ୍ୟା ଆଶ୍ରୟସ୍ଥଳଠାରେ ବିଭାଜନ ଓ ବିଭୀଷିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର, ଯୁବକ, କୃଷକ ଓ ମହିଳାମାନେ ଯୋଗଦେଇଥିଲେ। ପ୍ରୟାସର ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବ ବକ୍ତବ୍ୟ ଦେଇ ଭାରତ ବିଭାଜନ ସମୟରେ ଦେଶରେ ହିନ୍ଦୁମାନଙ୍କର କରୁଣମୟ ନିର୍ଯ୍ୟାତନା ଓ ସେ ସମୟରେ କ୍ଷମତାରେ ଥିବା ରାଜନୈତିକ ନେତୃତ୍ୱମାନଙ୍କର ଅପାରଗତା, ଅପାରଦର୍ଶିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରୟାସର ପ୍ରମୁଖ କର୍ମକର୍ତ୍ତା ବିଶ୍ୱଜିତ୍ ବଡ଼ଜେନା, ମେନକା ପ୍ରଧାନ, କିରଣବାଳା ପାଇକରାୟ, ରାମଚନ୍ଦ୍ର ପରିଡ଼ା, ସୁରେଶ ପାଲ୍‌ଟାସିଂହ, ସ୍ୱର୍ଣ୍ଣଲତା ମାର୍ଥା, ମନେଇଁ ବଳବନ୍ତରାୟ, ଧନେଶ୍ୱର ପରିଡ଼ା ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ନନ୍ଦୋତ୍ସବରେ ଗାଁ ଗାଁରେ ଭାଗବତ

ପୁରୀ,୧୭ା୮ (ଅଜିତ୍ କୁମାର ମହାନ୍ତି)

ସୁଖମୟ ଓ ଶୃଙ୍ଖଳିତ ଜୀବନଯାପନରେ ଭାଗବତ ପାଠ ଏକ ବଡ଼ ଆବଶ୍ୟକତା ବୋଲି ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର କହିଛନ୍ତି। ଶ୍ରୀକୃଷ୍ଣ ଜନ୍ମ ପରେ ଅନୁଷ୍ଠିତ ନନ୍ଦୋତ୍ସବ ଉପଲକ୍ଷେ ଓଡ଼ିଆ ଯୁବ ଚେତନା ସଂଗଠନ ଓ ମିଶନ ଓଡ଼ିଶାର ମିଳିତ ସହଯୋଗରେ ଶାସନ ଦାମୋଦରପୁର କୋଇଲାଅଡ଼ାସ୍ଥିତ ପାରାଡାଇଜ୍ ବୃଦ୍ଧାଶ୍ରମ ପରିସରରେ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଓ ଘରେ ଘରେ ଭାଗବତର ପରିଚାଳିକା ସୁନନ୍ଦା ପଟ୍ଟନାୟକଙ୍କ ପରିଚାଳନାରେ ଗାଁ ଗାଁରେ ଭାଗବତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ପ୍ରବଚିକା ନିର୍ମଳା ଫତେସିଂହ, ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ମାନସ ସାହୁ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ମଧୁମିତା ମହାପାତ୍ର, ଲଣ୍ଡନର ଭାଗବତପ୍ରେମୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର ଓ ପ୍ରତ୍ୟୁଷ ଷଡ଼ଙ୍ଗୀ, ବୃକ୍ଷ ମଣିଷ ଅଜୟ ପ୍ରଧାନ, ସବ୍ୟସାଚୀ ସେନାପତି, ଚୌଧୁରୀ ମିନତି ମହାନ୍ତି, କେଦାରନାଥ ମହାପାତ୍ର, ଶିବରାମ ପ୍ରଧାନ, ସୌମ୍ୟରଞ୍ଜନ ପାତ୍ର, ସୁଲୋଚନା ମିଶ୍ରଙ୍କ ସମେତ ବୃଦ୍ଧାଶ୍ରମର ସମସ୍ତ ଅନ୍ତେବାସୀ ଉପସ୍ଥିତ ଥିଲେ। ଆଶ୍ରମ ପରିଚାଳିକା ପ୍ରଣତୀ ଯୋଗଦେଇଥିଲେ। ଆଗାମୀ ଦିନରେ ବୀରହରେକୃଷ୍ଣପୁରରେ ଗାଁ ଗାଁରେ ଭାଗବତ କାର୍ଯ୍ୟକ୍ରମ ହେବ ବୋଲି ଅଜୟ ପ୍ରଧାନ ଘୋଷଣା କରିଥିଲେ।

# ମେଗା ଚାରାରୋପଣ କାର୍ଯ୍ୟକ୍ରମ

କୋଣାର୍କ,୧୭ା୮ (ଜ୍ୟୋତିରାଜ ମହାନ୍ତି)

ଭୁବନେଶ୍ୱର କେଶୁରାସ୍ଥିତ ଆଗ୍ରୋଟେକ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ କୋଣାର୍କ ବାବା ବାଲିକପିଳେଶ୍ୱର ପୀଠରେ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଜରିଆରେ ଟ୍ରଷ୍ଟର ସେବା କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ସ୍ୱାଧୀନତା ଦିବସ ଅବସରରେ ବାଲିକପିଳେଶ୍ୱର ପୀଠରେ ଶାନ୍ତି ଚେତନା ଆଶ୍ରମ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ ପରେ ଟ୍ରଷ୍ଟର ସଭାପତି ରଜନୀକାନ୍ତ ଲେଙ୍କାଙ୍କ ଅଧ୍ୟକ୍ଷତାରେ ସଭାରେ ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନରେ କିଭଳି ଭାବେ ପରିବେଶ, କୃଷି, ସ୍ୱାସ୍ଥ୍ୟ, ଯୁବ ସମ୍ବଳ ବିକାଶ ଓ ଦକ୍ଷତା ବିକାଶ, ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ସଚେତନତା କାର୍ଯ୍ୟକ୍ରମ, ନାରୀ ସଶକ୍ତୀକରଣ, ବରିଷ୍ଠ ନାଗରିକଙ୍କ ସମ୍ମାନ, ସଡ଼କ ସୁରକ୍ଷା, ବୃକ୍ଷରୋପଣ, ସ୍ୱଚ୍ଛ ଭାରତ ଅଭିଯାନ, ପ୍ରାକୃତିକ ଚିକିତ୍ସା ଜରିଆରେ ସାଧାରଣ ଓ ଗରିବ ଲୋକଙ୍କ ସେବା ଉଦ୍ଦେଶ୍ୟରେ ଏହି ଟ୍ରଷ୍ଟ ସମର୍ପିତ ଭାବନାରେ କାର୍ଯ୍ୟ କରିବ ବୋଲି ଟ୍ରଷ୍ଟ ସଭାପତି କହିଥିଲେ। ପରେ ଟ୍ରଷ୍ଟର ସମସ୍ତ ସଭ୍ୟ ଓ ସ୍ଥାନୀୟ ମହିଳାଙ୍କ ସମେତ ସ୍ୱେଚ୍ଛାସେବୀ କର୍ମୀମାନେ ଆଖପାଖ ଅଞ୍ଚଳରେ ୨ହଜାର ଝାଉଁ ଚାରାରୋପଣ କରିଥିଲେ। ପବ୍ଲିକ ମିଡିଆ ନାମରେ ଏକ ଡିଜିଟାଲ ପ୍ଲାଟଫର୍ମ ଲୋକାର୍ପିତ ହୋଇଥିଲା। ଆଗ୍ରୋଟେକ୍ ଟ୍ରଷ୍ଟର ଟ୍ରଷ୍ଟି ଦେବସ୍ମାନ କର, କୋଷାଧ୍ୟକ୍ଷ ଆକାଶ ପଟ୍ଟନାୟକ, ମୁଖ୍ୟ ସମ୍ପାଦକ ଅଜିତ ଛୋଟରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାରାରୋପଣ କରୁଛନ୍ତି।

# ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ସୁଦର୍ଶନ ପଟ୍ଟନାୟକ

ପୁରୀ,୧୭ା୮ (ଅଜିତ୍ କୁମାର ମହାନ୍ତି)

ପୁରୀ ଗୋବର୍ଦ୍ଧନ ପୀଠ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉପରେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଆଲୋଚନା କରିଛନ୍ତି। ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ପଶ୍ଚିମବଙ୍ଗ ସରକାରଙ୍କ ମନମାନି ବିରୋଧରେ ଶିଳ୍ପୀ ପଟ୍ଟନାୟକ ସ୍ୱର ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ, ଗଜପତିଙ୍କ ହସ୍ତକ୍ଷେପ ପରେ ମଧ ଏଯାଏଁ ଦୀଘା ଜଗନ୍ନାଥ ମନ୍ଦିରରୁ 'ଧାମ' ହଟାଗଲା ନାହିଁ, ବରଂ ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଦୀଘା ଜଗନ୍ନାଥ ଧାମ' ନାମରେ ବ୍ରାଣ୍ଡିଂ କରାଯାଇ ଭକ୍ତଙ୍କୁ ଭ୍ରମିତ କରାଯାଉଛି। ଇସ୍କନ ପକ୍ଷରୁ ଏହାକୁ ପରିଚାଳନା କରାଯାଉଥିବାରୁ ତୁରନ୍ତ ଇସ୍କନର ଉଚ୍ଚପଦସ୍ଥ ସନ୍ଥମାନେ ଏ ପ୍ରସଙ୍ଗରେ ସେଠାକାର ସରକାରଙ୍କୁ ବୁଝାନ୍ତୁ, ନଚେତ ପରିଚାଳନାରୁ ଓହରି ଯାଆନ୍ତୁ ବୋଲି ସେ କହିଛନ୍ତି। ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ଧାମ ବୋଲି ପ୍ରଚାର ପ୍ରସାର ଜୋର୍‌ଦାର ହେଉଛି, ଏହାର ପରିଚାଳନା ଦାୟିତ୍ୱରେ ଥିବା ଇସ୍କନ୍ କାହିଁକି ଧାମ ଶବ୍ଦ ବ୍ୟବହାରକୁ ବିରୋଧ କରୁନି, ଅଦିନିଆ ରଥଯାତ୍ରା ପାଳନ ଉପରେ ରୋକ୍ ଲଗାଉନି ଇସ୍କନ୍, ଏଭଳି କିଛି ଯୁକ୍ତି ବାଢ଼ିଛନ୍ତି ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସୁଦର୍ଶନ ପଟ୍ଟନାୟକ।

ଏନେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି, ପଶ୍ଚିମବଙ୍ଗର ଅଧିକାଂଶ ଭକ୍ତ ପୁରୀକୁ ଆସିଥାନ୍ତି। ପଣ୍ଡା, ପୂଜାରୀ, ଦୋକନୀଙ୍କ ଆୟର ପନ୍ଥା ମୁଖ୍ୟତଃ ବଙ୍ଗାଳୀ ଭକ୍ତ ହୋଇଥାନ୍ତି। ପୁରୀ ମନ୍ଦିରକୁ ମୁଖ୍ୟତଃ ବେଙ୍ଗଲି ଭକ୍ତ ଆସିବା ସହ ଅର୍ଥନୀତିକୁ ସହଯୋଗ ମିଳିଥାଏ। ପଶ୍ଚିମବଙ୍ଗରେ ମମତା ସରକାର ଦୀଘା ମନ୍ଦିର ନାଁରେ ଅର୍ଥନୀତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଲୋକଙ୍କ ଭାବନାକୁ ପ୍ରଭାବିତ କରିପାରିନାହାନ୍ତି। ପୁରୀ ଶ୍ରୀକ୍ଷେତ୍ର ଧାମ ପୁରୀ ଭାବରେ ଶାସ୍ତ୍ର ବିଦିତ। ଦ୍ୱାରକା ପୁରୀ ଦ୍ୱାରକାକୁ ବୁଝାଏ, କିନ୍ତୁ ପୁରୀ କେବଳ କହିଲେ ଜଗନ୍ନାଥ ପୁରୀକୁ ବୁଝାଏ। ତେଣୁ ପୁରୀ ହିଁ କେବଳ ଜଗନ୍ନାଥ ଧାମ। ଜଗନ୍ନାଥ ପୁରୀ ହେଉଛି ଅଷ୍ଟମ ପୁରୀ। ଯଦି ଦୀଘାକୁ ଜଗନ୍ନାଥ ଧାମ କୁହାଯାଏ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରତି ମମତା ରହିବନି ବଙ୍ଗୀୟବାସୀମାନଙ୍କର ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ସେହିପରି ଇସ୍କନର ଅଦିନିଆ ରଥଯାତ୍ରାକୁ ନିନ୍ଦା କରିଛନ୍ତି। ବିଧିବିଧାନକୁ ଉଲ୍ଲଂଘନ କରି ନିଜର ଖ୍ୟାତି ପାଇଁ ଇସ୍କନ ଏଭଳି କାର୍ଯ୍ୟ କରୁଛିବୋଲିସେ କହିଛନ୍ତି। ମହାପ୍ରଭୁଜଗନ୍ନାଥଙ୍କରଥଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଅନୁଷ୍ଠିତ ହୋଇଥାଏ। ସନାତନ ବୈଦିକ ଧର୍ମରେ ବୈଷ୍ଣବ ପ୍ରଥା ଅନୁସାରେ ଇସ୍କନ ମଧ ସେହିଦିନରେ ରଥଯାତ୍ରା ଆୟୋଜନ କରିବା ଆବଶ୍ୟକତା ରହିଛି ବୋଲି ମତ ଦେଇଛନ୍ତି।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
No.O-597
Email ID : ccerwcrayagada@gmail.com
Letter No. 1699 Date : 13.08.2025

NATIONAL COMPETITIVE BIDDING THROUGH GEPNIC
e_PROCUREMENT NOTICE

1. Name of the work : Construction and Maintenance of Road works for the year 2024-2025 & 2025-2026 (6 Nos of Works)
2. Class of contractor : "A", "Special" & "Super" Class of (Odisha PWD) or relevant class of other licensing authority
3. Estimated Cost : **Varies from Rs.359.91 Lakhs to Rs.2550.00 Lakhs (Approximately)**
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-16/ RWCRGDA/ 2025-26 | Dt.22.08.2025 at 11.00 A.M. | Dt.12.09.2025 Up to 5.00 P.M. | Dt.11.09.2025 Up to 5.00 P.M. | Dt.15.09.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
Rural Works Circle, Rayagada
OIPR-25196/11/0028/2526



GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA
No.C-877
e-mail : eephd.rgda.od@od.gov.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO. EEPHDRAYAGADA-19/2025-26 DT.13.08.2025

| Sl. No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Construction of 5 lakh Ltr. Master Balancing Reservoir (MBR) and piping arrangement at WTP campus of Gunupur Municipality | EEPHDRAYAGADA - 19/2025-26 Dtd.13.08.2025 | 47.03 | "B" Class | 03 (Three Months) | 22.08.2025 (11.00 Hr) | 01.09.2025 (17.00 Hr) |

Name & Adderss of Officer Inviting Bid : **Executive Engineer, P.H. Division, Rayagada. Email : eephd.rgda.od@od.gov.in, eephdrgda@gmail.com**
- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd./- EXECUTIVE ENGINEER,
P.H. DIVISION, RAYAGADA
OIPR-13052/11/0034/2526



GOVERNMENT OF ODISHA
PANCHAYATIRAJ & D.W. DEPARTMENT
OFFICE OF THE PANCHAYAT SAMITI, NAUGAON, JAGATSINGHPUR
No.i-278
'e' mail ID : ori-naugaon@nic.in
'e' Procurement Notice No.BDO/NPS-01 of 2025-26

| | | |
|---|---|---|
| 1 | Number of the work | 04 (four) Nos. |
| 2 | Tender Amount (Approx.) | Rs.15.31 Lakh to 27.05 Lakh |
| 3 | EMD (online) | Rs.15,400.00 to Rs.27,100.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "D" & "C" and "C" & "B" Class Contractor |
| 6 | Period of Completion | 06 (Six) Calendar Months |

| Procuremnet Officer | Bid Identification No. | Availability of Tender | | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| | | From | To | | | |
| **Block Development Officer, Naugaon** | BDO/NPS-01/2025-26 | **19.08.2025** at 10.00 Hours | **02.09.2025** at 17.30 Hours | **29.08.2025** upto 1.00 P.M. during office hours on working days | **03.09.2025** upto 11.00 AM during office hours | O/o the Panchayat Samiti, Naugaon |

Further details can be seen from the Govt. website "**https://tendersodisha.gov.in**
All corrigendum / cancellation of tender if any, will only be uploaded in the above website.

Sd./- Block Development Officer,
Naugaon
OIPR-19447/11/0001/2526



ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**06 ବର୍ଷର ରାଜ୍ୟ ସରକାର ପ୍ରତିଭୂତିଗୁଡ଼ିକର ନିଲାମ**

ଓଡ଼ିଶା ରାଜ୍ୟ ସରକାର ନିଲାମ ମାଧ୍ୟମରେ ପ୍ରତିଭୂତିଗୁଡ଼ିକୁ ମୋଟ ₹1,000 କୋଟି (**ଅଙ୍କିତ ମୂଲ୍ୟ**) ରେ ବିକ୍ରି କରିବାର ପ୍ରସ୍ତାବ ଦେଇଛନ୍ତି ।

ଭାରତୀୟ ରିଜର୍ଭ ବ୍ୟାଙ୍କ କୋର୍ ବ୍ୟାଙ୍କିଙ୍ଗ ସମାଧାନ (**ଇ-କୁବେର**)ରେ ବହୁବିଧ ମୂଲ୍ୟ ଫର୍ମାଟ ଅଧୀନରେ ଲାଭ ଆଧାରିତ ନିଲାମ **19 ଅଗଷ୍ଟ, 2025 (ମଙ୍ଗଳବାର)** ଦିନ ଅନୁଷ୍ଠିତ ହେବ । ବ୍ୟକ୍ତିଗତ ନିବେଶକମାନେ ମଧ୍ୟ ରିଟେଲ ଡାଇରେକ୍ଟ ପୋର୍ଟାଲ (**https://rbiretaildirect.org.in**) ମାଧ୍ୟମରେ ଅଣ-ପ୍ରତିଯୋଗୀତାମୂଳକ ଯୋଜନା ଅନୁସାରେ ବିଡ୍‌ସ ଦେଇପାରିବେ।

ଅଧିକ ବିବରଣୀ ପାଇଁ ଦୟାକରି ଆରବିଆଇ ୱେବସାଇଟ (**www.rbi.org.in**) ରେ **14 ଅଗଷ୍ଟ, 2025 (ଗୁରୁବାର)** ର ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଆପଣଙ୍କୁ ଟଙ୍କା ଦେବାର ପ୍ରତିଶ୍ରୁତି ଦେଉଥିବା ଇମେଲ/ଏସ୍ଏମ୍ଏସ୍/କଲ୍ ଦ୍ୱାରା ଠକାମୀର ଶିକାର ହୁଅନ୍ତୁ ନାହିଁ ।"



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ : (୦୬୭୪)୨୩୯୩୫୨୪,
ଏପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧, ଫାକ୍ସ : (୦୬୭୪)୨୩୯୩୯୫୨, ୱେବସାଇଟ : https://oshb.org
No.CAD-1487

**ବିଜ୍ଞାପନ**

ପତ୍ର ସଂଖ୍ୟା : ୧୬୭ ତା : ୬.୮.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଫ୍ଲାଟ୍ ନଂ ଏ-୨୦୧ (ବ୍ଲକ-୧) ଏବଂ ଗ୍ୟାରେଜ-୬, ତୋଷାଳି ଆପାର୍ଟମେଣ୍ଟ ସ୍କିମ୍, ସତ୍ୟନଗର ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସତ୍ୟାନନ୍ଦ ନାଏକ, ପିତା ୰ ଚନ୍ଦ୍ରଶେଖର ନାଏକ, ସା/ପୋ-ସାନପାତ୍ର ପଲ୍ଲୀ, ଥାନା-ସଦର, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସତ୍ୟାନନ୍ଦ ନାଏକ ଉକ୍ତ ଫ୍ଲାଟ୍ ଏବଂ ଗ୍ୟାରେଜକୁ ତୃତୀୟ ପକ୍ଷ ଅନ୍ତରୀଣ ଶ୍ରୀ ବିଜୟ କୁମାର ମହାନ୍ତି, ପିତା ୰ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ସା-ପ୍ଲଟ ନଂ ୩୨୭, ଲିଙ୍ଗରାଜ ନଗର, ଲେନ-୮, ପୋ/ଥାନା-ଓଲଡ ଟାଉନ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଏବଂ ଗ୍ୟାରେଜର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0804/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER,
PARALAKHEMUNDI (R&B) DIVISION, PARALAKHEMUNDI
No.B-395
Tel. Ph. No. : 06815-222542, E-mail I.D. : eerbparala@yahoo.com
e-Procurement Notice
Bid Identification No. S.E., PKD. R&B DIVN.-**06/2025-26**
No.3614 Date. 12.08.2025
INVITATION FOR BIDS

| | | |
|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in **Single/ Double** cover system to be received in on **ONLINE MODE** only for the construction of works as detailed in the table below : | |
| 2. | Nature of works | : Roads & Building Works |
| 3. | No. of works | : 06 (Six) Nos. of works |
| 4. | Estimated cost (Approximately) | : Rs.15.01 Lakhs to Rs.61.57 Lakhs |
| 5. | Bid cost | : Rs.6,000/- to Rs.10,000/- |
| 6. | Class of contractor | : "B" Class // "C" Class // "D" Class |
| 7. | Availability of Bid Documents in the website | : 10.00 Hrs of Dt.**21.08.2025** to 17.00 Hrs. of Dt.**09.09.2025** |
| 8. | Date of opening of the Bid | : 12.00 Hrs. of Dt.**10.09.2025** |
| 9. | The Bidders have to participate in **ONLINE** bidding only. Further details can be seen from the website http://tendersorissa.gov.in Any Addendum / Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd./- Superintending Engineer
Paralakhemundi (R&B)
Division
OIPR-34186/11/0006/2526

# ୧୫ ଦିନରେ ୩୬୪୩ ଏନ୍‌ବିଡବ୍ଲ୍ୟୁ, ୪୦୬ ଗିରଫ

କଟକ,୧୭।୮ (କାର୍ତ୍ତିକ ସାହୁ)

## ଅପରେଶନ 'ଗରୁଡ଼'

- ୧୮୦୬ ଅବକାରୀ ମାମଲା
- ଗଞ୍ଜାମ ପୋଲିସର ସର୍ବାଧିକ ୩୮୩ ଏନ୍‌ବିଡବ୍ଲ୍ୟୁ

ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଅଗଷ୍ଟ ୧ରୁ ରାଜ୍ୟର ସମସ୍ତ ଜିଲା ପୋଲିସ ଏସ୍‌ପିଙ୍କ ନେତୃତ୍ୱରେ ଅପରେଶନ 'ଗରୁଡ଼' ଅଭିଯାନକୁ କାର୍ଯ୍ୟକାରୀ କରାଯାଇଥିଲା। ଏହି ଅଭିଯାନର ଦ୍ୱିତୀୟ ସପ୍ତାହ ଅର୍ଥାତ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଅପରାଧ ଏବଂ ଅପରାଧୀଙ୍କ ବିରୋଧରେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ରାଜ୍ୟରେ ୩୬୪୩ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ ହୋଇଥିବା ବେଳେ ୪୦୬ଜଣ ଗିରଫ ହୋଇଛନ୍ତି। ତେବେ ଗଞ୍ଜାମ ପୋଲିସ ଜିଲା ସର୍ବାଧିକ ୩୮୩ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ ହୋଇଥିବା ବେଳେ ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣରେ ୧୧ଟି ବନ୍ଧୁକ, ୫୫ ଗୋଳାବାରୁଦ ଜବତ କରିବା ସହ ୩୦ଜଣଙ୍କୁ ଗିରଫ କରିଛି।

ସୂଚନାନୁସାରେ, 'ଗରୁଡ଼' ଅଭିଯାନରେ ମୁଖ୍ୟତଃ ଜାମିନ୍‌ବିହୀନ ଗିରଫ (ଏନ୍‌ବିଡବ୍ଲ୍ୟୁ)କୁ କାର୍ଯ୍ୟକାରୀ କରିବା, ନିଶା ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଏବଂ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆଡ୍ଡା ଉପରେ ଚଢ଼ାଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅପରେଶନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। କାର୍ଯ୍ୟକାରୀ ହୋଇଥିବା ୩୬୪୩ ଏନ୍‌ବିଡବ୍ଲ୍ୟୁ, ଅବକାରୀ ମାମଲା ୧୮୦୬, ୪୭,୧୦୫.୫୬ ଲିଟର ମଦ ଏବଂ ନଗଦ ୩,୪୦୦ଟଙ୍କା ଜବତ, ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ଟଙ୍କା କାରବାର ମାମଲରେ ୬୩ ଅସ୍ତ୍ରଶସ୍ତ୍ର, ୯୫ ଗୁଳି, ୧,୪୫,୫୦୦ ଟଙ୍କା, ଗୋଟିଏ କାର, ୩ଟି ବାଇକ୍ ଏବଂ ୨ଟି ଖାଲି ମାଗାଜିନ, ଗଞ୍ଜେଇ କାରବାର ଜନିତ ଏନ୍‌ଡିପିଏସ୍‌ର ୫୭ଟି ମାମଲା ସହିତ ୩୦୩୦.୩୫ କିଲୋଗ୍ରାମ ଗଞ୍ଜେଇ ଏବଂ ୬୬୪ ଗ୍ରାମ ବ୍ରାଉନସୁଗାର, (୯ଟି କାର୍, ୧୨ଟି ବାଇକ୍ ଏବଂ ୮୯,୫୨୦ ଟଙ୍କା), ଜୁଆ ୭୦ଟି ମାମଲା, ୬,୨୮,୭୨୫ ଟଙ୍କା, ୩ଟି କାର, ୫୨ଟି ବାଇକ୍ ଏବଂ ୪୭ଟି ମୋବାଇଲ ଫୋନ, ୪୦୬ଜଣ ଗିରଫ, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନାରେ ୧୬୩ ମାମଲା, ୧୬୩ ଯାନ ଜବତ ହୋଇଛି।

ସେହିପରି ଜୁଆ ଆଡ୍ଡା ଉପରେ ଚଢ଼ାଉ କ୍ଷେତ୍ରରେ ସମ୍ବଲପୁର ପୋଲିସ ଜିଲା ୧୦ଟି ମାମଲା, ୩୧,୭୬୦ ଟଙ୍କା, ୩ଟି ବାଇକ୍ ଏବଂ ୭ଟି ମୋବାଇଲ ଫୋନ ଜବତ କରିବା ସହ ୧୮ଜଣଙ୍କୁ ଗିରଫ କରିଛି। ସେହିପରି ଏନ୍‌ଡିପିଏସ୍ ମାମଲାରେ ମଧ୍ୟ ସମ୍ବଲପୁର ଜିଲା ପୋଲିସ ୧୨ମାମଲା ରୁଜୁ ହୋଇଥିବା ବେଳେ ୫୦.୫୮ କିଲୋଗ୍ରାମ ଗଞ୍ଜେଇ, ୫ ବାଇକ୍, ୨୫୯୯ ବୋତଲ କଫ ସିରପ୍, ୧୩.୧ ଷ୍ଟ୍ରିପ ନାଇଟ୍ରାଜେପାନ ଟାବଲେଟ ଏବଂ ୨୦ ପ୍ୟାକେଟ ଇଞ୍ଜେକ୍ସନ, ୫ ମୋବାଇଲ ଫୋନ ଜବତ କରିବା ସହ ୨୪ଜଣଙ୍କୁ ଗିରଫ କରିଛି। ଅବକାରୀ ମାମଲାରେ ମଧ୍ୟ ସମ୍ବଲପୁର ଜିଲା ପୋଲିସ ୧୮୨ଟି ମାମଲା ରୁଜୁ କରିଥିବା ବେଳେ ୧୬୧୨ ଲିଟର ମଦ ଜବତ କରିବା ସହ ୧୮୨ଜଣଙ୍କୁ ଗିରଫ କରିଛି। ସେହିପରି କନ୍ଧମାଳ ଜିଲା ପୋଲିସ ୫ ଟନ୍‌ରୁ ଅଧିକ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଆଗାମୀ ଦିନରେ ମଧ୍ୟ ଅପେରଶନ 'ଗରୁଡ଼' ଅଭିଯାନ ଜାରି ରହିବ ବୋଲି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସୂଚନା ଦେଇଛନ୍ତି।

# ସୁଖୀ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର/ମଙ୍ଗୁଳି,୧୭।୮ (ଅନୁରାଧା ମହାରଣା/ମାନସ ସାମଲ)

## ଟେଟ୍ରାହେଡ୍ରନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ

ଶିକ୍ଷାଗତ ଯୋଗ୍ୟତାଠାରୁ ଅଧିକ ମୂଲ୍ୟବାନ୍ ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା। ଉକ୍ତ ଅଭିଜ୍ଞତା ଆଧାରରେ ସୁଖୀ ତଥା ସୁସ୍ଥ ସମାଜ ଗଠନ ସମ୍ଭବ। ଟାଙ୍ଗୀ-ଚୌଦ୍ୱାର ବ୍ଲକର କୋଟସାହି ପଞ୍ଚାୟତ ଟାଙ୍ଗୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ପରିସରରେ ରବିବାର ଆୟୋଜିତ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ ଓ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ଗୁରୁ ବାବା ସତ୍ୟାନନ୍ଦ ଦାସ ମହାରାଜ ଏହା କହିଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ସୁରେନ୍ଦ୍ର ନାଥ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ସାମାଜିକ କର୍ମୀ ବିଚିତ୍ରାନନ୍ଦ ସାଇଁ, ଶିକ୍ଷାବିତ୍ ତାପସ କୁମାର ମଲିକ ଓ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଗୁରୁତ୍ୱ ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଘ ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଦୟାନିଧି ସାହୁ, ସଦସ୍ୟ ବିଭୂତି ଭୂଷଣ ସାହୁ, ପ୍ରସନ୍ନ ଜେନା, ଭୀମସେନ ମହାନ୍ତି, ଭାଗ୍ୟଧର ସେଠୀ, ଧୀରେନ୍ଦ୍ର ଜେଠୀ ଓ ଅଜୟ ସାହୁଙ୍କ ସମେତ ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ପ୍ରବଚନ ଓ ଭଜନ ସନ୍ଧ୍ୟାରେ ଅଂଶଗ୍ରହଣ କରିଥିଲେ। ଟେଟ୍ରାହେଡ୍ରନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦିବ ବେହେରା ଧନ୍ୟବାଦ ଦେଇଥିଲେ।

# ୩ଜଣ ପାଇବେ ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡ

ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

ଦିଲ୍ଲୀର ଜାତୀୟସ୍ତରୀୟ ସଙ୍ଗଠନ ପଲ୍ଲୀବାଣୀ ମିଶନ ପକ୍ଷରୁ ଚଳିତବର୍ଷ 'ଇଣ୍ଡିଆନ୍ ଜର୍ନାଲିଜିମ୍ ଆୱାର୍ଡ' ଘୋଷଣା କରାଯାଇଛି। ଆଜ୍‌ତକ୍‌ର କାର୍ଯ୍ୟନିର୍ବାହୀ ସମ୍ପାଦକ ସଞ୍ଜୀବ ପାଲିୱାଲ, ହିନ୍ଦୁସ୍ତାନ ଖବରକାଗଜର ପରିଚାଳନା ସମ୍ପାଦକ ପ୍ରତାପ ସୋମବଂଶୀ ଏବଂ ଡିଜିଟାଲ ଗଣମାଧ୍ୟମ ସଂସ୍ଥା ଲଲନ୍‌ଟପ୍‌ର ପ୍ରତିଷ୍ଠାତା ସମ୍ପାଦକ ସୌରଭ ଦ୍ୱିବେଦୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଓଡ଼ିଶା ଜର୍ନାଲିଜିମ୍ ଆୱାର୍ଡର ଅଷ୍ଟମ ସଂସ୍କରଣରେ ଅର୍ଗସ ନ୍ୟୁଜ୍ ଡିଜିଟାଲ୍‌ର ସମ୍ପାଦକ ସଂଗ୍ରାମ କେଶରୀ ଷଡ଼ଙ୍ଗୀ, ଦ ହିନ୍ଦୁର ସ୍ୱତନ୍ତ୍ର ପ୍ରତିନିଧି ସତ୍ୟ ସୁନ୍ଦର ବାରିକ ଏବଂ ସମ୍ବାଦ ସମ୍ବଲପୁର ଜିଲା ପ୍ରତିନିଧି ରତ୍ନାକର ଭୋଇଙ୍କୁ ପୁରସ୍କୃତ କରାଯିବ। ସେପ୍ଟେମ୍ବର ୬ରେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ସେଣ୍ଟରଠାରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସୂଚନା ଦେଇଛନ୍ତି।

# ଭାଇରାଲ୍ ହେଉଛି ବଲଙ୍ଗା ପୀଡ଼ିତାଙ୍କ ବୟାନ ଭିଡିଓ

ବଲଙ୍ଗା/ପୁରୀ,୧୭।୮ (କେଦାରେଶ୍ୱର ନନ୍ଦ/ଅଜିତ୍ କୁମାର ମହାନ୍ତି)

## ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ବଲଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ଜଣାପଡ଼ିଛି। ଏଥିରେ ଜଣେ ମହିଳା ଅଧିକାରୀ ପୀଡ଼ିତାଙ୍କଠାରୁ ବୟାନ ରେକର୍ଡ କରୁଛନ୍ତି। ସେ ପୀଡ଼ିତାଙ୍କୁ ବିଭିନ୍ନ ପ୍ରଶ୍ନ କରୁଛନ୍ତି, ଯେଉଁଠି କେବଳ ସ୍ୱୀକୃତିପ୍ରାପ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ସେହି ସମୟରେ ହସ୍ପିଟାଲ କର୍ମଚାରୀ ସେଠାରେ ଅନୁପସ୍ଥିତ ଥିଲେ। ପୋଲିସ ଏହି ବୟାନ ରେକର୍ଡ କରି କୋର୍ଟରେ ଉପସ୍ଥାପନ କରିବାର ଥିଲା, କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାବେଳେ ତାହା କେମିତି ସାମାଜିକ ଗଣମାଧ୍ୟମକୁ ଆସିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭାଇରାଲ୍ ଭିଡିଓରେ ଦେଖିବାକୁ ମିଳିଛି, ସମ୍ପୃକ୍ତ ମହିଳା ଅଧିକାରୀ ପୀଡ଼ିତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଛନ୍ତି। ଘଟଣା ଘଟିବା ସମୟରେ ସେ କେଉଁଠି ଥିଲେ ପ୍ରଶ୍ନର ଉତ୍ତରରେ ପୀଡ଼ିତା କହୁଛନ୍ତି, ସେ ସାଙ୍ଗ ଘରକୁ ବହି ଧରି ଯାଉଥିଲେ, ବାଇକ୍‌ରେ କେତେଜଣ ଆସି ତାଙ୍କ ପାଖେ ପହଞ୍ଚିଥିଲେ। ସେମାନେ ମୁହଁରେ ରୁମାଲ ବାନ୍ଧିଥିଲେ ଓ ତାଙ୍କ ମୁହଁରେ ରୁମାଲ ପକାଇ ବନ୍ଧ ନିକଟ ଜଙ୍ଗଲକୁ ଉଠାଇ ନେଇଥିଲେ। ସେଠାରେ କିରୋସିନ ଢାଳି ନିଆଁ ଲଗାଇ ପଳାଇଥିଲେ। ହୋସ୍ ଆସିବାରୁ.....ଏତିକିରେ ସମ୍ପୃକ୍ତ ଭିଡିଓଟି ଶେଷ ହୋଇଯାଇଛି।

ଏହା ଏକ ସମ୍ବେଦନଶୀଳ ଘଟଣା। କୌଣସି ପରିସ୍ଥିତିରେ ଏହା ବାହାରକୁ ଆସିବା କଥା ନୁହେଁ। କିଏ ଏହାକୁ ଭାଇରାଲ୍ କରିଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ନାବାଳିକାଙ୍କ ମୃତ୍ୟୁ ଦିନ ହିଁ ପୋଲିସ ଘଟଣା ପଛର ରହସ୍ୟ ଖୋଲିଥିଲା। ନାବାଳିକାଙ୍କ ମୃତ୍ୟୁ ଘଟଣାରେ ଆଉ କେହି ସାମିଲ୍ ନାହାନ୍ତି ବୋଲି ପୋଲିସ ଟୁଇଟ୍ କରି କହିଥିଲା। ଘଟଣା ଘଟିବାର ମାସେ ବିତି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ମୃତ୍ୟୁର ରହସ୍ୟ ସାର୍ବଜନୀନ ହୋଇ ନ ଥିବାବେଳେ ଏହି ଭିଡିଓଟି ବର୍ତ୍ତମାନ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରୁଛି।

ପୁରୀ ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଜୁଲାଇ ୧୯ ତାରିଖରେ ବଲଙ୍ଗାରେ ଦୁଃଖଦ ଘଟଣା ଘଟିଥିଲା। ପରବର୍ତ୍ତୀ ସମୟରେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା। ଭୁବନେଶ୍ୱର ଏମ୍‌ସରେ ପ୍ରଥମେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଯେଉଁ ଭିଡିଓ ଭାଇରାଲ୍ ହେଉଛି, ତାହା ସେହି ଦିନର ବୋଲି ଅନୁମାନ କରାଯାଉଛି। ଭିଡ଼ିଓର ସତ୍ୟାସତ୍ୟ ଯାଞ୍ଚ ସହ ଭିଡିଓ ଭାଇରାଲ୍ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଇବର ଟିମ୍‌ର ସହଯୋଗ ନିଆଯିବ। ଏହି ଘଟଣାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିଛି ଫୋରେନ୍ ସିକ୍ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଘଟଣାର ତଦନ୍ତ ପରେ ସମସ୍ତ ତଥ୍ୟ କୋର୍ଟଙ୍କୁ ପ୍ରଦାନ କରାଯିବ। ପୀଡ଼ିତା ନାବାଳିକା ହୋଇଥିବାରୁ ତାଙ୍କର ନାଁ କିମ୍ବା ଭିଡିଓ ଭାଇରାଲ୍ ହୋଇପାରିବ ନାହିଁ। ଏହା ଜୁଭେନାଇଲ ଜଷ୍ଟିସ ଆକ୍ଟ ୭୪ ଧାରାର ଉଲ୍ଲଙ୍ଘନ ସମସ୍ତ ନିୟମକୁ ଅନୁପାଳନ କରାଯାଇଥିଲା। ସମସ୍ତ ଘଟଣା ଉପରେ ନଜର ରଖାଯାଇଛି ବୋଲି ଏସ୍‌ପି କହିଛନ୍ତି।

ଭଏସ୍ ଅଫ୍ କମନ୍ ମ୍ୟାନ୍‌ର ହେକ୍ଟର ମିଶ୍ର ବଲଙ୍ଗା ପୀଡ଼ିତାଙ୍କ ବୟାନ୍ ରେକର୍ଡ ଭିଡିଓ ଭାଇରାଲ୍ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆଙ୍କୁ ଦାବି କରିଛନ୍ତି।

# ଆସାମୀଙ୍କୁ ଖସାଇବା ପାଇଁ ପୂର୍ଣ୍ଣ ଚେଷ୍ଟାରେ ସରକାର: ବିଜେଡି

ଭୁବନେଶ୍ୱର,୧୭।୮ (ରବିନାରାୟଣ ଜେନା)

## ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବି

ବଲଙ୍ଗା ପୀଡ଼ିତାଙ୍କ ଘଟଣାରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି ପୀଡ଼ିତାଙ୍କ ବୟାନ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ହେଲେ ରାଜ୍ୟ ସରକାର ଉକ୍ତ ଘଟଣାକୁ ଚପାଇବାକୁ ପୂରା ଦମ୍‌ରେ ଲାଗି ପଡ଼ିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

ରବିବାର ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଥିଲେ, ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଘଷ୍ଟ ଘୋଡ଼ାଯାଉଛି। ବିଶେଷକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇଙ୍ଗିତରେ ଏସବୁ କରାଯାଉଛି। ତେଣୁ ପ୍ରଭାତୀ ପରିଡ଼ା ତୁରନ୍ତ ଇସ୍ତଫା ଦେବା ସହିତ ଘଟଣାର ନ୍ୟାୟିକ ତଦନ୍ତ କରାଯାଉ ଏବଂ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ କହିଛନ୍ତି।

ଲେନିନ କହିଥିଲେ, ବଲଙ୍ଗାରେ ନାବାଳିକା ପୋଡ଼ିଯିବା ଘଟଣାରେ, ପୀଡ଼ିତା ନିଜ ମନ୍ତବ୍ୟରେ ୩ ଜଣ ଦୁର୍ବୃତ୍ତଙ୍କ ସମ୍ପୃକ୍ତି ରହିଛି ବୋଲି କହୁଛନ୍ତି। ତେବେ ପୀଡ଼ିତା ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିଲେ। ପରେ ରାଜ୍ୟ ସରକାର ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍‌ସକୁ ଉତ୍ତମ ଚିକିତ୍ସା ଲାଗି ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଥିବା ଉପମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତକରି ଗଣମାଧ୍ୟମକୁ କହିଥିଲେ। ଏହି ଘଟଣାର ଅନୁସନ୍ଧାନ କରୁଥିବା ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। କିନ୍ତୁ ପୋଲିସ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରୁନାହିଁ। ସମଗ୍ର ଘଟଣାରେ ପୋଲିସର ଭୂମିକା ସନ୍ଦେହ ଘେରରେ ରହିଥିବା ବେଳେ ପୀଡ଼ିତାଙ୍କ ଭିଡିଓ ଅନେକ ପ୍ରଶ୍ନ ଛିଡ଼ା କରିଛି ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖପାତ୍ର ଈପ୍ସିତା ସାହୁ ଓ ସୁବ୍ରତ ଛାଟୋଇ ଭିଡିଓରେ ପୀଡ଼ିତାଙ୍କ ବୟାନ ରେକର୍ଡିଂ କରାଯାଉଥିବା ବେଳେ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ କି ନାହିଁ ଭଳି ବିଭିନ୍ନ ପ୍ରଶ୍ନ ଉଠାଇଥିଲେ।

# ସାମ୍ରାଜ୍ୟ ସୁରକ୍ଷା ସହିତ ଐତିହ୍ୟ ବିକାଶରେ ଗଙ୍ଗବଂଶୀଗଡ଼

ଡ. ସୁରେନ୍ଦ୍ର କୁମାର ମିଶ୍ର



ଗୋଲରାଗଡ଼ ଦେଇ ବହିଯାଇଥିବା ଚିତ୍ରୋତ୍ପଳା ନଦୀ।

- ବିଦ୍ୟା ଜେନା ପାଇଥିଲେ ପାଇକରାଏ ଉପାଧି
- କୁଶଭଦ୍ରା ନଦୀ ଉପତ୍ୟକାରେ ବାଙ୍ଗୁରିଲଟା ଜଙ୍ଗଲ




ଆମେ ପୂର୍ବସଂଖ୍ୟାରେ 'ହରିବୋଲ' ପରମ୍ପରା କଥା ସ୍ମରଣ କରିଥିଲୁ। ଏହା ଏକ ମନୋବିଜ୍ଞାନଭିତ୍ତିକ ଉତ୍ସାହଜନକ ପରମ୍ପରା। ସଭିଙ୍କ ମନକୁ ଗୋଟିଏ ବିନ୍ଦୁରେ ଏକାଠି କରାଇବା ଓ ସହମତ ପରମ୍ପରା ସୃଷ୍ଟି କରାଇବାର ଏହା ମୂଳମନ୍ତ୍ର। ଶ୍ରୀଜଗନ୍ନାଥଙ୍କ ଉପାସନା ପରମ୍ପରାରୁ ଏହା ସୃଷ୍ଟି। ଏହା ସମ୍ପୂର୍ଣ୍ଣ ଓଡ଼ିଶାର ନିଜସ୍ୱ। ଆଗକୁ ହରିବୋଲ ପଡ଼ିବା ଆଗରୁ ଅନୁଷ୍ଠାନର ସଫଳ ରୂପାୟନ ପାଇଁ କେତେକ ଆନୁଷଙ୍ଗିକ ଆବଶ୍ୟକତା ମଧ୍ୟ ଥିଲା। ପ୍ରସଙ୍ଗ ଦୃଷ୍ଟିରୁ ଆଲୋଚନା କରିବା ପରେ ଜାଣିପାରିବା ଚତୁର୍ଥ ହରିବୋଲର ରହସ୍ୟ। ଆଗରୁ ଆଲୋଚନା କରିଥିଲେ ଅର୍କକ୍ଷେତ୍ରର ଚତୁର୍ଦ୍ଦିଗରେ ଷୋହଳଟି 'ଗଙ୍ଗବଂଶଗଡ଼' ରହିଥିଲା। ସୁରକ୍ଷା ଦୃଷ୍ଟିରୁ ଗଡ଼ଗୁଡ଼ିକର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ତାହା ମଧ୍ୟରେ 'ଗୋଲରାଗଡ଼' ଅନ୍ୟତମ। ଏହି ଗଡ଼ କୋଣାର୍କଠାରୁ ବର୍ତ୍ତମାନ କାକଟପୁର ଯାଇଥିବା ରାସ୍ତାର ବାଲିଦୋକାନ ଛକର ଦକ୍ଷିଣପାର୍ଶ୍ୱକୁ ଗଲେ ପଡ଼େ। ଗୋଲରାଗଡ଼ର ବିଦ୍ୟା ଜେନା ସ୍ମରଣୀୟ ସାର୍ଥକ ପୁରୁଷ। ଯଜ୍ଞାନୁଷ୍ଠାନ ଲାଗି ୭୦୦ କାଠଖୁଣ୍ଟି ଏବଂ ଦଶ ହଜାର ବାଉଁଶ ଯୋଗାଇ ଦେଇଥିଲେ। ଏଥିପାଇଁ ଗଜପତି ଲାଙ୍ଗୁଳା ନରସିଂହ ଦେବ ତାଙ୍କୁ 'ପାଇକରାଏ' ଉପାଧି ଦେଇଥିଲେ। ସେଦିନଠାରୁ ସେ ଘୋଷିତ ହେଲେ ପାଇକ ବୀରମାନଙ୍କ ମୁଖିଆ। ତାଙ୍କ ମୁଣ୍ଡରେ ପଗଡ଼ି ବନ୍ଧାଯାଇ ସୁବର୍ଣ୍ଣ କୁଣ୍ଡଳ ପ୍ରଦାନ କରାଯାଇଥିଲା।

କିନ୍ତୁ ଗଡ଼ର ସର୍ଦ୍ଦାର ପୂର୍ବରୁ 'ସାଆନ୍ତ' ଉପାଧିରେ ଯେମିତି ଥିଲେ ସେମିତି ଆଜି ବି ରହିଛନ୍ତି। ଐତିହ୍ୟ ଅନୁସନ୍ଧାନ ପାଇଁ ତା୨୪।୨।୨୧ରିଖରେ ଉକ୍ତ ଗଡ଼ରେ ପହଞ୍ଚିଥିଲୁ। ଗଡ଼ର ସାମନ୍ତ ରାଜା ପ୍ରତାପ ଚନ୍ଦ୍ର ବୀରବର ମର୍ଦ୍ଦରାଜଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା କରିଥିଲୁ। ପୋଥିରେ ଲେଖାଯାଇଥିବା ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସମୟରେ ଗୋଲରାଗଡ଼ର ଅବଦାନ ସମ୍ବନ୍ଧରେ ଅବଗତ ହୋଇଥିଲୁ। ଆଶ୍ଚର୍ଯ୍ୟ ହେଲୁ, ହଜାରେ ବର୍ଷ ତଳର ଏହି ଚଳଚଞ୍ଚଳ ଗଡ଼ ଏବେ ମୁହଁମାଡ଼ି ପଡ଼ିଛି। ଐତିହ୍ୟର ସମସ୍ତ ସ୍ମାରକୀ ହଜିଯାଇନି, ଭଙ୍ଗାରୁଜା ହୋଇ ବଞ୍ଚିଛି। ଚିତ୍ରୋତ୍ପଳା ନଦୀକୂଳରେ ଭଗ୍ନ ପଥରର ସ୍ତୂପ ଦେଖି ଚକିତ ହେଲୁ। ଗଡ଼ରୂପାସର ସାଆନ୍ତଙ୍କ ଭାଇ ଅଜୟ କୁମାର ପାତ୍ରଙ୍କ ସହଯୋଗରେ ପଥରର କଳାଭାସ୍କର୍ଯ୍ୟ ସହିତ ଶିଳାଲିପିର ସନ୍ଧାନ ନେଲୁ। କୋଣାର୍କଠାରେ ମନ୍ଦିର ଆରମ୍ଭ ହେବା ଦିନ ଏହି ଗଡ଼ର ଲଢୁଆ ପାଇକବୀରମାନେ ବିନା ପାରିଶ୍ରମିକରେ ଶିଳ୍ପୀଙ୍କ ପାଇଁ ଶିବିର ନିର୍ମାଣ ଆରମ୍ଭ କରିଥିଲେ। ଏବେ ଦେଖୁଛେ ମନ୍ଦିର ପ୍ରତିଷ୍ଠାର ଶେଷ ପାହାଚରେ ଗଡ଼ର ବିଦ୍ୟା ଜେନା ଯୋଗାଇ ଦେଉଛନ୍ତି ୭୦୦ କାଠଖୁଣ୍ଟ ଓ ୧୦,୦୦୦ ବାଉଁଶ! ଓଡ଼ିଆ ବୀରଙ୍କ ସହଯୋଗର ସାହଚର୍ଯ୍ୟ ଅଭିଭୂତ କରେ ଇତିହାସକୁ।

ବିଦ୍ୟା ଜେନା 'ବାଙ୍ଗୁରିଲଟା' ଜଙ୍ଗଲରୁ କାଠ ଓ ବାଉଁଶ ଯୋଗାଇ ଥିଲେ ବୋଲି ପୋଥିରେ ଉଲ୍ଲେଖ ଅଛି। ବାଙ୍ଗୁରିଲଟା ଜଙ୍ଗଲ ଅନୁସନ୍ଧାନରେ ଆମେ ତା୧୪।୧।୨୩ରିଖରେ ବାହାରିଥିଲୁ। ସାଙ୍ଗରେ ନେଇଥିଲୁ ଶ୍ରୀଜଗନ୍ନାଥଙ୍କ କୋଠସୁଆଁସିଆ ସେବକମାନଙ୍କୁ। ଲକ୍ଷ୍ମୀଧର ଗୋଛାୟତ ବଛା ବଛା ୧୨ଜଣ ଭେଣ୍ଟିଆଙ୍କୁ ସାଙ୍ଗରେ ଧରି ଆମ ସହିତ ଯାଇଥିଲେ। ସମସ୍ତଙ୍କ ହାତରେ ଥିଲା ଠେଙ୍ଗା/ବାଡ଼ି ଓ ଘରୋଇ ହତିଆର, କେବଳ ସୁରକ୍ଷା ପାଇଁ।

କୁଶଭଦ୍ରା ନଦୀର ପୂର୍ବପଟେ ବାଙ୍ଗୁରିଲଟା ଜଙ୍ଗଲ ଠାବ କଲୁ। ନଦୀର ପଶ୍ଚିମ ପଟେ କିଛି ଦୂରରେ ଅଛି ଓଡ଼ିଶାର ଆଉ ଏକ ଐତିହାସିକ ଗାଁ- ଗଡ଼ବାଙ୍ଗର। ଜଙ୍ଗଲ ଭିତରେ ଠାବ କଲୁ ଅରଣ୍ୟଦେବୀ-ଲଟା ଜାଗୁଳାଇଙ୍କୁ। ବାଘ ଆକ୍ରମଣ ଯୋଗୁ ଜଙ୍ଗଲ ଜନଶୂନ୍ୟ। କଣ୍ଟା ବାଉଁଶର ଜଙ୍ଗଲରେ ଭରପୂର ହୋଇଛି ଏହି ଅଞ୍ଚଳ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିନାଶ



@ ସୌଜନ୍ୟ



@ ବିଶ୍ୱରଞ୍ଜନ



@ ପ୍ରିୟା



@ ଶିଶିର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଇଗ୍ନୁ ନାମଲେଖା, ପୁନଃ ପଞ୍ଜୀକରଣ ଅବଧି ୩୧କୁ ବୃଦ୍ଧି

ଭୁବନେଶ୍ୱର,୧୭।୮ (ଅନୁରାଧା ମହାରଣା)

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ)ରେ ଜୁଲାଇ-୨୦୨୫ ଶିକ୍ଷା ସତ୍ର ପାଇଁ ଅଣ୍ଡର ଗ୍ରାଜୁଏଟ ବିଏସ୍‌ସିଏମ୍, ବିସିଓଏମ୍‌ଏଫ୍, ବିଏମ୍ ପ୍ରୋଗ୍ରାମରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ମାସ ୩୧ ତାରିଖକୁ ବୃଦ୍ଧି କରାଯାଇଛି। ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦନକାରୀଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ରିହାତିର ସୁବିଧା ପାଇଥିବେ, ସେମାନେ ଇଗ୍ନୁ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଚଳିତବର୍ଷ ଜୁଲୋଜି, କେମିଷ୍ଟ୍ରି, ବାୟୋ କେମେଷ୍ଟ୍ରି, ଜିଓଇନ୍‌ଫର୍‌ମେଟିକ୍ସ, ଫିଜିକ୍ସ, ଆପ୍ଲାଏଡ୍ ଷ୍ଟାଟିଷ୍ଟିକ୍ସ, ଭୂଗୋଳ ଆଦିରେ ପିଜି ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଇଚ୍ଛୁକ ଛାତ୍ରୀଛାତ୍ର www.ignou.ac.in କିମ୍ବା http//ignouadmission.samarth.edu.in ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ଇଗ୍ନୁ ଆଞ୍ଚଳିକ କେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଆଦର୍ଶ ସମାଜ ପାଇଁ ୫ ପରିବର୍ତ୍ତନ ଜରୁରୀ

## ଭିଏଚ୍‌ପିର ୬୧ତମ ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା,୧୭।୮ (ପ୍ରଭାତ ପାଣିଗ୍ରାହୀ)



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଅତିଥି କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରୁଛନ୍ତି।

ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ସଙ୍ଗଠନର ୬୧ତମ ପ୍ରତିଷ୍ଠା ଦିବସ, ପବିତ୍ର ଜନ୍ମାଷ୍ଟମୀ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଶନିବାର ଶ୍ରୀରାମକୃଷ୍ଣ ଗୋଶାଳା ପରିସରରେ ପାଳିତ ହୋଇଯାଇଛି। ଏଥିରେ ଭିଏଚ୍‌ପିର ଜିଲା ସାଧାରଣ ସମ୍ପାଦକ ଗୋପବନ୍ଧୁ ସାହୁ ଅଧ୍ୟକ୍ଷତା କରିଥିଲେ। ଭିଏଚ୍‌ପି ରାଜ୍ୟ ସଙ୍ଗଠନ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିଷଦର ପ୍ରତିଷ୍ଠା ଦିବସ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ତ୍ୟାଗମୟ ଜୀବନୀ ସମ୍ପର୍କରେ ଅଲୋକପାତ କରିଥିଲେ। ସେ କହିଲେ, ହିନ୍ଦୁ ଧର୍ମର ବିଭିନ୍ନ ମତ ପନ୍ଥ ସମ୍ପ୍ରଦାୟ ମଧ୍ୟରେ ଭେଦଭାବ ଦୂରକରି ପରସ୍ପର ସମନ୍ୱୟ ଓ ସହଭାଗିତା ଦ୍ୱାରା ଏକାତ୍ମତାର ଭାବନା ନିର୍ମାଣ କରିବା ଭିଏଚ୍‌ପି ପ୍ରତିଷ୍ଠାର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଥିଲା। ଭାରତରେ ହିନ୍ଦୁଙ୍କ ସୁରକ୍ଷା ଲାଗି ସଂକଳ୍ପ ନେବାକୁ ପଡ଼ିବ। ସେହିପରି ଆଦର୍ଶ ସମାଜ ପାଇଁ ୫ ପରିବର୍ତ୍ତନ ଜରୁରୀ। ସେଗୁଡ଼ିକ ହେଲା– ପର୍ଯ୍ୟାବରଣ ସୁରକ୍ଷା, ପରିବାରରେ ସାମୂହିକତା, ସାମାଜିକ ସମରସତା, ନାଗରିକ ଦାୟିତ୍ୱ ଓ କର୍ତ୍ତବ୍ୟ ଏବଂ ସ୍ୱଦେଶୀ। ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ପଲିଥିନକୁ ନା କହିବା। କାରଣ ଏହା ପର୍ଯ୍ୟାବରଣ ପାଇଁ କ୍ଷତିକାରକ। ଏହା ମାଟି, ପାଣି, ପବନକୁ ପ୍ରଦୂଷିତ କରିବା ସହ ମଣିଷ ଓ ଗୋମାତା ମୃତ୍ୟୁର କାରଣ ହୋଇଥାଏ। ପୂଜାପାଠ ସମୟରେ ଝୁଣାଧୂପ, ଗୋମୟ ଧୂପ ବ୍ୟବହାର କରିବା। ସପ୍ତାହକୁ ଥରେ ଏକାଠି ବସି ଭୋଜନ, ପୂଜାପାଠ, ଆଲୋଚନା କରିବା ଦ୍ୱାରା ପରିବାରରେ ଶାନ୍ତି, ମୈତ୍ରୀଭାବ ସହ ଆଧ୍ୟାତ୍ମିକ ଉର୍ଜା ବଢିଥାଏ। ନର ଦେହେ ନାରାୟଣ ନ୍ୟାୟରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା। ଭାରତରେ ଉତ୍ପାଦ ସାମଗ୍ରୀ ବ୍ୟବହାର କରିବାକୁ ସଂକଳ୍ପ ନେବା। ସ୍ୱ ଆଧାରିତ ଅର୍ଥାତ ସ୍ୱଦେଶୀ, ସଂସ୍କୃତି, ସ୍ୱାବଲମ୍ବନ ଏବଂ ସ୍ୱାଭିମାନ ରାଷ୍ଟ୍ର ନିର୍ମାଣ ପାଇଁ ସଂକଳ୍ପ ନିଅନ୍ତୁ। ଆଦର୍ଶ ହିନ୍ଦୁ ସମାଜ ଗଢିବାକୁ ହେଲେ ସମସ୍ତଙ୍କୁ ସ୍ୱଦେଶୀ ଅଭିମୁଖେ ଗତି କରିବାକୁ ପଡ଼ିବ ବୋଲି ସେ କହିଥିଲେ। ଭିଏଚ୍‌ପି ଜିଲାସମ୍ପାଦକ ସନ୍ତୋଷ ହରିଚନ୍ଦନ, କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ବଜରଙ୍ଗ ଦଳ ଜିଲା ସଂଯୋଜକ ଉଦିତ ପ୍ରହରାଜ, ସହସଂଯୋଜକ ଏସ୍.ଏମ୍. ଦିବ୍ୟପ୍ରକାଶ, ପ୍ରଖଣ୍ଡ ସଂଯୋଜକ ସତ୍ୟଜିତ ବେହେରା, ପ୍ରସାର ପ୍ରମୁଖ ଆଦର୍ଶ କେ. ଅଂଶୁମାନ, କୌଶିକ ବେହେରା, ରାଧାମୋହନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗୋମାତା ପୂଜନ ଉତ୍ସବ ସହ ଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଭାଗବତ ପାଠ କରାଯିବା ସହ ବିଭିନ୍ନ କଳା ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ ବିଭାଗୀୟ ଯନ୍ତ୍ରୀଙ୍କ ନିଲମ୍ବନ ଦାବିରେ ରାସ୍ତାରୋକୋ

ବାଲିପାଟଣା ୧୭।୮ (ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା କୁଳନ୍ତିରା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦନ ଭୋଇ(୧୨)। ଘଟଣାରେ ବିଦ୍ୟୁତ୍ ବିଭାଗର ଖାମଖିଆଲ ଯୋଗୁଁ ନାବାଳକର ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ରାଜେଶ ନାୟକ ଓ ଆଲୋକ ମିତ୍ରଙ୍କ ନିଲମ୍ବନ ଦାବି କରିବା ସହ ମୃତ ଛାତ୍ରର ପରିବାରକୁ ଆର୍ଥିକ ସହାୟତା ଦାବିରେ ସନ୍ଧ୍ୟା ୭ଟାରୁ ବାଲିପାଟଣା ଛକଠାରେ ମୃତଦେହ ରଖି ଶତାଧିକ ଲୋକ ରାସ୍ତାରୋକୋ କରିଛନ୍ତି।

### ଓଇଏସ୍, ଷ୍ଟେଟ୍ ବ୍ୟାଙ୍କ୍ ଆନୁକୂଲ୍ୟରେ ଚାରାରୋପଣ

ଖୋର୍ଦ୍ଧା,୧୭।୮ (ପ୍ରଭାତ ପାଣିଗ୍ରାହୀ)

ବର୍ତ୍ତମାନ ସମୟରେ ଆହ୍ୱାନକାରୀ ପାଲଟିଥିବା ବିଭିନ୍ନ ପରିବେଶଜନିତ ସମସ୍ୟାର ପ୍ରତିହତ ପାଇଁ ଯୁବପିଢ଼ିଙ୍କୁ ଜଡ଼ିତ କରି ଚାରାରୋପଣ ମାଧ୍ୟମରେ ସବୁଜିମା ବୃଦ୍ଧି ଘଟାଇବା ହେଉଛି ଶ୍ରେଷ୍ଠ ପ୍ରଯୁଜ୍ୟ କାର୍ଯ୍ୟପନ୍ଥା। ଏହାକୁ ଅବଲମ୍ବନ କରି ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଭୁବନେଶ୍ୱର ଲୋକାଲ୍ ହେଡ୍ ଅଫିସ ପୃଷ୍ଠପୋଷକତାରେ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ ହେଉଛି।

### ଶ୍ରୀସତ୍ୟସାଇ ଦିବ୍ୟ ପାଦୁକା ପୂଜା ପାଇଁ ପ୍ରସ୍ତୁତି

ଟାଙ୍ଗୀ,୧୭।୮ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲାରେ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ପୂଜା କାର୍ଯ୍ୟକ୍ରମ ପାଇଁ ଟାଙ୍ଗୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ସଭାପତି ବ୍ରଜସୁନ୍ଦର ମିଶ୍ର ସଭାପତିତ୍ୱ କରିଥିଲେ। ଟାଙ୍ଗୀ ସମିତିର ପୂର୍ବତନ ଆବାହକ ଡାକ୍ତର ମଧୁସୂଦନ ସେନାପତି, ଜୋନାଲ ସଭାପତି ନାରାୟଣ ସର, ରାଜ୍ୟ ସଭାପତି ସତ୍ୟସ୍ୱରୂପ ପଟ୍ଟନାୟକ, ରାଜ୍ୟ ଆଧ୍ୟାତ୍ମିକ ସଂଯୋଜକ ରମାବଲ୍ଲଭ ମହାପାତ୍ର ପ୍ରମୁଖ ଯୋଗଦେଇ ପାଦୁକା ପୂଜା ଶୋଭାଯାତ୍ରା କିଭଳି ସୁଚାରୁରୂପେ ସମ୍ପାଦନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବିଭିନ୍ନ ସମିତି ଓ ଭଜନ ମଣ୍ଡଳୀର ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

### ଶ୍ରୀକୃଷ୍ଣ ଜୟନ୍ତୀ, ନନ୍ଦୋତ୍ସବ

ଖୋର୍ଦ୍ଧା,୧୭।୮ (ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ୍ ତରଫରୁ ଶ୍ରୀଚୈତନ୍ୟ ବିହାରରେ ରବିବାର ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ୮ଟାରେ ମଙ୍ଗଳଆରତି, ଘଟ ପରିକ୍ରମା ପରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାରାୟଣ କରାଯାଇଥିଲା। ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଗବେଷକ ଜାନକୀବଲ୍ଲଭ ପଟ୍ଟନାୟକ ଯୋଗ ଦେଇ କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ ଶୀର୍ଷକ ଆଲୋଚନା କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

# ଧାର୍ମିକ ପରମ୍ପରା ଉଜ୍ଜୀବିତ ରଖିବାକୁ ପ୍ରୟାସ ହେବା ଉଚିତ



ବିଭିନ୍ନ ବେଶରେ ସଜେଇ ହୋଇଥିବା ଛାତ୍ରୀଛାତ୍ର।

ବେଗୁନିଆ,୧୭।୮ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଜନ୍ମାଷ୍ଟମୀରେ ରାଧା, କୃଷ୍ଣ, ବଳରାମ, କଂସ, ଗୋପାଳ, ଗୋପାଳୁଣୀ, ନନ୍ଦ ଓ ଯଶୋଦା ଆଦି ବେଶ ହୋଇ ସାହି ବୁଲିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା, ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ଓ ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ପୋଡ଼ାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ପ୍ରଧାନଆଚାର୍ଯ୍ୟା ସୁକାନ୍ତି ଜେନାଙ୍କ ତତ୍ତ୍ୱାବଧାନ ଓ ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ଜେନାଙ୍କ ସଂଯୋଜନାରେ ନନ୍ଦୋତ୍ସବ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ରଙ୍କନିଧି ବଳିୟାରସିଂ, ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ର ଏବଂ ଶିକ୍ଷାପ୍ରେମୀ ଉପେନ୍ଦ୍ର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନେ ଅବକ୍ଷୟମୁଖୀ ଧାର୍ମିକ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପ୍ରୟାସ ଜାରି ରଖିବା ଉଚିତ ବୋଲି କହିଥିଲେ।

ସେହିପରି ବାଘମାରୀ ଗ୍ରାମସ୍ଥିତ ତଳସାହି ଗୋପୀନାଥ ଦେବ ମନ୍ଦିରରେ ନନ୍ଦଉତ୍ସବ ପାଳନ ଅବସରରେ ଭଜନ ସମାରୋହ ଆୟୋଜିତ ହୋଇଯାଇଛି।

# ମୀରା ୱାର୍ଲଡ ପକ୍ଷରୁ କ୍ରୀଡ଼ା, ସାହିତ୍ୟ ଉତ୍ସବ



ସାହିତ୍ୟ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

ବାଣପୁର,୧୭।୮ (ଦିଲ୍ଲୀପ କୁମାର ସ୍ୱାଇଁ)

ଚିଲିକା ବ୍ଲକର ହରିପୁର ପଞ୍ଚାୟତ ଅଧୀନ ଛୋଟରାୟପୁର ଶାସନସ୍ଥିତ ସାମାଜିକ ଅନୁଷ୍ଠାନ 'ମୀରା ୱାର୍ଲଡ' ପକ୍ଷରୁ ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ଓ ସାହିତ୍ୟ ଉତ୍ସବ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଭାପତି ଦେବୀପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଗଙ୍ଗାଧର ପ୍ରଧାନ ମୁଖ୍ୟ ଅତିଥି, ଶିକ୍ଷାବିତ୍ ପ୍ରଦୋଷ କୁମାର ଦାସ ମୁଖ୍ୟ ବକ୍ତା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରହ୍ମଚାରୀ ଜେନା ଓ ଶିକ୍ଷା କମିଟି ସଭାପତି ଅନ୍ତର୍ଯ୍ୟାମୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶେଷ ଅତିଥି ବର୍ଷୀୟାନ ଶିକ୍ଷୟିତ୍ରୀ ପ୍ରଫୁଲ୍ଲୀ କୁମାରୀ ପଟ୍ଟନାୟକଙ୍କୁ ଗୁରୁ ପୂଜନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବେବିନା ଘଡ଼ାଇ ମାନପତ୍ର ପାଠ ଓ ସୁନୀଲ କୁମାର ମେକାପ ମଞ୍ଚ ପରିଚାଳନା କରିଥିଲେ। ସମରେନ୍ଦ୍ର ଦାଶ, ଶୁଶାନ୍ତ ରେଣ୍ଡୀ, ଶ୍ରୀତମ ବାରିକ, ରାକେଶ ଦାଶ ଓ ପ୍ରଦୀପ ବେହେରା ଗୁରୁ ବନ୍ଦନା ଗାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମେତ ଦଶମଶ୍ରେଣୀର କୃତୀ ଛାତ୍ରୀ ରୂପାଲି ବେହେରାଙ୍କୁ ଟ୍ରଫି ଓ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ସନ୍ତୋଷ ସାହୁ, ରାଜା ମହାରଣା, କମଳନାଥ ସାହୁ, ଦିନେଶ ବେହେରା, ବାଦଲ ପ୍ରଧାନ, ସୁନୀଲ ବେହେରା, ମାନସ ଦାଶ, ସତ୍ୟରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ତ୍ରିପାଠୀ, ବବିତା ବେହେରା, ସୁଜାତା ମାନ୍ଧାତା ପ୍ରମୁଖ ଉପସ୍ଥିତ ଥିଲେ। ମୀରା ୱାର୍ଲଡ ସମ୍ପାଦକ ବେଣୁଧର ସାହୁ ଧନ୍ୟବାଦ ଦେଇଥିଲେ।

# ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

କୃଷ୍ଣପ୍ରସାଦ,୧୭।୮ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତର ଚିଲିକା କୂଳରେ ଅବସ୍ଥିତ ଘିମୁଦା ଘାଟ ପେଣ୍ଠ ବ୍ୟବସାୟର ମୁଖ୍ୟ ପେଣ୍ଠସ୍ଥଳୀ ପାଲଟିଛି। ଉକ୍ତ ଜେଟିଠାରୁ ଅଳ୍ପ ଦୂରରେ ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା' କାଳିଜାଈଙ୍କ ମନ୍ଦିର ଏବଂ ପକ୍ଷୀ ଅଭୟାରାଣ୍ୟ ନଳବଣ ରହିଛି। ଦୈନିକ ଡଙ୍ଗା ଓ ଲଞ୍ଚ ଯୋଗେ ଶତାଧିକ ଯାତ୍ରୀ ବାଲୁଗାଁ ଯାତାୟତ କରିଥାନ୍ତି। ଉକ୍ତ ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରତ୍ୟହ ଶହ ଶହ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଯାତ୍ରୀବାହୀ ଡଙ୍ଗାଗୁଡ଼ିକ ଉକ୍ତ ଜେଟିରେ ରହି ଜନସାଧାରଣଙ୍କୁ ନେବା ଆଣିବା କରିଥାଏ। ଏଥିସହ ଆଖପାଖ ଏବଂ ବିଭିନ୍ନ ଜିଲାର ମତ୍ସ୍ୟଜୀବୀ ଡଙ୍ଗା ଜେଟି ନିକଟରେ ରଖି ରାତ୍ରଯାପନ କରିଥାନ୍ତି। ତେବେ ଉକ୍ତ ସ୍ଥାନରେ ଯାତ୍ରୀ ବିଶ୍ରାମାଗାର ଓ ପରିସ୍ରାଗାର ନ ଥିବାରୁ ଯାତ୍ରୀ ଓ ପର୍ଯ୍ୟଟକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଘିମୁଦା ଘାଟ ପେଣ୍ଠଠାରେ ବିଶ୍ରାମଗାର ଓ ପରିଶ୍ରାଗାର ନିର୍ମାଣ ନିମନ୍ତେ କୃଷ୍ଣପ୍ରସାଦ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପ୍ରତି ବିଡିଓ, ଜିଲାପାଳ, ବ୍ରହ୍ମଗିରି ବିଧାୟିକା ଏବଂ ପୁରୀ ଏମ୍‌ପି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଚିଲିକା ରିଂବନ୍ଧରେ ୧ ହଜାର ତାଳମଞ୍ଜି ରୋପଣ





ପାରିକୁଦ ବନ ବିଭାଗ ପକ୍ଷରୁ ଚିଲିକା ରିଂବନ୍ଧରେ ତାଳ ମଞ୍ଜି ରୋପଣ କରାଯାଉଛି।

କୃଷ୍ଣପ୍ରସାଦ,୧୭।୮ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ବନ ବିଭାଗ ପକ୍ଷରୁ ଚିଲିକା ରିଂବନ୍ଧରେ ତାଳ ମଞ୍ଜି ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦ୍ୱୀପାଞ୍ଚଳ କୃଷ୍ଣପ୍ରସାଦ ବ୍ଲକକୁ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାକୁ ହେଲେ ଚିଲିକା ରିଂବନ୍ଧର ସୁରକ୍ଷା ନିତାନ୍ତ ଆବଶ୍ୟକ। ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଉଛି। ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନାଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ ଗଡ଼ ଘିମୁଦା ଘାଟପେଣ୍ଠଠାରୁ ଚଟେଇକୋଣ, ବନମାଳ, ସୋଲାକୁଦି ଚିଲିକା ରିଂବନ୍ଧ ପାର୍ଶ୍ୱରେ ୧ହଜାର ତାଳମଞ୍ଜି ଲଗାଯାଇଥିବା ଜଣାପଡ଼ିଛି। ରବିବାର ଦ୍ୱିତୀୟ ଦିବସରେ ଏହି କାର୍ଯ୍ୟକ୍ରମରେ ପାରିକୁଦ ବନ ବିଭାଗ ବନରକ୍ଷୀ ତ୍ରିଲୋଚନ ମହାରଣା, ସୁରକ୍ଷା କର୍ମୀ ଲଲାଟ କୁମାର ସ୍ୱାଇଁ, ଜୟନ୍ତ କୁମାର ଜେନା, ଶଶିକାନ୍ତ ସେଠୀ, ଉପେନ୍ଦ୍ର ଜେନା, ରତ୍ନାକର ସେଠୀ, ସାଧୁ ଚରଣ ସାହୁ, କାଳୁରାମ ସିଂହ, ପବିତ୍ର ସେଠୀ ପ୍ରମୁଖ ସହଯୋଗ କରୁଛନ୍ତି। ବନ ବିଭାଗ ପକ୍ଷରୁ ୫ ହଜାର ତାଳମଞ୍ଜି ଲଗାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ କାର୍ଯ୍ୟାଳୟ ଅଧିନରେ ଥିବା ରିଂବନ୍ଧରେ ବନ ବିଭାଗ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା ସୂଚନା ଦେଇଛନ୍ତି।

# କୁହୁଡ଼ିରେ ଦ୍ରୁତଗାମୀ ଟ୍ରେନ ରହଣି ଦାବି

## ୧୨ ପଞ୍ଚାୟତବାସୀଙ୍କ ବୈଠକ

ଟାଙ୍ଗୀ,୧୭।୮ (ରଘୁନାଥ ସାହୁ)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ କୁହୁଡ଼ି ରେଳ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ୨୦୨୦ ମସିହା ପୂର୍ବରୁ କୁହୁଡ଼ି ରେଳଷ୍ଟେଶନରେ ହୀରାଖଣ୍ଡ ଓ ତିରୁପତି ଏକ୍ସପ୍ରେସ୍ ରହୁଥିଲା। ପରେ କରୋନା ସମୟରେ କଟକଣା ଯୋଗୁ କୁହୁଡ଼ି ଷ୍ଟେଶନରେ ଏହି ଦୁଇ ଟ୍ରେନ ରହଣି ବନ୍ଦ କରାଯାଇଥିଲା। ଇତିମଧ୍ୟରେ ୫ବର୍ଷ ବିତିଯାଇଥିଲେ ମଧ୍ୟ କୁହୁଡ଼ି ରେଳଷ୍ଟେଶନରେ ଉକ୍ତ ଏକ୍ସପ୍ରେସ ଟ୍ରେନ ରହଣି ହୋଇପାରିନାହିଁ। ଫଳରେ ଚିଲିକା ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁହୁଡ଼ି, ରତନପୁର, ସୋରଣ, ମାନସିଂହପୁର, ହାଟବରଡ଼ିହ, ଛକଡ଼ିପୁର, କୁଞ୍ଜୁରୀ, ଚଣ୍ଡେଶ୍ୱର, ହରିପୁର, କଇଥପଲା ଆଦି ଗାଁର ଲକ୍ଷାଧିକ ବାସିନ୍ଦାଙ୍କ ପକ୍ଷରୁ ପୁନର୍ବାର ଦ୍ରୁତଗାମୀ ଟ୍ରେନ ରହଣି ଦାବି କରାଯାଉଛି। ବିଗତ ଦିନରେ ରେଳ କର୍ତ୍ତୃପକ୍ଷ, ଖୋର୍ଦ୍ଧା ବିଧାୟକ, ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ, ପୁରୀ ଏବଂ ଭୁବନେଶ୍ୱର ଏମ୍‌ପିଙ୍କୁ ସ୍ଥାନୀୟ ଲୋକପ୍ରତିନିଧିଙ୍କ ଦ୍ୱାରା ଅବଗତ କରାଯାଇଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଥିଯୋଗୁ କୁହୁଡ଼ି ଷ୍ଟେଶନ ଉପରେ ନିର୍ଭରଶୀଳ ଜନସାଧାରଣଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର କୁହୁଡ଼ି ରେଳଷ୍ଟେଶନରେ ୧୨ଟି ଗ୍ରାମପଞ୍ଚାୟତର ସରପଞ୍ଚ, ବିଭିନ୍ନ ସଂଗଠନର ସଦସ୍ୟ, ବୁଦ୍ଧିଜୀବୀ, ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏକ ବୈଠକରେ ପୁର୍ନବାର ହୀରାଖଣ୍ଡ ଓ ତିରୁପତି ଟ୍ରେନ ରହଣି ଦାବି ଉପସ୍ଥାପନ କରାଯାଇଛି। ଏଦିଗରେ ରେଳ ଉଚ୍ଚ କର୍ତ୍ତୃପକ୍ଷ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଶରଧାପୁର ଫୁଟ୍‌ବଲ ଲିଗ୍ ଉଦ୍‌ଘାଟିତ



ଶରଧାପୁର ଫୁଟବଲ ଲିଗ୍ ଉଦ୍‌ଘାଟନ ଅବସରରେ ଉଭୟ ଦଳର ଖେଳାଳିମାନେ।

ଖୋର୍ଦ୍ଧା,୧୭।୮ (ପ୍ରଭାତ ପାଣିଗ୍ରାହୀ)

## ଘାଟିକିଆ ବିଜୟୀ

ଖୋର୍ଦ୍ଧା ଉପକଣ୍ଠ ଶରଧାପୁରରେ ରବିବାର ଶରଧାପୁର ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିତୀୟ ଫୁଟବଲ ଲିଗ୍ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଲିଗ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଲିଗ୍ ୩ ସପ୍ତାହ ଧରି ଚାଲିବ। ଶରଧାପୁର ଖେଳପଡ଼ିଆରେ ଆୟୋଜିତ ପ୍ରଥମ ମ୍ୟାଚ୍ ଘାଟିକିଆ ଭୁବନେଶ୍ୱର ଓ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଘାଟିକିଆ ଦଳ ପକ୍ଷରୁ ଚେତନ ନାୟକ ପ୍ରଥମ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସମସ୍ତ ଚେଷ୍ଟା ସତ୍ତ୍ୱେ ବିପକ୍ଷ ଦଳ ଗୋଲ କରିପାରି ନ ଥିଲେ। ଫଳରେ ଘାଟିକିଆ ଦଳ ବିଜୟୀ ହୋଇଥିଲା। ଆସୋସିଏଶନର ସଭାପତି ଏମ୍‌ଡି ଜମିବୁର ରେହମାନ ଲିଗ୍ ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଯୁଗ୍ମସମ୍ପାଦକ ମୀନକେତନ ବଡଜେନା, ସଦସ୍ୟ ସେକ୍ ସକାଓ୍ୱତ ଅଲ୍ଲୀ, ଇଜାଜ ହୁସେନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାଗିର ଅହମ୍ମଦ ଆଜିର ମ୍ୟାଚ୍‌ରେ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ସୋମବାର ପାଇଗତିଗିରିଆ ଏବଂ ଠଣାପଲ୍ଲୀ ମଧ୍ୟରେ ମ୍ୟାଚ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ମାତାପିତା ଜାଗିଲେ ଟେକ ରଖିବେ ବିଦ୍ୟାର୍ଥୀ

## ମେଧାବୃତ୍ତି ପରୀକ୍ଷାର୍ଥୀଙ୍କୁ ପୁସ୍ତକ ବଣ୍ଟନ ସମାରୋହ

ବେଗୁନିଆ,୧୭।୮ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)





ସମାରୋହରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ବେଗୁନିଆ ସଦରମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ମେଧାବୃତ୍ତି ପରୀକ୍ଷାର୍ଥୀଙ୍କୁ ପୁସ୍ତକ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ବିଭୂତି ଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଯୋଗୀନାଥ ସାହୁ ବକ୍ତା ଏବଂ ସଂଘମିତ୍ରା ରଥ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ହରିବନ୍ଧୁ ସାହୁ, ମାନସ କୁମାର ସାହୁ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସୁକାନ୍ତ ପ୍ରଧାନ, ଇଂ. ରାମମାନସ ପଣ୍ଡା ଏବଂ ଇଂ. ଦେବାଶିଷ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମାତାପିତାମାନେ ଶିକ୍ଷା କ୍ଷେତ୍ରରେ ଜାଗ୍ରତ ହେଲେ ବିଦ୍ୟାର୍ଥୀମାନେ ନିଜ ପରିବାରର ଟେକ ରଖିପାରିବେ ବୋଲି ଅତିଥିମାନେ କହିଥିଲେ। ଏଥିରେ ବିଦ୍ୟାର୍ଥୀମାନଙ୍କ ମାତାପିତା ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇ ପିଲାଙ୍କ ବୌଦ୍ଧିକ ବିକାଶ ନେଇ ଆଲୋଚନା କରିଥିଲେ। ପାଠ ତ୍ୟାଗୀ ବିଦ୍ୟାର୍ଥୀଙ୍କୁ 'ଆସ ସ୍କୁଲ ଯିବା' ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ବିଶ୍ୱଜିତ ସୁନ୍ଦରାୟଙ୍କ ପକ୍ଷରୁ ମାଗଣାରେ ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ପାଇଁ ଚୟନ କରାଯାଇଥିବା ପରୀକ୍ଷାର୍ଥୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଆଲୁମିନ୍ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏନ୍‌ଏମ୍‌ଏମ୍‌ଏସ୍ ପାଇଁ ପୂର୍ଣ୍ଣମିତ୍ର ବଳିଆରସିଂହ, ଏନ୍‌ଆର୍‌ଟିଏସ୍ ପାଇଁ ସୁରଜ ପ୍ରଧାନ, ରାଜ୍ୟ ଭଲିବଲ ଖେଳାଳି ସୁରଜ ପ୍ରକାଶ, ଏନସିସି କମାଣ୍ଡିଙ୍ଗ ଅଭିଷେକ ସାହୁ, ଜିଲାସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତରେ ପ୍ରଥମ ସ୍ଥାନ ହାସଲକାରୀ ଶୁଭାଶିଷ ଭୁଜବଳଙ୍କୁ ୧୯୯୯ ମାଟ୍ରିକ ବ୍ୟାଚ ଆଲୁମିନି ପକ୍ଷରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଛି। ୨୦୨୫ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଏବଂ ମାତୃଭାଷାରେ ସର୍ବାଧିକ ନମ୍ବର ରଖିଥିବା ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଭବାନୀ ପ୍ରସାଦ ଆଚାର୍ଯ୍ୟ, ପଦ୍ମିନୀ ପ୍ରିୟଦର୍ଶିନୀ ବେହେରାଙ୍କୁ ୧୯୭୫ ମାଟ୍ରିକ ବ୍ୟାଚ ତରଫରୁ ସମ୍ମାନିତ ଓ ପୁରସ୍କୃତ କରାଯାଇଛି। ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା, ଏନ୍‌ସିସି ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର, କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ନିଶଙ୍କଙ୍କ ପରିଚାଳନାରେ ଆୟୋଜିତ ସଭାରେ ଶିକ୍ଷକ ହିମାଂଶୁ ଭୂଷଣ ସ୍ୱାଇଁ, ଅଜିତ କୁମାର ପୁରୀ, ସୌମ୍ୟରଞ୍ଜନ ସାହୁ, ଶ୍ରୀକାନ୍ତ ପଣ୍ଡା ଓ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁ, ରିସ୍ମାରଶ୍ମି ପାଇକରାୟ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ମୋହିନୀକାନ୍ତି ଦାସ, ଆଶା ମୁର୍ମୁ, ସୁନିତା ପୃଷ୍ଟି ଓ ସସ୍ମିତା ସାହୁ ଉପସ୍ଥିତ ଥିଲେ। ବିରଞ୍ଚି ସାହୁ ଓ ବିଶ୍ୱରଞ୍ଜନ ପଣ୍ଡା ସହଯୋଗ କରିଥିଲେ।

# ଆନ୍ଧ୍ରପ୍ରଦେଶ ଧାନବିଲରେ ପଡ଼ିରହିଛି କଳିଙ୍ଗ ଐତିହ୍ୟ

## ହମ୍ବୀର ଦେବଙ୍କ ଶିଳାଲେଖର ସନ୍ଧାନ ମିଳିଲା

### ଉଦ୍ଧାର, ସୁରକ୍ଷା ଦାବିକଲା ରିଡିସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପ୍

ଭୁବନେଶ୍ୱର, ୧୭।୮
(ସୌମ୍ୟରଞ୍ଜନ ରାଉତ)

ଆନ୍ଧ୍ରପ୍ରଦେଶ ବିଜୟୱାଡା ସହରର ଅନତି ଦୂରରେ ଥିବା ଜାକାମପୁଡ଼ି ଗ୍ରାମରୁ କଳିଙ୍ଗ ସାମ୍ରାଜ୍ୟର ଐତିହ୍ୟ ତଥା ୧୫୦୦ ଶତାବ୍ଦୀର ଏକ ଶିଳାଲେଖର ସନ୍ଧାନ ମିଳିଛି। ଓଡ଼ିଶାର ଗଜପତି କପିଳେନ୍ଦ୍ର ଦେବଙ୍କ ସମୟର ଏହି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଶିଳାଲେଖ ଅବହେଳିତ ଅବସ୍ଥାରେ ଏକ ଧାନବିଲ ନିକଟରେ ପଡି ରହିଥିବା ଦେଖିବାକୁ ମିଳିଛି। ଐତିହ୍ୟ ଗବେଷକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ରିଡିସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପ୍‌ର ଅନୁସନ୍ଧାନକାରୀ ଦଳର ସଦସ୍ୟ ରବୀନ୍ଦ୍ର କୁମାର ରାଣା ଓ ବିକ୍ରମ କୁମାର ନାୟକ ଅନୁସନ୍ଧାନ ବେଳେ ଏହାକୁ ପାଇଛନ୍ତି। ଏନେଇ ଐତିହ୍ୟ ଗବେଷକ ରବୀନ୍ଦ୍ର କହିଛନ୍ତି, ଶିଳାଲେଖଟି ଆମକୁ ଜାକାମପୁଡି ଗ୍ରାମର ଜଣେ ବ୍ୟକ୍ତି ଗଣ୍ଡମ ଶିବାଜୀଙ୍କ ଧାନବିଲ ନିକଟରେ ପଡି ରହିଥିବା ଅବସ୍ଥାରେ ମିଳିଥିଲା। ଏହା ନିକଟରେ ଏକ ପ୍ରାଚୀନ ଶ୍ରୀଗଣେଶଙ୍କ ମୂର୍ତ୍ତି ଓ ଏକ ବୀରାଶିଳା ମଧ୍ୟ ରହିଛି। ଏଥିରେ ରହିଥିବା ଅଭିଲେଖଟି ପଞ୍ଚଦଶ ଶତାବ୍ଦୀରେ ଗଜପତି କପିଳେନ୍ଦ୍ର ଦେବଙ୍କ ପୁତ୍ର ତଥା ମହାନ ବୀର କୁମାର ହମ୍ବୀର ଦେବ ମହାପାତ୍ରଙ୍କ ପ୍ରଦତ୍ତ ଏକ ଦାନ ସମ୍ପର୍କୀୟ ସୂଚନା ଦେଉଛି। ଅଭିଲେଖଟି ରହିଥିବା ପଥରଟିର ଏକ ପାର୍ଶ୍ୱରେ ସୂର୍ଯ୍ୟ, ଚନ୍ଦ୍ର ଓ ବୃଷଭଙ୍କ ଚିତ୍ର ଖୋଦିତ ହୋଇଛି। ସେ ସମୟରେ ଏହି ଅଞ୍ଚଳ ଓଡ଼ିଆ ସୂର୍ଯ୍ୟବଂଶୀ ଗଜପତିଙ୍କ ଉତ୍ତରରେ ଗଙ୍ଗା ନଦୀଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ବିଶାଳ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ ଥିଲା। ଦାକ୍ଷିଣାତ୍ୟରେ ଓଡ଼ିଆ ସାମ୍ରାଜ୍ୟର ବିସ୍ତୃତି ନିମନ୍ତେ କୁମାର ହମ୍ବୀର ଦେବଙ୍କ ଅତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ବୋଲି ରବୀନ୍ଦ୍ର ମତ ରଖିଛନ୍ତି। ଦକ୍ଷିଣ ଭାରତରେ କଳିଙ୍ଗ ଐତିହ୍ୟର ସନ୍ଧାନ କରି ଆସୁଥିବା ଐତିହ୍ୟ ଗବେଷକ ଦୀପକ କହିଛନ୍ତି, ଜାକାମପୁଡ଼ିରେ ହମ୍ବୀର ଦେବଙ୍କ ଅଭିଲେଖ ସମ୍ପର୍କରେ ସୂଚନା ଆମକୁ ୧୯୧୩ ମସିହାରେ ପ୍ରକାଶିତ 'ଆନୁଆଲ ରିପୋର୍ଟ ଅନ୍ ସାଉଥ୍ ଇଣ୍ଡିଆନ୍ ଏପିଗ୍ରାଫି' ପୁସ୍ତକରୁ ମିଳିଥିଲା। ତେଲୁଗୁ ଲିପି ଓ ଭାଷାରେ ଖୋଦିତ ଏହି ଶିଳାଲେଖଟିରେ ସମୁଦାୟ ୧୭ ଧାଡିର ଅଭିଲେଖ ରହିଛି। ଏହି ଅଭିଲେଖଟିରୁ ମିଳୁଥିବା ତଥ୍ୟ ଅନୁସାରେ, ବୀରଶ୍ରୀ ଗଜପତି ଗୌଡେଶ୍ୱର ପ୍ରତାପ କପିଳେଶ୍ୱର ଦେବ (କପିଳେନ୍ଦ୍ର ଦେବ)ଙ୍କ ପୁତ୍ର ହମ୍ବୀର ଦେବରାଜ ବେଜୱାଡା (ବିଜୟୱାଡା)ର ପାପବିନାଶନ ଦେବ ଏବଂ ରୁଦ୍ରଦେବଙ୍କ ଧୂପ, ଦୀପ ଓ ନୈବେଦ୍ୟ ସେବା ନିମିତ୍ତ ଜାକିରେଡିପାଲ୍ଲୀ (ଜାକାମପୁଡ଼ି) ଗ୍ରାମ ଦାନ ଦେଇଥିଲେ। ଏହା ବ୍ୟତୀତ ଜଙ୍ଗମ ଓ ବ୍ରାହ୍ମଣମାନଙ୍କ ଭୋଜନ ନିମିତ୍ତ ପୃଥକ୍ ଭୋଜନ ଗୃହର ପରିଚାଳନା ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ଉତ୍କୀର୍ଣ୍ଣ ଅନ୍ୟ ଏକ ଶିଳାଲେଖରେ ଏହି ଜାକିରେଡିପାଲ୍ଲୀ ଗ୍ରାମ ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି ବୋଲି ଦୀପକ ପ୍ରକାଶ କରିଛନ୍ତି। ଗ୍ରୁପ୍‌ର ପ୍ରତିଷ୍ଠାତା ସଦସ୍ୟ ବିକାଶ ପ୍ରସାଦ ଦାସ କହିଛନ୍ତି, ଆମ ସଦସ୍ୟମାନେ ଏହି ପୁନଃ–ଆବିଷ୍କାର ସହ ସ୍ଥାନୀୟ ଗ୍ରାମବାସୀଙ୍କୁ ଏହାର ଐତିହାସିକ ଗୁରୁତ୍ୱ ବୁଝାଇବାକୁ ପ୍ରଚେଷ୍ଟା କରିଛନ୍ତି। ତେବେ ଉଭୟ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ପ୍ରତ୍ନତତ୍ତ୍ୱ ବିଭାଗ ଏହାର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିହାତି ଆବଶ୍ୟକ। ଶିଳାଲେଖଟିକୁ କୌଣସି ସଂଗ୍ରହାଳୟକୁ ସ୍ଥାନାନ୍ତରିତ କରିବାକୁ ଅନୁରୋଧ କରି ଆମ ସଂଗଠନ ପକ୍ଷରୁ ଉଭୟ ରାଜ୍ୟର ବିଭାଗୀୟ ଅଧିକାରୀଙ୍କୁ ଖୁବ୍‌ଶୀଘ୍ର ପତ୍ର ଲେଖାଯିବ ବୋଲି ଦାସ କହିଛନ୍ତି।


ଶିଳାଲେଖ ନିକଟରେ ରିଡିସ୍କଭର ଲଷ୍ଟ ହେରିଟେଜ୍ ଗ୍ରୁପ୍ କର୍ମକର୍ତ୍ତା।

# ଦିଲ୍ଲୀ ଭଳି ଓଡ଼ିଶାରେ ସ୍କୁଲ ଫି' ରେଗୁଲେଶନ ନିୟମ ଲାଗୁ ହେଉ

## ଆନ୍ଦୋଳନକୁ ଓହ୍ଲାଇବ ଅଭିଭାବକ ମହାସଂଘ

ଭୁବନେଶ୍ୱର, ୧୭।୮
(ଅନୁରାଧା ମହାରଣା)

ଅଭିଭାବକ ମହାସଂଘ ଭୁବନେଶ୍ୱର କମିଟିର ବୈଠକ ରବି ଟକିଜ ମାର୍କେଟ କମ୍ପ୍ଲେକ୍ସଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ସ୍କୁଲ ଫିସ୍ ରେଗୁଲେଶନ ନିୟମକୁ ଓଡ଼ିଶାରେ ଲାଗୁ କରିବା ପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କ ନିକଟରେ କରାଯାଇଥିବା ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ କରିବାକୁ ସ୍ଥିର କରାଯାଇଛି। ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସରକାର ଏକ କମିଟି ଗଠନ କରି ଏହାର ସମାଧାନ କରିବାକୁ ଦାବି ରଖାଯିବା ସହ ଏନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ପରିଜା, ସମ୍ପାଦକ ଅଶୋକ କୁମାର ପାଇକରାୟ, ଉପସଭାପତି ସତ୍ୟ ଦାସ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ, ଭୁବନେଶ୍ୱର ସଭାପତି ପଦ୍ମନାଭ ସାହୁ, ଭୁବନେଶ୍ୱର ସମ୍ପାଦକ ବାବାଶଙ୍କର ପ୍ରସାଦଙ୍କ ସହ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ରହି ସରକାର ତୁରନ୍ତ ଏହି ଆଇନ କାର୍ଯ୍ୟକାରୀ କରିବାକୁ ମତ ରଖିଥିଲେ।

## 'ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ମହୋତ୍ସବ' ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଆର୍ଯ୍ୟ ସମାଜ ସଭାପତି ଇଂ. ପ୍ରିୟବ୍ରତ ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୭।୮
(ସୌମ୍ୟରଞ୍ଜନ ରାଉତ)

ସମସ୍ତ ବିଚାରଣୀୟ ଓ ଚିନ୍ତନ କରିବା ଯୋଗ୍ୟ କଥା ବେଦରେ ରହିଛି। ତେଣୁ ବେଦାନୁକୂଳ ଆଚରଣ ହିଁ ଧର୍ମ ଓ ବେଦର ପ୍ରତିକୂଳ ଆଚରଣ ହିଁ ଅଧର୍ମ ବୋଲି ବେଦ ବିଦ୍ୱାନ୍, ବେଦ ଗବେଷକ ଓ ପ୍ରବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ଆର୍ଯ୍ୟ ସମାଜରେ ଶ୍ରାବଣ ପୂର୍ଣ୍ଣିମାଠାରୁ ୭ ଦିନ ଧରି ଚାଲୁଥିବା 'ଶ୍ରାବଣୀ ଉପାକର୍ମ ଓ ବେଦ ସ୍ୱାଧ୍ୟାୟ ମହୋତ୍ସବ' ଶନିବାର ଉଦ୍‌ଯାପିତ ହୋଇଯାଇଛି। ସଭାପତି ଇଂ. ପ୍ରିୟବ୍ରତ ଦାସ ଆଶୀର୍ବଚନ ପ୍ରଦାନ କରିଥିଲେ। ଗୁଜରାଟ ରୋଜଡ଼ରୁ ଆସିଥିବା ବେଦ ପ୍ରବକ୍ତା ଯୋଗେଶ ଶର୍ମା କହିଲେ, ଜ୍ଞାନ ପ୍ରାପ୍ତ କରିବାକୁ ହେଲେ ବେଦରେ ପ୍ରବୃତ ହେବାକୁ ହେବ। ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର, ଉପସଭାପତି ଇଂ. ବ୍ରଜବନ୍ଧୁ ପଣ୍ଡା, ସମ୍ପାଦକ ବୀରେନ୍ଦ୍ର କର, ଶ୍ୟାମତୀ ସନ୍ତୋଦେବୀ, ବରିଷ୍ଠ ସଦସ୍ୟ ଅନିରୁଦ୍ଧ ପଟ୍ଟନାୟକ, ସଦସ୍ୟା ବନ୍ଦନା ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଦୁର୍ଘଟଣା ଘଟାଇ ପଥରରେ ଆକ୍ରମଣ, କାର୍ ଚାଳକ ଗିରଫ

ଭୁବନେଶ୍ୱର, ୧୭।୮ (ସତ୍ୟଜିତ୍ ରାଉତ)

ସାମ୍ନାରୁ ଅଟୋକୁ ଧକ୍କା ଦେଲେ। ଦୁର୍ଘଟଣା କାହିଁକି ଘଟାଇଲେ ବୋଲି ପଚାରିବାରୁ ଅଟୋ ଚାଳକଙ୍କୁ ପଥରରେ ଆକ୍ରମଣ କଲେ। ଶେଷରେ ମଞ୍ଚେଶ୍ୱର ଥାନା ପୋଲିସ ଅଭିଯୁକ୍ତ କାର ଚାଳକଙ୍କୁ ରବିବାର ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳର ଚନ୍ଦ୍ରକାନ୍ତ ମହାରଣା (୪୦)। ରବିବାର କୋର୍ଟଚାଲାଣ ପରେ ତାଙ୍କୁ ହାଜତକୁ ପଠାଇ ଦିଆଯାଇଛି। ଆହତ ଅଟୋ ଚାଳକ ହେଲେ କିଷାନ କୁମାର ବେହେରା। ଶନିବାର ରାତିରେ ସେ ଜଗନ୍ନାଥନଗରରେ ଥିବା ଜଣେ ପାସେଞ୍ଜରଙ୍କ ଘରକୁ ଅଟୋ ନେଇ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଲେନ ନଂ.୧୪ ରାସ୍ତାରେ ବିପରୀତ ଦିଗରୁ ଅଭିଯୁକ୍ତ ଚନ୍ଦ୍ରକାନ୍ତ କାର ଆଣି କିଷାନଙ୍କ ଅଟୋକୁ ଧକା ଦେଇଥିଲେ। କିଷାନ ତାଙ୍କୁ ଦୁର୍ଘଟଣା କାହିଁକି ଘଟାଇଲେ ବୋଲି ପଚାରିଥିଲେ। ଫଳରେ ଚନ୍ଦ୍ରକାନ୍ତ ହଠାତ୍ ଉତ୍ତେଜିତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ପଥରରେ ଆକ୍ରମଣ କରିଥିଲେ। ଫଳରେ କିଷାନଙ୍କ ମୁଣ୍ଡ ଓ ହାତରେ କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ।

# ସୁଦର୍ଶନ ଆର୍ଟ୍ ଆଣ୍ଡ୍ କ୍ରାଫ୍ଟ ଭିଲେଜ ପରିଦର୍ଶନ କଲେ ରାଜ୍ୟପାଳ


ପଦ୍ମବିଭୂଷଣ ସୁଦର୍ଶନ ସାହୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କୁ କଳାକୃତି ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

## 'ଓଡ଼ିଶା ହେଉଛି କଳା ଓ ସଂସ୍କୃତିର ଭୂମି'

ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟିଙ୍କ ସହିତ ରବିବାର ସୁଦର୍ଶନ ଆର୍ଟ ଆଣ୍ଡ୍ କ୍ରାଫ୍ଟ ଭିଲେଜ୍ ପରିଦର୍ଶନ କରିଛନ୍ତି। ପଦ୍ମବିଭୂଷଣ ସୁଦର୍ଶନ ସାହୁଙ୍କ କଳାକୃତିକୁ ବୁଲି ଦେଖିବା ସହ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତହ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଶା ହେଉଛି କଳା ଓ ସଂସ୍କୃତିର ଭୂମି। ଏଠାରେ ପାରମ୍ପରିକ କାରିଗରୀ ଅତ୍ୟନ୍ତ ଜୀବନ୍ତ ଭାବେ ବିକଶିତ ହେଉଛି। ରାଜ୍ୟର ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିବା ଏବଂ ବିଶ୍ୱସ୍ତରରେ ଏହାକୁ ପ୍ରୋତ୍ସାହିତ କରିବାରେ କାରିଗର ଓ ଶିଳ୍ପୀଙ୍କ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ପଦ୍ମବିଭୂଷଣ ସାହୁ ରାଜ୍ୟପାଳଙ୍କୁ କଳାର ପ୍ରକ୍ରିୟା, ପଥର ସଂଗ୍ରହ, ପତ୍ୟେକ ସୃଷ୍ଟି ପାଇଁ ଆବଶ୍ୟକ ହେଉଥିବା ସମୟ, ମୂର୍ତ୍ତି ନିର୍ମାଣ ପଛରେ ଥିବା କୌଶଳ ବିଷୟରେ ଅବଗତି କରାଇଥିଲେ। ଏଥିସହ ଏପରି କଳା କୌଶଳ ଓ କୃତି ଓଡ଼ିଶାକୁ ବିଶ୍ୱସ୍ତରରେ ପରିଚୟ କରାଇପାରିଥିବା କହିଥିଲେ। ଶିଳ୍ପୀଙ୍କ କାର୍ଯ୍ୟରେ ପ୍ରତିଫଳିତ ସୃଜନଶୀଳତା ଏବଂ କଠିନ ପରିଶ୍ରମ ଓଡ଼ିଶାର ଶତାବ୍ଦୀ ପୁରୁଣା କଳା ପରମ୍ପରାର ଜୀବନ୍ତ ଉଦାହରଣ ବୋଲି କହିଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ: ୭ ଜଣଙ୍କ ନାଁରେ ମାମଲା

ନିମାପଡ଼ା, ୧୭।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ରେଞ୍ଚ ଶାସନ ପଞ୍ଚାୟତ ବ୍ରାହ୍ମଣପଡ଼ା ଗ୍ରାମରେ ପାରିବାରିକ ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଶନିବାର ଗଣ୍ଡଗୋଳ ଓ ମାରପିଟ ହୋଇଛି। ଏଥିରେ ଉଭୟ ପରିବାରର ଉମେଶ ବେହେରା ଓ ବିଭୂତି ବେହେରା ପ୍ରମୁଖ ଦୁଇଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ୭ ଜଣଙ୍କ ବିରୋଧରେ କେସ୍ ନଂ.୨୬୦/୨୫, ୨୬୧/୨୫ରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାକୁ ନେଇ ଉକ୍ତ ୨ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି।



ଓଡ଼ିଶା ଫ୍ୟାଶନ ଭିଲା ଭୁବନେଶ୍ୱର ପକ୍ଷରୁ ରୋଟାରୀ ଭବନଠାରେ ଆୟୋଜିତ ଫ୍ୟାଶନ ଶୋ 'ଖଦି ଫିଏଷ୍ଟା'ରେ ଅଂଶଗ୍ରହଣକାରୀମାନେ ଖଦି ପୋଷାକରେ ର୍‍ୟାମ୍ପ କରୁଛନ୍ତି।

# କୃଷ୍ଣ ସିଂହଙ୍କୁ 'ମଧୁଲିତା ଶ୍ରେଷ୍ଠ ସମାଜ ସଂସ୍କାରକ ସମ୍ମାନ'

ଭୁବନେଶ୍ୱର, ୧୭।୮ (ସୌମ୍ୟରଞ୍ଜନ ରାଉତ)

ମନନଶୀଳ ପାରିବାରିକ ପତ୍ରିକା 'ମଧୁଲିତା'ର ସ୍ୱତନ୍ତ୍ର ସଂଖ୍ୟା ଶନିବାର ବୁଦ୍ଧମନ୍ଦିରଠାରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ବର୍ଷୀୟାନ ଭୂଦାନ ଓ ସର୍ବୋଦୟ ନେତା କୃଷ୍ଣ ସିଂହଙ୍କୁ 'ମଧୁଲିତା ଶ୍ରେଷ୍ଠ ସମାଜ ସଂସ୍କାରକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଉଦ୍‌ଘାଟକ ଭାବେ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଲେ, ନାରୀମାନେ ନିଜ ସୁରକ୍ଷା ନିମନ୍ତେ ନିଜକୁ ସଶକ୍ତ କରିବା ସହ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଉଚିତ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଡ. ଅଲେଖ ଚନ୍ଦ୍ର ପଢିଆରୀ କହିଲେ, ଆମେ ଏକ ଅସୁସ୍ଥ ସମାଜ ମଧ୍ୟ ଦେଇ ଗତି କରୁଛେ। ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଦୂର କରିପାରିଲେ ଏକ ଉତ୍ତମ ସମାଜ ଗଠନ ହୋଇପାରିବ। ସ୍ତମ୍ଭକାର ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତାଭାବେ କଣ୍ଠଶିଳ୍ପୀ ପ୍ରଫେସର ଡା. ସଂଜୟ ଚୌଧୁରୀ ଯୋଗଦେଇ ସଚେତନ ନାଗରିକଟିଏ ସ୍ୱାସ୍ଥ୍ୟ ସଚେତନ ହେବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଦୂରଦର୍ଶନ ଖବର ପାଠିକା କଳ୍ପନା ମିଶ୍ର ଓ ସାହିତ୍ୟିକା ନଳିନୀ ମିଶ୍ର ମହିଳା ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଖବରଦାତା ଦିପ୍ତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଯବାନଙ୍କ ପାଇଁ ଚିଠି ଲେଖିଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ଚିଠି ପଠାଇବା ପୂର୍ବରୁ ପ୍ରଦର୍ଶନ କରୁଛନ୍ତି।

ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

ଦେଶର ସୁରକ୍ଷା ପାଇଁ ଲଢେଇ କରୁଥିବା ସଶସ୍ତ୍ର ସେନା ବାହିନୀ ଏବଂ ପୋଲିସ କର୍ମଚାରୀଙ୍କୁ ଚିଠି ଲେଖି ହଜି ଯାଇଥିବା ଭାବାବେଗକୁ ପୁଣି ସାଉଁଟିବା ପାଇଁ ଚେଷ୍ଟା କରିଛନ୍ତି ଡିଏଭି ପୋଖରୀପୁଟର ଛାତ୍ରୀଛାତ୍ର। ସ୍ୱାଧୀନତା ଦିବସ ଅବସରରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ର ପ୍ରାୟ ୩ଶହ ପୋଷ୍ଟକାର୍ଡରେ ସ୍ୱାଧୀନତା ଦିବସର ହୃଦୟସ୍ପର୍ଶୀ ବାର୍ତ୍ତା ଲେଖିବା ସହ ନିଜେ ଯାଇ ଚିଠି ବାକ୍ସରେ ପକାଇଥିଲେ। ଏହି ଚିଠି ଲେଖା ଅଭିଯାନ ବିଦ୍ୟାର୍ଥୀଙ୍କ ସୃଜନ ଦକ୍ଷତା ପରିବର୍ଦ୍ଧିତ କରିବା ସହିତ ସେମାନଙ୍କ ହୃଦୟରେ ଦେଶାତ୍ମକ ଭାବ ସୃଷ୍ଟି କରିବା କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଉଛି।

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ନିର୍ଦ୍ଦେଶନାମା 'ହର୍ ଘର୍ ତିରଙ୍ଗା' ଅଭିଯାନକୁ ସଫଳରୂପ ଦେବା ପାଇଁ ଡିଏଭି ପୋଖରୀପୁଟର ବିଦ୍ୟାର୍ଥୀମାନେ ଅଗଷ୍ଟ ୨ରୁ ୧୫ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଡିଏଭି ଶିକ୍ଷାନୁଷ୍ଠାନ ଏଫ୍ ଜୋନ୍‌ର ସହ ଆଞ୍ଚଳିକ ଅଧିକାରୀ ତଥା ଡିଏଭି ପୋଖରୀପୁଟ ବିଦ୍ୟାଳୟ ଅଧ୍ୟକ୍ଷ ବିପିନ କୁମାର ସାହୁଙ୍କ ନିର୍ଦ୍ଦେଶାନୁସାରେ ସୃଜନଶୀଳ ଲିଖନ କଳାକୁ ସ୍ଥାନିତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠା ନିରୀକ୍ଷିକା ଡ. ସ୍ମରଣିକା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

**ରାଜଧାନୀରେ ପାର୍ବଣ ପ୍ରସ୍ତୁତି**

# ମାଟି ଅନୁକୂଳକଲେ ଅଧିକାଂଶ ପୂଜା କମିଟି

ବାଲିଅନ୍ତା, ୧୭।୮ (ନୀଳମାଧବ ସାହୁ)

ରାଜଧାନୀରେ ଦୁର୍ଗାପୂଜା ପାଇଁ ଅଧିକାଂଶ ପୂଜା କମିଟି ପକ୍ଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ କୁଆଖାଇ ନଦୀକୂଳରୁ ମାଟି ଅନୁକୂଳ କାର୍ଯ୍ୟ ପବିତ୍ର ଜନ୍ମାଷ୍ଟମୀ ତିଥିରେ ସମ୍ପନ୍ନ ହୋଇଛି। ଏହିଅବସରରେ କୁଆଖାଇ ନଦୀକୂଳରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ଭିଡ଼ ଲାଗିରହିଥିଲା। ପାରମ୍ପରିକ ପୂଜାର୍ଚ୍ଚନା ସହ ଧୁମଧାମରେ ସଂକୀର୍ତ୍ତନ ପରିବେଷଣ ସହ ହୋମଯଜ୍ଞ କରାଯାଇ ନଦୀରୁ ପୂଜା ମାଟିକୁ ବିଭିନ୍ନ ମଣ୍ଡପକୁ ନିଆଯାଇଛି। ଏଥିସହ ଦୁର୍ଗାପୂଜା ପ୍ରସ୍ତୁତିର ଶୁଭାରମ୍ଭ ହୋଇଯାଇଛି। ଏଥିରେ ନୟାପଲ୍ଲୀ ଦୁର୍ଗାପୂଜା ସମିତି, ବରମୁଣ୍ଡା ରୁଚିକା ମାର୍କେଟ, ନୂଆସାହି ମହାବୀର ପୂଜା କମିଟି, ନୀଳାଦ୍ରି ବିହାର ସାର୍ବଜନୀନ ଦୁର୍ଗାପୂଜା କମିଟି, ଶୈଳଶ୍ରୀ ବିହାର ଫେଜ–୨, କଳାରାହଙ୍ଗ ଦୁର୍ଗାପୂଜା ସମିତି, ଚନ୍ଦ୍ରଶେଖରପୁର ଫେଜ –୧, ପାଇକାରାପୁର, ଡୁମୁଡୁମା ଦୁର୍ଗାପୂଜା କମିଟି ଓ ଗଡ଼ ନହରକଣ୍ଟା ରଣସିଂହପୁର ଆଦି ପୂଜା କମିଟି ଯୋଗଦେଇ ମାଟି ଅନୁକୂଳ କରିଛନ୍ତି।

ସୂଚନାଯୋଗ୍ୟ, ମାଟି ଅନୁକୂଳ କାର୍ଯ୍ୟ ପାଇଁ ନଦୀକୂଳରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାରେ ମାଙ୍କୁ ଆବାହନ କରାଯାଇ ନଦୀରୁ ମାଟି ଆଣି ପୂଜା ସ୍ଥାନରେ ରଖାଯାଇଥିଲା। ପୂଜା ସମ୍ପନ୍ନ ହେବାପରେ ମାଟିକୁ ଏକ ମାଟିପାତ୍ରରେ ନାଲି କପଡ଼ାରେ ରଖାଯାଇଥିଲା। କମିଟିର କର୍ମକର୍ତ୍ତାମାନେ ବ୍ରତ ଧାରଣ କରି ନିଷ୍ଠାର ସହ ମା' ଦୁର୍ଗାଙ୍କ ପୂଜା ସମ୍ପନ୍ନ ପାଇଁ ସଂକଳ୍ପ ନେଇଥିଲେ। ପରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ବୈଦିକ ରୀତିରେ ପୂଜା ହୋଇଥିବା ମାଟିକୁ ଶୋଭାଯାତ୍ରାରେ ନିଜ ମଣ୍ଡପ ଅଭିମୁଖେ ନେଇଥିଲେ।

## ଶହୀଦନଗର ପୂଜା କମିଟି

**ଭୁବନେଶ୍ୱର, ୧୭।୮ (ସୌମ୍ୟରଞ୍ଜନ ରାଉତ):** ଦୁର୍ଗାପୂଜା ସମିତି ଶହୀଦନଗର ପକ୍ଷରୁ ଜନ୍ମାଷ୍ଟମୀ ତିଥିରେ ଜଗଜ୍ଜନନୀ ଦୁର୍ଗା ମା'ଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ମୃତ୍ତିକା ଅନୁକୂଳ କରାଯାଇଛି। ପୂଜାର କର୍ତ୍ତା ଭାବେ ଗିରୀଶ ପ୍ରସାଦ ରଥ ରହିଥିଲେ। ସମିତି ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରି କୁଆଖାଇ ନଦୀତଟକୁ ଯାତ୍ରା କରିଥିଲେ। ଘଣ୍ଟା, ମୃଦଙ୍ଗ, ଢୋଲ,ଶଙ୍ଖ, ମହୁରୀ ଓ କୀର୍ତ୍ତନରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ସମିତିର କର୍ମକର୍ତ୍ତା ଓ ସଦସ୍ୟମାନେ କୁଆଖାଇ ନଦୀ ପଠାରେ ବିଧି ପୂର୍ବକ ପୂଜାର୍ଚ୍ଚନା କରି ମାଟି ଉଠାଥିଲେ। କାର୍ଯ୍ୟକ୍ରମରେ ସମିତି ସଭାପତି ହେମନ୍ତ କୁମାର ପରିଡା, କାର୍ଯକାରୀ ସଭାପତି ସରୋଜା କୁମାର ପାତ୍ର, ଉପସଭାପତି ଚନ୍ଦନ ପାଲିତ, ଯୁଗ୍ମସମ୍ପାଦକ ବିଶ୍ୱ ପ୍ରସାଦଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ରାଜଧାନୀର ଅନ୍ୟତମ ପ୍ରମୁଖ ପୂଜା କମିଟି ନୟାପଲ୍ଲୀ ଦୁର୍ଗାପୂଜା ସମିତି ପକ୍ଷରୁ ଏକ ସୁସଜ୍ଜିତ ବିମାନରେ ନଦୀରୁ ସଂଗୃହୀତ ପୂଜା ମାଟିକୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ନିଆଯାଇଥିଲା। ଏହି ପୂଜା ମାଟିକୁ ଅଞ୍ଚଳର ବିଭିନ୍ନ ଦେବା ଦେବୀଙ୍କ ମନ୍ଦିର ପରିକ୍ରମା କରାଯାଇ ଦୁର୍ଗା ମନ୍ଦିର ପ୍ରାଙ୍ଗଣକୁ ନିଆଯିବ। ପରେ ଗଙ୍ଗାନଦୀର ମାଟି ମିଶାଇ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯିବ ବୋଲି ନରେନ ସାହୁ କହିଥିଲେ।



ନୟାପଲ୍ଲୀ ଓ ଶହୀଦ ନଗର ଦୁର୍ଗାପୂଜା ସମିତି ପକ୍ଷରୁ କୁଆଖାଇ ନଦୀପଠାରେ ମାଟି ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୮।୨୦୨୫

| | |
|---|---|
| ୯,୭୯,୭୩୭ ଟଙ୍କା | |
| ସୁନା | ୮୫.୫୦୦ ଗ୍ରାମ୍ |
| ରୁପା | ୫୧.୪୦୦ ଗ୍ରାମ୍ |

# ଜଗନ୍ନାଥ ସଂସ୍କୃତିର ସମୃଦ୍ଧି ପାଇଁ ସରକାର ସଂକଳ୍ପବଦ୍ଧ

- ଅରାଜଗୁରୁ, ବାଡ଼ଗ୍ରାହୀ, ବିଶ୍ୱକର୍ମା, ପ୍ରଶାସକ, ସେବାୟତ ସମ୍ବର୍ଦ୍ଧିତ
- ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ

ପୁରୀ,୧୭।୮ (ଅଜିତ୍ କୁମାର ମହାନ୍ତି)

ଠାକୁରଙ୍କ ସଫଳ ରଥଯାତ୍ରା ପରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ-୨୦୨୫ ଏକ ଅଭିନବ ଓ ସ୍ୱାଗତଯୋଗ୍ୟ ପ୍ରୟାସ ବୋଲି ଏମ୍‌ପି ସମ୍ବିତ୍ ପାତ୍ର କହିଛନ୍ତି। ଅନୁଷ୍ଠାନ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ପୁରୀ ଟାଉନ୍ ହଲ୍‌ଠାରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏମ୍‌ପି ପାତ୍ର କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିରର ବିକାଶ ଓ ସୁରକ୍ଷା ସହ ଜଗନ୍ନାଥ ସଂସ୍କୃତିର ସମୃଦ୍ଧି ପାଇଁ ସରକାର ସଂକଳ୍ପବଦ୍ଧ। ରଥଯାତ୍ରାରେ ସମ୍ପୃକ୍ତ ସେବକ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏପରିକି ପ୍ରତିଟି ଭକ୍ତ ହିଁ ଜଣେ ଜଣେ ଜଗନ୍ନାଥ।

ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ଆଗାମୀ ବର୍ଷଠାରୁ ରାଜ୍ୟ ସରକାରଙ୍କ ସହଯୋଗରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ରଥସେବା ସମ୍ମାନ ଉତ୍ସବ ହେବ ବୋଲି ଏମ୍‌ପି ପାତ୍ର କହିଥିଲେ। ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ନୀରବ ରହୁଥିବା ବେଳେ ଦୀର୍ଘ ପାଞ୍ଚବର୍ଷ ଧରି ଏକ ବେସରକାରୀ ସଂସ୍ଥା ବିଶ୍ୱନିୟନ୍ତାଙ୍କ ରଥସେବକମାନଙ୍କୁ ସେବା ସମ୍ମାନ ଦେବା କମ୍ କଥା ନୁହେଁ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ସମଗ୍ର ଭାରତବର୍ଷରେ ପ୍ରସାରିତ କରିବାକୁ ଉଦ୍ୟମ କରିବେ ବୋଲି ଖୁଣ୍ଟିଆ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର ଓ ବିଶିଷ୍ଟ ସେବାୟତ ମଧୁସୂଦନ ସିଂହାରୀ ଯୋଗଦେଇଥିଲେ।



ଏମ୍‌ପି ସମ୍ବିତ ପାତ୍ର ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ପ୍ରାରମ୍ଭରେ ଗୀତିକାର ବଦ୍ରି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ପ୍ରଦ୍ୟୁମ୍ନ କୁମାର ସାଥୁଆ, ଭରତ କୁମାର ନାୟକ, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ବିଦ୍ରୋହ କେଶରୀ ସିଂ, ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର ଓ ସୂଚନା -ପ୍ରଯୁକ୍ତିବିଦ୍ୟା ସମ୍ପାଦକ ରିତେଶ କୁମାର ମହାନ୍ତିଙ୍କ ସଞ୍ଚାଳନରେ ସମ୍ମାନିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରାର ସଫଳତା ପାଇଁ ରାଜଗୁରୁ, ଶ୍ରୀମନ୍ଦିର ପୁରୋହିତ, ପତି ମହାପାତ୍ର, ମଠାଧୀଶ, ମୁକ୍ତିମଣ୍ଡପ ସଭା, ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନର ସମସ୍ତ ଅଧିକାରୀ, ଛତିଶା ନିଯୋଗ ନାୟକ ପାଟଯୋଶୀ ଜନାର୍ଦ୍ଦନ ମହାପାତ୍ର, ଚାରି ଠାକୁରଙ୍କ ବାଡ଼ଗ୍ରାହୀ, ଦଇତା ନିଯୋଗ, ପୁଷ୍ପାଳକ ନିଯୋଗ, ସୁଆର-ମହାସୁଆର ନିଯୋଗ, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମାଧବ ପୂଜାପଣ୍ଡା ସାମନ୍ତ, ଛତିଶା ନିଯୋଗର ସମସ୍ତ ସଭାପତି, ସମ୍ପାଦକ, ରଥ ନିର୍ମାଣର ସମସ୍ତ ବିଶ୍ୱକର୍ମା, ଅନବସର ସମୟର ସେବକ, ରଥ ସର୍ଦ୍ଦାର, ରଥ ଭୋଇ, ଚିତ୍ରକର, କମାର ସେବକଙ୍କ ସମେତ ମାଉସୀ ମା'ଙ୍କ ସେବକ ବିଶ୍ୱନାଥ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚନ୍ଦ୍ରବିଜୟୀ ମିଶ୍ର, ଡ. ବିଶ୍ୱନାଥ ମିଶ୍ର, ଶ୍ୟାମପ୍ରକାଶ ସେନାପତି ଓ ଶିବସୁନ୍ଦର ମିଶ୍ର ପ୍ରମୁଖ ସଂଯୋଜନା କରିଥିଲେ। ଅନୁଷ୍ଠାନର ଉପସଭାପତି ଭରତ ନାୟକ ଧନ୍ୟବାଦ ଦେଇଥିଲେ।

## କେନ୍ଦୁଝରରୁ ଅଭିଯୁକ୍ତ ସହପାଠୀ ଗିରଫ

### କଲେଜ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ

ଗୋପ,୧୭।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ପ୍ରଥମେ ପ୍ରେମ ପରେ ମିଥ୍ୟା ପ୍ରଲୋଭନ ଦେଖାଇ ବିବାହ ପ୍ରତିଶ୍ରୁତି ଦେଇଥିଲେ ସହପାଠୀ। ମାତ୍ର ଅଳ୍ପଦିନ ପରେ ବିଭିନ୍ନ ଆଳ ଦେଖାଇ କଲେଜ ସହପାଠିନୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଥିଲେ ଅଭିଯୁକ୍ତ ଛାତ୍ର। ଏପରି ଘଟଣାରେ ଛନ୍ଦି ହୋଇଯାଇଥିବା ଛାତ୍ରୀ ଜଣକ କୌଣସି ବାଟ ନ ପାଇ ଗୋପ ଥାନାରେ ଅଭିଯୋଗ କରିବା ପରେ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ବୁଦ୍ଧରାୟ ମାଝୀ ଅଭିଯୁକ୍ତ ଛାତ୍ରଙ୍କ ଫୋନ୍ ଟ୍ରାକିଂ କରି ରବିବାର କେନ୍ଦୁଝର ଅଞ୍ଚଳରୁ ଗିରଫ କରିଛନ୍ତି। ଏପରି ଏକ ଅଭିଯୋଗରେ ଗୋପ ଥାନାରେ ମକଦ୍ଦମା ନମ୍ବର ୨୬୧/୨୫ ରୁଜୁ କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୨୦୨୨ ମସିହାରେ ଗୋପ ଥାନା ଅଞ୍ଚଳର ଜନୈକା ଛାତ୍ରୀ ନିମାପଡ଼ାର ଏକ ବେସରକାରୀ କଲେଜରେ +୨ ପଢୁଥିବା ବେଳେ କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଗ୍ରାମର ବିଶ୍ୱଜିତ ଗିରି(୨୨) ମଧ୍ୟ ହଷ୍ଟେଲରେ ରହି ପଢୁଥିଲେ। ସେହି ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ସୃଷ୍ଟି ହୋଇଥିଲା। କିଛିଦିନ ପରେ କୌଣସି କାରଣରୁ ଅଭିଯୁକ୍ତ ଜଣଙ୍କ ବ୍ଲାକମେଲ୍ କରିବା ସହ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରିଥିଲେ। ଶେଷରେ ଛାତ୍ରୀଙ୍କ ପରିବାର ପକ୍ଷରୁ ଗୋପ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସଙ୍ଗେସଙ୍ଗେ ଏକ ଟିମ୍ ଗଠନ କରି ଚମ୍ପୁଆ ଥାନା ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୋଲିସ ଅଭିଯୁକ୍ତ ଛାତ୍ରଙ୍କ ମୋବାଇଲ ଫୋନ୍ ସହ ଆଉ କେତେକ ସାମଗ୍ରୀ ଜବତକରି ତଦନ୍ତ ଆରମ୍ଭ କରିଛି। ସୋମବାର ଅଭିଯୁକ୍ତ ଛାତ୍ରଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

୭ ଜଣଙ୍କ ବିରୋଧରେ ମାମଲା ରୁଜୁ

ନିମାପଡ଼ା,୧୭।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ଶାସନ ପଞ୍ଚାୟତ ବ୍ରାହ୍ମଣପଡ଼ା ଗ୍ରାମରେ ପାରିବାରିକ ବିବାଦ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଶନିବାର ଗଣ୍ଡଗୋଳ ଓ ମାର୍‌ପିଟ ହୋଇଛି। ଏଥିରେ ଉଭୟ ପରିବାରର ଉମେଶ ବେହେରା ଓ ବିଭୂତି ବେହେରା ପ୍ରମୁଖ ଦୁଇଜଣ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଗୋଟିଏ ପରିବାରର ଉମେଶ ବେହେରା ଗଣ୍ଡଗୋଳକାରୀ ବିଭୂତି ବେହେରା, ଝୁନା ବେହେରା, ମାମୁନି ବେହେରା ପ୍ରମୁଖ ୩ ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବାବେଳେ ଅନ୍ୟ ପରିବାରର ଝୁନା ବେହେରା ଗଣ୍ଡଗୋଳକାରୀ ଉମେଶ ବେହେରା, ତପନ ବେହେରା, ରଞ୍ଜନ ବେହେରା ଓ ନାଣ୍ଟୁ ବେହେରା ପ୍ରମୁଖ ୪ ଜଣଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ୭ ଜଣଙ୍କ ବିରୋଧରେ କେସ୍ ନଂ.୨୬୦/୨୫, ୨୬୧/୨୫ରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାକୁ ନେଇ ଉକ୍ତ ଦୁଇ ପରିବାର ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି। ଗଣ୍ଡଗୋଳରୁ ନିବୃତ୍ତ ରହିବାକୁ ପୋଲିସ ଉଭୟ ପରିବାରକୁ କଡ଼ା ତାଗିଦ କରିଛି।

### 'ସନାତନ ଧର୍ମରକ୍ଷାରେ ସନ୍ଥମାନଙ୍କ ଭୂମିକା' ନେଇ ଆଲୋଚନା

ପୁରୀ,୧୭।୮ (ଅଜିତ୍ କୁମାର ମହାନ୍ତି)

ଅନ୍ନପୂର୍ଣ୍ଣା ଚାରିଟେବଲ ଟ୍ରଷ୍ଟ ଓ ସମାଜ ବିକାଶ କେନ୍ଦ୍ର ପକ୍ଷରୁ ଜନ୍ମାଷ୍ଟମୀ ଓ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପ୍ରାକ୍ତନ ଉପାଧ୍ୟକ୍ଷ ଡ. ଶଙ୍କର୍ଷଣ ଦାଶ, ମୁଖ୍ୟବକ୍ତା ଭାବେ ବେଦ କର୍ମକାଣ୍ଡର ଅଧ୍ୟକ୍ଷା ଡ. ହରପ୍ରିୟା ଦାଶ, ଅନୁଷ୍ଠାନର ପ୍ରତିଷ୍ଠାତା ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ 'ସନାତନ ଧର୍ମ ରକ୍ଷାରେ ସନ୍ଥମାନଙ୍କ ଭୂମିକା' ଉପରେ ଆଲୋଚନା କରାଯାଇଥିଲା। ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ତ୍ୟାଗ, ଧର୍ମ ରକ୍ଷା, ସମାଜ ପାଇଁ କଲ୍ୟାଣକାରୀ ଯୋଜନା ସହ ଅନେକ ଦିଗ ଉପରେ ଡ. ଆଚାର୍ଯ୍ୟ ଆଲୋଚନା କରିଥିଲେ। ଏଥିରେ ପୁରୀ ସହରର ବରିଷ୍ଠ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ସାହୁ, କାର୍ତ୍ତିକ ଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ଉପାଧ୍ୟାୟ, ବିଭୁଦତ୍ତ ମିଶ୍ର, ଦୋଳଗୋବିନ୍ଦ ପଣ୍ଡା, ସନ୍ତୋଷ ଖୁଣ୍ଟିଆ, ବୁଲୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ, ଛବି ମହାରଣା, କୈଳାସ ସାହୁ, ପ୍ରଦୀପ ବରାଳ, ରାଜ ତ୍ରିପାଠୀ, ଦୁଃଖିଶ୍ୟାମ ମହାରଣା, ପଣ୍ଡିତ ହରିଶଙ୍କର ମିଶ୍ର, ଡ. ଗୋବିନ୍ଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦିକା ଅନ୍ନପୂର୍ଣ୍ଣା ପାଣି ଧନ୍ୟବାଦ ଦେଇଥିଲେ।

## ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ, ଜନ୍ମାଷ୍ଟମୀ ଉତ୍ସବ



ଅତିଥିମାନଙ୍କ ଗହଣରେ କୃଷ୍ଣବେଶଧାରୀ କୁନି ପ୍ରତିଯୋଗୀ।

ନିମାପଡ଼ା,୧୭।୮ (ବିଚିତ୍ରାନନ୍ଦ ସାହୁ)

ବିଶ୍ୱହିନ୍ଦୁ ପରିଷଦ ନିମାପଡ଼ା ପ୍ରଖଣ୍ଡର ପ୍ରତିଷ୍ଠା ଦିବସ ଓ ଜନ୍ମାଷ୍ଟମୀ ଉତ୍ସବ, ଧର୍ମସଭା, ପୁରସ୍କାର ବିତରଣ ସମାରୋହ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅନନ୍ତରାମ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବର ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ରିଜିଓନାଲ କଲେଜର ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ସାମନ୍ତରାୟ, ବିଶ୍ୱ ହିନ୍ଦୁ ପରିଷଦ ପୁରୀ ଜିଲା ସଭାପତି ରାଜେନ୍ଦ୍ର ପ୍ରସାଦ ମହାନ୍ତି, ସମ୍ପାଦକ ରଘୁନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ପ୍ରଖଣ୍ଡର ସଭାପତି ସୀମାନ୍ତ ଶେଖର ରଥ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କ ମଧ୍ୟରେ ତର୍କ, ଗୀତାବୃତ୍ତି, ଚିତ୍ରାଙ୍କନ, ସଙ୍ଗୀତ, କୃଷ୍ଣବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୧୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ୭୨ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ପରିଷଦ ପକ୍ଷରୁ ଏକ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ଜିଲା ଉପସଭାପତି ଶରତ ସେନାପତି, ଜିଲା ସଂଯୋଜକ ଶାନ୍ତନୁପାଣ୍ଡେ, ଜ୍ୟୋତିରଞ୍ଜନ ଛୋଟରାୟ, ବଜରଙ୍ଗ ଦଳର ସଂଯୋଜକ ରଞ୍ଜନ ପ୍ରଧାନ, ରଞ୍ଜନ ନାୟକ, ତପନ ପ୍ରଧାନ, ନୀହାର ମହାରଣା, ବାମଦେବ ବେହେରା ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

## ଶୌଚହେବାକୁ ଯାଇ ପାଣିରେ ପଡ଼ି ଯୁବକ ମୃତ

ବଳଙ୍ଗା,୧୭।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ କୋଠକୁସାଙ୍ଗ ପଞ୍ଚାୟତ ଅଧୀନ କୋଠକୁସାଙ୍ଗ ବେହେରାସାହି ଗ୍ରାମର ଜଣେ ଯୁବକ ରବିବାର ଶୌଚହେବାକୁ ଯାଇ ସଫେଇ ପାଣିରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ କୋଠକୁସାଙ୍ଗ ବେହେରାସାହିର ରାମଚନ୍ଦ୍ର କାଣ୍ଡିଙ୍କ ପୁଅ ନବକିଶୋର (୨୨)। ନବକିଶୋର ଗାଁମୁଣ୍ଡରେ ଥିବା ମଲାଡାହାଣ ଗାଡ଼ିଆକୁ ଶୌଚହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ସଫେଇ ଭିତରକୁ ଖସିପଡ଼ିଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ଘରଲୋକେ ଖୋଜାଖୋଜି ପରେ ସଫେଇରେ ପଡ଼ିଥିବା ଦେଖି ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବଳଙ୍ଗା ପୋଲିସ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି।

## ପ୍ରାଚୀଗୁରୁ ଧର୍ମକ୍ଷେତ୍ରରେ ଜନ୍ମାଷ୍ଟମୀ, ନନ୍ଦୋତ୍ସବ



ନନ୍ଦୋତ୍ସବ ଅବସରରେ ଗୀତିନାଟ୍ୟ ପରିବେଷଣ କରାଯାଉଛି ।

ଯୋଗେଶ୍ୱରପୁର,୧୭।୮ (ରଶ୍ମିରଞ୍ଜନ ସାହୁ)

ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୀ ଜିଲା ନୟାହାଟସ୍ଥିତ ପ୍ରାଚୀଗୁରୁ ଧର୍ମକ୍ଷେତ୍ର ପରିସରରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଭଗବାନ୍ ଶ୍ରୀକୃଷ୍ଣ ଜନ୍ମ ଉତ୍ସବରେ ସ୍ଥାନୀୟ ନିପାଣିଆଗଡ଼, ମଧୁବନ, ଧୂମାଳ, ନରସିଂହପୁର ଓ ନୟାହାଟର ଶତାଧିକ ଶ୍ରଦ୍ଧାଳୁ ଆଶ୍ରମ ଆସି ଭଗବାନ ଶ୍ରୀକୃଷ୍ଣଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ରାତିରେ କୃଷ୍ଣଜନ୍ମ ଅଧ୍ୟାୟ ପଠନ ପରେ ସମସ୍ତଙ୍କୁ ଭୋଗ ବଣ୍ଟାଯାଇଥିଲା। ପରଦିନ ନନ୍ଦ ଉତ୍ସବରେ ସମସ୍ତ ଦେବଦେବୀଙ୍କୁ ପୂଜା ପରେ ବାଲ୍ୟସେବା ନୀତି କରାଯାଇଥିଲା। ଶଙ୍ଖ ଧ୍ୱନି, ହରିବୋଲ, ହୁଳହୁଳିରେ ବାଲ୍‌ଗୋପାଳ ପ୍ରଭୁଙ୍କୁ ପ୍ରଥମେ କଦମ୍ବ ଗଛ ପରିକ୍ରମା କରିଥିଲେ। ଏହାପରେ ଝୁଲଣ ମଣ୍ଡପ ବେଦିକୁ ଅଣାଯାଇ ସେଠାରେ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ରଚିତ ବାଲ୍‌ଗୋପାଳ ଆବାହନ ଗୀତ, ବାତ୍ସଲ୍ୟ ମମତା ଗୀତକୁ ବାବାଜୀ ଦାମୋଦର ଦାସ, ବାବାଜୀ ଅକ୍ଷୟ କୁମାର ଦାସ, ବାବାଜୀ ଦିବ୍ୟକୃଷ୍ଣ ଦାସ, ସେବିକା ସବିତା ଦାସଙ୍କ ସମେତ ସମସ୍ତ ମା' ଗାନ କରିଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ନନ୍ଦୋତ୍ସବ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା।

## ଆଜି ଶ୍ରୀମନ୍ଦିରରେ ବଣଭୋଜି, କୋଳିବିକା ନୀତି

ପୁରୀ,୧୭।୮ (ଅଜିତ୍ କୁମାର ମହାନ୍ତି)

ଭ୍ରାଦବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମ ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଦଶମୀ ତିଥି ସୋମବାର ଅବସରରେ ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରମାନଙ୍କ ବଣଭୋଜି ବେଶ ଅନୁଷ୍ଠିତ ହେବ। କୋଳିବିକା ନୀତି ସହ ବକାସୁର, ଅର୍ଘାସୁର ବଧ ନୀତି ସମ୍ପନ୍ନ ହେବ। ମଧ୍ୟାହ୍ନ ଧୂପ ପରେ ବଣଭୋଜି ବେଶ ପାଇଁ ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଦୁଇଟି ଅଞ୍ଜାମାଳ ଲାଗି ହେବ। ମଧ୍ୟାହ୍ନ ଧୂପ ପରେ ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳକୁ ଦକ୍ଷିଣ ଘରକୁ ବିଜେ କରାଯିବ। ଦକ୍ଷିଣ ଘରେ ରାମକୃଷ୍ଣଙ୍କୁ ଏହି ଦୁଇଟି ଆଜ୍ଞାମାଳ ଲାଗିହେବା ପରେ ବଟଦ୍ୱାର ପାଖରେ ଥିବା ପାଲଙ୍କିରେ ଅଧିଷ୍ଠିତ ହୋଇ ବିମାନବଡୁ ସେବକମାନେ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ବଡ଼ଛତା ମଠ ସମ୍ମୁଖରେ ସଜା ଯାଇଥିବା କାଠ ସିଂହାସନରେ ବିଜେ କରିବେ। ସେଠାରେ ଠାକୁରଙ୍କ କୋଳିବିକା ନୀତି ଅନୁଷ୍ଠିତ ହେବ। କୋଳିବିକା ନୀତି ସରିବା ପରେ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ରୂଢ଼ ଶ୍ରୀବିଗ୍ରମାନଙ୍କୁ ବଣଭୋଜି ବେଶରେ ଭୂଷିତ କରାଇବେ। ଏହି ବେଶର ମହାପ୍ରଭୁଙ୍କୁ ୧୮ ପ୍ରକାର ଅଳଙ୍କାର ଲାଗି କରାଯିବ। ଶ୍ରୀବିଗ୍ରହଙ୍କୁ ସୋଲ, ବେତ, କନା, ଜରିରେ ନିର୍ମିତ ସ୍ୱର୍ଣ୍ଣ କିଆ ଶ୍ରୀମସ୍ତକ ଚୂଳରେ ଖୋସାଯାଇ ବେଶ କରାଯିବ। ଏଥିସହ ବେଶରେ ରତ୍ନସିଂହାସନ ଉପରେ ଦୁଇଟି ଲେଖାଏଁ ଗାଈ ବାଛୁରୀ (କାଷ୍ଠ ନିର୍ମିତ) ଦଣ୍ଡାୟମାନ ରହିବେ। ବେଶରେ ଠାକୁରମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖୁଆପେଡ଼ାର ମାଳି ଧାରଣ କରିବେ। ପାଟଯୋଶୀ ମହାପାତ୍ରଙ୍କ ଘରୁ ଏହି ଖୁଆପେଡ଼ା ଯୋଗାଇ ଦିଆଯାଇଥାଏ। ପୁରାଣ ଏବଂ ପରମ୍ପରା ମୁତାବକ ଶ୍ରୀକୃଷ୍ଣ ବଳରାମଙ୍କ ବାଲ୍ୟଲୀଳାରେ ଗାଈବାଛୁରୀ ନେଇ ବଣ ଭୋଜିକୁ ଯିବା ଘଟଣା ଆଧାରରେ ଶ୍ରୀମନ୍ଦିରରେ ଏହି ବଣଭୋଜି ବେଶ ପାଳନ ହେଉଥିବା ଲୋକ ବିଶ୍ୱାସ ରହିଛି।

## ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ

କୋଣାର୍କ,୧୭।୮ (ଜ୍ୟୋତିରାଜ ମହାନ୍ତି)

ପବିତ୍ର ଭାଦ୍ରବ କୃଷ୍ଣପକ୍ଷ ନବମୀ ତିଥି ତଥା ସିଂହ ସଂକ୍ରାନ୍ତି ଅବସରରେ ଧାର୍ମିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ 'କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ' ପକ୍ଷରୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ସୂର୍ଯ୍ୟ ଆଳତି ଓ ସୂର୍ଯ୍ୟନାରାୟଣଙ୍କ ପୂଜାର୍ଚ୍ଚନା ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଜିକାନୁଯାୟୀ, ପ୍ରତ୍ୟୁଷ ୫ଟା ୩୧ରେ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ଘଣ୍ଟ ସଙ୍କୀର୍ତ୍ତନ, ସୂର୍ଯ୍ୟ ପୂଜା ଓ ସୂର୍ଯ୍ୟ ବନ୍ଦାପନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଦିତ୍ୟ ନାରାୟଣ ପ୍ରଭୁ ସୂର୍ଯ୍ୟ ଦେବ ମହୋଦଧି କୋଳରୁ ଉଦୟ ହେବା ପରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ହୁଳହୁଳି ଓ ହରିବୋଲ ଧ୍ୱନିରେ ସୂର୍ଯ୍ୟ ଆଳତି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୟ ବରାଳ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ଅଗ୍ନିଶମ ଅଧିକାରୀ ବିଚିତ୍ର ଚୌଧୁରୀ, ପ୍ରସନ୍ନ ତ୍ରିପାଠୀ, ପ୍ରତାପ ରାଉତ, ଏମ୍‌ପିଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି ଓ ସୁକାନ୍ତ କୁମାର ନାଏକ, ପଞ୍ଚାନନ ବରାଳ, ନିରଞ୍ଜନ ତ୍ରିପାଠୀ, ବିନାୟକ ସାଇଁ, ବାମଦେବ ଆଲୁକ, ପ୍ରଦୀପ ଶତପଥୀ, ବିଜୟ ପାଢ଼ୀଙ୍କ ସମେତ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେପ୍ଟେମ୍ବର ୨୧(ରବିବାର) ପରବର୍ତ୍ତୀ ମାସିକ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ ବୋଲି ଆୟୋଜକ ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ପ୍ରକାଶ କରିଛନ୍ତି।




ଟ୍ରଷ୍ଟର କର୍ମକର୍ତ୍ତାମାନେ ସୂର୍ଯ୍ୟଆଳତି କରୁଛନ୍ତି ।

## ଫଟୋରେ ଖବର








ପୁରୀର ବିଭିନ୍ନ ମଠରେ ଅନୁଷ୍ଠିତ ନନ୍ଦୋତ୍ସବ ଅବସରରେ କୃଷ୍ଣ ବଳରାମ ବେଶରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଉଛନ୍ତି । ପୁରୀ ଘୋଡାବଜାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଜନ୍ମାଷ୍ଟମୀ ଅବସରରେ କୃଷ୍ଣ ବେଶରେ ବିଦ୍ୟାଳୟର ଶିଶୁମାନେ । ପୁରୀ ହରଚଣ୍ଡୀ ସାହି ଶିଶୁ ମନ୍ଦିରର ଶିଶୁମାନେ କୃଷ୍ଣ ବେଶ ଧାରଣ କରିଛନ୍ତି ।

**ଲଉଡି ନୃତ୍ୟ ସହ ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଅବସରରେ ଲଉଡି ନୃତ୍ୟ, ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟା ମନ୍ଦିରର ୬୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହାଛଡା ରାଧା କୃଷ୍ଣ ବେଶରେ ପିଲାମାନେ ନୃତ୍ୟ କରିଥିଲେ। ଉପଦେଷ୍ଟା ପ୍ରଫୁଲ୍ଲ କର, ସନ୍ତୋଷ କୁମାର ତ୍ରିପାଠୀ, ପରିଚାଳନା କମିଟି ଉପସଭାପତି ସଞ୍ଜୁକ୍ତା ମହାରଣା, ଗୌରାଙ୍ଗ ତରାଇ, ହୃଷୀକେଶ ଜେନା, ପ୍ରଭାତ ମଲ୍ଲିକ, ଡା.ମନୋରଞ୍ଜନ ମହାପାତ୍ର, ନବଘନ ରାଉତ, ବିଭୂତି ଭୂଷଣ ଜେନା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶୃଙ୍ଖଳିତ ପୂଜା, ଭସାଣି ସମ୍ପନ୍ନ ଉପରେ ଗୁରୁତ୍ୱ

## କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ପ୍ରସ୍ତୁତି

କଟକ,୧୭।୮(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ଦୁର୍ଗାପୂଜା ଓ ଭସାଣି ଉତ୍ସବର ପ୍ରସ୍ତୁତି ସଭାରେ ଉପସ୍ଥିତ ଅତିଥି।

ବିଦ୍ୟାଧରପୁର ପୂଜା କମିଟି ଆନୁକୂଲ୍ୟରେ ରବିବାର ଦ୍ୱାରିକାମୟୀ ସାଇ ମନ୍ଦିରରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣି ଉତ୍ସବର ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମେୟର ସୁବାସ ସିଂ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ, ଆରକ୍ଷୀ ଆୟୁକ୍ତ କଟକ-ଭୁବନେଶ୍ୱର ସୁରେଶ ଦେବଦତ୍ତ ସିଂ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ଅତିରିକ୍ତ ଉପଆୟୁକ୍ତ ଦେବଦତ୍ତ କର, ଅମରେନ୍ଦ୍ର ପଣ୍ଡା, ସୁଦର୍ଶନ ଦାଶ, ଆରତୀ ଗିରି ଓ କ୍ଷୀରସାଗର ନାୟକ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, କଂଗ୍ରେସ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ, ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, କଂଗ୍ରେସ କଟକ ନଗର ସଭାପତି ସୁରେଶ ମହାପାତ୍ର, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସମ୍ପାଦକ ଅମରେନ୍ଦୁ ମହାନ୍ତି, ପ୍ରଶାନ୍ତ ମହାରଣା, ବିଦ୍ୟାଧରପୁର ପୂଜା କମିଟି ସଭାପତି ପ୍ରଶାନ୍ତ ମହାରଣା, ସମ୍ପାଦକ ସୁନୀଲ କୁମାର ପଣ୍ଡା ଯୋଗଦେଇଥିଲେ। ସଭାରେ କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ନିମ୍ନଲିଖିତ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଚଳିତବର୍ଷ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଶାରଦୀୟ ପାର୍ବଣ ଉତ୍ସବ ପାଳନ କରାଯିବ। ଏକାଦଶୀ ତିଥି ତଥା ଅକ୍ଟୋବର ୩ (ଶୁକ୍ରବାର)ରେ ଭସାଣି ଉତ୍ସବ ପାଳନ କରାଯିବ। ମେଢ଼ ଶୋଭାଯାତ୍ରା ଯାତାୟାତ ନିମନ୍ତେ ଚଳିତବର୍ଷ ୨୦୨୨ର ଉଭୟ ଶାନ୍ତି କମିଟିର ମିଳିତ ନିଷ୍ପତ୍ତି ଅନୁଯାୟୀ ଭସାଣି ଯାତ୍ରା ପରିଚାଳିତ ହେବା ପାଇଁ ଅନୁରୋଧ କରାଯାଇଛି। ଭସାଣି ଉତ୍ସବରେ ପୂର୍ବାଞ୍ଚଳସ୍ଥିତ ସମସ୍ତ

**ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଶାରଦୀୟ ପାର୍ବଣ ଉତ୍ସବ**

ମେଢ଼ ଶୋଭାଯାତ୍ରାରେ ପୂର୍ବାହ୍ନ ୧୧ଟାରେ ନିଜ ଅଞ୍ଚଳ ପରିକ୍ରମା ସାରି ମୁଖ୍ୟ ରାସ୍ତାରେ ସାମିଲ ହେବା ପାଇଁ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯାଇଛି। ଚଳିତବର୍ଷ ପୂର୍ବାଞ୍ଚଳସ୍ଥିତ ସମସ୍ତ ପୂଜା କମିଟିର ଶୋଭାଯାତ୍ରାକାରୀମାନେ ନିଶା, ମାଦକ ଦ୍ରବ୍ୟ ସେବନ ନ କରି ଶୋଭାଯାତ୍ରା ବାହାର କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଇବା, ତୋରଣ ଓ ସାଂସ୍କୃତିକ ମଞ୍ଚ ନିର୍ମାଣ ନିମିତ୍ତ କଟକ ମହାନଗର ନିଗମରେ ଦାଖଲ ଅର୍ଥ ପରିମାଣ ସମ୍ପୂର୍ଣ୍ଣ ରୂପେ ଛାଡ଼ କରିବ। ମହାଷଷ୍ଠୀରୁ ବିଜୟା ଦଶମୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ରାତି ୧୨ଟା ଯାଏଁ ଡାକବାଜି ଯନ୍ତ୍ର ବ୍ୟବହାର କରିବା ସହ ଭସାଣି ଦିନ ସାରା ରାତି ପାରମ୍ପରିକ ବାଦ୍ୟ ବ୍ୟବହାର କରିବା ପାଇଁ ଅନୁମତି ଦେବା। ଦେବୀଗଡାରେ ମୂର୍ତ୍ତି ବିସର୍ଜନ ପାଇଁ ସିଏମ୍‌ସି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ଭଳି ବିଭିନ୍ନ ପ୍ରସ୍ତାବକୁ ଗୃହୀତ କରାଯାଇଥିଲା। ଅନ୍ୟପଟେ ମେୟର ସିଂ କହିଛନ୍ତି, ପୂଜାର ୧୫ ଦିନ ପୂର୍ବରୁ ସମସ୍ତ ରାସ୍ତାଘାଟ ମରାମତି କରାଯିବା, ମୁଖ୍ୟତଃ କେବୁଲଗୁଡିକ ସମସ୍ୟା ସର୍ବଦା ରହି ଆସୁଥିବାବେଳେ ଚଳିତଥର ତାଙ୍କୁ ଆଉ ସୁଯୋଗ ଦିଆଯିବ ନାହିଁ। ଏଥର ତାଗିଦ ନୁହେଁ ବରଂ ସିଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଂ କହିଛନ୍ତି। ସଭାରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ରାଜ୍ୟ ସରକାର, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ କଟକ ମହାନଗର ନିଗମକୁ ସମସ୍ତ ସହଯୋଗ କରିବାକୁ ନିଷ୍ପତ୍ତି କର୍ମକର୍ତ୍ତାମାନେ ଶପଥ ନେଇଥିଲେ। ବିଦ୍ୟାଧରପୁର ପୂଜା କମିଟି ସମ୍ପାଦକ ସୁନିଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଫରେଷ୍ଟ ଥିମ୍‌ରେ ୭ ଫୁଟ୍ ଉଚ୍ଚର ଗଣେଶ ମୂର୍ତ୍ତି

କଟକ,୧୭।୮(ଶିଳ୍ପା ପ୍ରିୟଦର୍ଶିନୀ)

**ଦାଶ ସାହି ଯୁବକ ସଂଘ**

ପାଖେଇ ଆସୁଛି ଗଣେଶ ପୂଜା। ଚଳଚଞ୍ଚଳ ହୋଇ ଉଠିଲାଣି କଟକ ସହର। ଏହି ଅବସରରେ କଟକ ଶଙ୍କରପୁର ଦାଶ ସାହି ଯୁବ ସଂଘ ପକ୍ଷରୁ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଜକୁ ୨୫ବର୍ଷ ହେବ ଏହି କ୍ଲବରେ ପୂଜା କରାଯାଇ ଆସୁଥିବାବେଳେ ସଂଘରେ ୩୦ଜଣ ସଦସ୍ୟ ରହିଛନ୍ତି। ସଭାପତି ଯୁବରାଜ ଇନ୍ଦ୍ରଜିତଙ୍କ ସୂଚନା ମୁତାବକ, ଚଳିତବର୍ଷ ପୂଜା ପାଇଁ ୨ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। କ୍ଲବରେ ୭ଫୁଟ୍ ଉଚ୍ଚତା ବିଶିଷ୍ଟ ଫରେଷ୍ଟ ଥିମ୍‌ରେ ଗଣେଶ ପ୍ରତିମା ପୂଜା କରାଯିବ ଏହାସହ ସମ୍ପୂର୍ଣ୍ଣ ପେଣ୍ଡାଲକୁ ଏହି ଥିମ୍‌ରେ ସଜାଯିବ। ସମସ୍ତ ଅଞ୍ଚଳକୁ ଆଲୋକମାଳାରେ ସଜାଯିବ। ପୂଜାରେ ୨ କୁଇଣ୍ଟାଲ ଲଡୁ ଭୋଗ କରାଯିବା ସହ ଖିରି ଭୋଗ କରାଯାଇ ବଣ୍ଟା ଯିବ। ପୂଜାଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯିବ। ୩୧ ତାରିଖରେ ଠାକୁରଙ୍କୁ ବିସର୍ଜନ କରାଯିବ। ଭସାଣିରେ ଯାଜପୁର ଅଞ୍ଚଳରମା ତାରିଣୀ ମ୍ୟୁଜିକାଲ ଗ୍ରୁପ୍ ବ୍ୟାଣ୍ଡ ପାର୍ଟି ଓ ପାରମ୍ପରିକ ବାଦ୍ୟରେ ଯାତ୍ରା କରାଯିବ।



**ସଂକ୍ଷେପରେ**

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ମଙ୍ଗୁଳି-ଜଗତପୁର,୧୭।୮(ମାନସ ସାମଲ)

ଯୁବକଙ୍କୁ ଗାଳିଗୁଲଜ ଓ ହତ୍ୟା ଉଦ୍ଦେଶ୍ୟରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଜଣେ ଯୁବକଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ରବିବାର କୋର୍ଟ କରିଛି। ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅଧୀନ ମାଧପୁର ଗ୍ରାମର ଚରଣ ବାରିକ (୩୪)। ପୋଲିସ ସୂଚନା ମୁତାବକ, ସ୍ୱାଧୀନତା ଦିବସରେ ମାଧପୁର ଗ୍ରାମର ସନ୍ତୋଷ ସ୍ୱାଇଁ ନିଜ ଗ୍ରାମବାସୀଙ୍କ ସହ ଉପସ୍ଥିତ ଥିବା ବେଳେ ହଠାତ ଚରଣ ସେଠାରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ସାଙ୍ଗରେ ଆଣିଥିବା ଏକ ଲୁହ ରଡରେ ଆକ୍ରମଣ କରିଥିଲେ। ଫଳରେ ସନ୍ତୋଷଙ୍କ ମୁଣ୍ଡରେ ଗଭୀର ଆଘାତ ଲଗିଥିଲା। ସନ୍ତୋଷଙ୍କ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୬୨/୨୫)ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଭାରସାମ୍ୟ ହରାଇ କେନାଲକୁ ଖସିପଡ଼ିଲା ବାଇକ୍

**ମାଛଗାଁ କେନାଲ ବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା**



କଟକ ସଦର,୧୭।୮(ସୁଶାନ୍ତ କୁମାର ଜେନା)

କଟକ ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ମାଛଗାଁ କେନାଲ ବନ୍ଧ ପ୍ରଧାନ ମନ୍ତ୍ରୀ ସଡ଼କରେ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ହାଲୁକା ଓ ଭାରିଯାନ ଚଳାଚଳ କରୁଛି। ତେଣୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ରବିବାର ସନ୍ଧ୍ୟାରେ ବମୁରି ନିକଟରେ ଥିବା ଏକ ବଡ଼ ଖାଲରେ ଏକ ବାଇକ ଭାରସାମ୍ୟ ହରାଇ ଖସି ପଡିଥିଲା। ଫଳରେ ବାଇକ୍ ଭାସି ଯାଇଥିଲା। ୨ ଆରୋହୀ ପହଁରି ଜୀବନ ରକ୍ଷା କରିଥିଲେ। ଏହି ରାସ୍ତା ୨ ବର୍ଷ ହେବ ମରାମତି ହୋଇନାହିଁ। ଅନ୍ୟପକ୍ଷରେ କଟକ-ପାରାଦୀପ ରାସ୍ତାର କନ୍ଦର ପୁର ଲେଭଲ କ୍ରସିଂ ପ୍ରତି ୧୫ ମିନିଟରେ ବନ୍ଦ ହେଉଥିବାରୁ ଲୋକମାନେ ସମୟ ବଞ୍ଚାଇବା ପାଇଁ କେନାଲ ବନ୍ଧ ରାସ୍ତାରେ ଯିବାଆସିବା କରିଥାନ୍ତି। ମରଣଯନ୍ତା ରାସ୍ତା ୭ ଦିନ ମଧ୍ୟରେ ମରାମତି କରା ନ ଗଲେ ରାସ୍ତା ରୋକୋ କରାଯିବ ବୋଲି ଯୁବନେତା ଦୀପକ ବେହେରା ଚେତାବନୀ ଦେଇଛନ୍ତି।


ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥିରେ ଭେଲଭ୍ୟୁ ଛକରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିବା ବ୍ୟକ୍ତିମାନେ। (ଫଟୋ: ରାଜକିଶୋର ମହାନ୍ତି)

# ଅଧ୍ୟକ୍ଷ-ଅଧ୍ୟାପକଙ୍କ କଥା କଟାକଟି, ଉଭୟ ଥାନାର ଦ୍ୱାରସ୍ଥ

ଖୁଣ୍ଟୁଣୀ,୧୭।୮(ସଚ୍ଚିଦାନନ୍ଦ ପଣ୍ଡା)

**ଗୁରୁଡ଼ିଝାଟିଆ କଲେଜ**

ଗୁରୁଡ଼ିଝାଟିଆ କଲେଜରେ ଅଧ୍ୟକ୍ଷ-ଅଧ୍ୟାପକଙ୍କ ବିବାଦ ସମାଧାନ ହେବାର ନାଁ ଧରୁନି। ଗତବର୍ଷଠାରୁ ଅଧ୍ୟକ୍ଷଙ୍କ ସହିତ କେତେଜଣ ଅଧ୍ୟାପକଙ୍କ ବିବାଦ ଏପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବା ବେଳେ ଶନିବାର ପୁଣି ଅଧ୍ୟକ୍ଷଙ୍କ ପାଠପଢ଼ାକୁ ନେଇ କଲେଜ ଅଧ୍ୟକ୍ଷ ଅଶୋକ କୁମାର ସାମନ୍ତରାୟ ଓ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଶାନ୍ତ କୁମାର ମହାନ୍ତିଙ୍କ ମଧ୍ୟରେ କ୍ଲାସ ରୁମ ଆଗରେ ଯୁକ୍ତିତର୍କ ଏବଂ ଗୋଇଠା ଉଠାଉଠି ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ଘଟଣାରେ ଉଭୟ ଅଧ୍ୟକ୍ଷ ସାମନ୍ତରାୟ ଓ ଅଧ୍ୟାପକ ମହାନ୍ତି ଥାନାରେ ପରସ୍ପର ବିରୋଧରେ ପୃଥକ ଭାବେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପ୍ରାପ୍ତ ଖବରରୁ ପ୍ରକାଶ ଯେ ଶନିବାର ଅଧ୍ୟକ୍ଷ ପୂର୍ବାହ୍ନ ୧୦ଟା ୩୦ରୁ ୧୧ଟା ମଧ୍ୟରେ ଏକ କ୍ଲାସରେ ପଢ଼ାଉଥିଲେ। ଏହି ସମୟରେ ଅଧ୍ୟାପକ ମହାନ୍ତି ସେହି ବାଟ ଦେଇ ତାଙ୍କ କ୍ଲାସ ରୁମକୁ ଯାଉଥିଲେ। ଅଧ୍ୟାପକ ମହାନ୍ତି କିଛି ସମୟ ପରେ ପୁଣି ଫେରିଆସି ଅଧ୍ୟକ୍ଷଙ୍କ କ୍ଲାସ ରୁମ ଭିତରକୁ ଚାହିଁ ଯିବାରୁ ଅଧ୍ୟକ୍ଷ କାଳେ ତାଙ୍କୁ ଅଧ୍ୟାପକ ମହାନ୍ତି ପଢ଼ା ଚେକ କରୁଛନ୍ତି ବୋଲି କ୍ଲାସ ରୁମରୁ ବାହାରୁ ଆସି ଅଧ୍ୟାପକ ମହାନ୍ତିଙ୍କୁ ପାଟି କରି ତୁମେ ମୋତେ ପଢ଼ା ଚେକ କରୁଛ ବୋଲି କହିବାରେ ମହାନ୍ତି ମୋତେ କିଏ କ୍ଷମତା ଦେଲା ମୁଁ ଆପଣଙ୍କ ପଢ଼ାକୁ ଚେକ କରିବି କାହିଁକି ବୋଲି କହିଥିଲେ। ଅଧ୍ୟକ୍ଷ ସାମନ୍ତରାୟ ରାଗିଯାଇ ମହାନ୍ତିଙ୍କୁ କଡା ଭାଷାରେ ବଡ଼ପାଟିରେ ତାଗିଦ କରିବାରୁ ଉଭୟଙ୍କ ମଧ୍ୟରେ ହାତ ଉଠାଉଠି ପର୍ଯ୍ୟନ୍ତ କଥା ଚାଲି ଯାଇଥିଲା। ପରେ ଅଧ୍ୟକ୍ଷ ଉପଜିଲାପାଳଙ୍କୁ ଭେଟି ସମସ୍ତ କଥା କହିଥିଲେ ଏବଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷେ ଅଧ୍ୟାପକ ମହାନ୍ତି ମଧ୍ୟ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଭେଟି ତାଙ୍କ ଅଭିଯୋଗ ପ୍ରକାଶ କରିଥିଲେ ଏବଂ ଥାନାରେ ଲିଖିତ ଅଭିଯୋଗ କରିଥଲେ।

# ଚୌଦ୍ୱାର କଲେଜର ପ୍ରତିଷ୍ଠା ଦିବସ ପାଳିତ

ଚୌଦ୍ୱାର,୧୭।୮(ଆଶୁତୋଷ ଦାସ)

ଚୌଦ୍ୱାର କଲେଜର ୪୭ତମ ପ୍ରତିଷ୍ଠା ଉତ୍ସବ ଶନିବାର କଲେଜର ଗୋପବନ୍ଧୁ କକ୍ଷରେ ପାଳିତ ହୋଇଯାଇଛି। କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ର ସଂସଦ ସଭାପତି ବିବେକାନନ୍ଦ ଜେନା ଅଧ୍ୟକ୍ଷତା କରି କଲେଜରୁ ବିଦାୟ ନେଇଥିବା ଛାତ୍ରୀଛାତ୍ର ଆଗାମୀ ଦିନରେ ସଂସଦରେ ଯୋଗଦେବା ପାଇଁ ନିବେଦନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ପୁରାତନ ଛାତ୍ର ସଂସଦ କଲେଜର ଏକ ଅବିଚ୍ଛେଦ ଅଙ୍ଗ ସଦୃସ୍ୟ ଏବଂ କଲେଜର ସମୂହ ବିକାଶରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ବିଶିଷ୍ଟ ରାଜନୈତିକ ସମୀକ୍ଷକ ତଥା ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଜି ତ୍ରୈଲୋକ୍ୟ ନାଥ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରସଂସଦ ସମ୍ପାଦକ କେଶବ ଚରଣ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ରବୀନ୍ଦ୍ର କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଖୁଲେନ୍ଦ୍ର ନାୟକ, ରେଣୁବାଳା ସ୍ୱାଇଁ, କବିତା ମାନଧାତା, ଅମୀତା ଦାସ, କ୍ଷିରୋଦ ଚନ୍ଦ୍ର ବେହେରା, ବିଭୂତି ଭୂଷଣ ସାହୁ, ଅଞ୍ଜନ ଜେନାଙ୍କ ସମେତ ଛାତ୍ରସଂସଦ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଛାତ୍ର ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଜେସି ପକ୍ଷରୁ କଟକରେ ଜୁଏଲର୍ସ ମିଟ୍



ଭୁବନେଶ୍ୱର,୧୭।୮(ଅନୁରାଧା ମହାରଣା)

ଦେଶର ୬ ଲକ୍ଷରୁ ଅଧିକ ଜୁଏଲର୍ସଙ୍କ ପ୍ରତିନିଧିତ୍ୱ କରୁଥିବା ଅଲ୍ ଇଣ୍ଡିଆ ଜେମ୍ ଆଣ୍ଡ ଜୁଏଲେରି ଡୋମେଷ୍ଟିକ କାଉନସିଲ(ଜିଜେସି) ପକ୍ଷରୁ କଟକରେ ଏକ ଜୁଏଲର୍ସ ମିଟ୍ ଓ 'ଲାଭମ' ସେମିନାର ଅନୁଷ୍ଠିତ ହୋଇଯାଇଛି। ଜିଜେସିର ୨୦ ବର୍ଷର ଯାତ୍ରାକୁ 'ଜୁଏଲର୍ସଙ୍କ ପାଇଁ ଗେମ୍ ଚେଞ୍ଜର ସେମିନାର' ଥିମ ଅଧୀନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳର ପ୍ରମୁଖ ଖୁଚୁରା ବିକ୍ରେତା ଓ ବ୍ୟବସାୟୀ ସଂଘମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଜୁଏଲର୍ସ ଆସୋସିଏଶନ ସହଯୋଗରେ ଆୟୋଜିତ ଏହି ସମାବେଶରେ ଜିଜେସିର ଆଗାମୀ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ମୁମ୍ବାଇରେ ସେପ୍ଟେମ୍ବର ୧୬ରୁ ୧୯ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଭାରତର ପ୍ରମୁଖ ବିଟୁବି ଆଭୂଷଣ ପ୍ରଦର୍ଶନୀ ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେହିପରି ଆଇଆଇଏମ୍ ଅହମଦାବାଦ ସହଯୋଗରେ ସେପ୍ଟେମ୍ବର ୫ରୁ ୭ ତାରିଖ ମଧ୍ୟରେ ଜିଜେସି ସଦସ୍ୟମାନଙ୍କ ପାଇଁ ଏକ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେହିପରି ୧୪ତମ ଜାତୀୟ ଜୁଏଲେରି ପୁରସ୍କାର ପ୍ରଦାନ ଉତ୍ସବ ସେପ୍ଟେମ୍ବର ୧୭ରେ ଅନୁଷ୍ଠିତ ହେବ। ଜିଜେସିର ଅଧ୍ୟକ୍ଷ ରାଜେଶ ରୋକଡେ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଜୁଏଲର୍ସଙ୍କୁ ପର୍ବପର୍ବାଣି ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ 'ଲକି ଲକ୍ଷ୍ମୀ' ଅଭିଯାନ ଏକ ଶକ୍ତିଶାଳୀ ମଞ୍ଚ ପ୍ରଦାନ କରିବ। ଏହା ସ୍ୱଚ୍ଛତା ଓ ନୈତିକତା ସହ ସମ୍ପୃକ୍ତ ବୋଲି ସେ କହିଛନ୍ତି। ଜିଜେସିର ନିର୍ଦ୍ଦେଶକ ସୌରଭ ରାୟ କହିଛନ୍ତି, ପୂର୍ବ ଭାରତର ଜୁଏଲେରି ବ୍ୟବସାୟରେ ବିକାଶର ପ୍ରଚୁର ସମ୍ଭାବନା ରହିଛି। 'ଲାଭମ୍' ମାଧ୍ୟମରେ ଆମେ ଖୁଚୁରା ବିକ୍ରେତାଙ୍କୁ ପ୍ରମାଣିତ ରଣନୀତି, ବ୍ୟବହାରିକ ଅଟୋମେସନ ଉପକରଣ ଓ ଶିଳ୍ପର ଶ୍ରେଷ୍ଠ ଅଭ୍ୟାସ ପ୍ରଦାନ କରୁଛୁ। ଜିଜେସିର ନିର୍ଦ୍ଦେଶକ ଅମିତ କୁମାର ସୋନି କହିଛନ୍ତି, 'ଲାଭମ' କେବଳ ଏକ ସେମିନାର ନୁହେଁ, ଏହା ପରିବର୍ତ୍ତନର ଏକ ମଞ୍ଚ। ଜୁଏଲର୍ସଙ୍କୁ ଦୈନନ୍ଦିନ ସଂଘର୍ଷରୁ ମୁକ୍ତ କରି ଦୀର୍ଘମିଆଦି ସଫଳତା ଆଡ଼କୁ ନେବା ଜିଜେସିର ଲକ୍ଷ୍ୟ ରହିଥିବା ସେ କହିଛନ୍ତି।

# ୫୦ରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ସମ୍ବର୍ଦ୍ଧିତ

ଫୁଲନଖରା,୧୭।୮(ସତ୍ୟରଞ୍ଜନ ଦାସମହାପାତ୍ର)

ମର୍ଣ୍ଣିଂ ଟି ଫେଷ୍ଟ ଓ ପୂଜ୍ୟପୂଜା, ପ୍ରତିଭା ସେବା, ସାଂସ୍କୃତିକ ସାମାଜିକ ସଂଗଠନ ସହଯୋଗ-ଓଡ଼ିଶା ପକ୍ଷରୁ ସ୍ୱାଧୀନତା ଦିବସରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୁଲନଖରା ମର୍ନିଂ ଟି ଫେଷ୍ଟ ପରିସରରେ ଅନୁଷ୍ଠିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ସହଯୋଗ-ଓଡ଼ିଶା ଓ ମର୍ନିଂ ଟି ଫେଷ୍ଟ ସଭାପତି ଗଣେଶ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଶତାୟୁ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଚକ୍ରଧର ଦାଶ ମୁଖ୍ୟଅତିଥି, ଆଧ୍ୟାତ୍ମିକ ପ୍ରବକ୍ତା ଇଂ ଶ୍ରୀସନ୍ନ୍ୟାସୀ ଜୀ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଶାନ୍ତି କମିଟି ସଭାପତି ନିମାଇଁ ଚରଣ ଲେଙ୍କା, ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ସଦର ସ୍ୱାଭିମାନ ମଞ୍ଚର ପ୍ରତିଷ୍ଠାତା ସ୍ୱାଧୀନଚେତା ମହାନ୍ତି, ନଳିନୀ ସେନାପତି, ସୁଶାନ୍ତ ମହାନ୍ତି, ବାଦଲ କୁମାର ଜେନା, ଦିଲୀପ କୁମାର ସ୍ୱାଇଁ, ଆଇନଜୀବୀ କବି ନାରାୟଣ ଜେନା ଓ ଦିଲୀପ ମହାରଣା ପ୍ରମୁଖ ଯୋଗଦେଇଥିଲେ। ମର୍ନିଂ ଟି ଫେଷ୍ଟ ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଚକ୍ରଧର ଦାଶଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ବିଶିଷ୍ଟ ସମାଜସେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କାନନ ବିହାରୀ ନାୟକ, ମନୋରଞ୍ଜନ ମହାନ୍ତି, କୈଳାସ ମୁଦୁଲି ଓ ସୁକାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜକିଶୋର ବେହେରା, ଟୁନା ଜେନା, କୃଷ୍ଣ ଚନ୍ଦ୍ର ଭୋଇ, ନରେଶ କୁମାର ମହାନ୍ତି, ଶରତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।


ସାମାଜିକ କର୍ମୀ ଚକ୍ରଧର ଦାଶଙ୍କୁ ସମ୍ମାନିତ କରାଯାଉଛି।

# ୫୫ ନଂ. ଜାତୀୟ ରାଜପଥ: ବର୍ଷାରେ ସ୍ଥିତି ବେହାଲ


ବର୍ଷାରେ ୫୫ ନଂ ଜାତୀୟ ରାଜପଥ ଗର୍ତ୍ତରେ ବାଇକ ଫଶି ଯାଇଛି।



ରାଜରାସ୍ତା ପାର୍ଶ୍ୱରେ ଲାଗିଥିବା ବ୍ୟାନର।

ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୧୭।୮(ମାନସ ସାମଲ/ଆଶୁତୋଷ ଦାସ)

- **ରାଜପଥ କଡ଼ରେ ଲାଗିଥିବା ବ୍ୟାନରକୁ ନେଇ ଚର୍ଚ୍ଚା**
- **ଗର୍ତ୍ତରେ ପଡ଼ି ଶତାଧିକ ଯାତ୍ରୀ ଆହତ**

୫୫ ନଂ. ଜାତୀୟ ରାଜପଥ ମଙ୍ଗୁଳି ଛକଠାରୁ ଧୁମାବତୀ ପର୍ଯ୍ୟନ୍ତ ରାସ୍ତା ଉପରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ବର୍ଷାରେ ପାଣି ଜମି ରହିଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଲଘୁଚାପ ଜନିତ ବର୍ଷାରେ ବିଶେଷ କରି ଧୁମାବତୀ ବିହାର ନିକଟ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ରାସ୍ତାରେ ପ୍ରାୟ ୧୦ ଫୁଟ ଲମ୍ୱର ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷାରେ ପାଣି ଜମି ରହିଥିବାରୁ ଶନିବାର ରାତିଠୁ ରବିବାର ସନ୍ଧ୍ୟା ମଧ୍ୟରେ ଶତାଧିକ ଯାତ୍ରୀ ଗର୍ତ୍ତରେ ପଡି ଆହତ ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗୁଳିଠୁ ଧୁମାବତୀ ଛକ ମଧ୍ୟରେ ଅଧିକାଂଶ ସ୍ଥାନର ରାସ୍ତା ପାର୍ଶ୍ୱରେ 'ଆମେ ଅପାରଗ ୮ବର୍ଷ ପରେ ବି ୫୫ ନଂ. ଜାତୀୟ ରାସ୍ତା କାମ ସମ୍ପୂର୍ଣ୍ଣ କରି ପାରିଲୁ ନାହିଁ' ବୋଲି ଲେଖାଥିବା ବ୍ୟାନେର ଲଗାଯାଇଛି। ଏଥିରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଫଟୋ ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଛି। କିନ୍ତୁ ରାସ୍ତା ମାରମତି ପରିବର୍ତ୍ତେ ତରବରିଆ ଭାବେ ପ୍ରଶାସନ ପକ୍ଷରୁ ବ୍ୟାନର ଚିରି ଦିଆଯାଇଛି।

ତୁରନ୍ତ ମରାମତି ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।

ଟାଙ୍ଗୀ-ଚୌଦାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ଧୁମାବତୀଠୁ ମଙ୍ଗୁଳି ଛକ ପର୍ଯ୍ୟନ୍ତ ପ୍ରାୟ ରାସ୍ତା ମରାମତି କାମ ସରିଛି। ଲଗାଣ ବର୍ଷା ପାଇଁ କିଛି ସ୍ଥାନରେ ଗର୍ତ୍ତ ହୋଇଛି। ରାସ୍ତା ପାର୍ଶ୍ୱ ଜବରଦଖଲ ପାଇଁ କାମ ଶିଥିଳ ପଡିଛି ତଥାପି ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ତୁରନ୍ତ ମରାମତି ପାଇଁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛି ବୋଲି କହିଛନ୍ତି। ଚୌଦାର କଂଗ୍ରେସ ଯୁବ ସଂଗଠକ ରାଜୀବ ମହାନ୍ତି କହିଛନ୍ତି, ଏହି ରାସ୍ତା ବ୍ୟସ୍ତବହୁଳ। ପ୍ରତିଦିନ ଉକ୍ତ ରାସ୍ତାରେ କିଛି ନା କିଛି ଦୁର୍ଘଟଣା ଘଟୁଛି। କିନ୍ତୁ କୌଣସି ଜନ ପ୍ରତିନିଧି ସ୍ୱର ନ ଉଠାଇବାରୁ ସ୍ଥାନୀୟ ଯୁବକ ଏଭଳି ପ୍ରତିବାଦ କରିବା ସ୍ୱାଭାବିକ। ବିଭାଗୀୟ ଅଧିକାରୀ ନିଜ ଦାୟିତ୍ୱ ତୁଲାଇ ପଥଚାରୀ ଜୀବନ ବଞ୍ଚନ୍ତୁ ବୋଲି ସେ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ତ୍ରୈମାସିକରେ ୮୯୦୦ କୋଟିର ରାଜସ୍ୱ

## ବାର୍ଷିକଭିତ୍ତିରେ ପିଏଫ୍‌ଏଲ୍‌ର ଲାଭ ୨୪%

ଭୁବନେଶ୍ୱର,୧୭।୮ (ଅଭୟ ଦାଶ)




ପତଞ୍ଜଳି ଫୁଡ୍ ଲିମିଟେଡ୍ (ପିଏଫ୍‌ଏଲ୍)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ସହିତ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈୟମାସିକ ଫଳାଫଳ (ଅନ୍ ଅଡିଟେଡ)କୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ୨୦୨୫ ଜୁନ୍ ୩୦ରେ ଶେଷ ହୋଇଥିବା ଏହି ତ୍ରୈୟମାସରେ କମ୍ପାନୀ ପ୍ରାୟ ୮୯୦୦ କୋଟି ଟଙ୍କା (୮,୮୯୯.୭୦ କୋଟି ଟଙ୍କା)ର ପରିଚାଳନାଗତ ରାଜସ୍ୱ ହାସଲ କରିଛି, ଯାହାକି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ହୋଇଥିବା କାରବାର ଓ ରାଜସ୍ୱ ୭୧୭୭.୧୭ କୋଟି ଟଙ୍କା ଥିଲା। ଏପରିକି ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ରାଜସ୍ୱ ତୁଳନାରେ ଚଳିତ ଆର୍ଥିକ ବର୍ଷର ରାଜସ୍ୱ ପ୍ରାୟ ୨୪% ଅଭିବୃଦ୍ଧି ଘଟିଛି। ସେହିପରି ଚଳିତ ଆର୍ଥିକ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ୧୮୦.୩୯ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ ଏବଂ ୩୩୪.୧୭ କୋଟି ଟଙ୍କାର ଏବିଟଡା ହାସଲ କରିଛି। କମ୍ପାନୀ ଗ୍ରାମାଞ୍ଚଳରେ ସ୍ଥିର ଚାହିଦା ଏବଂ ସୁଲଭ ପ୍ୟାକ୍ ଯୋଗୁ କାରବାର ମଜଭୁତ ହୋଇଛି। ଅପରପକ୍ଷରେ ସହରାଞ୍ଚଳ ବଜାରଗୁଡ଼ିକରେ ପ୍ରିମିୟମ ଏଫ୍‌ଏମସିଜି ଉତ୍ପାଦଗୁଡ଼ିକର ଚାହିଦା ଧୀମା ରହିଥିବା କମ୍ପାନୀ ମତପ୍ରକାଶ କରିଛି। କମ୍ପାନିର ଗ୍ରସ୍ ଲାଭ ୧,୨୫୯.୧୯ କୋଟି ଟଙ୍କା ରହିଛି, ଯାହାକି ବାର୍ଷିକ ଆଧାରରେ ୨୩.୮୧% ବୃଦ୍ଧି ପାଇଛି। ଗ୍ରସ୍ ଲାଭ ମାର୍ଜିନ ୧୪.୧୩% ରହିଛି। ଏଫ୍‌ଏମସିଜି ସେଗମେଣ୍ଟର ରାଜସ୍ୱ ୨,୨୯୯.୬୯ କୋଟି ଟଙ୍କା ରହିଛି, ଯେଉଁଥିରେ ହୋମ୍ ଏବଂ ପର୍ସନାଲ କେୟାରର ଯୋଗଦାନ ୬୩୯.୦୨ କୋଟି ଟଙ୍କା ଏବଂ ଏବିଟଡା ୧୧୯.୫୦ କୋଟି ଟଙ୍କା ରହିଛି। ଖାଇବା ତେଲ ସେଗମେଣ୍ଟ ୬,୬୮୫.୮୬ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି, ଯାହା ବାର୍ଷିକ ଆଧାରରେ ୨୫.୩୪% ଅଭିବୃଦ୍ଧି ହୋଇଛି। କମ୍ପାନୀର କହିବାନୁସାରେ, ଗ୍ରାମୀଣ କ୍ଷେତ୍ରରେ ବିକ୍ରି ସ୍ଥିର ରହିଥିଲାବେଳେ ଗ୍ରାମୀଣ ବିତରକ ପ୍ରୋଗ୍ରାମ ଭଳି ଅଭିଯାନ ଦ୍ୱାରା ବଣ୍ଟନ ନେଟ୍‌ୱର୍କର ବିସ୍ତାର ହୋଇଛି। ଆଲୋଚ୍ୟ ତ୍ରୟମାସରେ ବିସ୍କୁଟ୍ ସେଗମେଣ୍ଟରେ ୪୫୧.୪୦ କୋଟି ଟଙ୍କାର ରାଜସ୍ୱ ହାସଲ ହୋଇଛି। ଘିଅ ବିକ୍ରି ୨୫୬.୯୮ କୋଟି ଟଙ୍କା ରହିଛି, ଯେଉଁଥିରେ ବାର୍ଷିକ ଅଭିବୃଦ୍ଧି ହାର ରହିଛି ୨୩% ବୋଲି କୁହାଯାଉଛି।

କମ୍ପାନୀକୁ ସହରୀ ବଜାରରେ ପ୍ରିମିୟମ ଉତ୍ପାଦର ଧୀମା ଚାହିଦା, ରିଜିଓନାଲ ଏବଂ ଡି୨ସି ବ୍ରାଣ୍ଡଗୁଡ଼ିକ ପକ୍ଷରୁ କଡ଼ା ପ୍ରତିଯୋଗିତା ଏବଂ ସରକାର କଲ୍ୟାଣ ଯୋଜନା ଅଧୀନରେ ମାଗଣା ଖାଦ୍ୟ ବିତରଣ ଭଳି ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିବା ଜଣାପଡ଼ିଛି। ଏପରିକି ଯଦି ଗ୍ରାମୀଣ ଚାହିଦା ସ୍ଥିର ରୁହେ ଏବଂ ସହରାଞ୍ଚଳ ଉପଭୋକ୍ତାଙ୍କ ମଧ୍ୟରେ ଛୋଟ ପ୍ୟାକ୍ ପ୍ରତି ଗ୍ରହଣୀୟତା ବଢ଼େ ତେବେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଚାହିଦାର ସୁଧାର ଆସିବ।

# ଡାଲମିଆ ସିମେଣ୍ଟ ପକ୍ଷରୁ 'ସାଲ୍ୟୁଟିଂ ୭୮'




ଭୁବନେଶ୍ୱର,୧୭।୮

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସାଲ୍ୟୁଟିଂ ୭୮' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ସମଗ୍ର ପୂର୍ବ ଭାରତରୁ ସଶସ୍ତ୍ର ବାହିନୀଗୁଡିକର ଯୁଦ୍ଧ ଭେଟେରାନ ଏବଂ ପୂର୍ବତନ ସେନା କର୍ମଚାରୀ ବିରାଦରୀଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ରାଷ୍ଟ୍ରର ୭୮ତମ ବାର୍ଷିକୀ 'ସାଲ୍ୟୁଟିଂ ୭୮' ସହିତ ପାଳିତ ହୋଇଯାଇଛି। ଏହି ଉତ୍ସବରେ କମ୍ପାନୀ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ୭୮ଜଣ ଭେଟେରାନଙ୍କ ସାହସ ଏବଂ ଆତ୍ମବଳି ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲାବେଳେ ଓଡ଼ିଶାରେ ବିବିଧ ପୃଷ୍ଠଭୂମିରୁ ଆସିଥିବା ୨୫ଜଣ ପୂର୍ବତନ ସେନା କର୍ମଚାରୀଙ୍କୁ ସେମାନଙ୍କର ଅନନ୍ୟ ସାହସ ଏବଂ ରାଷ୍ଟ୍ର ପ୍ରତି ଉତ୍ସର୍ଗୀକୃତ ସେବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଭେଟେରାନଙ୍କୁ ଏକ ପ୍ରଶସ୍ତିପତ୍ର, ଏକ ଟ୍ରଫି ଏବଂ ଶାଲ, ଭାରତର ଜାତୀୟ ପତାକା ଏବଂ ସମସ୍ତ ୭୮ଜଣ ସମ୍ବର୍ଦ୍ଧିତ ଭେଟେରାନଙ୍କ ଫଟୋଚିତ୍ର ରହିଥିବା ଏକ ସ୍ମାରକୀ ଆଲବମ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ଏହି ସମାବେଶରେ ନାଗରିକ, ସ୍କୁଲ ଛାତ୍ରୀଛାତ୍ର, ଗୋଷ୍ଠୀ ନେତୃବୃନ୍ଦ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ଡାଲମିଆ ସିମେଣ୍ଟର ମୁଖପାତ୍ର କହିଥିଲେ, ୮୫ ବର୍ଷ ଧରି ଡାଲମିଆ ସିମେଣ୍ଟ କେବଳ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଛିଡା ହୋଇନାହିଁ, ତାହା ସହିତ ଆମ ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧି ରଖିଥିବା ମୂଲ୍ୟବୋଧ ପାଇଁ ଛିଡା ହୋଇଛି।

# ଭିଆଇଟିର ୪୦ତମ ସମାବର୍ତ୍ତନ ଉତ୍ସବ




ଭୁବନେଶ୍ୱର,୧୭।୮

ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି)ର ୪୦ତମ ସମାବର୍ତ୍ତନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁପ୍ରିମକୋର୍ଟ ବିଚାରପତି ଆର. ମହାଦେବନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଡ. ଏ.ପି.ଜେ. ଅବଦୁଲ କଲାମ ଏବଂ ଜଗଦୀଶ ଚନ୍ଦ୍ର ବୋଷଙ୍କ ନାମରେ ନାମିତ ୨ଟି ନୂତନ ଛାତ୍ରାବାସକୁ ଅତିଥିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା।

ଏହି ଅବସରରେ ମୋଟ ୮,୩୧୦ ସ୍ନାତକ ଡିଗ୍ରୀ ଏବଂ ୨,୮୦୨ ସ୍ନାତକୋତ୍ତର ଡିଗ୍ରୀ ଓ ୪୫୧ ଡକ୍ଟରେଟ୍ ଡିଗ୍ରୀ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଇଥିଲା। ଏହା ସହିତ ୨୦୩ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ର୍ୟାଙ୍କିଂ ପାଇଁ ସମ୍ମାନିତ କରାଯାଇଥିଲାବେଳେ ୬୮ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା। ଏ ସମ୍ପର୍କରେ ଭିଆଇଟିର କୁଳପତି ଡ. ଜି. ବିଶ୍ୱନାଥନ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଶିକ୍ଷାର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ଭାରତ ଜିଡିପିର ୬% ଶିକ୍ଷା ପାଇଁ ବ୍ୟୟବରାଦ କରିବାକୁ ଦୀର୍ଘ ଦିନର ଦାବି ଉପରେ ଡ. ବିଶ୍ୱନାଥନ ବିସ୍ତୃତ ଭାବେ ଆଲୋକପାତ କରିଥିଲାବେଳେ ଦେଶରେ ବର୍ତ୍ତମାନ କେବଳ ୩% ଖର୍ଚ୍ଚ ହେଉଛି। ରାଜ୍ୟ ସରକାରମାନେ ଶିକ୍ଷା ଖର୍ଚ୍ଚର ୭୫% ବହନ କରନ୍ତି ଏବଂ ବାକି କେନ୍ଦ୍ର ସରକାର ବହନ କରିଥାନ୍ତି। ଏପରିକି ତାମିଲନାଡୁ ରାଜ୍ୟ ତା'ର ବଜେଟର ୨୧% ଶିକ୍ଷା ପାଇଁ ବ୍ୟୟବରାଦ କରୁଥିବା ସମ୍ପର୍କରେ ସେ ମତବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଭିଆଇଟିର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# ଟାଟା ଏଆଇଏର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୮

ଟାଟା ଏଆଇଏ ଲାଇଫ ଇନସ୍ୟୁରାନ୍ସର ନୂତନ ଉତ୍ପାଦ ତଥା ମହିଳାଙ୍କ ଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଏକ ମିଆଦୀ ବୀମା ଯୋଜନା 'ଶୁଭ ଶକ୍ତି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହା କେବଳ ଏକ ଜୀବନ ବୀମା ଉତ୍ପାଦ ନୁହେଁ, ଏହା ହେଉଛି ଏକ ସାମଗ୍ରିକ ସୁରକ୍ଷା ଯୋଜନା। ଯାହା ମହିଳାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟରେ ଓ ଆର୍ଥିକ ଆବଶ୍ୟକତା ପୂରଣ କରି ସେମାନଙ୍କୁ ସଶକ୍ତ କରିବ। ସାଧାରଣତଃ ମିଆଦୀ ବୀମା ଶିଳ୍ପରେ ପ୍ଲାନଗୁଡ଼ିକୁ ପୁରୁଷ ପ୍ରାଧାନ୍ୟ ଭାବେ ପ୍ରସ୍ତୁତ କରାଯାଇଥାଏ, କାରଣ ଦେଶର ଅଧିକାଂଶ ରୋଜଗାରକ୍ଷମ ବ୍ୟକ୍ତି ହେଉଛନ୍ତି ପୁରୁଷ। ଫଳରେ ମହିଳାମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ଅଣଦେଖା ହୋଇଯାଏ। କିନ୍ତୁ ଆଜିର ଭାରତୀୟ ମହିଳାମାନେ ଆଗକୁ ବଢ଼ି ଶ୍ରମଶକ୍ତିରେ ନେତୃତ୍ୱ ନେବାଠାରୁ ଆରମ୍ଭ କରି ଉଦ୍ୟୋଗୀ ହେବା ଏବଂ ଆର୍ଥିକ ନିଷ୍ପତ୍ତି ଗ୍ରହଣ କରି ଚିରାଚରିତ ଧାରା ଭାଙ୍ଗିଛନ୍ତି। ସେମାନେ କେବଳ ଅର୍ଥନୈତିକ ଦୃଷ୍ଟିରୁ ନୁହେଁ ବରଂ ଆର୍ଥିକ ଭବିଷ୍ୟତ ସୁରକ୍ଷିତ ରଖିବାରେ ମଧ୍ୟ ଅଗ୍ରଣୀ ରହିଛନ୍ତି। ଆର୍ଥିକ ସ୍ୱାଧୀନତାରେ ମହିଳାମାନେ ଆଗକୁ ବଢ଼ିଥିବା ବେଳେ ଟାଟା ଏଆଇଏର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ୮୯% ବିବାହିତ ମହିଳା ଆର୍ଥିକ ଯୋଜନା ପାଇଁ ସେମାନଙ୍କ ସ୍ୱାମୀ ଉପରେ ଏବେବି ନିର୍ଭର କରୁଛନ୍ତି। କେବଳ ୪୪% ମହିଳାଙ୍କୁ ସ୍ୱାଧୀନତା ମିଳିଛି। ସେହି ଅନ୍ତର ମହିଳାମାନଙ୍କ ସ୍ୱତନ୍ତ୍ର ଆର୍ଥିକ ଆବଶ୍ୟକତା ଓ ଆହ୍ୱାନ ପୂରଣ କରିବା ଲାଗି ସ୍ୱତନ୍ତ୍ର ସମାଧାନ ଆବଶ୍ୟକ କରୁଛି। ଟାଟା ଏଆଇଏର ମହିଳା ଉପଦେଷ୍ଟା ରତ୍ନା ମିତ୍ର କହିଛନ୍ତି, ଭାରତୀୟ ମହିଳାମାନେ ସେମାନଙ୍କ ଫାଇନାନ୍ସ ଓ ନିବେଶର ଦାୟିତ୍ୱ ନେଉଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୀମା ନାହିଁ। ଫଳରେ ଦୁଃଖଦ ଘଟଣାରେ ସେମାନଙ୍କ ପରିବାର ପ୍ରଭାବିତ ହେବା ଆଶଙ୍କା ରହିଛି। 'ଶୁଭ ଶକ୍ତି' ଜରିଆରେ ଆମେ ଏକ ସମାଧାନ ପ୍ରଦାନ କରିଛୁ ଯାହା ଆଜିର ମହିଳାମାନଙ୍କ ଦୃଢ଼ତା ସହିତ ସମନ୍ୱିତ ରହିଛି, ଯାହା ପରିବାରର ଭବିଷ୍ୟତ ସୁରକ୍ଷିତ କରିବା, ନିଜ ସ୍ୱାସ୍ଥ୍ୟରେ ନିବେଶ କରିବା ଏବଂ ଚିନ୍ତାମୁକ୍ତ ଜୀବନ ବିତାଇବା ଲାଗି ମହିଳାମାନଙ୍କୁ ସଶକ୍ତ କରିବ। ଏହା ହେଉଛି ତାଙ୍କ ଅଭିଳାଷକୁ ସମର୍ଥନ କରିବା, ମାନସିକ ଶାନ୍ତି ପ୍ରଦାନ କରିବା ଏବଂ ଏହା ନିଶ୍ଚିତ କରିବା ଯେ, ନିଜ ପ୍ରିୟଜନଙ୍କ ସୁରକ୍ଷା ସହ ସାଲିସ ବିନା ସେମାନେ ଜୀବନର ଆହ୍ୱାନକୁ ମୁକାବିଲା କରିପାରିବେ।

# ଲକ୍ ଏଫ୍‌ଡିର ଶୁଭାରମ୍ଭ

ଭୁବନେଶ୍ୱର,୧୭।୮

ଆକ୍ସିସ୍ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଲକ୍ ଏଫ୍‌ଡି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାକୁ ବର୍ଦ୍ଧିତ ଡିଜିଟାଲ୍ ଠକେଇରୁ ଗ୍ରାହକମାନଙ୍କ ମିଆଦୀ ଜମାକୁ ସୁରକ୍ଷିତ ରଖିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ଅଭିନବ ସୁବିଧା ବ୍ୟାଙ୍କର ମୋବାଇଲ୍ ଆପ୍ 'ଓପନ୍' ଏବଂ ସମସ୍ତ ଶାଖାରେ ଉପଲବ୍ଧ ହୋଇଛି, ଯାହା ଗ୍ରାହକମାନଙ୍କୁ ସେମାନଙ୍କ ମିଆଦୀ ଜମା (ଏଫ୍‌ଡି)କୁ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟାଙ୍କିଂ ଭଳି ଡିଜିଟାଲ୍ ମାଧମରେ ଆଗୁଆ ବନ୍ଦ କରିବାରୁ ସୁରକ୍ଷା ପ୍ରଦାନ କରିବ ଏବଂ ତାହା ସାଇବର୍ ବିପଦରୁ ଅତିରିକ୍ତ ସୁରକ୍ଷା ସ୍ତର ଭାବେ କାମ କରିବ। 'ଲକ୍ ଏଫ୍‌ଡି' ହେଉଛି ଏକ ନୂଆ ସୁରକ୍ଷା ସୁବିଧା ଯାହା ଗ୍ରାହକମାନଙ୍କ ମିଆଦୀ ଜମାକୁ ଡିଜିଟାଲ୍ ଠକେଇରୁ ସୁରକ୍ଷା ପ୍ରଦାନ କରିବ ଏବଂ ଗ୍ରାହକମାନେ ଡିଜିଟାଲ୍ ମାଧ୍ୟମରେ ଏଫ୍‌ଡି ବନ୍ଦ କରିବାକୁ ରୋକିପାରିବେ। ଯେଉଁ ଗ୍ରାହକମାନେ ସେହି ସୁବିଧା ଚୟନ କରିବେ, ସେମାନଙ୍କୁ ଏଫ୍‌ଡି ବନ୍ଦ କରିବା ଲାଗି ବ୍ୟାଙ୍କ ଶାଖା ପରିଦର୍ଶନ କରିବାକୁ ପଡ଼ିବ। ଥରେ ଏଫ୍‌ଡି ଲକ୍ ହୋଇଯିବା ପରେ ତାହାକୁ ଆଉ ଡିଜିଟାଲ୍ ମାଧ୍ୟମରେ ବନ୍ଦ କରାଯାଇପାରିବ ନାହିଁ।

# 'ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ'




ଭୁବନେଶ୍ୱର,୧୭।୮

ୟୁକୋ ବ୍ୟାଙ୍କର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଗ୍ରାମ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁକୋ ବ୍ୟାଙ୍କର କଟକ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନ କୋଲର୍ ଶାଖା ପରିସରରେ 'ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପରିପୂର୍ତ୍ତି ଅଭିଯାନ' ସଭା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପରିପୂର୍ତ୍ତି ଅଭିଯାନ' ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଶେଷ କରି ବ୍ୟାଙ୍କ ଓ ଜନ ଧନ ଖାତା ସାଇବର ଠକେଇ କିପରି ରୋକାଯାଇପରିବ ସେ ବିଷୟରେ ମଧ୍ୟ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କର ସିଜିଏମ ତଥା ଏସଏଲବିସିର ଆବାହକ ଓଡ଼ିଶା ଗୌତମ ପାତ୍ର, ୟୁକୋ ବ୍ୟାଙ୍କ କଟକ ଆଞ୍ଚଳିକ ମୁଖ୍ୟ ବର୍ଷାଙ୍କ ସମେତ ସ୍ଥାନୀୟ ସରପଞ୍ଚ (କୋଲର୍ ଗ୍ରାମ ପଞ୍ଚାୟତ) ଉମେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଜନସୁରକ୍ଷା ଯୋଜନା ଅଧୀନରେ ଓଡ଼ିଶାର ସମସ୍ତ ଜିଲାରେ ଗ୍ରାମ ପଞ୍ଚାୟତ ସ୍ଥାରୀୟ ପରିପୂର୍ତ୍ତି ଅଭିଯାନ ୨୦୨୫ ଜୁଲାଇ ୧ରୁ ୩୦ ସେପ୍ଟେମ୍ବର (୧.୭.୨୦୨୫ ଠାରୁ ୩୦.୯.୨୦୨୫) ପର୍ଯ୍ୟନ୍ତ ସମସ୍ତ ଲୋକଙ୍କୁ ଜନସୁରକ୍ଷା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ହେଉଛି ସରକାରଙ୍କ ଲକ୍ଷ୍ୟ।

ପରିଶେଷରେ ବରିଷ୍ଠ ପ୍ରବନ୍ଧକ ସୁକାନ୍ତ ଛାଟୋଇ ମଞ୍ଚ ପରିଚାଳନା କରିଥିଲେ ଏବଂ ଉପ ଅଞ୍ଚଳ ପ୍ରବନ୍ଧକ ବିଭୂତି ଭୂଷଣ ବେହେରା ଧନ୍ୟବାଦ ଦେଇଥିଲେ। ଏହି ସଭାରେ ୩୦୦ରୁ ଅଧିକ ସଂଖ୍ୟାରେ ଲୋକଙ୍କ ଯୋଗଦାନ ସଭାକୁ ସାଫଲ୍ୟ ମଣ୍ଡିତ କରିଛି।

# ବୀମା ସମାଧାନ ପହଞ୍ଚାଇବାକୁ ଗୁରୁତ୍ୱ

ଭୁବନେଶ୍ୱର,୧୭।୮

ଏସବିଆଇ ଲାଇଫ ଇନସ୍ୟୁରାନ୍ସ ଏବଂ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ପୋରେଟ ଏଜେନ୍ସି ସହଭାଗିତା ନିକଟରେ ସ୍ଥାପନ ହୋଇଛି। ଏହି ସହଭାଗିତାର ଲକ୍ଷ୍ୟ ହେଉଛିସାରା ଦେଶରେ ବ୍ୟାପକ ବୀମା ସମାଧାନ ପହଞ୍ଚାଇବାକୁ ଗୁରୁତ୍ୱ ଦେବା ସହିତ ସାରା ଭାରତରେ ଆର୍ଥିକ ସୁରକ୍ଷା ପହଞ୍ଚାଇ ଓ ଅପହଞ୍ଚ ଏବଂ ଉଦୀୟମାନ ବଜାରରେ ପହଞ୍ଚି '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା'କୁ ନେଇ ସରକାରଙ୍କ ରହିଥିବା ମିଶନକୁ ସମର୍ଥନ କରିବା। ଏସବିଆଇ ଲାଇଫ ଇନସ୍ୟୁରାନ୍ସର ଆଞ୍ଚଳିକ ନିର୍ଦ୍ଦେଶକ (ମୁମ୍ବାଇ ମେଟ୍ରୋ) ଅଶ୍ୱିନୀ କୁମାର ଓ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ (ବ୍ୟାଙ୍କାସ୍ୟୁରାନ୍ସ ଓ କ୍ରସ ସେଲ୍ସ) ଦିଲ୍ଲୀ କେ. ବିଦ୍ୟାର୍ଥୀ ରାଜିନାମାରେ ସ୍ୱାକ୍ଷର କରିଥିଲେ। ଏହି ସହଭାଗିତା ଅଧୀନରେ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଏହାର ଦେଶର ୨୧ଟି ରାଜ୍ୟ ଓ ୪ କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ୨୫୦୫ରୁ ଅଧିକ ବ୍ୟାଙ୍କିଂ ଟଚପଏଣ୍ଟର ବ୍ୟାପକ ନେଟୱର୍କ ଜରିଆରେ ଏସବିଆଇ ଲାଇଫ ଇନସ୍ୟୁରାନ୍ସର ଜୀବନ ବୀମା ସୁରକ୍ଷା, ସଞ୍ଚୟ ଓ ନିବେଶ, ଶିଶୁ, ମନି ବ୍ୟାକ ଓ ଅବସରକାଳୀନ ଯୋଜନା ଭଳି ବ୍ୟାପକ ବୀମା ସମାଧାନ ପ୍ରଦାନ କରିବ।


**Classified Everyday**
**0674-2580101, 9692975378**




REAL ESTATE

SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଇଁଚାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

Duplex sale with gated Society near Allms Hospital, Bhubaneswar- 9777433701. D-1614




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

**AFFIDAVIT**

By virtue of affidavit sworn before Executive Magistrate, Nandapur, dtd 07.08.2025 that my actual and correct name DAHANA BADANAYAK as per my T.C issued by H.M. Govt. (SSD) Higher Secondary School, Sunabeda, Dist.- Koraput. My name is wrongly mentioned as DANMATI MUDULI in my Aadhaar xxxx xxxx 3807 instead of DAHANA BADANAYAK. Henceforth, I shall be known as DAHANA BADANAYAK in all purposes.
Sd./- DAHANA BADANAYAK D-1677

ସତ୍ୟପାଠ ତାରିଖ ୧୩।୦୮।୨୫, ମାଜିଷ୍ଟ୍ରେଟ୍, ଭୁବନେଶ୍ୱର ମୁତାବକ ମୁଁ ପ୍ରିୟଙ୍କା ସାଓ, At-F/2, ବ୍ଲକ୍- ଏଫ୍, ରେଳକୁଞ୍ଜ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୭ ଘୋଷଣା କରୁଅଛି ଯେ ମୁଁ ଆଜିଠାରୁ ପ୍ରିୟଙ୍କା ସାହୁ ବଦଳରେ ପ୍ରିୟଙ୍କା ସାଓ ବୋଲି ସର୍ବତ୍ର ପରିଚିତ ହେବି।
ପ୍ରିୟଙ୍କା ସାଓ
ଧ-୧୬୭୫

By virtue of an affidavit before Notary Public, Kantabanji on 16.08.2025 that before marriage I known as Banita Bhati, D/o- Bansu Bhati which is mentioned in my Bank Account and Aadhaar Card, after marriage to Nirakar Bemal I known as Banita Bemal, W/o- Nirakar Bemal of Village /P.O.- Badchergaon, P.S.- Kegaon, Dist.- Kalahandi (Odisha) which is also updated in my Aadhaar Card whereas Banita Bhati and Banita Bemal, W/o Nirakar Bemal is same and one person. D-1680

**Email** ମାଧ୍ୟମରେ କ୍ଲାସିଫାଏଡ୍‌ର ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Smt. Damayanti Das, W/o- Akshay Das, resident of Village Manalapur, P.O.- Dehudi Anandapur, Dist.- Bhadrak, Odisha declare by affidavit No.- 16AA114938, dt- 14.07.2025, that known as Shantilata Das and Damayanti Das as same and one person. D-1679

By virtue of an affidavit sworn before Executive Magistrate, Bhadrak, dated 08.08.2025, I, Junu Sinku, W/o- Late Mata Sinku, Vill- Raijhar (Gabashola), P.O.- Kalakala, P.S.- Bairi, Dist.- Jajpur, Odisha, PIN- 754082 declare I have changed the name of my daughter from Janga Sinku to Joshna Sinku. Henceforth, she shall be known as Joshna Sinku for all purposes. D-1676

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Bhubaneswar, dated 20.06.2016, I Sasmita Behera, W/o- Manas Kumar Behera, resident of At/P.O.- Jyotipur, P.S.- Baria, Dist.- Keonjhar, Odisha-758046 declare that I have changed my surname from Sethy to Behera. Henceforth, I shall be known as SASMITA BEHERA for all purposes. D-1678

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

# ଭୂତାଣୁଜନିତ ଯକୃତ ପ୍ରଦାହ


ଡା. ରାମଚନ୍ଦ୍ର ରାଉତ

''ହେପାଟାଇଟିସ୍‌ରୁ ରକ୍ଷା ପାଇବାର ଉପାୟ ହେଲା ଶିଶୁମାନଙ୍କୁ ଉପଯୁକ୍ତ ଟିକାକରଣ। ଏବେ ଜନ୍ମର ୨୪ ଘଣ୍ଟା ମଧ୍ୟରେ ଟିକାକରଣରେ 'ହେପାଟାଇଟିସ୍-ବି' ଟିକା ଦିଆଯାଉଛି ଏବଂ ପରବର୍ତ୍ତୀ ସମୟରେ ଏହାର ବୁଷ୍ଟର ଡୋଜ୍ ମଧ ଦିଆଯାଉଛି। ଫଳରେ ଏହି ରୋଗକୁ ନିୟନ୍ତ୍ରଣକୁ ଅଣାଯାଇ ପାରିଛି। ଆମ ରାଜ୍ୟରେ ପାଖାପାଖି ୯୮ ପ୍ରତିଶତ ଆନୁଷ୍ଠାନିକ ପ୍ରସବ ହେଉଥିବା ଯୋଗୁ ପ୍ରାୟତଃ ସମସ୍ତ ଜନ୍ମିତ ଶିଶୁ ଏହି ଟିକା ସହ ଅନ୍ୟ ଆବଶ୍ୟକ ଟିକା ପାଇପାରୁଛନ୍ତି। ଏହା ହେଉଛି ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ବଡ଼ ଉପଲବ୍ଧି।''




ଆମେ ପିଲାଦିନେ ମାଙ୍କଡ଼, କୁମ୍ଭୀର ଓ କଳିଜାର ଗପ ପଢ଼ିଛେ। ସବୁଦିନ ମିଠା ଜାମୁକୋଳି ଖାଉଥିବା ମାଙ୍କଡ଼ର କଳିଜା (ଯକୃତ) ଅତି ମିଠା ହୋଇଥିବ ଭାବି କୁମ୍ଭୀରର ସ୍ତ୍ରୀ ତାହା ଖାଇବା ପାଇଁ ଆଗ୍ରହୀ ଥିଲା। ମାତ୍ର ଏହାର ଶେଷ କିପରି ହେଲା ଏବଂ ବୋକା କୁମ୍ଭୀର କିପରି ବୁଦ୍ଧି ଶିଖିଲା ତାହା ଏହି ଗପରୁ ଜଣାପଡ଼େ। କଳିଜା ଏବଂ ଶରୀର ଅଲଗା ନୁହେଁ– ଏହାକୁ ବୁଦ୍ଧିମାନ ମାଙ୍କଡ଼ ବୋକା କୁମ୍ଭୀରକୁ ଶେଷରେ ବୁଝାଇଥିଲା।

ମନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଲା ଯକୃତ ବା ଲିଭର। ଏହା ଠିକ୍ ଭାବରେ କାର୍ଯ୍ୟ କରିବା ସହ ଏହା ପ୍ରତି ଆମେ ଯତ୍ନବାନ ହେବା ଦରକାର। ମାତ୍ର ଏବେ ଆମେ ଅନେକ କ୍ଷତିକାରକ ଔଷଧ, ଖାଦ୍ୟ ଏବଂ ନିଶାଦ୍ରବ୍ୟ ବିଶେଷଭାବରେ ମଦ ପିଇବା ଯୋଗୁ ନିଜର ଯକୃତର ପ୍ରତିଦିନ କ୍ଷତି ପହଞ୍ଚାଉଛୁ। କେବଳ ସେତିକି ନୁହେଁ, ଅନେକେ ଏ ବିଷୟରେ ଅବଗତ ଥାଇ ମଧ ଜାଣି ନ ଜାଣିଲା ପରି ଯକୃତକୁ କ୍ଷତି କରାଉଛନ୍ତି। ଯକୃତ ହେଉଛି ଆମ ଶରୀର ଦ୍ୱିତୀୟ ବୃହତ୍ତମ ଅଙ୍ଗ। ଏହାର ଓଜନ ୧.୨ରୁ ୧.୫ ଗ୍ରାମ। ଫଲସିପାରମ ଲିଗାମେଣ୍ଟ ଦ୍ୱାରା ଏହା ଦକ୍ଷିଣ ଓ ବାମ–ଦୁଇ ଭାଗରେ ବିଭକ୍ତ। ସାଧାରଣତଃ ଯକୃତ ଆମର ଦକ୍ଷିଣ ପଟ ଫୁସ୍‌ଫୁସ୍‌ର ତଳକୁ ମଧ୍ୟଚ୍ଛଦର ନିମ୍ନରେ ଥାଏ। ଲିଭର ସହିତ ପିତ୍ତକୋଷ ଓ ଅଗ୍ନାଶୟ ମଧ ଲାଗିରହିଛି।

ଶରୀରରେ ଲିଭର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ସେଥିଲାଗି ଥରେ ଲିଭର ରୋଗଗ୍ରସ୍ତ ହେଲେ ବଞ୍ଚିବା ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ। ଲିଭର କରୁଥିବା କେତୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା– (୧) ଏହା ଶର୍କରା (ସୁଗାର), ଆମିନୋଏସିଡ (ପୁଷ୍ଟିସାର) ଓ ଲିପିଡ (ସେହ୍ନସାର)କୁ ବିଘଟନ କରିଥାଏ, (୨) ରକ୍ତ ଜମାଟ ହେବାର ତତ୍ତ୍ୱ ତିଆରି କରେ ଓ ବଲିରୁବିନ ନାମକ ରେଣୁ ବିଘଟନ କରେ, (୩) ଭିଟାମିନ୍ ଓ ଖଣିଜ ଲବଣ ଇତ୍ୟାଦି ମହଜୁଦ ରଖିବା ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ରଖିବା ଇତ୍ୟାଦି। ଯକୃତର ଅନେକ ରୋଗଗୁଡ଼ିକ ମଧ୍ୟରୁ 'ଯକୃତ ପ୍ରଦାହ' ବା 'ହେପାଟାଇଟିସ୍' ହେଉଛି ମୁଖ୍ୟ ରୋଗ। ଏହି ରୋଗରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇ ଥାଆନ୍ତି। ଏଥିରୁ ଜଣାପଡୁଛି ଯେ ଏଭଳି ରୋଗରେ ଦିନକୁ ପ୍ରାୟ ସାଢ଼େ ତିନି ହଜାର ଲୋକ ମୃତ୍ୟୁବରଣ କରନ୍ତି, ଯାହାକି ଯକ୍ଷ୍ମାରୋଗର ଦୈନିକ ମୃତ୍ୟୁ ସଂଖ୍ୟା ସହ ସମାନ। ହେପାଟାଇଟିସ୍ ପରବର୍ତ୍ତୀ ସମୟରେ ଲିଭର କ୍ୟାନ୍ସର ଓ ଲିଭର ସିରୋସିସ୍‌ର କାରଣ ହୋଇଥାଏ।

ହେପାଟାଇଟିସ୍‌ର ମୁଖ୍ୟ କାରଣ ହେଲା ଭୂତାଣୁ ସଂକ୍ରମଣ। ଭୂତାଣୁଜନିତ ଯକୃତ ପ୍ରଦାହ 'ହେପାଟାଇଟିସ୍–ଏ', ହେପାଟାଇଟିସ୍–ବି, ହେପାଟାଇଟିସ୍–ସି ଏବଂ ହେପାଟାଇଟିସ୍ –ଇ ବହୁଳ ଭାବରେ ହେଉଥିବା ବେଳେ ସାଇଟୋମେଗାଲୋ ଭାଇରସ, ଇ.ବି. ଭାଇରସ, ହରପେକ୍ସ ସିମଲେକ୍ସ ଭାଇରସ ଓ ପୀତ ଜ୍ୱର ଦ୍ୱାରା କମ୍ ମାତ୍ରାରେ ପରିଲକ୍ଷିତ ହୁଏ।

ହେପାଟାଇଟିସ୍–ଏ ହେଉଛି ବହୁ ମାତ୍ରାରେ ସଂକ୍ରାମକ। ଏହା ମଳ, ମଇଳା ପାଣି, ଦୂଷିତ ଖାଦ୍ୟ, ଦୂଷିତ ହାତ ଇତ୍ୟାଦି ଦ୍ୱାରା ବ୍ୟାପିଥାଏ। କେବଳ ସେତିକି ନୁହେଁ, ଏହା ବେଳେବେଳେ ମହାମାରୀ ରୂପ ନେଇଥାଏ। ସ୍ୱଚ୍ଛତା ଓ ସଚେତନତା ତଥା ନିରାପଦ ବିଶୁଦ୍ଧ ପାଣିର ଅଭାବ ମଧ ଏହାର ଅନ୍ୟତମ କାରଣ। ସହରଗୁଡ଼ିକରେ କେତେକ ସମୟରେ ପାଣି ପାଇପ୍‌ରେ ଡ୍ରେନ୍ ଏବଂ ଲାଟ୍ରିନ ପାଣି ମିଶିଯାଏ। ଫଳରେ ଏହି ପ୍ରଦୂଷିତ ପାଣି ପିଇଲେ ନିର୍ଦ୍ଦିଷ୍ଟ ସ୍ଥାନର ବାସିନ୍ଦାମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। କିନ୍ତୁ ଏଭଳି ପାଣି ସମସ୍ୟା ସାମୟିକ ହୋଇଥାଏ। ତେଣୁ ସବୁବେଳେ ବିଶୁଦ୍ଧ ପାଣି ପିଇବା ଦରକାର। ତା'ସହ ଏଭଳି ରୋଗରେ ଆକ୍ରାନ୍ତ ହେଲେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହେପାଟାଇଟିସ୍–ବି ହେଉଛି ଦୀର୍ଘକାଳୀନ ଲିଭର ରୋଗର କାରଣ। ଏହା ରକ୍ତ ମାଧ୍ୟମରେ ବ୍ୟାପିଥାଏ। ଏକ ସଦ୍ୟତମ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଏହି ରୋଗରେ ବିଶ୍ୱରେ ପ୍ରାୟ ୨୫କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମିତ ହୋଇଥାଆନ୍ତି। ସଂକ୍ରମିତ ଗର୍ଭବତୀ ମା' ଠାରୁ ଶିଶୁକୁ ଓ ରକ୍ତ ମାଧ୍ୟମରେ (ଇଞ୍ଜେକଶନ ଛୁଞ୍ଚ, ଚିତାକୁଟା, ଆକୁପଙ୍କଚ୍ର ଛୁଞ୍ଚ, ଛୁଞ୍ଚିଫୋଡ଼ା କ୍ଷତ, ରେଜର, ଟୁଥ୍ ବ୍ରଶ, ଯୌନ ସଂକ୍ରମଣ) ଏହା ସଂକ୍ରମିତ ହୋଇଥାଏ। ଏହା ସାଧାରଣତଃ ୯୫ ପ୍ରତିଶତଙ୍କ କ୍ଷେତ୍ରରେ ଉପଶମ ହୋଇଥାଏ ମାତ୍ର ବଳକା ୫ ପ୍ରତିଶତଙ୍କ କ୍ଷେତ୍ରରେ ଏହା ଦୀର୍ଘକାଳୀନ ରୋଗକୁ ବଦଳିଯାଏ। ଏପରିକି ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍ ଏବଂ ଲିଭର କ୍ୟାନ୍ସରର କାରଣ ହୋଇଥାଏ। ଏହାର ଚିକିତ୍ସା ପାଇଁ ଆଣ୍ଟିଭାଇରାଲ ଔଷଧ ବ୍ୟବହାର କରାଯାଉଛି। ଯଦି ଏଚ୍‌ଆଇଭି–ଏଡ୍‌ସ ଦ୍ୱାରା ଆକ୍ରାନ୍ତ ତେବେ ଏଭିଳ ସମସ୍ୟା ଦେଖାଦେଲେ ଏଡ୍‌ସ ଔଷଧ ମଧ ନିୟମ ମୁତାବକ ଖାଇବାକୁ ପଡ଼ିଥାଏ।




ହେପାଟାଇଟିସ୍–ସି ମଧ ହେପାଟାଇଟିସ୍–ବି ପରି ସଂକ୍ରମିତ ରକ୍ତ ମାଧ୍ୟମରେ ବ୍ୟାପିଥାଏ ଏବଂ ଏଥିରେ ସାରା ବିଶ୍ୱରେ ପାଖାପାଖି ୭କୋଟି ଲୋକ ସଂକ୍ରମିତ ହୋଇଥାଆନ୍ତି। ଏହି ରୋଗ ଅନେକ ସମୟରେ ଦୀର୍ଘଦିନ ଧରି ସଂକ୍ରମିତ କରିଥାଏ ଓ ସିରୋସିସ୍ ପରି ଗୁରୁତର ରୋଗ ସୃଷ୍ଟି କରିଥାଏ। ମାତ୍ର ହେପାଟାଇଟିସ–ଇ ସେପରି ଅଧିକ ଭୟାବହ ନୁହେଁ, ଯଦିଓ ଏହା 'ବି' ଏବଂ 'ସି' ପରି ସମାନ ଭାବରେ ସଂକ୍ରମଣ କରାଇଥାଏ।

ହେପାଟାଇଟିସ୍‌ରୁ ରକ୍ଷା ପାଇବାର ଉପାୟ ହେଲା ଶିଶୁମାନଙ୍କୁ ଉପଯୁକ୍ତ ଟିକାକରଣ। ଏବେ ଜନ୍ମ ସମୟର ୨୪ ଘଣ୍ଟା ମଧ୍ୟରେ ଟିକାକରଣରେ 'ହେପାଟାଇଟିସ୍–ବି' ଟିକା ଦିଆଯାଉଛି ଏବଂ ପରବର୍ତ୍ତୀ ସମୟରେ ଏହାର ବୁଷ୍ଟର ଡୋଜ୍ ମଧ ଦିଆଯାଉଛି। ଫଳରେ ଏହି ରୋଗକୁ ନିୟନ୍ତ୍ରଣକୁ ଅଣାଯାଇଛି। ଆମ ରାଜ୍ୟରେ ପାଖାପାଖି ୯୮ ପ୍ରତିଶତ ଆନୁଷ୍ଠାନିକ ପ୍ରସବ ହେଉଥିବା ଯୋଗୁ ପ୍ରାୟତଃ ସମସ୍ତ ଜନ୍ମିତ ଶିଶୁ ଏହି ଟିକା ସହ ଅନ୍ୟ ଆବଶ୍ୟକ ଟିକା ପାଇପାରୁଛନ୍ତି। ଏହା ହେଉଛି ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ବଡ଼ ଉପଲବ୍ଧି।

ମଦ୍ୟପାନ ନ କରିବା, ଲିଭର ଏବଂ କିଡ୍‌ନୀକୁ କ୍ଷତି ପହଞ୍ଚାଉଥିବା ଅନେକଗୁଡ଼ିଏ ଔଷଧ, ଯନ୍ତ୍ରଣାଲାଘବ ଔଷଧ, ଆଣ୍ଟିବାୟୋଟିକ, ସଂରକ୍ଷିତ ଔଷଧ, ଡ୍ରଗସ୍ ଓ ରାସାୟନିକ ପଦାର୍ଥ ଇତ୍ୟାଦି ବ୍ୟବହାର ନ କରିବା ଉଚିତ। ଏହାସହିତ ଶିଶୁକୁ ଉପଯୁକ୍ତ ଟିକାକରଣକୁ ଗୁରୁତ୍ୱ ଦିଆଯିବା ଦରକାର। ଡାକ୍ତରୀ ପରାମର୍ଶ ବିନା କୌଣସି ଔଷଧ ବ୍ୟବହାର କରିବା ଠିକ୍ ନୁହେଁ। ଏହା ସହିତ ଲିଭରକୁ ସୁସ୍ଥ ରଖିବା ପାଇଁ ଉପଯୁକ୍ତ ତନ୍ତୁଯୁକ୍ତ ସବୁଜ ପନିପରିବା, ଚୂନାମାଛ, ଫଳମୂଳ, ଗଜାମୁଗ ଇତ୍ୟାଦି ଖାଇବା ସହ ବିଶୁଦ୍ଧ ପାଣି ପିଇବା ମଧ ଗୁରୁତ୍ୱପୂର୍ଣ୍ଣ।

–ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ : ୮୨୪୯୦୮୭୯୯୫

## ଶରୀରରେ ଆଣ୍ଟିବଡି ଗଠନ କରେ ଗାଜର



ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ଭରି ରହିଛି। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି ଯାହା ଅସ୍ଥିକୁ ଶକ୍ତ କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିୟମିତ ଗାଜର ଖାଇଲେ ତାହା ଶରୀରରେ ଆଣ୍ଟିବଡି ଗଠନ କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଆଣ୍ଟିବଡିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଗାଜର ଖାଇବାକୁ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଫଳସ୍ୱରୂପ କିଛି ସପ୍ତାହ ପରେ ସେମାନଙ୍କ ଶରୀରରେ ଆଣ୍ଟିବଡି ଗଠନ ଠିକ୍ ଭାବରେ ହେଉଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ଥିବାରୁ ଏହା ଆମ ଦୃଷ୍ଟିଶକ୍ତି ପାଇଁ ମଧ ବେଶ୍ ଉପକାରୀ। ଏହା ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନିୟମିତ ଗାଜର ଖାଇଲେ ଏଥିପାଇଁ ଏହା ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ନିୟମିତ ଗାଜର ଖାଇଲେ ତାହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳନ ରଖିବା ସହ ଉଚ୍ଚ ରକ୍ତଚାପକୁ ମଧ ନିୟନ୍ତ୍ରଣରେ ରଖିଥାଏ।

## ନିଦ୍ରାହୀନତା ସମସ୍ୟା ଥିଲେ...



ନିଦ୍ରାହୀନତା ଏଭଳି ଏକ ସମସ୍ୟା ଯାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ଯଦି ଆପଣ ଏଭଳି ସମସ୍ୟା ସହ ଜଡ଼ିତ ତେବେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଏହା ଦୀର୍ଘ ଦିନ ଧରି ଲାଗି ରହିଲା ତେବେ ଏହାର ପ୍ରଭାବ ହୃତ୍‌ପିଣ୍ଡର କାର୍ଯ୍ୟଧାରା ଉପରେ ପଡ଼ିବାର ଆଶଙ୍କା ରହିଛି ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ନିଦ୍ରାହୀନତା ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଶାରୀରିକ ପରୀକ୍ଷା କରିବା ଦ୍ୱାରା ଏକଥା ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ଏଥିଯୋଗୁ ଷ୍ଟ୍ରୋକ୍ ଆଶଙ୍କାକୁ ମଧ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ତେଣୁ ନିଦ୍ରାହୀନତା ସମସ୍ୟାର ପ୍ରାରମ୍ଭିକ ଅବସ୍ଥାରେ ହିଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରତିଦିନ ଠିକ୍ ସମୟରେ ଶୁଅନ୍ତୁ। ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୭–୮ ଘଣ୍ଟା ଶୋଇବା ନିହାତି ଦରକାର। ଶୋଇବା ପୂର୍ବରୁ ନିଜକୁ ଟେନ୍‌ସନ୍‌ଠାରୁ ଦୂରେଇ ରଖନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

## ଜାଣି ରଖନ୍ତୁ

ବିଭିନ୍ନ କାରଣରୁ ଅନେକ ଲୋକଙ୍କ ପାଟିରେ ଘା' ହୋଇଥାଏ। ବେଳେବେଳେ ଏହି ଘା' ଗୁରୁତର ଆକାର ଧାରଣ କରି କ୍ୟାନ୍‌ସରର ରୂପ ନେବାର ଆଶଙ୍କା ରହିଛି। ସେଥିପାଇଁ ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ପାଟିରେ ଘା' ହେବାର ଅନେକ କାରଣ ରହିଛି। ଶରୀରରେ ଭିଟାମିନ୍ ପରିମାଣ ଅସନ୍ତୁଳିତ ରହିଲେ କିମ୍ବା ଅଭାବ ହେଲେ ପାଟିରେ ଘା' ହୋଇଥାଏ। ଅନ୍ୟପକ୍ଷରେ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ ଲାଳ କମ୍ କ୍ଷରଣ ହେଲେ ଏପରି ସମସ୍ୟା ଦେଖା ଦେବାର ଯଥେଷ୍ଟ ଆଶଙ୍କା ରହିଛି। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ପାଟିରେ ଘା' ସୃଷ୍ଟି କରିବାର ଅନ୍ୟତମ କାରଣ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲେ ଏହା ପାଟିରେ ଘା' ସୃଷ୍ଟି କରିବାର ଅନ୍ୟତମ କାରଣ ସାଜିଥାଏ। ତେବେ ଏଥିରୁ ରକ୍ଷା ପାଇବାକୁ ହେଲେ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ ଦୂରେଇ ରୁହନ୍ତୁ। ଏହା ସତ୍ତ୍ୱେ ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## କାର୍ଯ୍ୟଦକ୍ଷତା ବଢ଼ାଇବାର ସହଜ ଉପାୟ



କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ଚାହୁଁଛନ୍ତି କି? ତେବେ ଏ ନେଇ ଚିନ୍ତିତ ହେବାର କାରଣ ନାହିଁ। ଏଥିଲାଗି ଏକ ସରଳ ତଥା ସହଜ ଉପାୟ ବିଷୟରେ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ସୂଚନା ଦେଇଛନ୍ତି। ଯଦି ଜଣେ ବ୍ୟକ୍ତି ନିୟମିତ ନିଜ ମନ ପସନ୍ଦର ବହି କିଛି ସମୟ ପଢ଼ନ୍ତି ତେବେ ତାହା ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଏ ବିଷୟରେ ସେମାନେ ଏକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ସେମାନେ ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ। ତା' ସହ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ ସେମାନଙ୍କର କାର୍ଯ୍ୟଦକ୍ଷତା ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ଏହାଦ୍ୱାରା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କର କାର୍ଯ୍ୟଦକ୍ଷତା କେତେକାଂଶରେ ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା। ତା'ସହ କାର୍ଯ୍ୟ ପ୍ରତି ସେମାନଙ୍କର ଏକଗ୍ରତା ମଧ ବୃଦ୍ଧି ପାଇଥିଲା।

## ଫୁଡ୍ ପଏଜନିଂ





ବର୍ତ୍ତମାନ ବର୍ଷା ଦିନ। ବିଶେଷଭାବରେ ଏହି ସମୟରେ ଫୁଡ୍ ପଏଜନିଂର ଆଶଙ୍କା ଅଧିକ ଥାଏ। ଏଣୁତେଣୁ ଖାଦ୍ୟ ଏବଂ ଦୂଷିତ ପାଣି ଏହାର ପ୍ରମୁଖ କାରଣ। ଯଦି ଏହି ପରିସ୍ଥିତି ଗୁରୁତର ଥାଏ, ତେବେ ହସ୍ପିଟାଲରେ ଆଡ୍‌ମିଶନ ହୋଇ ଚିକିତ୍ସିତ ହେବାକୁ ପଡ଼ିଥାଏ। ତେବେ ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଦରକାର। ପ୍ରଥମେ ଖାଇବା ପୂର୍ବରୁ ସାବୁନ ନ ହେଲେ ହାଣ୍ଡୱାଶରେ ହାତ ଭଲ ଭାବରେ ଧୁଅନ୍ତୁ। ହାତ ବାହାରକୁ ପରିଷ୍କାର ଦେଖାଯାଉଥିଲେ ମଧ ସେଥିରେ କେତେକ ଜୀବାଣୁ ଲୁଚି ରହିଥାଆନ୍ତି। ଯଦି ଫଳମୂଳ ଖାଉଛନ୍ତି ତେବେ ସେଗୁଡ଼ିକୁ ପ୍ରଥମେ ଭଲ ଭାବରେ ଧୋଇ ଦିଅନ୍ତୁ। ତା'ପରେ ଖାଆନ୍ତୁ। ଖାଦ୍ୟପଦାର୍ଥକୁ ପରିଷ୍କାର ସ୍ଥାନରେ ଭଲ ଭାବରେ ଘୋଡ଼ାଇ ରଖନ୍ତୁ। ବାହାର ଖାଦ୍ୟ ଏହି ଋତୁରେ ଯେତେ କମ୍ ଖାଇବେ ତାହା ସେତେ ଭଲ। ଏହା ଏକ ନିୟମିତ ଅଭ୍ୟାସରେ ପରିଣତ ହେଲେ ପେଟଜନିତ ସମସ୍ୟା ଦେଖାଦେଇଥାଏ। ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଯେଉଁ ଖାଦ୍ୟ ଅଳ୍ପ ସମୟ ମଧ୍ୟରେ ଖରାପ ହୋଇଯିବ ବୋଲି ଜାଣିପାରୁଛନ୍ତି ସେଭଳି ଖାଦ୍ୟ ଖାଆନ୍ତୁ ନାହିଁ। ଫୁଡ୍ ପଏଜନିଂର କେତେକ ପ୍ରମୁଖ ଲକ୍ଷଣ ରହିଛି। ସେଗୁଡ଼ିକ ହେଲା– ବାନ୍ତି ଲାଗିବା, ବାନ୍ତି ହେବା, ପେଟ ଗଡ଼ବଡ଼ ଲାଗିବା, ପତଳା ଝାଡ଼ା ହେବା, ପାକସ୍ଥଳୀରେ ଯନ୍ତ୍ରଣା ଅନୁଭବ କରିବା, ଜ୍ୱର ହେବା ଏବଂ ମୁଣ୍ଡ ବିନ୍ଧିବା। ତେଣୁ ଏଭଳି ଲକ୍ଷଣ ବିଷୟରେ ଜାଣିପାରିଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ପ୍ରତିଦିନ ସକାଳେ ବ୍ରେକ୍‌ଫାଷ୍ଟ ତାଲିକାରେ ସାଲାଡ୍, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ହେଉଛି ଦିନର ପ୍ରଥମ ଖାଦ୍ୟ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ରଖିବେ ତାହା ସେତେ ଭଲ।



➤ସକାଳର ସୂର୍ଯ୍ୟକିରଣ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହା ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ।

➤ଯଦି ସବୁବେଳେ ଟେନ୍‌ସନରେ ରହୁଛନ୍ତି ତେବେ ତାହାର କାରଣ ଖୋଜି ବାହାର କରନ୍ତୁ। ନ ହେଲେ ଦୀର୍ଘ ଦିନ ଧରି ଏଭଳି ସମସ୍ୟା ଲାଗି ରହିଲେ ତାହା ରକ୍ତଚାପ ଏବଂ ଆଉ କେତେକ ରୋଗର କାରଣ ସାଜିଥାଏ।

➤ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ସଜନା ଶାଗ। ଏଥିରେ କ୍ୟାଲ୍‌ସିୟମ୍, ପୋଟାସିୟମ୍, ଆଇରନ ସମେତ ଭିଟାମିନ୍–ଏ, ସି ଏବଂ ଇ ଭରି ରହିଛି। ଭିଟାମିନ୍–ଏ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଦୃଷ୍ଟିଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।

➤ପ୍ରତିଦିନ କିଛି ପରିମାଣର ଦହି ଖାଇଲେ ତାହା ଅସନ୍ତୁଳିତ ହରମୋନକୁ ସନ୍ତୁଳିତ ଅବସ୍ଥାକୁ କେତେକାଂଶରେ ଆଣିବାରେ ସହାୟକ ହୋଇଥାଏ।

➤କଲରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ସହ ଆଲର୍ଜି ସମସ୍ୟା ଠାରୁ କେତେକାଂଶରେ ଦୂରେଇ ରଖିଥାଏ।

## ଗମ୍ଭୀର ମାନସିକ ସମସ୍ୟା ସ୍କିଜୋଫ୍ରେନିଆ

ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା। ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍‌ଭାବରେ କରିପାରେ ନାହିଁ। ନିଦ କମିଯାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। କାରଣ ନ ଥାଇ କଥା ଶୁଭୁଛି, ଶୂନ୍ୟବାଣୀ ହେଉଛି ବୋଲି ମଧ କହିଥାଏ। ନ ଥିବା ବସ୍ତୁ, ବ୍ୟକ୍ତିଙ୍କୁ ଦେଖିପାରୁଛି ବୋଲି କହିଥାଏ। ରୋଗୀ ବେଳେବେଳେ ଏସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରେ। ଏହି ପ୍ରତିକ୍ରିୟାରେ ରୋଗୀ ନିଜେ ମନେମନେ କଥାହୁଏ, ଶୂନ୍ୟରେ ଜବାବ ଦିଏ, ମନକୁ ମନ ହସେ ଓ କାନ୍ଦେ। ଭ୍ରାନ୍ତବିଶ୍ୱାସ ଏକ ଅସତ୍ୟ ବା ଭୁଲ ଧାରଣା, ଯାହାକୁ ରୋଗୀମାନେ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଏହା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥାଏ। ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ମାନସିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତ ହୋଇଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିଆ ହୋଇଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୪୦ରୁ ୫୦ ପ୍ରତିଶତ ଆଶଙ୍କା ଥାଏ।



# ପୂର୍ବାଞ୍ଚଳ ଦଳରେ ଆଶୀର୍ବାଦ

**ଦୁଲିପ ଟ୍ରଫି କ୍ରିକେଟ**

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଦୁଲିପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୨୮ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁଙ୍କୁ ସାମିଲ କରାଯାଇଛି। ଇଶାନ କିଶନ ଆହତ ହେବା କାରଣରୁ ଆଶୀର୍ବାଦଙ୍କୁ ଦଳରେ ନିଆ ଯାଇଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ କିଶନଙ୍କ ସ୍ଥାନରେ


ଆଶୀର୍ବାଦ ସ୍ୱାଇଁ

କାହାକୁ ଅଧିନାୟକ ମନୋନୟନ କରାଯିବ ତାହା ଜଣାପଡ଼ିନି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଘୋଷିତ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ସନ୍ଦିପ ପଟ୍ଟନାୟକ ସାମିଲ ଅଛନ୍ତି। ସ୍ୱସ୍ତିକ ସାମଲ ଷ୍ଟାଣ୍ଡବାଇ ତାଲିକାରେ ରହିଛନ୍ତି। ଏବେ ଆଶୀର୍ବାଦ ସାମିଲ ହୋଇଥିବାରୁ ଓଡ଼ିଶାର ଏକାଧିକ ପ୍ରତିଯୋଗୀଙ୍କୁ ଦକ୍ଷତା ପ୍ରଦର୍ଶନର ସୁଯୋଗ ମିଳିଛି। ପୂର୍ବାଞ୍ଚଳ ଦଳ ଏହାର ପ୍ରଥମ ମ୍ୟାଚ ୨୮ ତାରିଖରେ ଉତ୍ତରାଞ୍ଚଳ ବିପକ୍ଷରେ ଖେଳିବ। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଆଶୀର୍ବାଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବାଞ୍ଚଳ ଦଳ: ଅଭିମନ୍ୟୁ ଈଶ୍ୱରନ, ବିରାଟ ସିଂ, ଶରଣଦୀପ ସିଂ, ସନ୍ଦିପ ପଟ୍ଟନାୟକ, ଶ୍ରୀଦମ ପଲ୍, ରିୟାନ ପରାଗ, ସୂରଜ ସିନ୍ଧୁ ଜୟସ୍ୱାଲ, ଉତ୍କର୍ଷ ସିଂ, ଆଶୀର୍ବାଦ ସ୍ୱାଇଁ, କୁମାର କୁଶାଗ୍ର, ମହମ୍ମଦ ଶାମି, ମନିଷି, ଆକାଶ ଦୀପ, ଡେନିଶ ଦାସ, ମୁକେଶ କୁମାର।

## ଡାଇମଣ୍ଡ ହାର୍ବୋର ସେମିଫାଇନାଲରେ

**ଜାମଶେଦପୁର, ୧୭।୮ (ପି.ଟି.):** ପଦାର୍ପଣରେ ଡାଇମଣ୍ଡ ହାର୍ବୋର ଏଫ୍‌ସି ୧୩୪ତମ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ଇଣ୍ଡିଆନ ସୁପର ଲିଗ୍(ଆଇଏସ୍ଏଲ୍) ଦଳ ଜାମଶେଦପୁର ଦଳକୁ ୨-୦ ଗୋଲ୍‌ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛି। ଜେଆରଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଖେଳାଯାଇଥିବା ଏହି ମ୍ୟାଚର ହିରୋ ଥିଲେ ଡିଫେଣ୍ଡର ସାଇରୁଆତ୍‌କିମା। ସେ ପ୍ରଥମାର୍ଦ୍ଧ ଖେଳରେ (୩ୟ ଓ ୪୧ତମ ମିନିଟ) ଦୁଇଟି ଗୋଲ୍ ସ୍କୋର କରି ଘରୋଇ ଦର୍ଶକଙ୍କୁ ସ୍ତବ୍ଧ କରିଦେଇଥିଲେ। ବେଙ୍ଗଲର ଏହି ଦଳ ଟୁର୍ନାମେଣ୍ଟରେ ଏହାର ପ୍ରଥମ ପଦାର୍ପଣରେ ସେମିଫାଇନାଲରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

# ଡାଇମଣ୍ଡ ଲିଗ୍ ଫାଇନାଲରେ ନୀରଜ

ନୂଆଦିଲ୍ଲୀ, ୧୭।୮ (ପି.ଟି.)

ଷ୍ଟାର ଭାରତୀୟ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ସ୍ୱିଜରଲାଣ୍ଡର ଜୁରିକ୍‌ରେ ଆସନ୍ତା ୨୭ ଓ ୨୮ ତାରିଖରେ ହେବାକୁ ଥିବା ଡାଇମଣ୍ଡ ଲିଗ୍(ଡିଏଲ୍) ଲାଗି ଯୋଗ୍ୟତା ହାସଲ କରିଛନ୍ତି। ୱାର୍ଲ୍ଡ ଚାମ୍ପିୟନ ନୀରଜ ଗତ ୧୬ ତାରିଖରେ ପୋଲାଣ୍ଡର ସିଲେସିଆରେ ଡାଇମଣ୍ଡ ଲିଗ୍ ମିଟ୍‌ରେ ଭାଗ ନେଇ ନ ଥିଲେ। ଆସନ୍ତା ୨୨ ତାରିଖରେ ବ୍ରସେଲ୍ସ ଲେଗ୍‌ରେ ସେ ଅଂଶଗ୍ରହଣ କରିବେ କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ହେଲେ ଶନିବାର ଶେଷ ହୋଇଥିବା ସିଲେସିଆ ଲେଗ୍ ପରେ ଜାରି କରାଯାଇଥିବା ଅପଡେଟ୍ ଷ୍ଟାଣ୍ଡିଙ୍ଗ୍ସ ଅନୁଯାୟୀ, ନୀରଜଙ୍କୁ ବ୍ରସେଲ୍ସ ଲେଗ୍‌ରେ ଭାଗ ନେବାର ଆବଶ୍ୟକତା ନାହିଁ। ଦୁଇଟି ଡିଏଲ୍ ପ୍ରତିଯୋଗିତାରେ ଭାଗ ନେଇଥିବା ନୀରଜ ଗୋଟିଏରେ ପ୍ରଥମ ଓ ଅନ୍ୟଟିରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏଥିଯୋଗୁ ଦୁଇ ଥରର ଅଲିମ୍ପିକ୍ ମେଡାଲିଷ୍ଟ ୧୫ ପଏଣ୍ଟ ସହ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଚୋପ୍ରା କେଶର୍ନ ୱାଲକଟ (୧୭) ଓ ଜୁଲିଆନ ୱେବର (୧୫)ଙ୍କ ପଛକୁ ତୃତୀୟ ସ୍ଥାନରେ ରହିଛନ୍ତି। ବ୍ରସେଲ୍ସ ଲେଗ୍ ପରେ ଟପ୍-୬ରେ ଥିବା ଥ୍ରୋୟର ଫାଇନାଲରେ ଭାଗ ନେବେ। ୨୭ ବର୍ଷୀୟ ନୀରଜ ଗତ ମେ'ରେ ଦୋହା ଡିଏଲ୍‌ରେ କ୍ୟାରିୟରରେ ପ୍ରଥମ ଥର ପାଇଁ ୯୦ ମିଟର ଦୂରତା ଅତିକ୍ରମ କରିଥିଲେ। କିନ୍ତୁ ସେ ୱେବରଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ଟୋକିଓରେ ହେବାକୁ ଥିବା ୱାର୍ଲ୍ଡ ଚାମ୍ପିୟନଶିପ୍ସରେ ଚୋପ୍ରା ତାଙ୍କ ଟାଇଟଲକୁ ଡିଫେଣ୍ଡ କରିବେ।


ନୀରଜ ଚୋପ୍ରା

# ଏସିଆ କପ୍: ପାକିସ୍ତାନ ଦଳରୁ ବାବର, ରିଜୱାନ ବାଦ୍

ଲାହୋର, ୧୭।୮ (ପି.ଟି.)

ଆସନ୍ତା ଏସିଆ କପ୍ ଓ ୟୁଏଇ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ପାକିସ୍ତାନ ରବିବାର ୧୭ ଜଣିଆ ଦଳ ଘୋଷଣା କରିଛି। ଏଥିରେ ଦେଶର ଦୁଇ ପୁରୁଖା ବ୍ୟାଟର ବାବର ଆଜାମ ଓ ମହମ୍ମଦ ରିଜୱାନଙ୍କୁ ସ୍ଥାନ ମିଳିନାହିଁ। ବାବର ଓ ରିଜୱାନଙ୍କ ପ୍ରଦର୍ଶନ ସହାୟତାରେ ପାକିସ୍ତାନ ୨୦୨୧ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଟି୨୦ ବିଶ୍ୱକପରେ ଭାରତ ବିପକ୍ଷରେ ଏକ ଆଇସିସି ଇଭେଣ୍ଟରେ ପ୍ରଥମ ଥର ବିଜୟ ହାସଲ କରିଥିଲା। ଉଭୟ ବାବର ଓ ରିଜୱାନ ଗତ ଥର ସେମାନଙ୍କ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ୨୦୨୪ ଡିସେମ୍ବରରେ ଖେଳିଥିଲେ। ଏସିଆ କପ୍ ଏଥର ୟୁଏଇରେ ସେପ୍ଟେମ୍ବର ୯ରୁ ଟି୨୦ ଫର୍ମାଟରେ ଖେଳାଯିବ। ଏହା ପୂର୍ବରୁ ସଲମନ ଅଲି ଆଘାଙ୍କ ନେତୃତ୍ୱାଧୀନ ଦଳ ଶାରଜାଠାରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଆଫଗାନିସ୍ତାନ ଓ ଆୟୋଜକ ୟୁଏଇକୁ ନେଇ ଏକ ତ୍ରିରାଷ୍ଟ୍ରୀୟ ସିରିଜ ଖେଳିବ। ପାକିସ୍ତାନ ମୁଖ୍ୟ କୋଚ୍ ମାଇକ୍ ହେସନ କହିଛନ୍ତି ବାବରଙ୍କୁ କେତେକ କ୍ଷେତ୍ରରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଲାଗି କୁହାଯାଇଛି। ବାବରଙ୍କୁ ବିଗ୍ ବାଶ୍ ଲିଗ୍ (ବିବିଏଲ୍)ରେ ଖେଳିବାର ଏକ ସୁଯୋଗ ରହିଛି। ଏଥିରେ ସେ ତାଙ୍କ ଦୋଷ ତ୍ରୁଟିରେ ସୁଧାର ଆଣିପାରିବେ। ଦଳରେ ସିନିୟର ଫାଷ୍ଟ ବୋଲର ଶାହିନ ଶାହ ଆଫ୍ରିଦି, ମହମ୍ମଦ ୱାସିମ ଓ ବାମହାତୀ ବୋଲର ସଲମନ ମିର୍ଜା ସ୍ଥାନ ପାଇଛନ୍ତି। ହେସନ କହିଛନ୍ତି ନିକଟରେ ବିଦେଶରେ ଜୁଲାଇରେ ବାଂଲାଦେଶ ବିପକ୍ଷ ଟି୨୦ ସିରିଜ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ପରାଜିତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ସେମାନଙ୍କ ମଧ୍ୟରେ ସାହିବଜାଦା ଫାରହାନ ୬ଟି ଗେମ୍ ଖେଳି ତିନୋଟିରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ଖେଳାଯିବାକୁଥିବା ଏସିଆକପ୍ ଟୁର୍ନାମେଣ୍ଟ ୮ଟି ଦଳକୁ ନେଇ ଅନୁଷ୍ଠିତ ହେବ। ଏଥିରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ୟୁଏଇ ଓ ଓମାନଙ୍କୁ ମଧ୍ୟ ସ୍ଥାନ ମିଳିଛି।

**ପାକିସ୍ତାନ କ୍ରିକେଟ ଦଳ:** ସଲମନ ଅଲି ଆଘା (ଅଧିନାୟକ), ଅବ୍ରାର ଅହମଦ, ଫାହିମ୍ ଅଶ୍ରଫ୍, ଫଖର ଜମାନ, ହାରିସ ରୌଫ୍, ହସନ ଅଲି, ହସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ୍ ଶାହା, ମହମ୍ମଦ ହାରିସ (ଉଇକେଟକିପର), ମହମ୍ମଦ ନୱାଜ, ମହମ୍ମଦ ୱାସିମ ଜୁନିୟର, ଶାହିବଜାଦା ଫାରହାନ୍, ସଇମ ଆୟୁବ୍, ସଲମନ ମିର୍ଜା, ଶାହିନ ଶାହା ଆଫ୍ରିଦି, ସୁଫିୟାଁ ମୋକିମ୍।

# ଜୁନିୟର ପାରା ଆଥ୍‌ଲେଟିକ୍ସ ଉଦ୍‌ଯାପିତ


ରାଜ୍ୟ ପାରା ଆଥଲେଟିକ୍ସର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୧୬ ଓ ୧୭ ତାରିଖ ଦୁଇଦିନଧରି ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ପାରା ଅଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା (ପିଏସ୍ଏଓ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୩୦ ଜିଲାରୁ ୧୪୦ରୁ ଊର୍ଦ୍ଧ୍ୱ ପାରା କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ୧୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୩ ବ୍ରୋଞ୍ଜ ଜିତି ଓଭରଅଲ୍ ଚାମ୍ପିୟନ ହୋଇଛି। ଅନୁଗୋଳ ୯ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ସହ ଦ୍ୱିତୀୟ ସ୍ଥାନରେ ରହିଛି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ନିୟମ ଅନୁଯାୟୀ ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ପାରା ଆଥଲେଟ୍‌ମାନେ ମଧ୍ୟ ପ୍ରଦେଶର ଗ୍ୱାଲିୟରରେ ଚଳିତ ମାସ ୨୯ରୁ ୩୧ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ଜୁନିୟର ପାରା ଆଥଲେଟିକ୍ସରେ ଅଂଶଗ୍ରହଣ କରିବେ।

## ଆଇସିସିର ଶୋକ

**ଦୁବାଇ, ୧୭।୮ (ପି.ଟି.):** ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ବବ୍ ସିମ୍ପସନଙ୍କ ଦେହାନ୍ତରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ରବିବାର ଶୋକ ପ୍ରକାଶ କରାଯିବା ସହ ତାଙ୍କର ସ୍ମୃତି ଚାରଣ କରାଯାଇଛି। ଜଣେ ଖେଳାଳି, ଅଧିନାୟକ ଓ କୋଚ୍ ଭାବେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା। ତାଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ୧୯୯୦ ଦଶକରେ ବିଶ୍ୱ କ୍ରିକେଟରେ ଶୀର୍ଷକୁ ଉଠିପାରିଥିଲା। ଅଷ୍ଟ୍ରେଲିଆନ୍ କ୍ରିକେଟରେ ସିମ୍ପସନ ଅନ୍ୟତମ ପ୍ରଭାବଶାଳୀ ବ୍ୟକ୍ତି ଥିଲେ। ଶନିବାର ୮୯ବର୍ଷ ବୟସରେ ତାଙ୍କର ନିଧନ ହୋଇଯାଇଛି। ଏହି ଅବସରରେ ଆଇସିସି ଚେୟାରମ୍ୟାନ ଜୟ ଶାହା ସିମ୍ପସନଙ୍କ ଅବଦାନର ଉଚ୍ଚ ପ୍ରଶଂସା କରିବା ସହ ସେ ଅନେକ ଦିନ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିବେ ବୋଲି କହିଛନ୍ତି।

# ଜିଏଚ୍‌ଏସ୍ ୬-୧ ଗୋଲରେ ବିଜୟୀ

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ**



ରାମ ବନ୍ଦିୟାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ରବିବାର ୟୁନିଟ-୧ ଜିଏଚ୍‌ଏସ୍ ବିଜୟୀ ହୋଇଛି। ଏହି ଦଳ ୬-୧ ଗୋଲରେ ରାମକୃଷ୍ଣ ଏସ୍‌କେ ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ରାମ ବନ୍ଦିୟା ହ୍ୟାଟ୍ରିକ ସହ ଏକାକୀ ୪ଟି ଗୋଲ ଦେଇଥିଲେ। ଦେବାଶିଷ ମାଝି ଓ ଡମ୍ବରୁ ବାନରା ଅନ୍ୟ ୨ଟି ଗୋଲ ସ୍କୋର କରିଥିଲେ। ବିପକ୍ଷ ଦଳରୁ ହେମେନ୍ଦ୍ର ବେଶ୍ରା ଗୋଟିଏ ମାତ୍ର ଗୋଲ ପରିଶୋଧ କରିଥିଲେ। ଚମତ୍କାର ପ୍ରଦର୍ଶନ ପାଇଁ ରାମ ବନ୍ଦିୟାଙ୍କୁ ଅତିଥି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ନବ ମିଶ୍ର ପୁରସ୍କୃତ କରିଥିଲେ। ରେଫରି ଦିଗ୍‌ବିଜୟ ଦାସ, ସୁଶାନ୍ତ ମିଶ୍ର, ଆରତି ମହାନ୍ତି ଓ ଚନ୍ଦ୍ରକାନ୍ତ ବାରିକ ମ୍ୟାଚ ପରିଚାଳନା କରିଥିଲେ। ଅନ୍ୟ ଏକ ମ୍ୟାଚରେ ଡିଏଭି ଚନ୍ଦ୍ରଶେଖରପୁର ଦଳ ଅନୁପସ୍ଥିତ ରହିବାରୁ ମଦର ପବ୍ଲିକ୍ ସ୍କୁଲକୁ ୱାକଓଭର ଦିଆଯାଇଥିଲା।

# କର୍ଣ୍ଣାଟକକୁ ହରାଇଲା ଓଡ଼ିଶା

**ଜାତୀୟ ଜୁନିୟର ହକି**

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ପଞ୍ଜାବର ଜଳନ୍ଧରଠାରେ ଚାଲିଥିବା ୧୫ଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ରବିବାର ଅନୁଷ୍ଠିତ ଏକ ଡିଭିଜନ-ଏ' ମ୍ୟାଚରେ ଓଡ଼ିଶା ୨-୧ ଗୋଲରେ କର୍ଣ୍ଣାଟକକୁ ପରାସ୍ତ କରିଛି। ପୁଲ୍ ଡି'ର ଏହି ମ୍ୟାଚ୍‌ରେ କର୍ଣ୍ଣାଟକ ପକ୍ଷରୁ ନିତେଶ ଶର୍ମା ୩୭ତମ ମିନିଟରେ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ବେଳକୁ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୫୦ତମ ମିନିଟରେ ରିତିକ ଲାକ୍ରା ଗୋଲଟି ପରିଶୋଧ କରି ଦେବାପରେ ୫୧ତମ ମିନିଟରେ ଆର୍ଯ୍ୟନ ଖେସ୍ ସ୍କୋର କରିଥିବା ଗୋଲ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଫଳରେ ଓଡ଼ିଶାକୁ ୩ ପଏଣ୍ଟ ମିଳିଛି। ଚମତ୍କାର ପ୍ରଦର୍ଶନ ପାଇଁ ରିତିକ ଲାକ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଡିଭିଜନ-ଏ'ର ଅନ୍ୟ ମ୍ୟାଚଗୁଡ଼ିକରେ ହରିୟାଣା ୫-୦ରେ ମଣିପୁର, ଉତ୍ତର ପ୍ରଦେଶ ୨-୦ରେ ଝାଡ଼ଖଣ୍ଡ ଓ ପଞ୍ଜାବ ୩-୨ରେ ମଧ୍ୟ ପ୍ରଦେଶକୁ ହରାଇ ଦେଇଛି। ଡିଭିଜନ-ବି'ର ୨ଟି ମ୍ୟାଚରେ ଆସାମକୁ ବିହାର ୪-୩ ଏବଂ ଉତ୍ତରାଖଣ୍ଡକୁ ବେଙ୍ଗଲ ୪-୧ ଗୋଲରେ ହରାଇ ଦେଇଛି। ଖରାପ ପ୍ରଦର୍ଶନ କାରଣରୁ ହିମାଚଳ ଓ ଆସାମ ଦଳ ଡିଭିଜନ-ସି'କୁ ରେଲିଗେଟେଡ ହୋଇଛନ୍ତି।

## ଭେସ୍ ପେସ୍‌ଙ୍କ ଅନ୍ତ୍ୟେଷ୍ଟି ଶେଷ

**କୋଲକାତା, ୧୭।୮ (ପି.ଟି.):** ଅଲିମ୍ପିକ୍ ବ୍ରୋଞ୍ଜ ମେଡାଲ ବିଜୟୀ ଭାରତୀୟ ହକି ଦଳର ସଦସ୍ୟ ତଥା ଜଣେ ପ୍ରତିଷ୍ଠିତ ସ୍ପୋର୍ଟ୍ସ ମେଡିସିନ ଏକ୍ସପର୍ଟ ଡ. ଭେସ୍ ପେସ୍‌ଙ୍କର ରବିବାର ଅନ୍ତ୍ୟେଷ୍ଟିକ୍ରିୟା ଶେଷ ହୋଇଛି। ତାଙ୍କ ମରଶରୀରକୁ ଗାଡ଼ିରେ ନିଆଯାଉଥିବା ବେଳେ ଯୁବ ହକି ଖେଳାଳିମାନେ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇ ହକି ଷ୍ଟିକ୍ ଉପରକୁ ଉଠାଇ ତାଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ପୂର୍ବତନ କ୍ଲବ ଇଷ୍ଟ ବେଙ୍ଗଲ ଓ ମୋହନ ବାଗାନର ପତାକା ତାଙ୍କ କଫିନ ଉପରେ ଘୋଡ଼ା ଯାଇଥିଲା। ତାଙ୍କ ଅନ୍ତିମ ସଂସ୍କାରରେ ପୁଅ ଲିଆଣ୍ଡର ପେସ୍‌ଙ୍କ ସହ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରମୁଖ ଓ ହକି ବେଙ୍ଗଲର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଆଥ୍‌ଲେଟ, କୋଚ୍‌ଙ୍କ ଲାଗି ସହାୟକ ହେବ ମି'

ଭୁବନେଶ୍ୱର, ୧୭।୮ (ଅନାଦି କର)

ଆଥ୍‌ଲେଟଙ୍କ ଲାଗି ଇଞ୍ଜୁରି ଓ ଏହାର ମ୍ୟାନେଜମେଣ୍ଟ କ୍ଷେତ୍ରରେ 'ମି' (ମିଟ୍ ଇଓର ଏକ୍ସପର୍ଟ) ସହାୟକ ହେବ। କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ଅଡିଟୋରିୟମରେ ରବିବାର ଆୟୋଜିତ ଆପ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ହକି କୋଚ୍ ଡ. ଅଜୟ କୁମାର ବଂଶଲ, ଏଚ୍‌ପିସିଓ ସିଇଓ ଆଇଏଏସ୍ ଦୀପଙ୍କର ମହାପାତ୍ର, ପ୍ରତିଷ୍ଠିତ ଅର୍ଥପେଡିକ ସର୍ଜନ ଡ. ରଣଜୀତ ପାଣିଗ୍ରାହୀ, ଅଲିମ୍ପିଆନ ଶ୍ରାବଣୀ ନନ୍ଦ, ପ୍ରଥମ ଓଡ଼ିଆ ଭାବେ ଅର୍ଜୁନ ପୁରସ୍କାର ବିଜୟିନୀ ମୀନତି ମହାପାତ୍ର ଯୋଗଦେଇଥିଲେ। ଅତିଥିଙ୍କ ପରିଚୟ ପ୍ରଦାନ କରାଯିବା ପରେ 'ମିଟ୍ ଇଓର ଏକ୍ସପର୍ଟ' ଆପ୍ ପ୍ରସ୍ତୁତକାରୀ ଆଥ୍‌ଲାଇନ ଏଡୁଟେକ୍‌ପ୍ରାଇଭେଟ୍‌ଲିମିଟେଡ୍‌ର ପ୍ରତିଷ୍ଠାତା ଓ ଡାଇରେକ୍ଟର ଡ. ମୁକ୍ତି ପ୍ରସାଦ ଦାଶ ଆପ୍‌ରେ ଦିଆଯାଇଥିବା ସୁବିଧା ଓ ଏହାର ଆବଶ୍ୟକତା ସମ୍ପର୍କରେ ପ୍ରକାଶ କରିଥିଲେ।

ଜଣେ ଆଥ୍‌ଲେଟଙ୍କ ଲାଗି ଫିଜିଓଥେରାପିର ଖୁବ ଆବଶ୍ୟକତା ରହିଛି। ମି' ଆପ୍ ଦ୍ୱାରା ଦିଆଯାଉଥିବା ସ୍ପୋର୍ଟ୍ସ ସାଇନ୍ସ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେବାର ସୁବିଧା ଆଥ୍‌ଲେଟ୍ ଓ କୋଚ୍‌ଙ୍କୁ ବିଶେଷ ଫାଇଦା ଦେବ ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ କହିଛନ୍ତି। ଏଥିସହିତ ଏହି ଆପ୍‌କୁ ଆହୁରି ଡେଭଲପ କରିବା ସହ ଦୂରଦୂରାନ୍ତରେ ପହଞ୍ଚାଇବା ପାଇଁ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ସେହିଭଳି ଅଲିମ୍ପିଆନ ଶ୍ରାବଣୀ ନନ୍ଦ ପ୍ରକାଶ କରିଛନ୍ତି ଯେ, ସବୁ ଖେଳାଳି ଏଥିରୁ ଉପକୃତ ହେବେ। ଏଥିରେ ଥିବା କାଟେଗୋରୀ ଆଥଲେଟ୍‌ଙ୍କ ଲାଗି ପୂରା ପ୍ୟାକେଜ ଭଳି। ମୁଁ କ୍ୟାରିୟର ଆରମ୍ଭ କଲାବେଳେ ଫିଜିଓଥେରାପି ବିଷୟରେ ଶୁଣି ନ ଥିଲି। ଜଣେ ଖେଳାଳି ପାଇଁ ସର୍ବଦା ସୁସ୍ଥ ଓ ଫିଟ୍ ରହିବା ଗୁରୁତ୍ୱପୂର୍ଣ୍ଣ। ଏହାପରେ ହିଁ ସେମାନେ ଭଲ ପ୍ରଦର୍ଶନ କରିପାରିବେ। ଏହି ଆପ୍‌ର ଫାଇଦା କୋଚ୍ ଓ ଖେଳାଳିଙ୍କୁ ମିଳିବ। ଏହି ଆପ୍ ସମସ୍ତ ଖେଳାଳିଙ୍କ ପାଖରେ ପହଞ୍ଚିବା ଦରକାର। ଏହାପରେ ଅନୁଷ୍ଠିତ ପ୍ୟାନେଲ ଡିସ୍କଶନରେ ଅତିଥିଙ୍କ ସହ ସ୍ପୋର୍ଟ୍ସ ସାଇକୋଲୋଜିଷ୍ଟ ଯୋଗମାୟା ପଣ୍ଡା ଓ କ୍ରୀଡ଼ା ଖବରଦାତା ସୁରେଶ ସ୍ୱାଇଁ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଆରଏନ୍ ରାଉତରାୟ, ନବ କୁମାର ମିଶ୍ର, ରଶ୍ମି ରଞ୍ଜନ ପରିଡ଼ା, ନିପେନ ଦାସ, ଦିଲୀପ ମୋଟ୍‌ୱାନୀ, ଯୋଗମାୟା ପଣ୍ଡା ଓ ସୁରେଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଥ୍‌ଲେଟ୍ସ ଓ ବିଶ୍ୱ ସ୍ତରୀୟ ସ୍ପୋର୍ଟ୍ସ ସାଇନ୍ସ ପ୍ରଫେଶନାଲ୍ସଙ୍କୁ ଗୋଟିଏ ପ୍ଲାଟଫର୍ମରେ ଆଣିବା ଏହି ଆପ୍‌ର ଲକ୍ଷ୍ୟ; ଯାହା ଫଳରେ ସମସ୍ତ ସ୍ତରର ଆଥ୍‌ଲେଟ୍ସଙ୍କୁ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେବାର ସୁବିଧା ମିଳିପାରିବ।



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ହକି କୋଚ୍ ଅଜୟ କୁମାର ବଂଶଲଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ: ବିକାଶ ନାୟକ)

## ଫୁଟ୍‌ବଲରେ ବିଶ୍ୱ ରେକର୍ଡର ସମକକ୍ଷ ଫାବିଓ

**ବ୍ରାସିଲ, ୧୭।୮:** ବ୍ରାଜିଲ ଗୋଲକିପର ଫାବିଓ ପୁରୁଷ ଫୁଟ୍‌ବଲରେ ସର୍ବାଧିକ ସଂଖ୍ୟକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଖେଳିବାରେ ଇଂଲଣ୍ଡର କିମ୍ବଦନ୍ତୀ ପିଟର ଶିଲଟନଙ୍କ ଦୀର୍ଘ ବର୍ଷର ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ବ୍ରାଜିଲର ସିରି ଏ'ରେ ଫର୍ଟାଲେଜା ବିପକ୍ଷ ମ୍ୟାଚ୍‌ରେ ଫ୍ଲୁମିନେନ୍ସ ପାଇଁ ଷ୍ଟାର୍ଟିଂ ଇଲେଭେନରେ ୪୪ ବର୍ଷୀୟ ଫାବିଓ ସ୍ଥାନ ପାଇଥିଲେ। ଏହା ତାଙ୍କ ପେସାଦାର କ୍ୟାରିୟରର ୧,୩୯୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚ୍‌କୁ ଫ୍ଲୁମିନେନ୍ସ ୨-୧ ଗୋଲରେ ଜିତି ନେଇଥିଲା। ସର୍ବକାଳୀନ ମହାନ୍ ଗୋଲକିପର ଭାବେ ବିବେଚିତ ହେଉଥିବା ଶିଲଟନ ଦୁଇ ଦଶନ୍ଧି ତଳେ ଏହି ରେକର୍ଡ କରିଥିଲେ। ଗିନିଜ ୱାର୍ଲ୍ଡ ରେକର୍ଡ୍ସ ମୁତାବକ, ଶିଲଟନ ତାଙ୍କ ପେସାଦାର କ୍ୟାରିୟରରେ ୧,୩୯୦ ମ୍ୟାଚ୍ ଖେଳିଥିଲେ।

ଆସନ୍ତା ମଙ୍ଗଳବାର କଲମ୍ବିଆର ଆମେରିକା ଡି କାଲି ବିପକ୍ଷରେ ହେବାକୁ ଥିବା ମ୍ୟାଚ୍‌ରେ ଯଦି ଫାବିଓଙ୍କୁ ସାମିଲ କରାଯାଏ, ତେବେ ସେ ଶିଲଟନଙ୍କୁ ପଛରେ ପକାଇ ପେସାଦାର ଫୁଟବଲରେ ସର୍ବାଧିକ ସଂଖ୍ୟକ ମ୍ୟାଚ୍ ଖେଳିବାର ରେକର୍ଡର ଅଧିକାରୀ ହେବେ। ଫାବିଓ ୧୯୯୭ରେ କ୍ୟାରିୟର ଆରମ୍ଭ କରିଥିବା ବେଳେ ସମାନ ବର୍ଷ ଶିଲଟନ ଅବସର ନେଇଥିଲେ। ଫାବିଓ ୨୦୦୫ରୁ ୨୦୨୨ ମଧ୍ୟରେ କ୍ରୁଜେରୋ ପାଇଁ ୯୭୬ ମ୍ୟାଚ୍ ଖେଳିଥିଲେ। ୟୁନିଆଓ ବାନ୍ଦେଇରାନ୍ତେ (୧୯୯୭-୨୦୦୦) ପାଇଁ ୩୦ ଓ ଭାସ୍କୋଡା ଗାମା (୨୦୦୦-୨୦୦୪) ଲାଗି ୧୫୦ ମ୍ୟାଚ୍ ଖେଳିଥିଲେ। ଶନିବାର ମ୍ୟାଚ୍ ଫ୍ଲୁମିନେନ୍ସ ଲାଗି ଫାବିଓଙ୍କର ୨୩୪ତମ ମ୍ୟାଚ୍ ଥିଲା।

# ରାଜ୍ୟ ଓପନ ଚେସ୍: ତନ୍ମୟ ଚାମ୍ପିୟନ

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ଉପେନ୍ଦ୍ର ନାୟକ ସ୍ମାରକୀ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସାଇଶକ୍ତି ପଣ୍ଡା ୪.୫ ପଏଣ୍ଟ ସହିତ ରନରଅପ୍ ହୋଇଥିବାବେଳେ ନମସ୍ୟ ନଳିନୀ, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା, ଅବିନାଶ ବଳିୟାରସିଂ ଓ ରଜତ ରଞ୍ଜନ ମହାନ୍ତି ପରବର୍ତ୍ତୀ ୫ ସ୍ଥାନ



ପୁରସ୍କାର ସହ ତନ୍ମୟ ତ୍ରିପାଠୀ।

ଅକ୍ତିଆର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୩ ଖେଳାଳି ସାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଆଇଆଇଏଫ୍‌ଏଲ୍ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ପାରାଦୀପ ପୋର୍ଟ ଟ୍ରଷ୍ଟର ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ସୁନୀଲ କୁମାର ପଟ୍ଟନାୟକ, ରୟାଲ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ